ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, November 1/2022 | Page 16 | ₹ 7.00 | ★★★★★★
୪୮ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 335 | ମୂଲ୍ୟ ₹୭/-



**ଲୋର୍କାନଙ୍କ ଲଢୁଆ ବ୍ୟାଟିଂ**

ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଆୟର୍ଲାଣ୍ଡର ଲୋର୍କାନ ଟକର ଲଢୁଆ ବ୍ୟାଟିଂ ସହ ୭୧ ରନ୍ କରି ଅପରାଜିତ ରହିଥିଲେ।

୧୬

୧୨

**ବିବାହ କରିବେ ହଂସିକା**

ବଲିଉଡ୍ ଅଭିନେତ୍ରୀ ହଂସିକା ମୋଟୱାନୀ ଡିସେମ୍ବର ୪ରେ ବିଜ୍‌ନେସ୍‌ମ୍ୟାନ୍ ସୋହେଲଙ୍କୁ ବିବାହ କରିବେ।



# ଗୁଜରାଟ ଅଘଟଣ ଚେତାଇଲା

## ଧବଳେଶ୍ୱର ଝୁଲାପୋଲ ଅନିର୍ଦ୍ଦିଷ୍ଟକାଳ ବନ୍ଦ

ଗୁଜରାଟର ମୋରବିରେ ଝୁଲାପୋଲ ଦୁର୍ଘଟଣାରେ ଶତାଧିକ ଲୋକ ପ୍ରାଣ ହରାଇବା ଘଟଣା ଓଡ଼ିଶା ସରକାରଙ୍କୁ ଚେତାଇ ଦେଇଛି। ଘଟଣାର ୨୪ ଘଣ୍ଟା ନ ପୂରୁଣୁ କଟକ ଜିଲା ଆଠଗଡ଼ ବ୍ଲକ ମଞ୍ଜେଶ୍ୱରଠାରେ ମହାନଦୀ ଉପରେ ନିର୍ମିତ ଧବଳେଶ୍ୱର ଝୁଲାପୋଲକୁ ସର୍ବସାଧାରଣଙ୍କ ଯାତାୟାତ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ଯାଏ ବନ୍ଦ ଘୋଷଣା କରାଯାଇଛି। ଧବଳେଶ୍ୱର ଝୁଲାପୋଲର ବିମ୍‌ରେ କଳଙ୍କି ଲାଗି କଣା ହୋଇଯାଇଛି। ଏହାକୁ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିଲା। ବର୍ତ୍ତମାନ କାର୍ତ୍ତିକ ମାସ ପାଇଁ ଧବଳେଶ୍ୱର ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମୁଛି। ସକାଳୁ ରାତି ଯାଏ ଝୁଲାପୋଲ ଉପରେ ବହୁ ହଜାର ଲୋକଙ୍କ ଯାତାୟାତ ରହୁଛି। କିନ୍ତୁ ସେମାନଙ୍କ ନିରାପତ୍ତା ବିଷୟରେ କେହି ଚିନ୍ତା କରୁ ନ ଥିଲେ। ଗୁଜରାଟ ଘଟଣା ପରେ ଜିଲା ପ୍ରଶାସନ ଚେଇଁ ଉଠିଛି। ପୀଠରେ ଭିଡ଼ ଜନିତ କୌଣସି ଦୁର୍ଘଟଣା ରୋକିବା ପାଇଁ ସେଠାରେ ସୋମବାର ୧୪୪ ଧାରା ଜାରି କରିଛି।

**ଖୁଣ୍ଟୁଣୀ, ୩୧।୧୦(ଡି.ଏନ୍.ଏ.)**

ଧବଳେଶ୍ୱର ଝୁଲାପୋଲ ବିପଦରେ। ଏହାର ଅବସ୍ଥା ପରଖିବାକୁ କୋଲକାତାରୁ ଆସିଥିବା ବିଶେଷଜ୍ଞ ଟିମ୍ ଟିକିନିଖି ସ୍ଥିତି ଯାଞ୍ଚ କରୁଛି। ଝୁଲାପୋଲର କିଛି ଅଂଶ ନଷ୍ଟ ହେବା ସହ କିଛି ବିମ୍‌ରେ କଳଙ୍କି ଲାଗି କଣା ହୋଇଯାଇଥିବା ସେମାନେ ଦେଖିବାକୁ ପାଇଛନ୍ତି। ତେଣୁ ଏହା ବିପଦମୁକ୍ତ ନ ଥିବା ଏବଂ ମରାମତି ଆବଶ୍ୟକ ଥିବା ସେମାନେ ରିପୋର୍ଟ ଦେଇଛନ୍ତି। ତଦନୁଯାୟୀ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୋମବାର ଗୋଟିଏ ଦିନ ଝୁଲାପୋଲ ବ୍ୟବହାର ଉପରେ କଟକଣା ଲଗାଇଥିଲେ। ହେଲେ ସୋମବାର ଧବଳେଶ୍ୱର ପୀଠରେ ଏତେ ଭିଡ଼ ଥିଲା ଯେ, ଭକ୍ତମାନେ ଭଲରେ ଚଳପ୍ରଚଳ କରିପାରି ନ ଥିଲେ। ତେଣୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି

- ବିମ୍‌ରେ କଳଙ୍କି ଲାଗି କଣା ହୋଇଗଲାଣି
- କୋଲକାତାରୁ ବିଶେଷଜ୍ଞ ଦଳ ଆସି ଯାଞ୍ଚ କଲେ
- ପୀଠରେ ୧୪୪ ଧାରା ଜାରି

ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପରାମର୍ଶକ୍ରମେ ଝୁଲାପୋଲକୁ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରଖାଯାଇଥିବା ଆଠଗଡ଼ ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ଉପଜିଲାପାଳ ସ୍ୱାଇଁ ସୋମବାର ସନ୍ଧ୍ୟାରେ ମଞ୍ଜେଶ୍ୱର ଆଇବିଠାରେ ଏକ ଜରୁରୀ ବୈଠକ ☞ପୃଷ୍ଠା-୪


ଧବଳେଶ୍ୱର ଝୁଲା ପୋଲ

## କମ୍ପାନୀ ଉପରେ ଦୋଷ



### ମୋର୍‌ବି ଝୁଲା ପୋଲ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୧୩୪କୁ ବୃଦ୍ଧି

### ୯ ଗିରଫ, ଏବେ ବି ଶତାଧିକ ନିଖୋଜ

**ଅହମଦାବାଦ, ୩୧।୧୦**

ଗୁଜରାଟର ମୋର୍‌ବିସ୍ଥିତ ମାଛୁ ନଦୀରେ ରବିବାର ଏକ ୧୦୦ ବର୍ଷ ପୁରୁଣା ଝୁଲା ପୋଲ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୧୩୪କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ୪୭ ଜଣ ପିଲା ରହିଛନ୍ତି। ଶତାବ୍ଦୀ ପୁରୁଣା ପୋଲଟିର ମରାମତି କାମ କରାଇଥିବା ଗୁଜରାଟର ଓରେବା କମ୍ପାନୀକୁ କାର୍ଯ୍ୟରେ ଅବହେଳା ପାଇଁ ଦାୟୀ କରାଯାଇଛି। ଏ ନେଇ ମୋରବି 'ବି' ଥାନାରେ ମାମଲା ରୁଜୁ ହେବା ସହ ୯ ଜଣଙ୍କୁ ସୋମବାର ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ଓରେବା କମ୍ପାନୀ ମ୍ୟାନେଜର, ବ୍ରିଜ୍ କଣ୍ଟ୍ରାକ୍ଟର, ଟିକେଟ୍ କଲେକ୍ଟର ଏବଂ ୩ ସୁରକ୍ଷାକର୍ମୀ ରହିଛନ୍ତି। ସମ୍ପୃକ୍ତ ସୁରକ୍ଷାକର୍ମୀ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଅଭିଯୋଗ ରହିଛି। ବ୍ରିଜ୍ ସୁରକ୍ଷା କାମରେ ଓରେଭା କମ୍ପାନୀ ଅନେକ ଖିଲାପ କରିଥିବା ଅଭିଯୋଗ ଆସିଛି। ତେବେ ଅଦ୍ୟାବଧି କମ୍ପାନୀର କୌଣସି ବଡ଼ ଅଧିକାରୀଙ୍କୁ ଗିରଫ କରାଯାଇନାହିଁ। ଦୋଷୀଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ☞ପୃଷ୍ଠା-୪










**ଆଜିର ସମ୍ପାଦକୀୟ**

**ଭୋଟ ପାଇଁ ଶିଳ୍ପ**

## ୪୦ ପଇସା କମିଲା ତୈଳ ଦର

### ଆଜିଠାରୁ ଲାଗୁ ହେବ ନୂଆ ଦର

**ଭୁବନେଶ୍ୱର,୩୧।୧୦:** ଚଳିତ ବର୍ଷ ଏପ୍ରିଲ ୭ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସାରା ଦେଶରେ ତୈଳ ଦର ଅପରିବର୍ତ୍ତିତ ରହିଛି। ତେବେ ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ସୋମବାର ମଧ୍ୟରାତ୍ରରୁ ସାରା ଦେଶରେ ତୈଳ ଦର ୪୦ ପଇସା କମିଥିବା ବେଳେ ନୂଆ ଦର ମଙ୍ଗଳବାରଠାରୁ ଲାଗୁ ହେବ ବୋଲି ଜଣାପଡ଼ିଛି। ଗତ କିଛି ଦିନ ହେଲା ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ତେଲ ଦର ହ୍ରାସ ପାଉଥିବାରୁ ତୈଳ ବଜାରରେ ବିକ୍ରି ପରିମାଣ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। ଏହାର ପ୍ରଭାବ ଆମଦାନୀକାରୀ ରାଷ୍ଟ୍ର ଉପରେ ମଧ୍ୟ ପଡ଼ିଥିବା ଦେଖାଦେଇଛି। ଏପରିକି ଭାରତୀୟ ତୈଳ ବଜାରରେ ମଧ୍ୟ ଅନ୍ତଃରାଷ୍ଟ୍ରୀୟ ତୈଳ ମୂଲ୍ୟ ହ୍ରାସର ପ୍ରଭାବ ଦେଖାଦେଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁଯାୟୀ ସୋମବାର ମଧ୍ୟରାତ୍ରରେ ☞ପୃଷ୍ଠା-୪

## ୨୧ରୁ ହୋଇପାରେ ବିଧାନସଭା ଶୀତ ଅଧିବେଶନ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ଚଳିତ ମାସ ୨୧ କିମ୍ବା ୨୩ ତାରିଖରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ବିଭାଗ ପକ୍ଷରୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଉକ୍ତ ପ୍ରସ୍ତାବ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ପ୍ରସ୍ତାବ ଅନୁମୋଦନ ପରେ ବିଧାନସଭା ସଚିବାଳୟ ପକ୍ଷରୁ ଅଧିବେଶନ ସମ୍ପର୍କରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ। ତେବେ ଆସନ୍ତା ଅଧିବେଶନ ସ୍ୱାଭାବିକ ହେବ ନା ପୂର୍ବଭଳି କୋଭିଡ୍ କଟକଣାରେ ଚାଲିବ, ତାହା ତାରିଖ ଘୋଷଣା ପରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ହିଁ ଜଣାପଡ଼ିବ। କୋଭିଡ୍ କଟକଣା ହଟିଯାଇଥିବାରୁ ପୂର୍ବଭଳି ବିଧାୟକମାନଙ୍କୁ ନିଜ ☞ପୃଷ୍ଠା-୪

## ଟୁ-ଫିଙ୍ଗର ଟେଷ୍ଟ ବେଆଇନ

**ନୂଆଦିଲ୍ଲୀ,୩୧।୧୦(ପି.ଟି.)**

ଏବେ ବି ସମାଜରେ ବଳାତ୍କାର ପୀଡ଼ିତାଙ୍କ ପରୀକ୍ଷା ଲାଗି ଟୁ-ଫିଙ୍ଗର ଟେଷ୍ଟ ପଦ୍ଧତି ଆପଣାଯିବା ଦୁର୍ଭାଗ୍ୟଜନକ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଏଭଳି ପରୀକ୍ଷା ଯେପରି ନ ହୁଏ, ତାହା ସୁନିଶ୍ଚିତ କରିବା ପାଇଁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପରୀକ୍ଷାରେ ସମ୍ପୃକ୍ତ ବ୍ୟକ୍ତି ଅସଦାଚରଣ ମାମଲାରେ ଦୋଷୀସାବ୍ୟସ୍ତ ହେବେ ବୋଲି ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରିବା ଅବସରରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏକ ବଳାତ୍କାର ଓ ହତ୍ୟା ମାମଲାରେ ଝାଡ଼ଖଣ୍ଡ ହାଇକୋର୍ଟ ଅପରାଧୀଙ୍କୁ ଦୋଷମୁକ୍ତ କରିଥିବାବେଳେ ସୁପ୍ରିମକୋର୍ଟ ଖଣ୍ଡପୀଠ ଉକ୍ତ ରାୟକୁ ଖାରଜ କରିଦେଇ ତଳକୋର୍ଟର ରାୟକୁ କାଏମ୍ ରଖିଛନ୍ତି। ତଳକୋର୍ଟ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

ଟୁ-ଫିଙ୍ଗର ଟେଷ୍ଟ ମହିଳାଙ୍କ ମର୍ଯ୍ୟାଦା ଏବଂ ଗୋପନୀୟତାର ଉଲ୍ଲଂଘନ କରୁଥିବାରୁ ଏଭଳି ପରୀକ୍ଷା ବନ୍ଦ ଲାଗି ସର୍ବୋଚ୍ଚ ଅଦାଲତ ୧୦ ବର୍ଷ ତଳେ ନିଷ୍ପତ୍ତି ନେଇଥିଲେ। ଏହା ସତ୍ତ୍ୱେ ଏବେ ବି ଉକ୍ତ ପରୀକ୍ଷା ଜାରି ରହିଥିବାରୁ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯୌନସମ୍ପର୍କ ରଖୁଥିବା ମହିଳା ଯେ ବଳାତ୍କାର

### ବନ୍ଦ ଲାଗି ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ



### ଧରାପଡ଼ିଲେ ଅସଦାଚରଣ ମାମଲାରେ ଦୋଷୀସାବ୍ୟସ୍ତ ହେବେ

ହୋଇପାରିବ ନାହିଁ, ଏହା କୁହାଯାଇ ନ ପାରେ ବୋଲି ଖଣ୍ଡପୀଠ କହିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ତ୍ତୃପକ୍ଷ, ପୋଲିସ ଡିଜି ଏବଂ ସ୍ୱାସ୍ଥ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇ ଟୁ-ଫିଙ୍ଗର ଟେଷ୍ଟ ବନ୍ଦ ସୁନିଶ୍ଚିତ କରିବା ଲାଗି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଭଳି ପରୀକ୍ଷାରେ ଲିପ୍ତ ବ୍ୟକ୍ତିଙ୍କୁ ଅସଦାଚରଣ ମାମଲାରେ ଦୋଷୀସାବ୍ୟସ୍ତ କରାଯିବ। ସରକାରୀ ଓ ଘରୋଇ ମେଡିକାଲ କଲେଜଗୁଡ଼ିକର ପାଠ୍ୟକ୍ରମରୁ ଟୁ-ଫିଙ୍ଗର ଟେଷ୍ଟ ବିଷୟବସ୍ତୁ ହଟାଇଦେବାକୁ କେନ୍ଦ୍ର ସରକାର ଓ ସ୍ୱାସ୍ଥ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଟ୍ୱିଟର ବ୍ଲୁ ପାଇଁ ମାସକୁ ୧୬ ଶହ ଟଙ୍କା

**ୱାଶିଂଟନ୍, ୩୧।୧୦**

ଭେରିଫାଏଡ୍ ଟ୍ୱିଟର ଆକାଉଣ୍ଟଧାରୀଙ୍କ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର ମହଙ୍ଗା ହେବ। ଟ୍ୱିଟର ବ୍ଲୁ ସବ୍‌ସ୍କ୍ରିପ୍‌ଶନ ପାଇଁ ୟୁଜର୍ସଙ୍କୁ ମାସକୁ ୧୯.୯୯ ଡଲାର ବା ପ୍ରାୟ ୧,୬୫୦ ଟଙ୍କା ଦେବାକୁ ପଡ଼ିବ। ନିକଟରେ ଏହି ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ କିଣିଥିବା ଆମେରିକୀୟ ବ୍ୟବସାୟୀ ଏଲନ ମସ୍କ ଏପରି ଯୋଜନା କରିଥିବା ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ମସ୍କଙ୍କ ପ୍ଲାନିଂ ଅନୁସାରେ ଭେରିଫାଏଡ ୟୁଜର୍ସ ୯୦ ଦିନ ମଧ୍ୟରେ ଏହି ସବ୍‌ସ୍କ୍ରିପ୍‌ଶନ ନେବେ। ନଚେତ ସେମାନଙ୍କୁ ବ୍ଲୁ ଟିକ୍ ମାର୍କ ହରାଇବାକୁ ପଡ଼ିବ।




ଟେସ୍‌ଲା ସିଇଓ ମସ୍କ ଟ୍ୱିଟର କିଣିବା ପରେ ଏଥିରେ ଅନେକ ପରିବର୍ତ୍ତନ ଅଣାଯିବା ନେଇ ଚର୍ଚ୍ଚା ହେଉଥିଲା। ଅନେକ ବରିଷ୍ଠ କର୍ମଚାରୀଙ୍କୁ ବରଖାସ୍ତ କରାଯିବା ପରେ ମସ୍କ ପେଡ୍ ଭେରିଫିକେଶନ ସମୀକ୍ଷା ନିମନ୍ତେ ସମୟସୀମା ଧାର୍ଯ୍ୟ କରିଛନ୍ତି। ମସ୍କ ରବିବାର ଏକ ଟ୍ୱିଟ କରି କହିଛନ୍ତି, ଟ୍ୱିଟର ଏହାର ଭେରିଫିକେଶନ ପ୍ରକ୍ରିୟା ଯାଞ୍ଚ କରିବ। ଏଥିପାଇଁ ସେ ନଭେମ୍ବର ୭ ପର୍ଯ୍ୟନ୍ତ କର୍ମଚାରୀମାନଙ୍କୁ ସମୟ ଦେଇଛନ୍ତି। ଆକାଉଣ୍ଟଧାରୀଙ୍କ ପରିଚୟ ଯାଞ୍ଚ କରାଯାଇ ବ୍ଲୁ ଚେକ୍ ମାର୍କ ପାଇଥିବା ବ୍ୟକ୍ତିଙ୍କଠାରୁ ଏହି ଅର୍ଥ ନିଆଯିବ। ଟ୍ୱିଟର ବ୍ଲୁ ସବ୍‌ସ୍କ୍ରିପ୍‌ଶନ ବାବଦ ଅର୍ଥ ମାସକୁ ୪.୯୯ ଡଲାର ପ୍ରତି ମାସ ବଦଳରେ ୧୯.୯୯ ଡଲାରକୁ ବୃଦ୍ଧି କରାଯିବାକୁ ମସ୍କଙ୍କ ଯୋଜନା ରହିଛି। ୨୦୨୧ ଜୁନରେ ଟ୍ୱିଟର ବ୍ଲୁ ଆରମ୍ଭ ହୋଇଥିଲା। ଏହା ହେଉଛି ଟ୍ୱିଟରର ପ୍ରିମିୟମ ସର୍ଭିସ। ଏଥିରେ ୟୁଜର୍ସଙ୍କୁ ଅଧିକ ଫିଚର୍ସ ମିଳିଥାଏ। ଟ୍ୱିଟରର ସାଧାରଣ ୟୁଜର୍ସ ପାଇଁ ଏହା ଲକ୍ ରହିଥାଏ। ଏଥିରେ ଅଲଗା ପ୍ରକାର ହୋମ୍ କଲର ସ୍କ୍ରିନ୍ ☞ପୃଷ୍ଠା-୪



## ଶରଦ ପାୱାର ହସ୍ପିଟାଲରେ

ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧକ୍ଷ ଶରଦ ପାୱାର ସୋମବାର ସକାଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୮୧ ବର୍ଷୀୟ ରାଜ୍ୟ ସଭା ସଦସ୍ୟ ଆଉ ୨ ଦିନ ହସ୍ପିଟାଲରେ ରହିବେ ବୋଲି ଦଳର ସାଧାରଣ ସମ୍ପାଦକ ଶିବାଜୀରାଓ ଗାର୍ଜେ ସୂଚନା ଦେଇଛନ୍ତି। ନଭେମ୍ବର ୩ରେ ଆରମ୍ଭ ହେବାକୁ ଥିବା ଏନ୍‌ସିପିର ଦୁଇଦିନିଆ ବୈଠକରେ ପାୱାର ଯୋଗଦେବେ ବୋଲି ଗାର୍ଜେ କହିଛନ୍ତି।



**ସଂକ୍ଷେପରେ**

## ପୁରୁଣା ବିଲ୍ଡିଂରେ ହୋଇପାରେ ପାର୍ଲାମେଣ୍ଟର ଶୀତ ଅଧିବେଶନ

**ନୂଆଦିଲ୍ଲୀ,୩୧।୧୦(ପି.ଟି.):** ନୂଆ ପାର୍ଲାମେଣ୍ଟ ବିଲ୍ଡିଂର କେତେକ ନିର୍ମାଣ କାର୍ଯ୍ୟ ସମୟସୀମା ପୂର୍ବରୁ ଶେଷ ହୋଇ ନ ପାରେ। ସେଥିପାଇଁ ଆଗାମୀ ଶୀତ ଅଧିବେଶନ ପୁରୁଣା ବିଲ୍ଡିଂରେ ଅନୁଷ୍ଠିତ ହେବା ସମ୍ଭାବନା ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପାର୍ଲାମେଣ୍ଟର ଶୀତ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରେ ଆରମ୍ଭ ହୋଇଥାଏ। ଏହା ପୂର୍ବରୁ ନୂଆ ବିଲ୍ଡିଂ କାର୍ଯ୍ୟ ଶେଷ ହୋଇଯିବ ବୋଲି ସରକାର ଲକ୍ଷ୍ୟ ରଖିଥିଲେ। ହେଲେ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ ହୋଇ ନ ପାରେ ବୋଲି କୁହାଯାଇଛି। ବିଲ୍ଡିଂର ସିଭିଲ କାମ ଶେଷ ହୋଇଥିବାବେଳେ ଶେଷ ସ୍ପର୍ଶ, ଇଲେକ୍ଟ୍ରିକାଲ ଓ ଅନ୍ୟାନ୍ୟ କେତେକ କାର୍ଯ୍ୟ ଚଳିତ ବର୍ଷ ଶେଷ ପର୍ଯ୍ୟନ୍ତ ଜାରି ରହିପାରେ। ଏଥିସହିତ ଆସବାବପତ୍ର, କାର୍ପେଟ, ୱାଲ ମୁରାଲ ଓ ଅନ୍ୟାନ୍ୟ ଉପକରଣ କାର୍ଯ୍ୟ ମଧ ଜାରି ରହିଛି। ତେଣୁ ବର୍ତ୍ତମାନ ସ୍ଥିତିରେ ସମ୍ପୂର୍ଣ୍ଣ ହେବାର ନିର୍ଦ୍ଦିଷ୍ଟ ତାରିଖ କୁହାଯାଇପାରୁନାହିଁ।

**ବନ୍ଦୀଙ୍କୁ ଭୋଟ ଅଧିକାର ଲାଗି ପିଆଇଏଲ୍**

## କେନ୍ଦ୍ର, ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୧।୧୦(ପି.ଟି.):** ଜନପ୍ରତିନିଧି ଆଇନରେ ବନ୍ଦୀମାନଙ୍କୁ ଭୋଟ ଅଧିକାର ଦିଆଯାଇ ନ ଥିବାରୁ ଏହାର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ସୁର୍ବୋଚ୍ଚ ଅଦାଲତ ସୋମବାର କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ଆଇନଜୀବୀ ଜୋହେବ ହୋସେନ୍‌ଙ୍କ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଉଦୟ ଉମେଶ ଲଲିତ, ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଛନ୍ତି। ଜନପ୍ରତିନିଧି ଆଇନର ଧାରା ୬୨(୫)ରେ ଜେଲ୍‌ରେ ଥିବା ବ୍ୟକ୍ତିଙ୍କୁ ନିର୍ବାଚନରେ ଭୋଟ ଦେବାରୁ ନିଷେଧ କରାଯାଇଛି। ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ୨୦୧୯ରେ ନ୍ୟାଶନାଲ ଲ' ୟୁନିଭର୍ସିଟିର ତତ୍କାଳୀନ ଛାତ୍ର ଆଦିତ୍ୟ ପ୍ରସନ୍ନ ଭଟ୍ଟାଚାର୍ଯ୍ୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏହାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୯କୁ ଧାର୍ଯ୍ୟ କରାଯାଇଛି।

## ଛଟ୍ ପୂଜାବେଳେ କଲ୍‌ଭର୍ଟ ଭୁଶୁଡ଼ିଲା

**ବାରାଣସୀ,୩୧।୧୦:** ଉତ୍ତରପ୍ରଦେଶର ଚନ୍ଦାଉଲି ଜିଲା ଅନ୍ତର୍ଗତ ସରାୟା ଗ୍ରାମ ନିକଟରେ ଏକ ପୁରୁଣା କଲ୍‌ଭର୍ଟ ସୋମବାର ସକାଳେ ଭୁଶୁଡ଼ି ପଡ଼ିବାରୁ ବହୁ ଲୋକ କେନାଲରେ ଖସିପଡ଼ିଥିଲେ। ଛଟ୍ ପୂଜା ପାଇଁ ସରାୟା ଓ ଆଖପାଖ ଗାଁର ଲୋକମାନେ କର୍ମନାଶା କେନାଲ ଉପରେ ରୁଣ୍ଡ ହୋଇଥିବାବେଳେ କଲ୍‌ଭର୍ଟର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଫଳରେ କଲ୍‌ଭର୍ଟ ଉପରେ ଛିଡ଼ା ହୋଇଥିବା ଅନେକ ଲୋକ କେନାଲରେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ।

## କାର୍ ଦୁର୍ଘଟଣାରେ ୭ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

**ମୁମ୍ବାଇ, ୩୧।୧୦:** ମହାରାଷ୍ଟ୍ର ସୋଲାପୁର ଜିଲା ସାଙ୍ଗୋଲାରେ କାର୍ ଦୁର୍ଘଟଣାରେ ୭ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟା ୬ଟା ୪୫ ମିନିଟ୍‌ରେ ୩୨ ଜଣିଆ ତୀର୍ଥଯାତ୍ରୀଙ୍କ ଏକ କୋଲ୍‌ହାପୁର ଜିଲା ଜଠରୱାଡ଼ିରୁ ପଣ୍ଡରପୁର ମନ୍ଦିର ଅଭିମୁଖେ ସଙ୍କୀର୍ତ୍ତନ କରି ଯାଉଥିଲେ। ବିପରୀତ ଦିଗରୁ ହାଇସ୍ପିଡ୍‌ରେ ଆସୁଥିବା ଏକ କାର୍ ନିୟନ୍ତ୍ରଣ ହରାଇ ସେମାନଙ୍କ ଉପରେ ମାଡ଼ିଯାଇଥିଲା।

## ଦି ୱେର୍ ସମ୍ପାଦକଙ୍କ ଘରେ ପୋଲିସ ଚଢ଼ାଉ

**ନୂଆଦିଲ୍ଲୀ,୩୧।୧୦:** ଭାଜପାର ଆଇଟି ବିଭାଗ ମୁଖ୍ୟ ଅମିତ୍ ମାଲଭିୟାଙ୍କ ଉପରେ ବିବାଦୀୟ ଖବର ପ୍ରକାଶ କରିବା ଅଭିଯୋଗରେ 'ଦି ୱେର' ନ୍ୟୁଜ୍ ପୋର୍ଟାଲର ପ୍ରତିଷ୍ଠାତା ସମ୍ପାଦକ ସିଦ୍ଧାର୍ଥ ବରଦରାଜନ ଏବଂ ଉପସମ୍ପାଦକ ଏମ୍.କେ. ବେଣୁଙ୍କ ଘର ଉପରେ ସୋମବାର ଦିଲ୍ଲୀ ପୋଲିସ ଚଢ଼ାଉ କରିଛି। ସେମାନଙ୍କ ଘରୁ ଜବତ ହୋଇଥିବା ଇଲେକ୍ଟ୍ରୋନିକ୍ସ ଉପକରଣଗୁଡ଼ିକର ଯାଞ୍ଚ ହେବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ମାଲଭିୟାଙ୍କ ଅଭିଯୋଗକ୍ରମେ ଶନିବାର ଉକ୍ତ ନ୍ୟୁଜ୍ ପୋର୍ଟାଲ ଓ ଏହାର ସମ୍ପାଦକଙ୍କ ନାମରେ ଏତଲା ଦାଏର ହୋଇଥିଲା। ଉକ୍ତ ପୋର୍ଟାଲ ଜାଲିଆତି କରି ଖବର ପ୍ରକାଶ କରିବା ଦ୍ୱାରା ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବା ମାଲଭିୟା ଅଭିଯୋଗ କରିଥିଲେ।

# ଈଶ୍ୱରକୃତ ନା ଜାଲିଆତି

**ଗୁଜରାଟ ପୋଲ ଭୁଶୁଡ଼ିବା ଘଟଣା**

- ମୋଦି, ଗୁଜରାଟ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ
- ନ୍ୟାୟିକ ତଦନ୍ତ ହେଉ: ଖାର୍ଗେ

ଅହମଦାବାଦ, ୩୧।୧୦

ଗୁଜରାଟର ମୋର୍‌ବିସ୍ଥିତ ମାଚ୍ଛୁ ନଦୀରେ ରବିବାର ଝୁଲାପୋଲ ଭାଙ୍ଗିବା ଘଟଣାରେ ବିରୋଧୀ ରାଜ୍ୟରେ ଥିବା ଭାଜପା ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ପୋଲ ଭୁଶୁଡ଼ିବା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହା ବାସ୍ତବରେ ଈଶ୍ୱରକୃତ ନା ଜାଲିଆତିର ପରିଣାମ ବୋଲି ସେ ପଚାରିଛନ୍ତି। ୨୦୧୬ରେ ପଶ୍ଚିମବଙ୍ଗରେ ବିବେକାନନ୍ଦ ରୋଡ୍ ଫ୍ଲାଏଓଭର ଭାଙ୍ଗିବା ଯୋଗୁ ଅନେକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ରାଲିରେ ମମତା ବାନାର୍ଜୀଙ୍କ ସରକାରକୁ ସମାଲୋଚନା କରିଥିଲେ। ଅନୁରୂପ ଘଟଣା ଗୁଜରାଟରେ ଘଟିଥିବାବେଳେ ଏଥିପାଇଁ କିଏ ଦାୟୀ ବୋଲି ଦିଗ୍‌ବିଜୟ ପ୍ରଶ୍ନ କରିଛନ୍ତି। ଗୁଜରାଟରେ ୨୭ ବର୍ଷ ହେଲା ଭାଜପା କ୍ଷମତାରେ ରହିଛି। ଚଳିତ ବର୍ଷ ଜୁଲାଇରେ କୁଚ୍ ଜିଲାରେ ନର୍ମଦା କେନାଲ ଖୋଲାଯାଇଥିବାବେଳେ ପରୀକ୍ଷଣର ପ୍ରଥମ ଦିନରେ ହିଁ ତାହା ଭାଙ୍ଗିଯାଇଥିଲା। ସେହିପରି ଭୁଜରେ ୮/୯ ବର୍ଷ ସମୟ ଲାଗି ନିର୍ମାଣ ହୋଇଥିବା ଏକ ଓଭରବ୍ରିଜ୍‌ର ମାତ୍ର ବର୍ଷକରେ ମରାମତି ଆବଶ୍ୟକ କଲାଣି ବୋଲି ଦିଗ୍‌ବିଜୟ କହିଥିଲେ। ତେଣୁ ସଦ୍ୟ ଘଟଣାରେ ସବୁଦିଗରୁ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି।

କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲା କହିଛନ୍ତି, ବିନା ଫିଟ୍‌ନେସ ସାର୍ଟିଫିକେଟରେ ଉକ୍ତ ବ୍ରିଜ୍ ଖୋଲାଯାଇଥିଲା। ଭାଜପା ସରକାର କିପରି ତାହାକୁ ଖୋଲିବାକୁ ଅନୁମତି ଦେଇଥିଲେ। ଏହା ଏକ ଷଡ଼ଯନ୍ତ୍ର ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ନବନିର୍ବାଚିତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ମାତ୍ର ୫ ଦିନ ତଳେ ଉକ୍ତ ବ୍ରିଜ୍ ଖୋଲାଯାଇଥିଲା। ରବିବାର ସେଠାକୁ ଏତେ ସଂଖ୍ୟାରେ ଲୋକଙ୍କୁ ପ୍ରବେଶ ପାଇଁ କାହିଁକି ଏବଂ କିଏ ଅନୁମତି ଦେଇଥିଲା ତାହା ତଦନ୍ତ ସାପେକ୍ଷ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହାର ଯାଞ୍ଚ ହେବା ଉଚିତ ବୋଲି ସେ କହିଛନ୍ତି। ଏହା ଏକ ଆପରାଧିକ ଅବହେଳା। ଦୋଷୀଙ୍କ ବିରୋଧରେ ଦ୍ରୁତ ଭିତ୍ତିରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ଦାବି କରିଛନ୍ତି। ଭାଜପା ସରକାରର ଏହା ଏକ ବଡ଼ ଅବହେଳା ବୋଲି ସିବିଆଇ ଏମ୍‌ପି ବିନୟ ବିଶ୍ୱମ୍ କହିଛନ୍ତି।


ଭାଙ୍ଗିଯାଇଥିବା ପୋଲକୁ କ୍ରେନ୍ ସାହାଯ୍ୟରେ ଉଠାଯାଉଛି।


ଦିଗ୍‌ବିଜୟ ସିଂ

## ଅଟଳ ବ୍ରିଜ୍‌ରେ ଯାଇପାରିବେନି ୩ ହଜାରରୁ ଊର୍ଦ୍ଧ୍ୱ

ଝୁଲାପୋଲ ଦୁର୍ଘଟଣା ପରେ ଅହମଦାବାଦ ମହାନଗର ନିଗମର ଚେତା ପଶିଛି। ଅହମଦାବାଦରେ ଥିବା ଅଟଳ ବ୍ରିଜ୍‌ରେ ଏକ ସଙ୍ଗରେ ୩ ହଜାରରୁ ଅଧିକ ଲୋକଙ୍କୁ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଏଏମ୍‌ସି ପକ୍ଷରୁ କୁହାଯାଇଛି। ଗତ ଅଗଷ୍ଟ ୨୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାବରମତି ନଦୀରେ ଉପରେ ନିର୍ମିତ ୩୦୦ ମିଟର ଲମ୍ବର ଅଟଳ ବ୍ରିଜ୍ ଲୋକାର୍ପିତ କରିଥିଲେ। ଏହାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ କରାଯାଇଥିଲା।



## ଏମ୍‌ପିଙ୍କ ପରିବାରର ୧୨ ମୃତ

ମୋରବି ସହର ସ୍ଥିତ ମାଚ୍ଛୁ ନଦୀରେ ଥିବା ଝୁଲାପୋଲ ଭାଙ୍ଗିବା ଯୋଗୁ ରାଜକୋଟର ଭାଜପା ଏମ୍‌ପି ମୋହନ କୁନ୍ଦରିଆଙ୍କ ପରିବାରର ୧୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଶିଶୁ, ୪ ମହିଳା ଏବଂ ୩ ଜଣ ପୁରୁଷ ଅଛନ୍ତି। ରବିବାର ତାଙ୍କ ବଡ଼ଭାଇଙ୍କ ସମ୍ପର୍କୀୟମାନେ ଏହି ପର୍ଯ୍ୟଟନସ୍ଥଳୀକୁ ଯାଇଥିଲେ। ବଡ଼ ଭାଇଙ୍କ ଶଳାଙ୍କ ୪ ଝିଅଙ୍କ ସହ ୩ ଜଣଙ୍କ ସ୍ୱାମୀ ରହିଥିଲେ। ସେମାନେ ନିଜ ୫ ପିଲାଙ୍କୁ ସେଠାକୁ ବୁଲାଇବାକୁ ନେଇଥିଲେ। ଏଥିପାଇଁ ଯିଏ ବି ଦାୟୀ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ମୋହନ କହିଛନ୍ତି।

## ଭାରତରେ ବଡ଼ ବ୍ରିଜ୍ ଦୁର୍ଘଟଣା

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଗୁଜରାଟର ମଚ୍ଛୁ ନଦୀ ଉପରେ ଥିବା ଏକ ପୁରୁଣା କେବଲ ବ୍ରିଜ୍ ରବିବାର ଭୁଶୁଡ଼ି ପଡ଼ିବାରୁ ୪୭ ପିଲାଙ୍କ ସମେତ ୧୩୪ ଜଣଙ୍କ ଜୀବନ ଯାଇଛି। କ୍ଷମତାଠାରୁ ଅଧିକ ଲୋକଙ୍କୁ ଏକସଙ୍ଗେ ଯିବାକୁ ଅନୁମତି ଦିଆଯିବାରୁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଉଛି। ଭାରତ ଇତିହାସରେ ଏହା ସବୁଠୁ ମର୍ମନ୍ତୁଦ ବ୍ରିଜ୍ ଦୁର୍ଘଟଣା। ଦେଶରେ ୧୯୭୭ରୁ ୨୦୧୭ ମଧ୍ୟରେ ହୋଇଥିବା ବ୍ରିଜ୍ ବିଫଳତାର ଏକ ଅନୁଧାନ କରାଯାଇ 'ଷ୍ଟ୍ରକ୍ଚର ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଇଞ୍ଜିନିୟରିଂ' ନାମକ ଏକ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ, ଗତ ୪ ଦଶନ୍ଧି ମଧ୍ୟରେ କଲ୍‌ଭର୍ଟ ଏବଂ ପାଦଚଲା ବ୍ରିଜ୍‌କୁ ବାଦ୍ ଦେଇ ମୋଟ ୨,୧୩୦ ବ୍ରିଜ୍ ଆବଶ୍ୟକ ସେବା ଯୋଗାଇବାରେ ବିଫଳ ହୋଇଛି କିମ୍ବା ବିଭିନ୍ନ ସମୟରେ ଭୁଶୁଡ଼ି ପଡ଼ିଛି। ସେଥିରୁ କେତେକ ପ୍ରମୁଖ ବ୍ରିଜ୍ ସମ୍ପର୍କରେ ନିମ୍ନରେ ଦିଆଗଲା।

**ଦାର୍ଜିଲିଂ ବ୍ରିଜ୍:** ୨୦୧୧ ଅକ୍ଟୋବର ୨୨ରେ ଦାର୍ଜିଲିଂ ଜିଲାର ବିଜାନବାରିଠାରେ ଥିବା ଏକ ପୁରୁଣା କାଠ ଫୁଟ୍‌ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୩୧ ଜଣଙ୍କ ମୃତ୍ୟୁ ହେବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେଠାରେ ଗୋର୍ଖା ଜନମୁକ୍ତି ମୋର୍ଚ୍ଚାର ବୈଠକ ଚାଲିଥିବାବେଳେ ପ୍ରବଳ ଭିଡ଼ ଯୋଗୁ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା।

**ଅରୁଣାଚଳପ୍ରଦେଶ ଫୁଟ୍‌ବ୍ରିଜ୍:** ୨୦୧୧ ଅକ୍ଟୋବର ୨୯ରେ ଅରୁଣାଚଳପ୍ରଦେଶର କାମେଙ୍ଗ ନଦୀ ଉପରେ ଥିବା ଏକ ଫୁଟ୍ ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୩୦ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ପିଲା ଥିଲେ। ଟାରି ନାମକ କୀଟ ଧରିବା ପାଇଁ ଏକସଙ୍ଗେ ୬୩ ଜଣ ବ୍ରିଜ୍‌ରେ ଚଢ଼ିବାରୁ ଏହା ଭୁଶୁଡ଼ି ପଡ଼ିଥିଲା।

**ବିବେକାନନ୍ଦ ଫ୍ଲାଇଓଭର :** ଉତ୍ତର କୋଲକାତାର ଏକ ବ୍ୟସ୍ତବହୁଳ ବଜାର ଅଞ୍ଚଳରେ ନିର୍ମାଣାଧୀନ ୨.୨ କିଲୋମିଟର ଦୀର୍ଘ ବିବେକାନନ୍ଦ ଫ୍ଲାଏଓଭର ବ୍ରିଜ୍ ୨୦୧୬ ମାର୍ଚ୍ଚ ୩୧ରେ ଭୁଶୁଡ଼ି ପଡ଼ିବାରୁ ୨୬ ଜଣଙ୍କ ମୃତ୍ୟୁ ହେବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ବ୍ରିଜ୍ କାମ ନେଇଥିବା ହାଇଦ୍ରାବାଦର ଆଇଭିଆର୍‌ସିଏଲ୍ କମ୍ପାନୀ ଏହାକୁ ଈଶ୍ୱରକୃତ ବୋଲି କହିଥିଲା।

**ମାଜେରହାଟ ଫ୍ଲାଇଓଭର:** ୨୦୧୮ ସେପ୍ଟେମ୍ବର ୪ରେ ଦକ୍ଷିଣ କୋଲକାତାରେ ଥିବା ୫୦ ବର୍ଷ ପୁରୁଣା ମାଜେରହାଟ ବ୍ରିଜ୍ ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୨୪ ଆହତ ହୋଇଥିଲେ।

**ମୁମ୍ବାଇ ଫୁଟ୍ ଓଭରବ୍ରିଜ୍ :** ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ରେଳଷ୍ଟେଶନ ନିକଟରେ ଥିବା ଫୁଟ୍‌ଓଭର ବ୍ରିଜ୍ ୨୦୧୯ ମାର୍ଚ୍ଚ ୧୪ରେ ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ହେବା ସହ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ବ୍ରିଜ୍‌ରେ ବ୍ୟବହୃତ ସାମଗ୍ରୀର ମାନ ହ୍ରାସ ଯୋଗୁ ଅଧିକାଂଶ ବ୍ରିଜ୍ ଭୁଶୁଡ଼ିଥିବା ରିପୋର୍ଟରେ କୁହାଯାଇଛି। ଏହା ବ୍ୟତୀତ ବିସ୍ଫୋରଣ କିମ୍ବା ବଡ଼ ଧରଣର ଦୁର୍ଘଟଣା ମଧ୍ୟ ବ୍ରିଜ୍ ଭୁଶୁଡ଼ିବାର ଅନ୍ୟତମ କାରଣ।


ଝୁଲାପୋଲ ଭୁଶୁଡିବା ପୂର୍ବର ଦୃଶ୍ୟ।

## ପୋଲିସ ମାଡ଼ରେ ଗଲା ସେଲିବ୍ରିଟି ସେଫ୍‌ଙ୍କ ଜୀବନ

ତେହରାନ୍,୩୧।୧୦

ମାହସା ଆମିନିଙ୍କ ମୃତ୍ୟୁ ପରେ ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନ ଜାରି ଥିବାବେଳେ ଇରାନ୍‌ରେ ଆଉ ଏକ ହାଜତ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଇରାନ୍‌ର ସେଲିବ୍ରିଟି ସେଫ୍ ମେହରଶଦ ଶାହିଦିଙ୍କୁ ଇରାନ୍‌ର ରିଭୋଲ୍ୟୁଶନାରୀ ଗାର୍ଡ ଫୋର୍ସ ପିଟି ହତ୍ୟା କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ମେହରଶଦଙ୍କ ଶେଷକୃତ୍ୟ ଅବସରରେ ଶନିବାର ହଜାର ସଂଖ୍ୟକ ଲୋକ ରାଜରାସ୍ତାରେ ଏକାଠି ହୋଇଥିଲେ। ଦେଶରେ ଜାରିଥିବା ହିଜାବ ବିରୋଧୀ ଜନ ଆନ୍ଦୋଳନରେ ସାମିଲ ହେବା ସମୟରେ ଏରାକ ସିଟିରେ ମେହରଶଦଙ୍କୁ ଗିରଫ କରାଯାଇଥିଲା। ହାଜତରେ ଥିବା ସମୟରେ ଗାର୍ଡଙ୍କ ମାଡ଼ରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା, ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ହୃଦ୍‌ଘାତରେ ମେହରଶଦଙ୍କ ମୃତ୍ୟୁ ହୋଇଥିବା ଗଣମାଧ୍ୟମ ଆଗରେ କହିବା ପାଇଁ ପୋଲିସ ତାଙ୍କ ପରିବାର ଉପରେ ଚାପ ପକାଉଥିବା ଜଣାପଡ଼ିଛି। ଅନ୍ୟପଟେ ସେଲିବ୍ରିଟି ସେଫ୍‌ଙ୍କ ହତ୍ୟା ଅଭିଯୋଗକୁ ଇରାନ୍ ସରକାର ଖଣ୍ଡନ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ପ୍ରକାଶିତ ଖବର ଅନୁସାରେ ମେହରଶଦଙ୍କ ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ତାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ଇରାନ୍‌ର ପ୍ରଧାନ ବିଚାରପତି ଆବଡୋଲମେହଦି ମୌସଭି କହିଛନ୍ତି।

ଭୁଲ୍ ଢଙ୍ଗରେ ହିଜାବ ପିନ୍ଧିବା ନେଇ ଇରାନର ୨୨ ବର୍ଷୀୟା ମାହସା ଆମିନିଙ୍କୁ ଗିରଫ କରାଯାଇଥିଲା। ହାଜତରେ ଥିବା ସମୟରେ ତାଙ୍କର ମୃତ୍ୟୁ ହେବା ପରେ ଦେଶରେ ହିଜାବ ବିରୋଧୀ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆନ୍ଦୋଳନକୁ ୧ ମାସରୁ ଅଧିକ ଦିନ ବିତିଯାଇଥିବାବେଳେ ଏଥିରେ ଶତାଧିକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଛି।


ମେହରଶଦ ଶାହିଦି

## ମିଛ ଖବର ରୋକିବାରେ ସୋସିଆଲ ମିଡିଆ ସକ୍ରିୟ ଭୂମିକା ନିଅନ୍ତୁ: ସିଇସି

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ମିଛ ଖବର ପ୍ରସାରଣକୁ ରୋକିବାରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ସକ୍ରିୟ ଭୂମିକା ନିଭାଇବାକୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ସୋମବାର ଆହ୍ୱାନ ଦେଇଛନ୍ତି। ଏହା ବିଶ୍ୱସନୀୟ ନିର୍ବାଚନ ଫଳାଫଳ ଆଣିବାରେ ସହାୟକ ହେବା ସହ ସ୍ୱାଧୀନତାର ସଂରକ୍ଷଣରେ ସହାୟକ ହୋଇପାରିବ ବୋଲି ସିଇସି କହିଛନ୍ତି। ନିର୍ବାଚନ ପରିଚାଳନା ସଂସ୍ଥାଗୁଡ଼ିକର ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କୁମାର କହିଥିଲେ, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ବିଷୟବସ୍ତୁ ପ୍ରଦର୍ଶନ ନୀତି ରହିଥିବା ସେମାନେ ଦାବି କରିଥାନ୍ତି। ଏଥିସହିତ ସେମାନଙ୍କର ଆଲଗୋରିଦିମ୍ କ୍ଷମତା ରହିଥିବା ସିଇସି କହିଛନ୍ତି। ମୁକ୍ତ, ଅବାଧ ଏବଂ ଦୁର୍ନୀତିମୁକ୍ତ ନିର୍ବାଚନ ଗଣତାନ୍ତ୍ରିକ ନୀତିର ମୁଖ୍ୟ ଏବଂ ଶାନ୍ତି ଓ ବିକାଶଶୀଳ ଲାଭାଂଶର ପ୍ରାକ୍ ସର୍ତ୍ତାବଳୀ ବୋଲି ସିଇସି କହିଛନ୍ତି।

**ଭୋଟର ତାଲିକା ସହ ଆଧାର ଲିଙ୍କ୍‌କୁ ଚ୍ୟାଲେଞ୍ଜ**

## ଆବେଦନର ଅନୁଧାନ କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୧।୧୦(ପି.ଟି.):** ଭୋଟର ତାଲିକା ତଥ୍ୟ ସହ ଆଧାର ନମ୍ବର ସଂଯୋଗ ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନର ଯାଞ୍ଚ କରିବେ ବୋଲି ସୋମବାର କହିଛନ୍ତି। ପୂର୍ବତନ ମେଜର ଜେନେରାଲ ଏସ୍.ଜି. ଭୋମ୍ବାଟ୍‌କର ଦାଏର କରିଥିବା ପିଟିଶନକୁ ଜଷ୍ଟିସ ଏସ୍.କେ. କୌଲ ଏବଂ ଅଭୟ ଏସ୍. ଓକାଙ୍କ ଖଣ୍ଡପୀଠ ପୂର୍ବରୁ ବିଚାରାଧୀନ ଥିବା ଅନୁରୂପ ଏକ ମାମଲା ସହ ସଂଯୋଗ କରିଛନ୍ତି। ୨୦୧୯ର ଏକ ରାୟରେ ଉଲ୍ଲେଖ ରହିଛି, ଯଦି କିଛି ସୁବିଧା ମିଳୁଛି, ତେବେ ଆଧାରକୁ ବାଧ୍ୟତାମୂଳକ କରାଯାଇପାରେ, କିନ୍ତୁ ଅଧିକାରରୁ କାହାକୁ ବଞ୍ଚିତ କରାଯାଇପାରିବ ନାହିଁ। ଭୋଟ ଅଧିକାର ସର୍ବୋଚ୍ଚ ଅଧିକାର ବୋଲି ଆବେଦନକାରୀ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି।



ନାରୀ ହତ୍ୟାକୁ ବିରୋଧ କରି ମେକ୍ସିକୋସିଟିରେ ମହିଳାମାନେ ଡେ ଅଫ୍ ଦ ଡେଡ୍ ପାଳନ ଅବସରରେ କଙ୍କାଳ ବେଶ ହୋଇ ଶୋଭାଯାତ୍ରାରେ ବାହାରିଛନ୍ତି।

## ଜେସିକା ବ୍ରିଟେନ୍‌ର ପ୍ରଥମ ଦୃଷ୍ଟିବାଧିତ ମହିଳା ଆଇନଜୀବୀ

ଲଣ୍ଡନ,୩୧।୧୦

ବ୍ରିଟେନର ପ୍ରଥମ ଅଣଶ୍ୱେତାଙ୍ଗ ଓ ଦୃଷ୍ଟି ବାଧିତା ମହିଳା ଆଇନଜୀବୀ ହୋଇପାରିଛନ୍ତି ଜେସିକା ଇନାବା। ଦେଶରେ ଓକିଲାତି କ୍ଷେତ୍ରରେ ଜେସିକା ଇତିହାସ ରଚିଛନ୍ତି। ସେଣ୍ଟ୍ରାଲ୍ ଲଣ୍ଡନସ୍ଥିତ ୟୁନିଭର୍ସିଟି ଅଫ୍ ଲ'ରେ ସେ ଶିକ୍ଷା ଗ୍ରହଣ କରୁଥିଲେ। ପ୍ରକାଶିତ ରିପୋର୍ଟ ମୁତାବକ ଜେସିକା ବାଇଲାଟେରାଲ ମାଇକ୍ରୋଥାଲମିଆ ରୋଗରେ ଆକ୍ରାନ୍ତ। ୟୁନିଭର୍ସିଟିରେ ୫ ବର୍ଷ ପଢ଼ିବା ପରେ ଗତସପ୍ତାହରେ ସେ ଆଇନ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୟୁନିଭର୍ସିଟିରେ ବ୍ରେଲ୍ ପଦ୍ଧତିରେ ସେ ପାଠ ପଢୁଥିବାବେଳେ ନିଜ ସଫଳତାର ଶ୍ରେୟ ସେ ତାଙ୍କ ପରିବାର ଓ ବନ୍ଧୁ ବର୍ଗଙ୍କୁ ଦେଇଛନ୍ତି।


ଜେସିକା ଇନାବା

# ଲୁଲା ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚିତ

ସାଓ ପଓଲୋ,୩୧।୧୦

ଜେର ବୋଲସୋନାରୋଙ୍କୁ ଏକ କଡ଼ା ମୁକାବିଲାରେ ହରାଇ ବାମଦଳ ନେତା ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ରବିବାର ଦ୍ୱିତୀୟ ଥର ପାଇଁ ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୨୦ ବର୍ଷ ପୂର୍ବେ ସେ ବ୍ରାଜିଲ ରାଷ୍ଟ୍ରପତି ଭାବେ ପ୍ରଥମେ ଜିତିଥିଲେ। ୯୯ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ। ଲୁଲାଙ୍କ ସପକ୍ଷରେ ୫୦.୯ ପ୍ରତିଶତ ଭୋଟ ଯାଇଥିବାବେଳେ ବୋଲସୋନାରୋଙ୍କୁ ୪୯.୧ ପ୍ରତିଶତ ଭୋଟ ମିଳିଛି। ଏକ ଦୁର୍ନୀତି ମାମଲାରେ ୨୦୧୮ରେ ୭୭ ବର୍ଷୀୟ ଲୁଲାଙ୍କୁ ଜେଲଦଣ୍ଡ ହେବାରୁ ସେ ସେତେବେଳେ ନିର୍ବାଚନ ଲଢ଼ିପାରି ନ ଥିଲେ। ଫଳରେ ବୋଲସୋନାରୋ କ୍ଷମତାକୁ ଆସିଥିଲେ। ସାଓ ପାଓଲୋର ଏକ ହୋଟେଲରେ ଉଦ୍‌ବୋଧନ ଦେଇ ଲୁଲା କହିଛନ୍ତି, ଆଜିର ବିଜୟ ବ୍ରାଜିଲ ଜନସାଧାରଣଙ୍କର। ଏହା କେବଳ ତାଙ୍କର କିମ୍ବା ଦଳୀୟ କର୍ମୀମାନଙ୍କର ନୁହେଁ। ଏହା ଗଣତାନ୍ତ୍ରିକ ଆନ୍ଦୋଳନର ବିଜୟ ବୋଲି ଲୁଲା କହିଛନ୍ତି। ସେ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବା ସହ ଦେଶର ବିକାଶକୁ ଆଗେଇ ନେବେ ବୋଲି କହିଛନ୍ତି।

ଲୁଲା ବ୍ରାଜିଲର ୩୫ତମ ରାଷ୍ଟ୍ରପତି ଭାବେ ୨୦୦୩ରୁ ୨୦୧୦ ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ। ଏବେ ସେ ନିର୍ବାଚିତ ହୋଇଥିବାରୁ ୨୦୨୩ରେ ଦେଶର ୩୯ତମ ରାଷ୍ଟ୍ରପତି ଭାବେ ଶପଥ ନେବା ଆଶା କରାଯାଉଛି। ବାମପନ୍ଥୀ ୱାର୍କର୍ସ ପାର୍ଟି(ପି.ଟି.)ର ପ୍ରତିଷ୍ଠାତା ସଦସ୍ୟ ଲୁଲା ୨୦୦୨ରେ ସାଧାରଣ ନିର୍ବାଚନ ଜିତିବା ପୂର୍ବରୁ ୩ ଥର ହାରିଯାଇଥିଲେ। ସେ ୨୦୦୬ରେ ପୁନଃ ନିର୍ବାଚିତ ହୋଇଥିଲେ।


ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା

**ଲୁଲାଙ୍କୁ ୫୦.୯%, ବୋଲସୋନାରୋଙ୍କୁ ୪୯.୧% ଭୋଟ ମିଳିଛି**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୫୫,୪୩,୩୭୪ | ୬୫,୯୪,୦୯୫ | ୬୧,୪୭,୪୮,୬୮୮ |
| ଭାରତ | ୪,୪୬,୫୩,୫୯୨ | ୫,୨୯,୦୨୪ | ୪,୪୧,୦୬,୬୫୬ |
| ଓଡ଼ିଶା | ୧୩,୩୬,୧୩୨ | ୯୨୦୩(+୫୩) | ୧୩,୨୬,୬୨୧ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ



ପୁରୀ ଅଫିସ, ୩୧।୧୦: କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ସପ୍ତମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ବଡ଼ଠାକୁର ପ୍ରଭୁ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଦାରୁବିଗ୍ରହମାନଙ୍କ ଅବକାଶ ନୀତି ପରେ ହରିହର ବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ପ୍ରଭୁ ବଳଭଦ୍ରଙ୍କୁ ହରିହର ବେଶରେ ସଜ୍ଜିତ କରିଥିଲେ। ଏହି ବେଶରେ ବଡ଼ ଠାକୁର ୩୨ ପ୍ରକାରରୁ ଊର୍ଦ୍ଧ୍ୱ ସୁବର୍ଣ୍ଣ ଅଳଙ୍କାର ସମେତ ଅର୍ଦ୍ଧେକ କଳା ଓ ଅର୍ଦ୍ଧେକ ଧଳାବସ୍ତ୍ରରେ ଭୂଷିତ ହୋଇଥିଲେ। ବଳଭଦ୍ରଙ୍କ ବାମପାର୍ଶ୍ୱକୁ କଳା ଓ ଡାହାଣ ପାର୍ଶ୍ୱକୁ ଧଳା ରଙ୍ଗର ବସ୍ତ୍ରରେ ସଜ୍ଜିତ କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶ ଓ ପ୍ରଭୁ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ବଳଭଦ୍ରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବା ବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରକଟିତ ହୋଇଥାଏ। ଶାସ୍ତ୍ରରେ ମଧ୍ୟ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହିଦିନ ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ବଡ଼ ଠାକୁରଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆତ୍ମତୃପ୍ତି ଲାଭ କରିଥିଲେ।

## ନାଳରୁ ୱାର୍ଡ ମେମ୍ବରଙ୍କ ମୃତଦେହ ଜବତ

- ପଞ୍ଚାୟତ ସଭାକୁ ଯାଇ ନିଖୋଜ ଥିଲେ
- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

କେନ୍ଦୁଝର,୩୧।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ଥାନା ବାଂଶପାଳ ବ୍ଲକ୍‌ର କୁମୁଣ୍ଡି ପଞ୍ଚାୟତର ଜଣେ ୱାର୍ଡ ମେମ୍ବରଙ୍କ ମୃତଦେହ ପୋଲିସ ନାଳରୁ ଜବତ କରିଛି। ମୃତକ ହେଲେ ତଳଜାଗର ଗ୍ରାମର ଭଗବାନ ଦେହୁରୀ। ସେ ରବିବାର ପଞ୍ଚାୟତର ଏକ ସଭାରେ ଯୋଗଦେବାକୁ ଯାଇ ନିଖୋଜ ଥିଲେ। କେହି ହତ୍ୟା କରି ତାଙ୍କୁ ନାଳରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ରବିବାର ସେ କୁମୁଣ୍ଡି ପଞ୍ଚାୟତ ଅଫିସକୁ ଏକ ସଭାରେ ଯୋଗଦେବାକୁ ଯାଇଥିଲେ। ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ପାଇ ନ ଥିଲେ। ସୋମବାର ସକାଳୁ ଗ୍ରାମ ନିକଟ ଏକ ନାଳରେ ଗ୍ରାମବାସୀ ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ। ନାଳକଡ଼ରେ ତାଙ୍କର ଚପଲ ଓ କାଗଜପତ୍ର ପଡ଼ିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୧/୨୨) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସଦର ଥାନା ଅଧିକାରୀ ସୁନୀଲ କର କହିଛନ୍ତି।

# ଅପରାଧ ଚେର ମୁର୍ଶିଦାବାଦରୁ ମୟୂରଭଞ୍ଜ

- ଦିନରେ ରାଜମିସ୍ତ୍ରି, ରାତିରେ ଚୋରି
- ଯାଞ୍ଚ କରୁନି ମ୍ୟୁନିସିପାଲିଟି
- ପୋଲିସ ନିଷ୍କ୍ରିୟତାରୁ ନିୟନ୍ତ୍ରଣ ରହୁନାହିଁ

ବାରିପଦା ଅଫିସ, ୩୧।୧୦

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଚୋରି, ଡକାୟତି, ଛିନତାଇ, ବଳାତ୍କାର ଓ ଠକେଇ ଭଳି ଅପରାଧ ବଢ଼ିବାରେ ଲାଗିଛି। ଅପରାଧର କାର୍ପେଟଦାର ସାଜିଛନ୍ତି ଭଡ଼ାଟିଆ। ପଶ୍ଚିମବଙ୍ଗର ମୁର୍ଶିଦାବାଦରୁ ଆସି କାୟା ବିସ୍ତାର କରିବାରେ ଲାଗିଛନ୍ତି କିଛି ଅସାମାଜିକ। ବିନା ପ୍ରମାଣପତ୍ରରେ ଘରମାଲିକମାନେ ଭଡ଼ା ସୂତ୍ରରେ ରଖୁଥିବାରୁ ସେମାନଙ୍କ ଉପରେ କାହାର ନିୟନ୍ତ୍ରଣ ରହୁନାହିଁ। ଜିଲାରେ ବେକାରି ସମସ୍ୟା ବୃଦ୍ଧି ପାଇବା କାରଣରୁ ଅନେକ ଯୁବକ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି। ଶ୍ରମଜୀବୀଙ୍କ ଅଭାବ ପୂରଣ ପାଇଁ ବାହାର ରାଜ୍ୟରୁ ଆସୁଥିବା କେତେଜଣ କୁଶଳୀ ଶ୍ରମିକ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ମ୍ୟୁନିସିପାଲିଟି ଓ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉ ନ ଥିବାରୁ ସେମାନଙ୍କ ଚେର ମୁର୍ଶିଦାବାଦରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଲମ୍ବିବାରେ ଲାଗିଛି। ଅନ୍ୟପକ୍ଷରେ ସେମାନଙ୍କୁ ଥଇଥାନ କରି ରାଜନୈତିକ ଫାଇଦା ହାସଲ ମଧ୍ୟ କରାଯାଉଛି। ଜିଲା କିମ୍ବା ପୋଲିସ ପ୍ରଶାସନ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

ଶିଳ୍ପବିହୀନ ମୟୂରଭଞ୍ଜ ଜିଲାର ଅନେକ ଯୁବତୀ ଯୁବକ କାମଧନ୍ଦା ନ ପାଇ ବେକାର ହୋଇ ବୁଲୁଛନ୍ତି। ୨୦୧୧ଜନଗଣନା ଅନୁଯାୟୀ ଜିଲାରେ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଶତକଡ଼ା ୬୫ ପ୍ରତିଶତ ଶ୍ରମିକ ଓ ଦିନ ମଜୁରିଆ ଶ୍ରେଣୀର ହୋଇଥିବା ବେଳେ ବାହାର ରାଜ୍ୟମାନଙ୍କୁ ୩୫ଭାଗ ଗରିବ ଆଦିବାସୀ ଶ୍ରେଣୀର ଲୋକେ ଦାଦନ ଖଟିବାକୁ ଯାଇଥାନ୍ତି। ୨୫ଭାଗ ଶ୍ରମିକ ବର୍ଗର ଲୋକେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଶ୍ରମ ଛାଡ଼ି ଦେଇଛନ୍ତି। ଫଳରେ କାମଧନ୍ଦା କରିବାକୁ ଶ୍ରମଜୀବୀ ମିଳୁ ନାହାନ୍ତି। ଏହାର ସୁଯୋଗ ନେଇ ଘରୋଇ କାମ ସହିତ ସରକାରୀ ଓ ବେସରକାରୀ ନିର୍ମାଣ କାମରେ ଶ୍ରମିକ ଭାବେ ପଶ୍ଚିମବଙ୍ଗ, ବାଂଲାଦେଶ, ଢାକା ଓ ବିହାର ଅଞ୍ଚଳର ବିଭିନ୍ନ ସ୍ଥାନରୁ କାରିଗର ଓ ମିସ୍ତ୍ରିମାନେ ଆସି ଜିଲାବାସୀଙ୍କ ଚାହିଦା ପୂରଣ କରୁଛନ୍ତି। ଦିନରେ କାମ କରି ରାତି ହେଲେ ସେମାନେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଜିଲାର କୋଣ ଅନୁକୋଣରେ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ପୋଲିସ ପ୍ରଶାସନ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ସାଜିଥିବା ବେଳେ ଅପରାଧକୁ ରୋକିବାରେ ବିଫଳ ହେଉଛି। ସେହିପରି କିଛି ଅସାଧୁ ବ୍ୟକ୍ତି ଅର୍ଥଲୋଭରେ ସେମାନଙ୍କୁ ବାସସ୍ଥାନର ପରିଚୟ ଦେଇ ଭୋଟର ତାଲିକାରେ ଯୋଡିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ବାରିପଦା ସହରରେ ରହୁଥିବା ମାଲିକମାନେ ଠିକ ଯାଞ୍ଚ ନ କରି ସେମାନଙ୍କୁ ଘରେ ରହିବାକୁ ଅନୁମତି ଦେଉଛନ୍ତି। ଏପରିକି ସେମାନଙ୍କ ଆଧାର କାର୍ଡ, ଭୋଟର କାର୍ଡ ଓ ବାସସ୍ଥାନ ପ୍ରମାଣପତ୍ର ଦେଇ ଭଡ଼ା ଦେବାକୁ ନିୟମ ରହିଥିଲେ ସୁଦ୍ଧା ଏହାକୁ ଯାଞ୍ଚ କରାଯାଉନାହିଁ।

କିଛି ଦିନ ପୂର୍ବେ ବୈଶିଙ୍ଗା ଓ ଉଦଳା ଥାନା ଅଞ୍ଚଳରେ ହେଉଥିବା ଲଗାତାର ଚୋରି ଘଟଣାରେ ୬ଜଣ ମୁର୍ଶିଦାବାଦର ମିସ୍ତ୍ରି ସମ୍ପୃକ୍ତ ଥିବା ନେଇ ପୋଲିସ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲା। ଝାରପୋଖରିଆ, ବିଶୋଇ, ଖୁଣ୍ଟା,କୁଳିଅଣା ଓ ବେତନଟୀ ଥାନାରେ ମଧ୍ୟ ଏଭଳି ଅପରାଧ ସମ୍ପର୍କିତ ମାମଲା ରୁଜୁ ହୋଇଛି। ଅପରାଧ ଘଟାଇ ନିଜ ରାଜ୍ୟକୁ ପଳାଇବା ପରେ ଜିଲା ପୋଲିସ ସେମାନଙ୍କ ଚେର୍ ପାଉନି। ପୁଣି କିଛି ଦିନ ପରେ ସେମାନେ ସ୍ଥାନ ବଦଳାଇ ଜିଲାରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି।

ଏ ସଂକ୍ରାନ୍ତରେ ବିକାଶ ମଞ୍ଚର ଆବାହକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ କୁହନ୍ତି, କାମଧନ୍ଦା ମିଳୁ ନ ଥିବାରୁ ଜିଲାର ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କୁଶଳୀ ଶ୍ରମିକ କିମ୍ବା କାରିଗର ନ ଥିବାରୁ ପଡ଼ୋଶୀ ରାଜ୍ୟରୁ ଆସୁଥିବା ଲୋକେ ଏହାର ସୁଯୋଗ ନେଇ ଅପରାଧ ଘଟାଇବାରେ ଲାଗିଛନ୍ତି।

ତେବେ ଜିଲାରେ ପୋଲିସ କର୍ମଚାରୀଙ୍କ ସଂଖ୍ୟା କମ୍ ରହୁଥିବାରୁ ଅପରାଧ ନିୟନ୍ତ୍ରଣ ହୋଇପାରୁନି ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ବାରିପଦା ମ୍ୟୁନିସିପାଲିଟିର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ପଚାରିବାରୁ ଯାଞ୍ଚ କରିବା କାମ ପୋଲିସର। ଘରଭଡ଼ା ଦେଉଥିବା ବ୍ୟକ୍ତି ସମସ୍ତ ପ୍ରମାଣପତ୍ର ରଖି ପୋଲିସକୁ ଅବଗତ କରିବାର ନିୟମ ରହିଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବାରିପଦା ଟାଉନ ଥାନାଧିକାରୀ ବୀରେନ୍ଦ୍ର ସେନାପତି କୁହନ୍ତି, ଘରଭଡ଼ା ଦେଉଥିବା ମାଲିକମାନେ ମ୍ୟୁନିସିପାଲିଟିକୁ ଜଣାଇବେ। ଏହା ପୋଲିସର କାମ ନୁହେଁ।

## ଟ୍ରକ୍‌ରୁ ଡ୍ରାଇଭରଙ୍କ କ୍ଷତାକ୍ତ ମୃତଦେହ ଜବତ

କେନ୍ଦୁଝର,୩୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ଥାନା ବନାଯୋଡ଼ି ଟୋଲପ୍ଲାଜା ନିକଟରେ ରାସ୍ତା କଡ଼ରେ ଥିବା ଏକ୍ ଟ୍ରକ୍‌ରୁ ଜଣେ ଡ୍ରାଇଭରଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ମଧ୍ୟପ୍ରଦେଶର ସିଦ୍ଧି ଜିଲା ବାଲହରା ଅଞ୍ଚଳର ରାମନରେଶ ସାହୁ (୨୮)। ପୋଲିସ ସୂଚନା ମୁତାବକ, ଲୁହାପଥର ପରିବହନ ପାଇଁ ସିଜି-୦୪ ଏନ୍‌ଏଚ୍ ୪୮୦୦ ନଂ. ବିଶିଷ୍ଟ ୧୪ ଚକିଆ ଟ୍ରକ୍ ଏନ୍‌ଏଚ୍ ୨୦ରେ ଯୋଡ଼ା ଖଣି ଅଞ୍ଚଳକୁ ଯାଉଥିଲା। ରାତିରେ ଉକ୍ତ ସ୍ଥାନରେ ଟ୍ରକ୍ ରଖି ଡ୍ରାଇଭର ଶୋଇଥିଲେ। ସୋମବାର ସକାଳେ କ୍ଷତାକ୍ତ ମୃତଦେହ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ନଂ. ୪୨୪/୨୦୨୨ରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ହତ୍ୟାର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ମୃତକଙ୍କ ନାକରୁ ରକ୍ତ ବାହାରୁଥିବା ବେଳେ ଗୋଡ଼ରେ କ୍ଷତ ରହିଛି। କେହି ତାଙ୍କୁ ହତ୍ୟା କରିଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଭୁବନେଶ୍ୱର-ଜୟପୁର ବିମାନସେବା ଆରମ୍ଭ



ଭୁବନେଶ୍ୱର-ଜୟପୁର ବିମାନସେବାର ଉଦ୍‌ଘାଟନ ଅବସରରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

କୋରାପୁଟବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହୋଇଛି। ବହୁପ୍ରତୀକ୍ଷିତ ଭୁବନେଶ୍ୱର-ଜୟପୁର ବିମାନସେବା ସୋମବାରଠାରୁ ଆରମ୍ଭ ହୋଇଛି। ଏହି ବିମାନସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଉଦ୍‌ଘାଟନ କରିଛନ୍ତି। ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୯ ସିଟ୍ ବିଶିଷ୍ଟ ବିମାନ ଉଡ଼ାଣ କରିଛି। ପ୍ରତିଦିନ ଏହା ପୂର୍ବାହ୍ନ ୧୧ଟା ୩୫ରୁ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରି ଜୟପୁରରେ ଅପରାହ୍ନ ୧ଟା ୨୦ରେ ପହଞ୍ଚିବ। ସେଠାରୁ ଅପରାହ୍ନ ୧ଟା ୪୦ରେ ବିଶାଖାପାଟଣା ଅଭିମୁଖେ ଯାତ୍ରା କରି ୨ଟା ୩୦ରେ ପହଞ୍ଚିବ। ପୁଣି ଅପରାହ୍ନ ୩ଟାରେ ବିଶାଖାପାଟଣାରୁ ବାହାରି ୩ଟା ୫୦ରେ ଜୟପୁର ଓ ପରେ ୪ଟା ୫ରେ ସେଠାରୁ ବାହାରି ୫ଟା ୫୦ରେ ଭୁବନେଶ୍ୱରରେ ପହଞ୍ଚିବ। ଭୁବନେଶ୍ୱରରୁ ଜୟପୁର ପାଇଁ ପ୍ରାରମ୍ଭିକ ଭାବେ ଟିକେଟ ମୂଲ୍ୟ ୧,୦୪୯ ଟଙ୍କା ରହିଛି। ଆଗକୁ ସର୍ବାଧିକ ଅଢ଼େଇ ହଜାର ଟଙ୍କା ରହିବ ବୋଲି ସୂଚନା ଦିଆଯାଇଛି।

ଗତ ୨୦ ତାରିଖରେ ଜୟପୁର ବିମାନବନ୍ଦରରୁ ଯାତ୍ରୀବାହୀ ବିମାନ ଉଡ଼ିବା ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଲାଇସେନ୍ସ ଦିଆଯାଇଥିଲା। ଏବେ ଭୁବନେଶ୍ୱର, ଝାରସୁଗୁଡ଼ା ଏବଂ ରାଉରକେଲା ବିମାନବନ୍ଦର ପରେ ଏହା ରାଜ୍ୟର ଚତୁର୍ଥ ଲାଇସେନ୍ସପ୍ରାପ୍ତ ବିମାନବନ୍ଦର ଭାବେ ପରିଗଣିତ ହୋଇଛି। ଏହା ରାଜ୍ୟର ପ୍ରଥମ ନିଜସ୍ୱ ବିମାନବନ୍ଦର ହେବ, ଯାହାକି ବ୍ୟବସାୟିକ ବିମାନ ଚଳାଚଳ ପାଇଁ ଲାଇସେନ୍ସପ୍ରାପ୍ତ। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜୟପୁର-ଭୁବନେଶ୍ୱର ଏବଂ ଭୁବନେଶ୍ୱର-ଜୟପୁର ବିମାନ ଉଡ଼ିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିସହ 'ଇଣ୍ଡିଆ ୱାନ୍ ଏୟାର' ପକ୍ଷରୁ ଟୁଇଟ୍ କରି ୩୧ତାରିଖରୁ ଭୁବନେଶ୍ୱର-ଜୟପୁରକୁ ବିମାନ ଚଳାଚଳ କରିବା ନେଇ ସୂଚନା ଦିଆଯାଇଥିଲା। ଯାତ୍ରୀମାନେ ଭୁବନେଶ୍ୱରରୁ ଜୟପୁର ଯାତ୍ରା କରିବା ପାଇଁ ଇଣ୍ଡିଆ ୱାନ୍ ଏୟାର ୱେବ୍‌ସାଇଟ୍‌କୁ ଯାଇ ଅନ୍‌ଲାଇନ୍ ଟିକେଟ କାଟିଥିଲେ। ତେବେ ପ୍ରଥମଦିନର ଯାତ୍ରା ପାଇଁ ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ ଅଫର ପ୍ରାଇସ୍ ଭାବେ ୯୯୯ଟଙ୍କା ରଖାଯାଇଥିଲା। ଜୟପୁରରେ ବିମାନ ଅବତରଣ କରିବା ପରେ ବାଜା, ନାଚ ଗୀତ ସହ ଯାତ୍ରୀଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଜୟପୁର ବିମାନବନ୍ଦରକୁ ଉଡ଼ାନ(ଉଡ଼େ ଦେଶ୍ କି ଆମ୍ ନାଗରିକ) ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଓଡିଶା ସରକାର ଏବଂ ବିମାନବନ୍ଦର ପ୍ରାଧିକରଣଙ୍କ ମିଳିତ ଉଦ୍ୟମରେ ବିମାନବନ୍ଦର ରୂପେ ବିକାଶ କରାଯାଇଛି। ଏହି ଯୋଜନା ଅନୁଯାୟୀ ରାଜ୍ୟ ସରକାର ବିମାନବନ୍ଦର ନିମନ୍ତେ ଆବଶ୍ୟକ ହେଉଥିବା ଜମି, ସୁରକ୍ଷା ଏବଂ ଅଗ୍ନିଶମ କର୍ମଚାରୀ, ବିଦ୍ୟୁତ ଏବଂ ଜଳ ଦେୟ, ମାନବ ଶକ୍ତି ଏବଂ ଆର୍ଥିକ ପ୍ରୋତ୍ସାହନ ଆଦି ପ୍ରଦାନ କରିଛନ୍ତି। ଜୟପୁର ସହରରେ ବିମାନବନ୍ଦର ଏହି ଅଞ୍ଚଳର ଅର୍ଥନୈତିକ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ସହ ରାଜ୍ୟ ରାଜଧାନୀକୁ ସଂଯୋଗ କରିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା। ବର୍ତ୍ତମାନ ଏହି ସହରଟି ଦକ୍ଷିଣ ଓଡ଼ିଶାର ଏକ ବାଣିଜ୍ୟ କେନ୍ଦ୍ର ଭାବରେ ଉଭା ହୋଇଛି, ଯେଉଁଥିରେ ଅନେକ ଉତ୍ପାଦନକ୍ଷମ କାରଖାନା ରହିଛି। ଏହାବ୍ୟତୀତ ଏଠାରେ ଅନେକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଓ ବହୁ ଖ୍ୟାତିସମ୍ପନ୍ନ ପ୍ରତିଷ୍ଠାନ ରହିଛି। ତେଣୁ ଯାତାୟାତ କ୍ଷେତ୍ରରେ ଏହି ବିମାନସେବା ଉପଯୋଗୀ ହେବ ବୋଲି ଆଶା ରଖାଯାଇଛି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି. କେ. ପାଣ୍ଡିଆନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସତ୍ୟପାଠ ଦାଖଲ କଲା ରାଜ୍ୟ ପରିବହନ ବିଭାଗ

**ହାଇସିକ୍ୟୁରିଟି ନମ୍ବର ପ୍ଲେଟ ମାମଲା**

**୨୮ରେ ପରବର୍ତ୍ତୀ ଶୁଣାଣି**



କଟକ ଅଫିସ,୩୧।୧୦

ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ମାମଲାରେ ସୋମବାର ରାଜ୍ୟ ପରିବହନ ବିଭାଗ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ବିଭିନ୍ନ କାରଣରୁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି ନିମନ୍ତେ ଲୋକଙ୍କୁ ଅସୁବିଧା ହେଉଥିବାରୁ ଆଉ ଏକମାସ ଅବଧି ବୃଦ୍ଧି କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି। ହାଇକୋର୍ଟରେ ଆଗତ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏ ନେଇ ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ନଭେମ୍ବର ୨୮ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି।

ଗତ ୨୬ ତାରିଖରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ପରିବହନ ବିଭାଗକୁ ଭିତ୍ତିଭୂମି ବିକାଶ ଉପରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି ଅବଧି ଏକ ମାସ ବୃଦ୍ଧି କରାଯାଇଥିବା ନେଇ ଗତ ୨୯ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ସୋମବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏହାଦ୍ୱାରା ମାଲିକମାନେ ରେଜିଷ୍ଟ୍ରେଶନ ନମ୍ବର ୧, ୨, ୩ ଓ ୪ ରେ ଶେଷ ହେଉଥିବା ଯାନ ନିମନ୍ତେ ନଭେମ୍ବର ୩୦ ତାରିଖ, ୫ ଓ ୬ ଶେଷ ନମ୍ବର ଥିଲେ ଡିସେମ୍ବର ୩୧ ତାରିଖ, ୭ ଓ ୮ ଶେଷ ନମ୍ବର ଥିଲେ ଜାନୁୟାରୀ ୩୧ ତାରିଖ ଏବଂ ୯ ଓ ୦ ଶେଷ ନମ୍ବର ଥିଲେ ଫେବୃୟାରୀ ୨୮ ତାରିଖ ଯାଏ ଅବଧି ବୃଦ୍ଧିର ସୁଯୋଗ ପାଇବେ। ସୂଚନାଯୋଗ୍ୟ, ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅକ୍ଟୋବର ୧ ତାରିଖରୁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ କଡ଼ାକଡ଼ି କରାଯିବାକୁ ଘୋଷଣା କରାଯାଇଥିଲା। ଏଥିସହ ଧାର୍ଯ୍ୟ ସମୟ ମଧ୍ୟରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ନ ଥିଲେ ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ପରେ ନିର୍ଦ୍ଦେଶନାମା ସଂଶୋଧନ କରାଯାଇ ସ୍ଲଟ ବୁକିଂ କରାଯାଇଥିବା ରସିଦ୍ ଦେଖାଇଲେ ଜରିମାନାରୁ ଛାଡ଼ ମିଳିବ ବୋଲି କୁହାଯାଇଥିଲା। ସରକାରଙ୍କ ଏଭଳି କଡ଼ା ଆଭିମୁଖ୍ୟ ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ହୋଇଥିଲା। ଉକ୍ତ ପ୍ଲେଟ ନିମନ୍ତେ ଏଚ୍‌ଏସ୍‌ଆର୍‌ପି ୱେବସାଇଟ୍‌ରେ ସ୍ଲଟ ବୁକିଂ ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଇଣ୍ଟରନେଟ ସୁବିଧା ସବୁଠାରେ ଉପଲବ୍ଧ ନାହିଁ। ତେଣୁ ସରକାର ନିୟମ କଡ଼ାକଡ଼ି କରିବାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଜନସାଧାରଣ ଆଉ କ'ଣ ବିକଳ୍ପ ବ୍ୟବସ୍ଥା ଆପଣାଇପାରିବେ ସେନେଇ ତଥ୍ୟ ଉପସ୍ଥାପନ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି ଅବଧିକୁ ମାସେ ବୃଦ୍ଧି କରାଯାଇ ନଭେମ୍ବର ୧ରୁ କଡ଼ାକଡ଼ି ଲାଗୁ କରାଯିବାକୁ ଘୋଷଣା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା।

# କାରଣ ଖୋଜି ପାଉନି ପୋଲିସ

**ଘର ଭିତରୁ ୪ ମୃତଦେହ ଉଦ୍ଧାର ଘଟଣା**



ଘଟଣାସ୍ଥଳରେ ବରଗଡ଼ ଏସ୍‌ପିଙ୍କ ତଦନ୍ତ।

ବରଗଡ଼ ଅଫିସ,୩୧।୧୦

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଜାଣ୍ଡୋଲ(କନ୍ଧପଡ଼ା)ରେ ଗୋଟିଏ ବୁଣାକାର ପରିବାର ଘରୁ ୪ ସଦସ୍ୟଙ୍କ ମୃତଦେହ ଉଦ୍ଧାର ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକମାନେ ହେଲେ ଗୃହକର୍ତ୍ତା ଶେଷଦେବ ମେହେର(୬୫), ସ୍ତ୍ରୀ କ୍ଷୀରେଶ୍ୱରୀ(୬୦), ପୁଅ ଅରବିନ୍ଦ(୩୦) ଏବଂ ଝିଅ ଶିବାନୀ(୨୨)। ପରିବାରର କେହି ଜୀବିତ ନ ଥିବା ଯୋଗୁ ଘଟଣାଟି ରହସ୍ୟାବୃତ ରହିଛି। କେଉଁ ପରିସ୍ଥିତିରେ ଘର ଭିତରେ ପରିବାରର ସବୁ ସଦସ୍ୟଙ୍କ ମୃତ୍ୟୁ ହେଲା ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏହାକୁ କେହି ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ କହୁଥିବାବେଳେ ପରିବାରର ଜଣେ ସଦସ୍ୟ ଅନ୍ୟ ୩ ଜଣଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଆଉ କେହି କହୁଛନ୍ତି। ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ପୋଲିସ ଏକ ହତ୍ୟା ମାମଲା(୩୩୭/୨୨) ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟା ମାମଲା ରୁଜୁ କରିଥିଲେ ସୁଦ୍ଧା ପୋଲିସ ମୃତ୍ୟୁ ଘଟଣାର ଖିଅ ପାଇ ପାରିନାହିଁ। ମୃତକଙ୍କ ପଡ଼ୋଶୀ ଏବଂ ସମ୍ପର୍କୀୟଙ୍କୁ ପଚରାଉଚରା କରାଯାଉଛି। ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କିପରି ହୋଇପାରିବ ସେନେଇ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି ସ୍ମିଥ୍ ପି. ପରମାର୍ କହିଛନ୍ତି।

ରବିବାର ସନ୍ଧ୍ୟାରେ ଶେଷଦେବଙ୍କ ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ୩/୪ ଦିନ ହେଲା ବାହାରପଟୁ ତାଲା ପଡ଼ିଥିବା ଦେଖି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ କବାଟ ଖୋଲିବା ପରେ ପରିବାରର ୪ ସଦସ୍ୟଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଅରବିନ୍ଦଙ୍କ ମୃତଦେହ ତଳ ମହଲା ପଙ୍ଖାରେ ଝୁଲୁଥିବା ବେଳେ ମା', ଝିଅଙ୍କ ମୃତଦେହ ଉପର ମହଲା ଖଟିଆରେ ଏବଂ ବାପାଙ୍କ ମୃତଦେହ ତଳ ମହଲାର ଏକ କୋଠରିରେ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। ରାତି ହୋଇଯାଇଥିବାରୁ ତଦନ୍ତ ଅଗ୍ରଗତି ହୋଇ ନ ଥିଲା। ସୋମବାର ସକାଳୁ ଏସ୍‌ପି ପରମାର୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମ୍ବଲପୁର ଏବଂ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ ପ୍ରକ୍ରିୟାରେ ପୋଲିସକୁ ସହଯୋଗ କରିଥିଲେ। ପୋଲିସ ଆର୍ଥିକ କାରବାର, ପାରିବାରିକ କଳହ, ସମ୍ପତ୍ତି ଲୋଭ ଆଦି ଦିଗକୁ ନେଇ ତଦନ୍ତ ଚଳାଇଛି।

# ୧୬ ଶିଶୁମିତ୍ର ଥାନା, ସମ୍ପର୍କ ହେଲ୍ପ ଡେସ୍କ ଖୋଲିଲା

**ଉଦ୍‌ଘାଟନ କଲେ ଗୃହ ରାଷ୍ଟ୍ରମନ୍ତ୍ରୀ**




ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଶିଶୁମିତ୍ର ଥାନା ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ରାଜ୍ୟରେ ମହିଳା ଓ ଶିଶୁ ଅପରାଧ ରୋକିବା ପାଇଁ ଏକ ସମ୍ପର୍କ ହେଲ୍ପ ଡେସ୍କ ସହ ୧୬ଟି ଶିଶୁ ମିତ୍ର ଥାନା ଖୋଲିଛି। ସୋମବାର ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ନିରାକରଣ ଶାଖା କାର୍ଯ୍ୟାଳୟରୁ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଭର୍ଚୁଆଲରେ ଏସବୁକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟାଳୟରେ ୟୁନିସେଫ୍‌ର ବୈଷୟିକ ସହଯୋଗରେ ସମ୍ପର୍କ ହେଲ୍ପ ଡେସ୍କ କାର୍ଯ୍ୟ କରୁଛି। ସେହିଭଳି ଶିଶୁମିତ୍ର ଥାନାଗୁଡ଼ିକ ମହିଳା ଓ ଶିଶୁ ନିରାକରଣ ଶାଖା ଭୁବନେଶ୍ୱର ପୋଲିସ ଷ୍ଟେଶନ, ଜଗତ୍‌ସିଂହପୁର ଥାନା, ଯାଜପୁର ରୋଡ୍ ଥାନା, ନୟାଗଡ଼ ସଦର ଥାନା, ବାଲେଶ୍ୱରର ସୋର ଥାନା, ମୟୂରଭଞ୍ଜର ରାଇରଙ୍ଗପୁର ଥାନା, ରାଉରକେଲା ସେକ୍ଟର୧୯ ଥାନା, କେନ୍ଦୁଝର ଟାଉନ୍ ଥାନା, ବରଗଡ଼ ପଦ୍ମପୁର ଆଦର୍ଶ ଥାନା, ସୋନପୁରର ବିନିକା ଥାନା, ଝାରସୁଗୁଡ଼ା ଥାନା, ଗଞ୍ଜାମର ଆସ୍କା ଥାନା, କଳାହାଣ୍ଡିର ଭବାନୀପାଟଣା ସଦର ଥାନା, ଦେବଗଡ଼ ଥାନା, ଢେଙ୍କାନାଳ ଟାଉନ ଥାନା ଓ ଅନୁଗୋଳର ନାଲ୍‌କୋ ଥାନାରେ ଖୋଲିଛି।

ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ବେହେରା କହିଛନ୍ତି, ପୋଲିସ ଅପରାଧୀଙ୍କ ପାଇଁ କଠୋର ହେବା ସହ ସାଧାରଣ ଜନତା, ମହିଳା ଏବଂ ଶିଶୁଙ୍କ ପାଇଁ ବନ୍ଧୁ ସାଜିଛି। ସମାଜରେ ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ସଂଗଠିତ ଅପରାଧକୁ ରୋକିବାରେ ଏସବୁ ଥାନା ସହାୟକ ହେବ। ସେହିପରି ସମ୍ପର୍କ ହେଲ୍ପ ଡେସ୍କ ପୀଡିତାଙ୍କ ପାଇଁ ସହଯୋଗର ହାତ ବଢାଇବ। ଏହି ହେଲ୍ପ ଡେସ୍କକୁ ମଧ୍ୟ ପୀଡିତା ଫୋନ୍ କରି ନିଜ ଉପରେ ହୋଇଥିବା ଅପରାଧ ସମ୍ପର୍କିତ ଅଭିଯୋଗ କରିପାରିବେ। ସେହିପରି ପୀଡିତା ମହିଳା ଓ ଶିଶୁଙ୍କୁ ଫୋନ୍ କରି ସେମାନଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ମାମଲା ସମ୍ପର୍କରେ ପଚାରି ବୁଝିବା ସହ ନ୍ୟାୟ ଦେବାରେ ହେଲ୍ପ ଡେସ୍କ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଛନ୍ତି।

ପୋଲିସ ଡିଜି ସୁନୀଲ କୁମାର ବନସଲ କହିଛନ୍ତି, ଏହି ପଦକ୍ଷେପ ଲିଙ୍ଗଜନିତ ହିଂସା ପୀଡିତାଙ୍କୁ ସଶକ୍ତ କରିବାରେ ସାହାଯ୍ୟ କରିବ। ଗୋପନୀୟତା ସହିତ ବୃତ୍ତିଗତ ତଥା ମାନସିକ ସମର୍ଥନ ଦେବ। ଏହାବ୍ୟତୀତ ଥାନାରେ ପୀଡିତ ଶିଶୁଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ବିନା ଭୟରେ ଅଭିଯୋଗ ପ୍ରକାଶ କରିପାରିବେ।

ଏହି ଅବସରରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା ଏଡିଜି ରେଖା ଲୋହାନୀ, ଡବ୍ଲ୍ୟୁସିଡିର ସଚିବ ଶୁଭା ଶର୍ମା, ୟୁନିସେଫ୍‌ର ପ୍ରତିନିଧି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ନଭେମ୍ବର, ୨୦୨୨

ଆଜିର ମନ୍ତବ୍ୟ
ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନିଜ ଅସାଧାରଣ କାର୍ଯ୍ୟ, ଦୂରଦର୍ଶିତା ପାଇଁ ସର୍ବଦା ମନେରହିବେ।
– ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: ..............................


ଏସ୍.ଏନ୍. ଜାଗୃତି
ପରିବାରବର୍ଗ


ବାପୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଡ଼ ପିତୃକାର୍ଯ୍ୟ,**
**କର ରାଜକାର୍ଯ୍ୟ।**

ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ପିତାମାତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛଅ ନାରୀ ତିନି ପୁରୁଷା,**
**ଯହିଁ ଗଲେ ତହିଁ ଫସରଫସା।**

ସାଧାରଣତଃ ଛ'ଜଣ ନାରୀ ଓ ତିନି ଜଣ ପୁରୁଷ ଏକ ସଙ୍ଗେ ଯୁଆଡେ ଯାଆନ୍ତି ତେଣେ କିଛି କାମ ହୁଏ ନାହିଁ ବୋଲି ଜଣାଯାଇଥାଏ। ଏପରି ଯିବା ଦ୍ୱାରା ଅନୁକୂଳରେ ପ୍ରଳମ୍ବ ଅଶୁଦ୍ଧି ଘଟିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds
**Everyday**
0674-2580101, 2549302




## SALE

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

Plot sale/ investment in and around Bhubaneswar. Cost starting from 1.00 Lakh. Contact: 9078020885. D-73355

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ। 8249422604.** D-74141

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1K.M. ଦୂର ଏବଂ କଟକ ମଙ୍ଗୁଳି Low cost plot ମିଳୁଛି। 9692213354. D-73993

**2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1805

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

Luxurious 4BHK Duplex near Balianta Bazar. Land-1400, Construction- 2200- 85 Lakh. 9938219397, 9861022055. D-1885

**ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9827119799.** D-1883

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## PURCHASE

Required used readymade 1/2/3/4 BHK flats from direct owners, Bhubaneswar. 6371090682. D-74301




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-74140




**Full body massage by smart/expert therapist @999 only. 9078484455.** D-73652

Newly open full body massage ladies and gents. 8327740003, 8093860513. D-73992

Newly open health benefits SPA Diwali Offer @999/- Jaidevbihar, 9439676695. D-73656

**Relax, Refresh your body, Mind at Saikrupa Spa with best therapies. 8984068077.** D-1863




ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର ଓ.ଏସ୍.ଏସ୍.କେସ୍ ନଂ.-୧୮୦୬/୨୦୧୮

ସନ୍ଧ୍ୟା ଜେନା ...ବାଦୀ
ବନାମ
ଶ୍ରୀମତୀ ଉର୍ମିଳା ପଟ୍ଟନାୟକ ଏବଂ ଅନ୍ୟମାନେ ...ପ୍ରତିବାଦୀ
ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

୨. ନରୋତ୍ତମ ପଟ୍ଟନାୟକ, ପିତା- ସ୍ୱର୍ଗତ ବିଶ୍ୱମ୍ଭର ପଟ୍ଟନାୟକ, ସା- ଦାସପୁର, ପୋଷ୍ଟ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ଭାସ୍କର ସୁବୁଦ୍ଧ, ପିତା- ସ୍ୱର୍ଗତ ବିନୋଦ ସୁବୁଦ୍ଧି, ୫. କୁମର ସୁବୁଦ୍ଧି, ପିତା- ସ୍ୱର୍ଗତ ଭୋବନି ସୁବୁଦ୍ଧି, ୬. କେଳି ବେଓ୍ୱା, ସ୍ୱାମୀ ସ୍ୱର୍ଗତ ନକୁଳ ସୁବୁଦ୍ଧି, ୭. ଛାୟା ସୁବୁଦ୍ଧି, ସ୍ୱାମୀ- ସ୍ୱର୍ଗତ ଫକିର ସୁବୁଦ୍ଧି,

ପ୍ରତିବାଦୀ ନଂ.୨,୩,୫,୬ଏବଂ ୭ମାନଙ୍କର ବାସସ୍ଥାନ ଗ୍ରାମ/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨,୩,୫,୬ ଏବଂ ୭ ନୋଟିସ ଜାରି ହୋଇ ମୃତ ଥିବା ହେତୁ, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୭।୧୨।୨୦୨୨ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୪୫୨, ସାବକ ପ୍ଲଟ୍ ନଂ.-୧୯୪୧, ଏରିଆ- ଏ.୦.୦୯୩ଡି, ହାଲ ଖାତା ନଂ.-୧୬୬୦, ହାଲ ପ୍ଲଟ୍ ନଂ.-୪୩୭୩, ଏରିଆ- ଏ୦.୦୩୩ଡି

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷ ଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶ କ୍ରମେ
ସ୍ୱା./-(କୋର୍ଟ ଅଧିକାରୀ)
Sd./- Court Officer Addi Revisional Court At- Heads Dept. Building 4th Floor BBSR, Odisha
D-1897


# ରାୟଗଡ଼ା ଝୁଲାପୋଲ ବିପଜ୍ଜନକ


ପୋଲ ବନ୍ଦ ପରେ ବାଡ଼ଡେଇଁ ଲୋକେ ପୋଲକୁ ଯାଉଛନ୍ତି।

**ରାୟଗଡ଼ା ଅଫିସ,୩୧।୧୦**

କଟକର ଧବଳେଶ୍ୱର ପରେ ରାୟଗଡ଼ାର ଚେକାଗୁଡ଼ା ନିକଟରେ ରହିଥିବା ଝୁଲାପୋଲ ରାଜ୍ୟରେ ଦ୍ୱିତୀୟ। ୨୦୧୧ରେ ୧ କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚରେ ନାଗାବଳୀ ନଦୀ ଉପରେ ଏହି ପୋଲ ନିର୍ମାଣ କରାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା, ପରିଚାଳନାର ଅଭାବ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଅସାବଧାନତା କାରଣରୁ ଝୁଲାପୋଲ ବୁଲିବା ସମୟରେ ପୋଲ ତଳକୁ ଯାଇ ନଦୀ ନିକଟରେ ସେଲ୍‌ଫି ନେବା ଏବଂ ଗାଧୋଇବା ସମୟରେ ୫ ବର୍ଷ ମଧ୍ୟରେ ୨୫ରୁ ଊର୍ଦ୍ଧ୍ୱ ଜୀବନ ଚାଲିଯାଇଥିଲା। ଅଗଷ୍ଟ ମାସରେ ଆନ୍ଧ୍ର ପ୍ରଦେଶରୁ ବୁଲିବାକୁ ଆସିଥିବା ଏକ ପରିବାର ସହ ଘଟିଥିବା ଦୁର୍ଘଟଣା ଏବଂ ନଦୀରେ ଭାସିଯାଇ ୬ ବର୍ଷର ଶିଶୁର ଜୀବନ ଯିବାପରେ ସେପ୍ଟେମ୍ବରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସିମେଣ୍ଟ ଖୁଣ୍ଟ ଏବଂ ଲୁହାବାଡ଼ ଦେଇ ଝୁଲାପୋଲକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ହେଲେ ପର୍ଯ୍ୟଟକ ଏହାକୁ ଖାତିର ନ କରି ସିମେଣ୍ଟ ଖୁଣ୍ଟ ଭାଙ୍ଗି ଏବଂ ଲୁହାବାଡ଼କୁ ଉପାଡ଼ି ପୁଣି ପୋଲ ଉପରେ ବୁଲୁଛନ୍ତି।

ଏହି ପୋଲ ୧୧ ବର୍ଷ ତଳେ ନିର୍ମାଣ ହୋଇଥିବାବେଳେ ଥରେ ମଧ୍ୟ ମରାମତି କିମ୍ବା ଯାଞ୍ଚ ହୋଇନାହିଁ। ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ତାହାର ସ୍ପଷ୍ଟ ଉତ୍ତର

### ବନ୍ଦ ସତ୍ତ୍ୱେ ପଶୁଛନ୍ତି ପର୍ଯ୍ୟଟକ

ମିଳୁନାହିଁ। ଆଇଟିଡିଏ ପକ୍ଷରୁ ପୋଲ ନିର୍ମାଣ ହୋଇଥିବାରୁ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ତାହାର ବୋଲି ରାୟଗଡ଼ା ପୌରପାଳିକା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆଇଟିଡିଏ କର୍ତ୍ତୃପକ୍ଷଙ୍କୁ ଏ ନେଇ ପଚାରିଲେ ପୌରପାଳିକା ଏବଂ ବ୍ଲକକୁ ଅଙ୍ଗୁଳି ଦେଖାଉଛନ୍ତି। ତେଣୁ ପୋଲର ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମଧ୍ୟରେ ମତପ୍ରକାଶ ପାଇଛି। ପୋଲ ବନ୍ଦ ପରେ ବି ପର୍ଯ୍ୟଟକଙ୍କ ବେଆଇନ ପ୍ରବେଶ ବିଷୟରେ ପୂର୍ବରୁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ଥାୟୀ ପାଚେରି ନିର୍ମାଣ ସହ ପୋଲିସ ମୁତୟନ କରାଯିବ ବୋଲି ସେ କହିଥିଲେ। ହେଲେ ଏ ପର୍ଯ୍ୟନ୍ତ ସେଭଳି କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ଝୁଲାପୋଲର ଲୁହା ପିଲାର୍ ଏବଂ ପାର୍ଶ୍ୱବାଡ଼ କଳଙ୍କି ଲାଗି ବିପଜ୍ଜନକ ଅବସ୍ଥାକୁ ଗଲାଣି। ଏ ବିଷୟରେ ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଝୁଲାପୋଲର ଶୋଚନୀୟ ଅବସ୍ଥାକୁ ଦୃଷ୍ଟିରେ ରଖି ପୂର୍ବରୁ ବନ୍ଦ କରାଯାଇଛି। ପୋଲର ସମସ୍ତ ରିପୋର୍ଟ ଇଞ୍ଜିନିୟରିଂ ବିଭାଗରୁ ଆସିବା ପରେ ଏହା ଖୋଲାଯିବ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ଧବଳେଶ୍ୱର ଝୁଲାପୋଲ...

ପ୍ରଥମ ପୃଷ୍ଠାରୁ...



ଡାକିଥିଲେ। ସମସ୍ତ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ସହ ଝୁଲାପୋଲର ଅବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଇଥିଲା। ଝୁଲାପୋଲର ମରାମତି ଆବଶ୍ୟକତା ଥିବାରୁ ସୋମବାର ରାତି ୧୨ଟାଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧବଳେଶ୍ୱର ପୀଠ ଓ ତତ୍ସଂଲଗ୍ନ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏହିସମୟ ମଧ୍ୟରେ ପୀଠ ମଧ୍ୟକୁ କୌଣସି ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। କେବଳ ଠାକୁରଙ୍କ ଦୈନନ୍ଦିନ ନୀତି ଓ ପୂଜାର୍ଚ୍ଚନା ପାଇଁ ପୂଜକମାନେ ପୀଠକୁ ଯାଇପାରିବେ ବୋଲି ଉପଜିଲାପାଳ ସ୍ୱାଇଁ କହିଛନ୍ତି। ୧୪୪ ଧାରା ଜାରି କରାଯାଇଥିବା ଅଞ୍ଚଳରେ ଗୁରୁଡ଼ିଝାଟିଆ ପୋଲିସ ପକ୍ଷରୁ ୨ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବୈଠକରେ ଉପଜିଲାପାଳଙ୍କ ସହିତ କଟକ ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ କୃଷ୍ଣପ୍ରସାଦ ପଟ୍ଟନାୟକ, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁଡ଼ିଝାଟିଆ ଆଇଆଇସି ରଞ୍ଜନ କୁମାର ପ୍ରଧାନ ଓ ଦେବୋତ୍ତର ବିଭାଗ ସମେତ ବୈଷୟିକ କମିଟି ପଦାଧିକାରୀମାନେ ଉପସ୍ଥିତ ଥିଲେ।

୧୯୯୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଚିତ୍ରାନନ୍ଦ ମୁଦୁଲିଙ୍କ ଉଦ୍ୟମକ୍ରମେ ୨୦୦୪ରେ ୨୫୫ ମିଟର ଲମ୍ବ ଓ ୬ ଫୁଟ ପ୍ରସ୍ଥ ଏହି ଝୁଲାପୋଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୦୬ ସୁଦ୍ଧା କାର୍ଯ୍ୟ ଶେଷ କରି ସେବର୍ଷ ଅକ୍ଟୋବର ୩୦ରେ ତତ୍କାଳୀନ ଗ୍ରାମ ଉନ୍ନୟନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଝୁଲାପୋଲ ଉଦ୍‌ଘାଟିତ ହୋଇଥିଲା। ପ୍ରଥମ ଦୁଇ ବର୍ଷ ୧ ହଜାର ଭକ୍ତଙ୍କୁ ଏକକାଳୀନ ଏହି ସେତୁ ଉପରେ ଯିବାର ଅନୁମତି ଦିଆଯାଇଥିଲା। ପରେ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗ୍ରାମ ଉନ୍ନୟନ ବିଭାଗ ପରାମର୍ଶକ୍ରମେ ଏହାର କ୍ଷମତାକୁ ସଙ୍କୁଚିତ କରି ମାତ୍ର ୬ ଶହ ଲୋକଙ୍କୁ ଯିବାଆସିବାର ନିୟମ କରାଗଲା। ନିୟମିତ ଯାତାୟାତ ଫଳରେ ମନ୍ଦିର ପାର୍ଶ୍ୱରୁ ୨ଟି ଷ୍ଟେ(ଲୁହାର ରୋପ୍) ଏବେ ନଷ୍ଟ ହେବାକୁ ବସିଲାଣି। ଏପରିକି ପୋଲର ଅନେକ ସ୍ଥାନରେ ବିମ୍ ଓ ରୋପଗୁଡିକ କଳଙ୍କି ଖାଇ ଦୁର୍ବଳ ହୋଇଗଲାଣି। ପ୍ରତିବର୍ଷ ଧବଳେଶ୍ୱରଙ୍କ ପଞ୍ଚକ ଓ ବଡ଼ଓଷା ପାଇଁ ପ୍ରସ୍ତୁତି ବୈଠକ ବେଳେ ଏହି ପୋଲର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନ ଥିବା ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଲୋକ ଅଭିଯୋଗ କରି ସତର୍କ କରିଆସୁଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କେବଳ ରଙ୍ଗ ବୋଳି କାମ ଶେଷ କରାଯାଉଥିଲା। ରବିବାର ଗୁଜରାଟ ଝୁଲାପୋଲ ଦୁର୍ଘଟଣା ପରେ ଓଡ଼ିଶା ସରକାରଙ୍କଠାରୁ ଆରମ୍ଭ କରି ସମଗ୍ର ପ୍ରଶାସନକୁ ଛନକା ପଶିଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ତରବରିଆ ଭାବେ କୋଲକାତାର ଏକ ଯାଞ୍ଚ ସଂସ୍ଥାକୁ ଡକାଇ ଝୁଲାପୋଲର ସ୍ଥିତି ଯାଞ୍ଚ କରିଛି। ତେବେ ଝୁଲାପୋଲର ଉଭୟ ପାର୍ଶ୍ୱରେ କିଛି ଗାର୍ଡ ୱାଲ୍‌ରେ ଲାଗିଥିବା ଗୁଡେନ ରୋପ୍ ଓ ବିମ୍ କଳଙ୍କି ଲାଗି ଲୁହା ଖଣ୍ଡ ବାହାରି କଣା ହୋଇଯାଇଥିବାରୁ ଏହାକୁ କିପରି ବଦଳାଯାଇ ମରାମତି କରାଯିବ ସେନେଇ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରାଯାଉଥିବା ଉପଜିଲାପାଳ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସୋମବାର ଧବଳେଶ୍ୱର ପୀଠରେ ୪୦ ହଜାର ଭକ୍ତଙ୍କ ସମାଗମ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ସହାୟତାରେ ପ୍ରବେଶ ପଟରୁ ୧୦୦ ଓ ମନ୍ଦିର ପଟୁ ୧୦୦ ଲୋକଙ୍କ ଯାତାୟତକୁ କଡ଼ାକଡ଼ି ପାଳନ କରାଯାଇଥିଲା। ଏଥିଯୋଗୁ ବିଳମ୍ବ ହେଉଥିବାବେଳେ ଲୋକେ ଦୀର୍ଘ ସମୟ ଲାଇନରେ ଠିଆ ହୋଇ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ପୋଲ ତଳେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଟିମ୍ ପ୍ରସ୍ତୁତ ରହିଥିବା ମଧ୍ୟ ଦେଖିବାକୁ ମିଳିଛି। ଏ ନେଇ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି, ଭିଡ଼କୁ ନେଇ ବ୍ୟସ୍ତ ହେବା ସ୍ୱାଭାବିକ କଥା। କାରଣ ଯାତ୍ରୀଙ୍କ ଦର୍ଶନ ଅପେକ୍ଷା ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କ ଜୀବନ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବା ଆମ ପକ୍ଷେ ଜରୁରୀ। ଆସନ୍ତାବର୍ଷ ବର୍ଷା ଋତୁ ପୂର୍ବରୁ ସ୍ଥାୟୀଭାବେ ନିର୍ମିତ ଦ୍ୱିତୀୟ କଂକ୍ରିଟ ସେତୁ କାର୍ଯ୍ୟ ସରିଯିବ ବୋଲି ଆଶା। କଂକ୍ରିଟ ସେତୁ ହୋଇଗଲେ ଝୁଲାପୋଲ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି।

## କମ୍ପାନୀ ଉପରେ...

ମୋରବି ପୋଲିସ ମୁଖ୍ୟ ଅଶୋକ ଯାଦବ କହିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୫ ଟିମ୍, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ୬ ପ୍ଲାଟୁନ୍ ଫୋର୍ସ, ଭାରତୀୟ ବାୟୁସେନା ଓ ନୌସେନାର ଏକ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟର ୨୪ ଘଣ୍ଟା ପରେ ବି ଶତାଧିକ ନିଖୋଜ ଅଛନ୍ତି। ରାତି ହେବାଯୋଗୁ ସୋମବାର ରେସ୍କ୍ୟୁ ଅପରେଶନ ବନ୍ଦ ହୋଇଛି। ମଙ୍ଗଳବାର ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି କୁହାଯାଇଛି। ଓରେବା କମ୍ପାନୀ ଗତ ମାର୍ଚ୍ଚରେ ଏହି ଐତିହାସିକ ପୋଲର ମରାମତି ଦାୟିତ୍ୱ ନେଇଥିଲା। ଏଥିପାଇଁ ପ୍ରାୟ ୭ ମାସ ଏହି ପୋଲ ସର୍ବସାଧାରଣଙ୍କ ପାଇଁ ବନ୍ଦ ଥିଲା। ମରାମତି ପାଇଁ ଅନ୍ୟୂନ ୮ରୁ ୧୨ ମାସ ପର୍ଯ୍ୟନ୍ତ ବ୍ରିଜ୍ ଲୋକଙ୍କ ପାଇଁ ନ ଖୋଲିବାକୁ କମ୍ପାନୀ ଚୁକ୍ତି କରିଥିଲେ ହେଁ ଏଥିରେ ଖିଲାପ ହୋଇଛି। ଚୁକ୍ତିର ଉଲ୍ଲଂଘନ କରାଯାଇ ଗୁଜରାଟୀ ନୂଆବର୍ଷ ପାଳନ ଅବସରରେ ଅକ୍ଟୋବର ୨୬ରେ ଏହାକୁ ଖୋଲା ଯାଇଥିଲା। ଏଥିସହ ବିନା ଫିଟ୍‌ନେସ ସାର୍ଟିଫିକେଟରେ ଏହାକୁ ଖୋଲାଯାଇଥିବା ଜଣାପଡ଼ିଛି। ଏପରି ବେପରୁଆ ଓ ଦାୟିତ୍ୱହୀନ କାମ ବ୍ରିଜ୍ ଭାଙ୍ଗିବାର ଏକ ପ୍ରମୁଖ କାରଣ ବୋଲି ଏତଲାରେ ଦର୍ଶାଯାଇଛି। ତେବେ ଏଥିପାଇଁ ନିର୍ଦ୍ଦିଷ୍ଟ ଭାବେ କାହାର ନାମ ଉଲ୍ଲେଖ କରାଯାଇ ନ ଥିବା ପୋଲିସ କହିଛି। ଏଥିସହ ମରାମତି ଦାୟିତ୍ୱ ନେଇଥିବା କମ୍ପାନୀ କର୍ମଚାରୀ ଠିକ୍ ଭାବେ ବ୍ରିଜ୍‌ର ଯାଞ୍ଚ ମଧ୍ୟ କରି ନ ଥିଲେ ଏବଂ ଆଗକୁ ବଡ଼ ଧରଣର ଦୁର୍ଘଟଣା ଘଟିପାରେ ବୋଲି ମଧ୍ୟ ସେମାନେ ଆକଳନ କରିଥିଲେ। ଏହା ସତ୍ତ୍ୱେ ବ୍ରିଜ୍‌କୁ ଖୋଲିଦିଆଯାଇଥିଲା ବୋଲି ମଧ୍ୟ ଏତଲାରେ କୁହାଯାଇଛି। ଅନ୍ୟପକ୍ଷରେ ରବିବାର ବ୍ରିଜ୍ ଦେଖିବା ପାଇଁ ଲୋକଙ୍କଠାରୁ ୧୨ରୁ ୧୭ ଟଙ୍କା ନିଆଯାଇଥିଲା। ଫଳରେ ପ୍ରାୟ ୫ଶହ ଲୋକ ସେଠାରେ ଜମା ହୋଇଯାଇଥିଲେ। ଯାହା କି ବ୍ରିଜ୍‌ର କ୍ଷମତାଠାରୁ ଅଧିକ ଥିଲା। କମ୍ପାନୀ ୨୦୩୭ ମସିହା ପର୍ଯ୍ୟନ୍ତ ଟିକେଟ ଦାମ୍ ବଢ଼ାଇବାକୁ ମଧ୍ୟ ଚୁକ୍ତି ହୋଇଥିଲା। ବ୍ରିଜ୍ ପୁନଃ ଖୋଲାଯିବା ପରେ ଓରେବା ପରିଚାଳନା ନିର୍ଦ୍ଦେଶକ ଜୟସୁଖଭାଇ ପଟେଲ କହିଥିଲେ, ୨ କୋଟି ଟଙ୍କାରେ ଝୁଲାପୋଲର ଶତପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇଯାଇଛି। ଏହି ମରାମତି ଅନ୍ୟୂନ ୮ରୁ ୧୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠିବ ବୋଲି ସେ ଦାବି କରିଥିଲେ। ହେଲେ ତାହା ସପ୍ତାହେ ପର୍ଯ୍ୟନ୍ତ ମଧ୍ୟ ତିଷ୍ଠିପାରିଲା ନାହିଁ।

## ୪୦ ପଇସା କମିଲା...

ତୈଳ ଦର ହ୍ରାସ ନେଇ ନିଷ୍ପତ୍ତି ନିଆଯାଇଛି। ଦେଶର ପ୍ରମୁଖ ମେଟ୍ରୋ ସହର ନୂଆଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତାରେ ସୋମବାର ପେଟ୍ରୋଲ ଦର ଯଥାକ୍ରମେ ୯୬.୭୨ ଟଙ୍କା, ୧୧୧.୩୫ ଟଙ୍କା, ୧୦୨.୬୩ ଟଙ୍କା ଏବଂ ୧୦୬.୦୩ ଟଙ୍କା ରହିଥିଲା। ସେହିଭଳି ଉପରୋକ୍ତ ସହରଗୁଡ଼ିକରେ ଡିଜେଲ ଦର ମଧ୍ୟ ଯଥାକ୍ରମେ ୮୯.୬୨ ଟଙ୍କା, ୯୭.୨୮ ଟଙ୍କା, ୯୪.୨୪ ଟଙ୍କା ଏବଂ ୯୨.୭୬ ଟଙ୍କା ରହିଥିଲା। ସେହିପରି ଭୁବନେଶ୍ୱରରେ ମଧ୍ୟ ସୋମବାର ପେଟ୍ରୋଲ ଲିଟର ପିଛା ୧୦୩.୧୯ ଟଙ୍କା ଏବଂ ଡିଜେଲ ମୂଲ୍ୟ ୯୪.୭୬ ଟଙ୍କାରେ ବିକ୍ରି ହେଉଛି ବୋଲି ସୂଚନା ମିଳିଛି।

## ୨୧ରୁ ହୋଇପାରେ...

ସିଟ୍‌ରେ ବସିବାକୁ ଅନୁମତି ଦେବାକୁ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ବହୁବାର ଦାବି କରିଛନ୍ତି। ତେବେ ଏହି ଦାବିକୁ ବିଧାନସଭା ବାଚସ୍ପତି ଗ୍ରହଣ କରିନାହାନ୍ତି। ଚଳିତଥର ବାଚସ୍ପତି କି ନିଷ୍ପତ୍ତି ନେଉଛନ୍ତି ତାହା ତାରିଖ ଘୋଷଣା ପରେ ହିଁ ସ୍ପଷ୍ଟ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମସ୍ଥାନରେ ଶନିଙ୍କ ସହ ଚନ୍ଦ୍ର ରହୁଥିବାରୁ ଘରକୁ ବନ୍ଧୁ ଆସିପାରନ୍ତି। ପରିବାର ଲୋକମାନଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସଭାସମିତିରେ ନିଜର ସୀମା ଭିତରେ ରହିବା ଭଲ ନଚେତ୍ ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିବ। ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ବୃଷ**
ଭାଗ୍ୟସ୍ଥାନରେ ଚନ୍ଦ୍ର ଧାର୍ମିକଭାବନା ଉଦ୍ରେକ କରିବା ସାଙ୍ଗକୁ ବିଭିନ୍ନ ଦିଗରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣିରେ ବିଳମ୍ବଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଭୁଲବୁଝାମଣାରୁ ପାରିବାରିକ ଜୀବନ ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ଦୁଃସ୍ଥାନସ୍ଥ ଚନ୍ଦ୍ର ପ୍ରଭାବରେ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ବନ୍ଧୁମାନଙ୍କ ପରାମର୍ଶକୁ ବାଧ୍ୟବାଧକତାରେ ଗ୍ରହଣ କରିବେ।

**କର୍କଟ**
ଚନ୍ଦ୍ର ଓ ଶନିଙ୍କ ସପ୍ତମ କେନ୍ଦ୍ରସ୍ଥ ସ୍ଥିତି ହେତୁ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ଭୁଲିଯିବେ। ନିର୍ମାଣ, ଯୋଗାଯୋଗ, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ସାହିତ୍ୟ, କଳା, ବିଜ୍ଞାନରେ ସଫଳତା ହାସଲ କରିବେ। ବହୁତ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି।

**ସିଂହ**
ଆଜି ଶୁଭ ଚନ୍ଦ୍ର ପ୍ରଭାବରୁ ହଠାତ୍ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। ସନ୍ତାନମାନଙ୍କ ସମସ୍ୟା ବିଷୟ ଚିନ୍ତାକରି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ କେତେକ ଆକସ୍ମିକ ସୁଯୋଗ ହାତଛଡା ହୋଇପାରେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ।

**କନ୍ୟା**
ଅଷ୍ଟମସ୍ଥ ରାହୁଜନିତ ବିଭିନ୍ନ ସମସ୍ୟାରେ ବ୍ୟତିବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଯେ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା**
ଏକାଧିକ ଗ୍ରହ ରାଶିରେ ଥିବାରୁ କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା**
ଅନୁକୂଳଗ୍ରହସ୍ଥିତି ହେତୁ ଆଜିର ଯାତ୍ରା, ଚେଷ୍ଟା କରୁଥିବା କାମ, ଲକ୍ଷ୍ୟପ୍ରାପ୍ତିର ଆଶା ନିରର୍ଥକ ହେବ ନାହିଁ। ଯାହାକୁ ନିଜର ଭାବୁଛନ୍ତି ସେ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠା ପ୍ରତି ଈର୍ଷାନ୍ୱିତ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ ହୋଇଯିବ। କଳା, ସାହିତ୍ୟ,ସାମ୍ବାଦିକତାରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ**
ପାପଗ୍ରହ ପ୍ରଭାବରେ ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମନା କରିବା କଷ୍ଟକର ହୋଇପାରେ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର**
ଧନସ୍ଥଗ୍ରହ ରାଶିରେ ଥିବାରୁ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିପାରନ୍ତି। ଶିଳ୍ପ, ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରି ସଫଳ ହେବେନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା କେତେକାଂଶରେ ଅଭିଳାଷ ମଧ୍ୟ ପୂରଣ ହୋଇଯିବ।

**କୁମ୍ଭ**
ବକ୍ରୀମଙ୍ଗଳ ନୀଚାରୋହୀ ଯୋଗୁ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରିବା ସମସ୍ୟାବହୁଳ ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଉଥିବାରୁ ମନରେ ସରସତା ରହିବ ନାହିଁ। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ସମସ୍ତ ପ୍ରକାରର ସାହାଯ୍ୟ ସକାଶେ ଜଣେ ବନ୍ଧୁ ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ମୁଖଭାବ ପାପଯୁକ୍ତ କାରଣରୁ କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଅବଶ୍ୟ ନିଜର କାର୍ଯ୍ୟଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୧ ତାରିଖ, କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ମଙ୍ଗଳବାର, ବିଶୁଦ୍ଧ ଶାକାହାରୀ ଦିବସ, ରାଶି ନକ୍ଷତ୍ର-ମକର, ଅଷ୍ଟମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୧ ଗତେ ଘ.୦୬।୩୬ ମଧ୍ୟେ, ଘ.୦୮।୪୦ ଗତେ ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୨।୧୯ ଗତେ ଘ. ୦୩।୪୪ ମଧ୍ୟେ ରାହୁକାଳ।

## ଟୁଇଟର ବ୍ଲୁ ପାଇଁ...

ଆଇକନ୍ ମଧ୍ୟ ରହିଛି। ଟୁଇଟର ବ୍ଲୁ ସବ୍‌ସ୍କ୍ରିପ୍‌ସନ ଏବଂ ପେଡ୍ ଭେରିଫିକେଶନ ମାଧ୍ୟମରେ ଏହି ସୋସିଆଲ ମିଡିଆ ଜାଏଣ୍ଟ ଏହାର ରାଜସ୍ୱ ବୃଦ୍ଧି କରିବାକୁ ଯୋଜନା କରୁଛି। ନିକଟରେ ଟୁଇଟର ଏହାର ଫିଚର୍ସରେ ଏଡିଟ୍ ବଟମ୍ ମଧ୍ୟ ସାମିଲ କରିଛି। ଏ ନେଇ ମସ୍କ ଗତ ଏପ୍ରିଲରେ ତାଙ୍କ ଫଲୋଅର୍ସଙ୍କୁ ମତ ମାଗିଥିଲେ। ୭୦%ରୁ ଅଧିକ ମତଦାତା ଟୁଇଟରରେ ଏଡିଟ୍ ବଟମ୍ ଚାହୁଁଥିବା କହିଥିଲେ।

## କଏଦୀଙ୍କ ପାଇଁ ଗୁଟ୍‌ଖା ନେଇ ମହିଳା ୱାର୍ଡେନ ନିଲମ୍ବିତ

ମାଲକାନଗିରି,(ଡି.ଏନ୍.ଏ.): ମାଲକାନଗିରି ଜିଲା ଉପ କାରାଗାରରେ କଏଦୀଙ୍କ ପାଇଁ ଗୁଟ୍‌ଖା ନେଉଥିବା ବେଳେ ଧରାପଡ଼ି ଜଣେ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ସେ ହେଲେ ମହିଳା ୱାର୍ଡେନ ରୀତା ମାଣ୍ଡିଆ। ସୂଚନା ଅନୁଯାୟୀ, ରୀତା ମହିଳା ୱାର୍ଡ ଦାୟିତ୍ୱରେ ଅଛନ୍ତି। ସୋମବାର ସେ ଜେଲ ମଧକୁ ଯିବା ସମୟରେ ସାଙ୍ଗରେ ଜଣେ ମହିଳା କଏଦୀଙ୍କ ପାଇଁ ୨୦ ପ୍ୟାକେଟ ତମାଖୁ ନେଇ ଯାଉଥିଲେ। ଜେଲ ଫାଟକରେ ଯାଞ୍ଚବେଳେ ସେ ଧରା ପଡ଼ିଥିଲେ। ଜେଲ ଅଧୀକ୍ଷକ ସଞ୍ଜୟ ବର୍ମା ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୱାର୍ଡେନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

# ପରିବା ଚାଷୀଙ୍କୁ ଅଭାବୀ ବିକ୍ରି ଆଶଙ୍କା

- ଶୀତଳ ଭଣ୍ଡାର ଯୋଜନା ଫେଲ୍
- କମ୍ ଦରରେ ପରିବା ବିକି ଚାଷୀ ସର୍ବସ୍ୱାନ୍ତ

ଯାଜପୁର ଅଫିସ,୩୧।୧୦

ଯାଜପୁର ଜିଲାକୁ ଦେଖିଲେ ଏଠାରେ ଶିଳ୍ପକୁ ଅଗ୍ରାଧିକାର ଦିଆଯାଉଛି ଏବଂ କୃଷିକୁ ଉପେକ୍ଷା କରାଯାଉଥିବା ମନେ ହେଉଛି। ଜିଲାର ଚାଷୀମାନେ ଶିଳ୍ପ ପ୍ରଦୂଷଣଜନିତ ବିଷ ବଳୟରେ ଗଭୀର ପ୍ରଭାବିତ ହେଉଛନ୍ତି। ଏହାସାଙ୍ଗକୁ ରୋଗ ପୋକ, ପ୍ରାକୃତିକ ବିପର୍ଯ୍ୟୟ ପ୍ରତିବର୍ଷ ସେମାନଙ୍କ ଆଶାକୁ ଧୂଳିସାତ୍ କରିଦେଉଛି। ଏହାସତ୍ତ୍ୱେ କଠିନ ପରିଶ୍ରମ କରି ଯାହାବି ଫସଲ ଉତ୍ପାଦନ କରୁଛନ୍ତି, ସେଥିରେ ଜୀବନଧାରଣ କରିବାର ସୁଯୋଗ ଥିଲେ ମଧ୍ୟ ସେଥିରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଲା ଫସଲକୁ ସାଇତି ରଖିବାର ସୁଯୋଗ ନ ମିଳିବା। ଏଥିପାଇଁ ସେମାନେ କମ୍ ମୂଲ୍ୟରେ ଫସଲ ବିକ୍ରି କରି ସର୍ବସ୍ୱାନ୍ତ ହେଉଛନ୍ତି। ଜିଲାରେ ପ୍ରାୟ ୧୮ ହଜାର ହେକ୍ଟର ଜମିରେ ହେଉଥିବା ପନିପରିବା ଚାଷ ପାଇଁ ଯାଜପୁର ଓ କଟକ ଜିଲା ସୀମାନ୍ତରେ ମାତ୍ର ଗୋଟିଏ ଶୀତଳ ଭଣ୍ଡାର ରହିଛି, ଯାହାକି କୃଷି ପ୍ରତି ସରକାରଙ୍କ ଅବହେଳାକୁ ସ୍ପଷ୍ଟ କରୁଛି। ପନିପରିବା ଚାଷ ପାଇଁ ଅନେକ ସରକାରୀ ଯୋଜନା ରହିଥିଲେ ହେଁ ତାହା କେବଳ କାଗଜକଲମରେ ସୀମିତ ରହୁଛି।

ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଆଳରେ ବିଭିନ୍ନ ଘରୋଇ କମ୍ପାନୀ ଓ ଶିଳ୍ପସଂସ୍ଥାକୁ ବିପୁଳ ପରିମାଣର ଭୂଖଣ୍ଡ ସୁବିଧାରେ ସରକାର ଶିଳ୍ପପତିମାନଙ୍କ ହାତକୁ ଟେକି ଦେଉଛନ୍ତି। ଜିଲାରେ ପ୍ରାକୃତିକ ସମ୍ପଦ ସହ ଖରସ୍ରୋତା, ବ୍ରାହ୍ମଣୀ ଓ ବୈତରଣୀର ଜଳରାଶି ଶିଳ୍ପାୟନ ପାଇଁ ଆକର୍ଷଣର ଉପାଦାନ ହୋଇଛି। ହେଲେ ଚାଷୀଙ୍କ ପାଇଁ ନଦୀରୁ ଜଳସେଚନ ବ୍ୟବସ୍ଥା କରିବାରେ ସରକାର ବିଫଳ ହୋଇଛନ୍ତି। ରାଜ୍ୟ ସରକାର ନଦୀ ଅବବାହିକାରୁ ଉଚ୍ଚ ଚାଷଜମିକୁ ଜଳସେଚନ କରିବା ନିମନ୍ତେ ୨୦୧୧-୧୨ ଆର୍ଥିକ ବର୍ଷରୁ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨ଟି ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଥିଲେ। ହେଲେ ଦୀର୍ଘ ବର୍ଷ ହେଲା ଏହା ଚାଷୀଙ୍କ କାର୍ଯ୍ୟରେ ନ ଲାଗି କେବଳ ଠିକାଦାର ପୋଷା ନୀତିରେ ଚାଲିଥିବା ନେଇ ଚାଷୀ ମହଲରେ କ୍ଷୋଭପ୍ରକାଶ ପାଇଛି। ଖାଲି ସେତିକି ନୁହେଁ, ଜିଲାରେ ଆବଶ୍ୟକ ଅନୁସାରେ ଶୀତଳ ଭଣ୍ଡାର ଖୋଲିବାରେ ସରକାର ଆଦୌ ଆଗ୍ରହ ଦେଖାଉନାହାନ୍ତି। ସାରା ରାଜ୍ୟରେ ପନିପରିବା ଚାଷ ପାଇଁ ପ୍ରସିଦ୍ଧ ଯାଜପୁର ଜିଲା ଛତିଆରେ ୪,୯୦୦ ମେଟ୍ରିକ୍ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ଏକମାତ୍ର ଶୀତଳ ଭଣ୍ଡାର ରହିଛି। ଅନ୍ୟପକ୍ଷେ ଗତ ୮ ବର୍ଷ ହେବ ପାଣିକୋଇଲି ନିକଟରେ ୫ ହଜାର ଏମ୍‌ଟି କ୍ଷମତା ବିଶିଷ୍ଟ ନିର୍ମାଣାଧୀନ ଶୀତଳ ଭଣ୍ଡାର ବନ୍ୟା ପାଣିରେ ନଷ୍ଟ ହୋଇସାରିଛି। ଏହାର ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ ଆନ୍ତରିକତା ନଥିବା ମନେ ହେଉଛି। ପ୍ରଶାସନିକ ସହଯୋଗ ଓ ବ୍ୟାଙ୍କର ଆବଶ୍ୟକ ସହାୟତା ଅଭାବରୁ ଏହି ଶୀତଳଭଣ୍ଡାର ଅଧାପନ୍ତରିଆ ଅବସ୍ଥାରେ ଅଟକିଛି। ଏହାକୁ ଛାଡ଼ିଦେଲେ, ୩୦ ଏମ୍‌ଟି କ୍ଷମତା ବିଶିଷ୍ଟ ଛୋଟ ଛୋଟ ଶୀତଳ ଭଣ୍ଡାର ମଧ୍ୟ ଜିଲାରେ ହୋଇପାରିନାହିଁ। ଏହାଦ୍ୱାରା ଜିଲାର ଚାଷୀକୁଳ ଅଧିକାଂଶ ସମୟରେ ଅଭାବୀ ବିକ୍ରୀର ଶିକାର ହେଉଛନ୍ତି। ଧର୍ମଶାଳା, ରସୁଲପୁର, ବଡ଼ଚଣା, ସୁକିନ୍ଦା, ଦଶରଥପୁର, ବିଞ୍ଝାରପୁର ବ୍ଲକରେ ସର୍ବାଧିକ ପନିପରିବା ଚାଷ ହେଉଛି। ଜିଲାର ବାରବାଟୀ ବଜାରର ପନିପରିବା ହାଟ ପାଇଁ ପ୍ରସିଦ୍ଧି ରହିଛି। ବିଭିନ୍ନ ଯୋଜନା ସମେତ ପରିବା ସଂରକ୍ଷଣ ପାଇଁ ପ୍ୟାକିଂ ଗୃହ ନିର୍ମାଣ, ୩୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳୀକରଣ ଗୃହ, ୬ ଟନ କ୍ଷମତା ବିଶିଷ୍ଟ ପ୍ରାକ ଶୀତଳୀକରଣ ପ୍ରକଳ୍ପ, ସମନ୍ୱିତ ପ୍ୟାକିଂ ଗୃହ, ଭ୍ରାମ୍ୟମାଣ ପ୍ରାଥମିକ ଶୀତଳୀକରଣ ପ୍ରକଳ୍ପ, ସର୍ବାଧିକ ୫ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ/ପ୍ରଶସ୍ତୀକରଣ/ଉନ୍ନତୀକରଣ ପ୍ରଭୃତି ଯୋଜନା ରହିଛି। ହେଲେ ଏହିସବୁ କେବଳ ଯୋଜନାରେ ସୀମିତ।

ରସୁଲପୁର ବ୍ଲକ ଅଞ୍ଚଳର ପନିପରିବା ଚାଷୀ ସୁଦୀପ ନାଏକ, ମଙ୍ଗୁଳି ପଣ୍ଡା ଓ ସୁଶାନ୍ତ ବେହେରା କୁହନ୍ତି, ବର୍ତ୍ତମାନ ପନିପରିବା ଭଲ ଦାମରେ ବିକ୍ରି ହେଉଥିଲେ ହେଁ କିଛି ପଚିଶଢି ନଷ୍ଟ ହେଉଛି। ଆସନ୍ତା ଡିସେମ୍ବର ବେଳକୁ ପନିପରିବା ଦର ବହୁତ କମିଯିବ। ନିକଟରେ ଶୀତଳ ଭଣ୍ଡାର ଥିଲେ, ପରିବା ସଂରକ୍ଷଣ କରି ଉପଯୁକ୍ତ ଦରରେ ବିକ୍ରି କରି ପାରିଥାନ୍ତୁ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ଛତିଆ ନିକଟରେ ଥିବା ଶୀତଳ ଭଣ୍ଡାର ବହୁତ ଭଲ ଚାଲିଛି। ହେଲେ ପାଣିକୋଇଲି ଶୀତଳ ଭଣ୍ଡାର ଗତ ବନ୍ୟାରେ ନଷ୍ଟ ହୋଇଯାଇଥିବାରୁ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହାପରେ କେହିବି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଆବେଦନ କରିନାହାନ୍ତି।

## ୫ରୁ ବଢ଼ିବ ଶୀତ

- କୋରାପୁଟରେ ୧୨ ଡିଗ୍ରୀ ତଳକୁ ଖସିଲା ପାରଦ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ନଭେମ୍ବର ୫ରୁ ରାଜ୍ୟରେ ଶୀତ ବୃଦ୍ଧି ପାଇବ। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପାରଦ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିବ। ୭ ତାରିଖରୁ ପାରଦ ଆହୁରି ତଳମୁହାଁ ହେବ। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳକୁ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତାମିଲନାଡୁ ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ଆସନ୍ତା ଦୁଇ ୩ ଦିନ ପାଗ ମେଘୁଆ ରହିବ। ଫଳରେ ଉପକୂଳରେ ଆସନ୍ତା ୨ରୁ ୪ ତାରିଖ ମଧ୍ୟରେ ହାଲ୍‌କା ବର୍ଷା ସମ୍ଭାବନା ରହିଛି। ଏହାପରେ ପାଗରେ ପରିବର୍ତ୍ତନ ହେବା ସହ ଶୀତ ବଢ଼ିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୩.୫, ଦାରିଙ୍ଗବାଡ଼ି ୧୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।




# ନ୍ୟାୟ ପାଇଁ ଟ୍ରଲିରେ ବୁହା ହେଲେ ୮୦ ବର୍ଷର ବୃଦ୍ଧା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମା'ଙ୍କୁ ଧରି ପରିବାର ଲୋକେ ଗଣଧାରଣା ଦେଇଛନ୍ତି। ଟ୍ରଲିରେ ବୁହା ହେଉଛନ୍ତି ମା'(ଇନ୍‌ସେଟ୍)

- ବାରୁଅରେ ଦଳିତ ପରିବାରକୁ ନିର୍ଯାତନା
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସପରିବାରଙ୍କ ଗଣଧାରଣା

କେନ୍ଦ୍ରାପଡ଼ା ଅଫିସ, ୩୧।୧୦

ନ୍ୟାୟ ପାଇଁ ୮୦ ବର୍ଷର ବୃଦ୍ଧା ମାଆଙ୍କୁ ଟ୍ରଲିରେ ବୋହି ଜିଲାପାଳଙ୍କ କାର୍ଯ୍ୟାଳୟକୁ ନିଆଯାଇଛି। ପରିବାରର ସମସ୍ତ ଲୋକ ମାଆଙ୍କୁ କାର୍ଯ୍ୟାଳୟ ସମ୍ମୁଖରେ ଶୁଆଇ ଦେଇ ଗଣଧାରଣା ଦେଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ବାରୁଅ ପଞ୍ଚାୟତର ଏହି ଦଳିତ ପରିବାରର ଦୁଃଖ କାହାଣୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ଗାଁର କେତେଜଣ ବ୍ୟକ୍ତିଙ୍କ ଅତ୍ୟାଚାରରେ ଦୁଇମାସରୁ ଊର୍ଦ୍ଧ୍ୱ ହେବ ଘର ଛାଡି ବାର ଦୁଆର ହେଉଥିବା ବାରୁଅ ଗାଁର ଅଶୋକ କୁମାର ମଲ୍ଲିକ କହିଛନ୍ତି, ଟ୍ରଲି ଟାଣିବା ସହ ମଜୁରି ଲାଗିଲେ ପରିବାର ପ୍ରତିପୋଷଣ ହୁଏ। ବାରୁଅ ଗ୍ରାମରେ ଥିବା ରାସ୍ତା ନିକଟରେ ତାଙ୍କର ନିଜସ୍ୱ ସମ୍ପତ୍ତି ଉପରେ ଘର ଅଛି। ଏହି ଘରକୁ ଭାଙ୍ଗି ଗ୍ରାମର କେତେଜଣ ବ୍ୟକ୍ତି ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରୁଛନ୍ତି। ଏ ନେଇ କୋର୍ଟରେ ମାମଲା ହୋଇ ନିଜସ୍ୱ ସମ୍ପତ୍ତି ଉପରେ ଘର ଥିବା ଦର୍ଶାଯାଇଛି। ଏହାସତ୍ତ୍ୱେ କେତେଜଣ ବ୍ୟକ୍ତି ଏହା ଉପରେ ରାସ୍ତା ନେବାକୁ କହି ଜୁଲାଇ ମାସରେ ଆକ୍ରମଣ କରିଥିଲେ। ଥାନାରେ ମାମଲା ସତ୍ତ୍ୱେ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେମାନଙ୍କୁ ଗାଁର କେତେଜଣ ବ୍ୟକ୍ତି ଘର ମଧ୍ୟରେ ପ୍ରବେଶ କରିବାକୁ ଦେଉ ନ ଥିବାରୁ ଅଢ଼େଇ ମାସ ଧରି ବାହାରେ କୌଣସି ଏକ ସ୍ଥାନରେ ପରିବାର ସଦସ୍ୟ ମୁଣ୍ଡ ଗୁଞ୍ଜୁଛନ୍ତି। ୮୦ ବର୍ଷର ବୃଦ୍ଧା ମାଆଙ୍କୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇବା ଆଉ ସମ୍ଭବ ହେଉନାହିଁ। ମାଆଙ୍କ ସହ ପରିବାରର ସଦସ୍ୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଗଣଧାରଣା ଦେଇଛନ୍ତି। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଏଠାରେ ବସି ରହିବେ ବୋଲି ଅଶୋକ କହିଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଜିଲା ପ୍ରଶାସନର କୌଣସି ଅଧିକାରୀ ଗଣଧାରଣା ସ୍ଥଳକୁ ଯାଇନାହାନ୍ତି।

# ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲଦଣ୍ଡ

**୨ନାବାଳିକା ବଳାତ୍କାର ମାମଲା**

କେନ୍ଦୁଝର,୩୧।୧୦(ସ୍ୱ.ପ୍ର.)

କେନ୍ଦୁଝରର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ ଏବଂ ଫାଷ୍ଟ ଟ୍ରାକ୍ କୋର୍ଟରେ ସୋମବାର ପୃଥକ ଭାବେ ୨ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ ଅନିଲ ଦତ୍ତ ଅଭିଯୁକ୍ତ ଯୋଡ଼ା ଥାନା ଅଞ୍ଚଳର କିଶୋର ପିଙ୍ଗୁଆ(୩୧)ଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ଆଦେଶ ଦେଇଛନ୍ତି। ୨୦୧୮ ଅଗଷ୍ଟ ୨୫ରେ ଅଭିଯୁକ୍ତ କୁରକୁରେ ଦେଇ ଜଣେ ନାବାଳିକାଙ୍କୁ ପାଖ ଜଙ୍ଗଲକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ (ନଂ. ୧୪୪/୨୦୧୮), ପୋକ୍ସୋ ଆଇନ୍‌ରେ ମାମଲା ରୁଜୁ କରି କିଶୋରଙ୍କୁ ଗିରଫ କରିଥିଲା। ୧୬ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ଆଇନ ଅନୁଯାୟୀ ୪ ଲକ୍ଷ ଟଙ୍କା ଦେବାକୁ ଆଦେଶ ଦେଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

ସେହିପରି କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ମାନସ ମିଶ୍ର ଅଭିଯୁକ୍ତ ରବୀନ୍ଦ୍ର ହାଁସଦାଙ୍କୁ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୦ ହଜାର ଟଙ୍କା ଜରିମାନା କରିଥିବା ବେଳେ ଅନାଦେୟ ୧ ବର୍ଷ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୭ ବର୍ଷିୟା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୨ ବର୍ଷ ଧରି ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ପରେ ପ୍ରତାରଣା କରିବାରୁ ୨୦୧୬ ମାର୍ଚ୍ଚ ୧୦ରେ ପୀଡ଼ିତାଙ୍କ ପରିବାର ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ (ନଂ. ୫୭/୨୦୧୬) ମାମଲା ରୁଜୁ କରି ରବୀନ୍ଦ୍ରକୁ ଗିରଫ କରିଥିଲା। କେସ୍‌ରେ କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ୧୨ ଜଣ ସାକ୍ଷୀଙ୍କ ବୟାନ ଶୁଣିବା ପରେ ରାୟ ଶୁଣାଇଥିଲେ। ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଥିବା ସ୍ପେଶାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି।

# ବଲାଙ୍ଗୀର ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଫାଣ୍ଡିରେ ବୃଦ୍ଧଙ୍କୁ ମାଡ଼ ଅଭିଯୋଗ**

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲଭେଟା ଫାଣ୍ଡିରେ ସ୍ଥାନୀୟ ନୂଆପାଲି ଗ୍ରାମର ଅନିରୁଦ୍ଧ ସାହୁ (୭୦)ଙ୍କୁ ମାଡ଼ ମରାଯିବା ଘଟଣାକୁ ରାଜ୍ୟ ମାନବାଧିକାର କମିଶନ (ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏଚ୍‌ଆର୍‌ସି ସୋମବାର ନିଜଆଡୁ ଏକ ମାମଲା ରୁଜୁ କରି ବଲାଙ୍ଗୀର ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଡିସେମ୍ବର ୨୯ରେ ଥିବା ପରବର୍ତ୍ତୀ ଶୁଣାଣି ସୁଦ୍ଧା ଘଟଣା ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଅନିରୁଦ୍ଧ ଓ ତାଙ୍କ ଭାଇଙ୍କ ମଧ୍ୟରେ ଜମି ବିବାଦ ଥିଲା। ଏନେଇ ଅଭିଯୋଗ ପରେ ପୋଲିସ ମଙ୍ଗଳବାର ଅନିରୁଦ୍ଧଙ୍କୁ ଫାଣ୍ଡିକୁ ଉଠାଇ ନେଇଥିଲା। ସେଠାରେ ତାଙ୍କୁ ପୋଲିସ ମାଡ଼ ମାରିବାରୁ ସେ ଅଚେତ ହୋଇଯାଇଥିଲେ। ତେଣୁ ଚିକିତ୍ସା ପାଇଁ ଅନିରୁଦ୍ଧଙ୍କୁ ପୋଲିସ ଲୋଇସିଂହା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଅନିରୁଦ୍ଧଙ୍କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜମି ବିବାଦକୁ ନେଇ ତାଙ୍କ ଭାଇ ଟଙ୍କା ଦେଇ ତାଙ୍କୁ ପୋଲିସ ଦ୍ୱାରା ମାଡ଼ ମରାଇଥିବା ଅନିରୁଦ୍ଧ ଗଣମାଧ୍ୟମ ଜରିଆରେ ଅଭିଯୋଗ କରିଥିଲେ।

# ପ୍ରଶିକ୍ଷଣ ନେବେ ସ୍କୁଲ ପରିଚାଳନା କମିଟି ସଦସ୍ୟ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ସରକାରୀ ସ୍କୁଲ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ବିଶେଷକରି ବର୍ତ୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସ୍କୁଲ ପରିଚାଳନା କମିଟିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇ କମିଟିର ସବୁ ସଦସ୍ୟଙ୍କୁ ଦକ୍ଷ କରାଯିବ। ଏହାକୁ ୨୦୨୦ ମେ'ରୁ ଆରମ୍ଭ କରିବାକୁ ଯୋଜନା ହୋଇଥିଲେ ମଧ୍ୟ କରୋନା ପାଇଁ ଅଟକି ରହିଥିଲା। ତେବେ ଆସନ୍ତା ୨୦୨୩-୨୪ ଶିକ୍ଷାବର୍ଷରୁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନାନୁଯାୟୀ, ଏହି ପ୍ରଶିକ୍ଷଣରେ ପରିଚାଳନା କମିଟିର ସଦସ୍ୟଙ୍କୁ ସେମାନଙ୍କ କର୍ତ୍ତବ୍ୟ, ଦାୟିତ୍ୱ ସମ୍ପର୍କରେ ଅବଗତ କରାଯିବ। ଗୁଣାତ୍ମକ ଶିକ୍ଷା, ସ୍କୁଲରେ ଶୈକ୍ଷିକ ବାତାବରଣ କିପରି ରହିବ ସେନେଇ ପ୍ରଶିକ୍ଷଣ ଦିଆଯିବ। ଏହାବ୍ୟତୀତ ସ୍କୁଲ ଡେଭଲପ୍‌ମେଣ୍ଟ ପ୍ଲାନ୍(ଏସ୍‌ଡିପି) ପ୍ରସ୍ତୁତି, ଆର୍ଥିକ ପରିଚାଳନା, ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଅଭିଭାବକଙ୍କୁ ସଚେତନ କରିବା, ସ୍କୁଲ ସପୋର୍ଟ ସ୍କିମ୍(ଏସ୍‌ଏସ୍‌ସି) କାର୍ଯ୍ୟକାରୀ କରିବାର ପଦ୍ଧତି, ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ ସହ ଶ୍ରେଣୀକକ୍ଷରେ ନିୟମିତ ଶିକ୍ଷକଙ୍କ ଶିକ୍ଷାଦାନ ବ୍ୟବସ୍ଥା ସଂକ୍ରାନ୍ତରେ ତାଲିମ୍ ଦିଆଯିବ। ଏନେଇ ଜିଲାସ୍ତରରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ, ଯେଉଁଥିରେ ୧୦ଜଣ ସଦସ୍ୟ ରହିବେ। ଏହାବ୍ୟତୀତ ଡିପିସି, ଶିକ୍ଷକ, କୋର୍ଡିନେଟର, ଏସ୍‌ଆର୍‌ଜି, ଡିଆର୍‌ଜି, ବିଆର୍‌ଜି ସଦସ୍ୟମାନେ ମଧ୍ୟ ରହିବେ। ଏହି ପ୍ରଶିକ୍ଷଣ ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଏସ୍‌ସିଇଆର୍‌ଟି ଏବଂ ଓସେପାର ବିଶେଷଜ୍ଞ ମଧ୍ୟ ସାମିଲ ହେବେ।

ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ ଏବଂ ଯାଜପୁର ଜିଲାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ଖୋର୍ଦ୍ଧା ଜିଲା ରହିଥିବାବେଳେ ତୃତୀୟ ପର୍ଯ୍ୟାୟରେ କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର ଓ ନୟାଗଡ଼ ଜିଲା ରହିଛି। ଶେଷ ପର୍ଯ୍ୟାୟରେ ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ ଜିଲା ରହିଛି। ପ୍ରତ୍ୟେକ ଜିଲାରେ କ୍ଲଷ୍ଟରୱାରୀ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ଶିକ୍ଷକଙ୍କ ମଧ୍ୟରୁ ୭,୪୦୦ଜଣଙ୍କୁ ମଧ୍ୟ ସାମିଲ କରାଯିବ। ୨,୨୯୨ଜଣ ପ୍ରଧାନଶିକ୍ଷକଙ୍କୁ ଲିଡରଶିପ୍ ଟ୍ରେନିଂ ଦିଆଯିବ। ସେହିପରି ପ୍ରଥମ ପର୍ଯ୍ୟାୟରେ ୯,୨୦୦ ସ୍କୁଲକୁ ମନୋନୀତ କରାଯାଇଥିବାବେଳେ ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍କୁଲକୁ ସାମିଲ କରାଯିବ। ଏହି ସ୍କୁଲ ପରିଚାଳନା କମିଟି ପ୍ରଶିକ୍ଷଣ ଲାଗି ପ୍ରତି ସ୍କୁଲ ପିଛା ୩,୫୦୦ଟଙ୍କା ବ୍ୟୟ କରାଯିବ। ଏହି ପ୍ରଶିକ୍ଷଣ ୭ଦିନ ଧରି ହେବ। ଏନେଇ ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ବିଭାଗର ଏକ କମିଟି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
सिजुआ, डाक : डुमुडुमा, भुवनेश्वर-751019
Sijua, Post : Dumuduma, Bhubaneswar -751019

No. AIIMS/BBSR/RECT./FAC. RECT./2022/941/4643 Dated: 28.10.2022

ROLLING ADVERTISEMENT FOR RECRUITMENT OF FACULTY POSTS (GROUP 'A') IN VARIOUS DEPARTMENTS OF AIIMS BHUBANESWAR ON DIRECT RECRUITMENT BASIS-2022

**All India Institute of Medical Sciences, Bhubaneswar,** an Autonomous Institute of National Importance, is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim of correcting regional imbalance in quality tertiary level healthcare in the country and attaining self-sufficiency in graduate, postgraduate and higher medical education and training.
Online applications from Indian/other citizens as permissible under the applicable Act/Rules are invited for the following faculty posts on **DIRECT RECRUITMENT BASIS IN VARIOUS DEPARTMENTS** in All India Institute of Medical Sciences, Bhubaneswar, Odisha.
This is a rolling advertisement and will remain valid for one year from the date of publication of the advertisement in the Employment News/Rojgar Samachar. Cut off dates & other relevant information related to this recruitment shall be intimated only on AIIMS, Bhubaneswar official website.

| Department | N/B | Professor | | | | | | Additional Professor | | | | | | Associate Professor | | | | | | Assistant Professor | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| | | UR | OBC | SC | ST | EWS | Total | UR | OBC | SC | ST | EWS | Total | UR | OBC | SC | ST | EWS | Total | UR | OBC | SC | ST | EWS | Total |
| Anaesthesiology | N | 1 | | | | | 2 | | | | | | 0 | | | | | | 0 | | | | | | 0 |
| | B | | 1 | | | | | | | | | | | | | | | | | | | | | | |
| Anatomy | N | | | | | | 0 | | | | | | 0 | | | | | | 0 | 1@ | | | | | 1 |
| | B | | | | | | | | | | | | | | | | | | | | | | | | |
| Biochemistry | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | | 1 | | | |
| Burns & Plastic Surgery | N | | | | | 1 | 1 | | | | | | 0 | | | | | | 0 | | | | | 1 | 2 |
| | B | | | | | | | | | | | | | | | | | | | | | | 1 | | |
| Cardiology | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Cardiothoracic Surgery | N | | | | | | 1 | 1 | | | | | 1 | 1 | | | | | 2 | | | | | | 1 |
| | B | | 1 | | | | | | | | | | | | 1 | | | | | | | 1 | | | |
| Dentistry | N | | | | | | 0 | | | | | | 0 | | | 1 | | | 1 | | | | | | 0 |
| | B | | | | | | | | | | | | | | | | | | | | | | | | |
| Dermatology | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | | 1@ | | | |
| Endocrinology & Metabolism | N | | | | | | 1 | | | | | | 0 | | | | | | 0 | | | | | | 1 |
| | B | | | 1@ | | | | | | | | | | | | | | | | | | | 1 | | |
| Gastroenterology | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | 1@ | | | | |
| General Medicine | N | 1 | | | | | 3 | | | | | | 0 | | | | | | 0 | | | | | | 0 |
| | B | | 1 | | 1 | | | | | | | | | | | | | | | | | | | | |
| General Surgery | N | | | | | | 0 | | | | | | 0 | | | | | | 1 | | | | | | 0 |
| | B | | | | | | | | | | | | | | 1 | | | | | | | | | | |
| Hospital Administration | N | | | | | | 0 | | 1 | | | | 1 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Medical Oncology / Haematology* | N | | | | | | 1 | | | | | | 0 | | | | | | 0 | | | | | | 1 |
| | B | | | | 1 | | | | | | | | | | | | | | | | | | 1 | | |
| Neonatology | N | | | | | | 1 | | | | | 1 | 1 | | | | | | 0 | | | | | | 0 |
| | B | | | 1 | | | | | | | | | | | | | | | | | | | | | |
| Nephrology | N | 1 | | | | | 1 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | 1 | | | | |
| Neurology | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Neurosurgery | N | | | | | | 0 | | | | | | 0 | 1 | | | | | 1 | | | | | 1 | 1 |
| | B | | | | | | | | | | | | | | | | | | | | | | | | |
| Nuclear Medicine | N | | | | | | 1 | | | | | | 0 | | | | | | 0 | | | | | 1 | 1 |
| | B | | 1 | | | | | | | | | | | | | | | | | | | | | | |
| Obst & Gynae. | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Ophthalmology | N | | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | 1 | | | | | | | | | | | | | | | | | | | | |
| Orthopaedics | N | | | | | | 2 | | | | | | 0 | | | | | | 0 | | | | | | 0 |
| | B | | 1 | 1 | | | | | | | | | | | | | | | | | | | | | |
| Paediatric Surgery | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | 1 | | | | |
| Paediatrics | N | | | | | 1@ | 1 | | | | | | 0 | | | | | | 0 | 1 | | | | | 1 |
| | B | | | | | | | | | | | | | | | | | | | | | | | | |
| Pathology/Lab Med | N | | | | | | 1 | 1 | | | | | 1 | | | | | | 0 | | | | 1 | | 1 |
| | B | | 1 | | | | | | | | | | | | | | | | | | | | | | |
| Pharmacology | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | 1 | | | | |
| Physical Medicine & Rehabilitation | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Physiology | N | 1 | | | | | 2 | | | | | | 0 | | | | | | 0 | | | | | | 0 |
| | B | | | 1 | | | | | | | | | | | | | | | | | | | | | |
| Psychiatry | N | | | | | | 1 | | | | | | 0 | | | | | | 0 | | | | | | 0 |
| | B | | 1@ | | | | | | | | | | | | | | | | | | | | | | |
| Pulmonary Medicine | N | | | | | | 0 | | | | | | 0 | | | | | | 0 | 1 | | | | | 1 |
| | B | | | | | | | | | | | | | | | | | | | | | | | | |
| Radio Diagnosis | N | | | | | 1 | 1 | | | | | | 0 | | | | | | 1 | | | | | 1 | 2 |
| | B | | | | | | | | | | | | | | | | 1@ | | | | | | 1 | | |
| Surgical Gastroenterology | N | 1 | | | | | 1 | | | | | | 1 | 1 | | | | | 1 | | | | | | 2 |
| | B | | | | | | | | 1 | | | | | | | | | | | | 1 | 1 | | | |
| Surgical Oncology | N | | | | | | 0 | | | | | | 0 | 1 | | | | | 1 | 1 | | | | | 2 |
| | B | | | | | | | | | | | | | | | | | | | | 1 | | | | |
| Transfusion Medicine & Blood Bank | N | | | | | | 1 | | | | | | 0 | | | | | | 0 | | | | | | 0 |
| | B | | 1 | | | | | | | | | | | | | | | | | | | | | | |
| Trauma & Emergency# | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Urology | N | | | | | | 1 | | | | | | 0 | | | | | | 0 | | | | | | 2 |
| | B | | | 1 | | | | | | | | | | | | | | | | | | 1 | 1 | | |
| Grand Total | | 10 | 8 | 5 | 3 | 3 | 29 | 2 | 2 | 0 | 0 | 1 | 5 | 4 | 2 | 1 | 1 | 0 | 8 | 4 | 6 | 5 | 6 | 4 | 25 |

**Abbreviation used:**
UR- Unreserved, OBC-Other Backward Classes, SC- Schedule Caste, ST-Schedule Tribe, EWS- Economically Weaker Section N- New Vacancy, B- Backlog Vacancy
* One post of Assistant Professor (ST) in the Department of Medical Oncology/Haematology will be filled up in the subject of Haematology and one post of Professor (ST) will be filled up in the subject of Medical Oncology.
# One post of Professor (UR) in the Department of Trauma & Emergency will be filled up in the subject of General Surgery.
@ Posts are reserved for Person with Benchmark Disability (PwBD).
For details of advertisement including educational qualifications, age and eligibility criteria etc., kindly visit the Institute's website **http://aiimsbhubaneswar.nic.in.**

Sd/-
(Prof. Ashutosh Biswas)
**Executive Director**
**AIIMS, Bhubaneswar**

ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। -ଶ୍ରୀଅରବିନ୍ଦ



# ଭୋଟ୍ ପାଇଁ ଶିଳ୍ପ

ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇ ଭାରତର ଅର୍ଥନୈତିକ ରାଜଧାନୀ ଭାବେ ପରିଚିତ। କିନ୍ତୁ ଏବର ସ୍ଥିତି ଦେଖିଲେ ଶିଳ୍ପଗୁଡ଼ିକୁ ଯେଭଳି ଗୁଜରାଟମୁହାଁ କରାଇ ଦିଆଗଲାଣି ଆଗକୁ ମୁମ୍ବାଇର ଗୁରୁତ୍ୱ ହ୍ରାସ ପାଇବାର ଆଶଙ୍କା ଉପୁଜିଛି। ଏକନାଥ ଶିନ୍ଦେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବା ପରେ ବେଦାନ୍ତ ଫକ୍ସକନ୍ ଚିପ୍ ପ୍ରକଳ୍ପ ମହାରାଷ୍ଟ୍ରରୁ ଗୁଜରାଟକୁ ଚାଲିଯାଇଥିଲା। ଏବେ ଟାଟା-ଏୟାରବସ୍ ସି-୨୯୫ ମାଲବାହୀ ଉଡ଼ାଜାହାଜ କାରଖାନା ଗୁଜରାଟର ଭଦୋଦରାଠାରେ ପ୍ରତିଷ୍ଠା ହେବା ନେଇ କେନ୍ଦ୍ର ପକ୍ଷରୁ ଘୋଷଣା କରାଯାଇଛି। ଏହା ମହାରାଷ୍ଟ୍ରର ନାଗପୁରଠାରେ ସ୍ଥାପନ ହେବାର ଥିଲା। ଅନୁରୂପ ଭାବେ ପ୍ରାରମ୍ଭିକ ଅବସ୍ଥାରେ ବୃହତ୍ ଡ୍ରଗ୍ ପାର୍କ ପ୍ରୋଜେକ୍ଟ ମହାରାଷ୍ଟ୍ରର ରାଇଗଡ ଜିଲାରେ ପ୍ରତିଷ୍ଠା ହେବା ନେଇ ପ୍ରସ୍ତାବ ରହିଥିବା ବେଳେ ତାହା ଗୁଜରାଟ, ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ସ୍ଥାପନ କରାଯିବା ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମହାରାଷ୍ଟ୍ର ଶିଳ୍ପମନ୍ତ୍ରୀ ଉଦୟ ସାମନ୍ତ କହିଛନ୍ତି, ଏହି ଯେତେଗୁଡ଼ିଏ ପ୍ରକଳ୍ପ ଗୁଜରାଟ ସ୍ଥାନାନ୍ତର ହୋଇଛି, ସେସବୁ ଶିନ୍ଦେ ସରକାର କ୍ଷମତାକୁ ଆସିବା ପୂର୍ବରୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇସାରିଥିଲେ। ଅନ୍ୟପକ୍ଷରେ ଉଦୟଙ୍କ ଏଭଳି ମନ୍ତବ୍ୟକୁ ଶିବସେନା ନେତାମାନେ ସମାଲୋଚନା କରିଛନ୍ତି। ଶିନ୍ଦେଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ତାଙ୍କ ଶିଳ୍ପମନ୍ତ୍ରୀ ଏଭଳି କଥା କହୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ବିଗତ କିଛିବର୍ଷ ହେବ ଭାଜପା କେନ୍ଦ୍ରରେ ଶାସନ କରୁଥିବାରୁ ଦେଶର ଯେଉଁଠାରେ ବିଧାନସଭା ନିର୍ବାଚନ ହେଉଛି ସେଠାରେ ତା' ସରକାର ଗଢ଼ିବାକୁ ବିକଳ ହେଉଛି। 'ଡବଲ ଇଞ୍ଜିନ୍ ସରକାର' ସ୍ଲୋଗାନ ଦିଆଯାଇ କୁହାଯାଉଛି ଯେ କେନ୍ଦ୍ର ଓ ରାଜ୍ୟରେ ଭାଜପା ଶାସନ କଲେ ତାହାର ସୁଫଳ ସମ୍ପୃକ୍ତ ରାଜ୍ୟବାସୀ ପାଇପାରିବେ। ମହାରାଷ୍ଟ୍ରରୁ ସ୍ଥାନାନ୍ତର ହେଉଥିବା ଶିଳ୍ପଗୁଡ଼ିକ ମଧ୍ୟ ରାଜନୈତିକ କାରଣରୁ ଗୁଜରାଟ ଯାଇଛନ୍ତି। ଅନ୍ୟପକ୍ଷରେ ଯେଉଁଠାରେ ଭୋଟରମାନେ ଭାଜପାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି, ସେହି ରାଜ୍ୟ ପ୍ରତି କେନ୍ଦ୍ର ଅସହଯୋଗ କରୁଥିବା ଦେଖାଯାଉଛି। ହେଲେ ମହାରାଷ୍ଟ୍ର କ୍ଷେତ୍ରରେ ଭିନ୍ନ ଚିତ୍ର ପରିଲକ୍ଷିତ ହେଉଥିବା ଏବେ ସ୍ପଷ୍ଟ ଜଣାପଡ଼ିଛି। ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ଯେଉଁ ପ୍ରକଳ୍ପଗୁଡ଼ିକ ମହାରାଷ୍ଟ୍ରରେ ସ୍ଥାପନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା, ତାହା ଧୀରେ ଧୀରେ ଗୁଜରାଟକୁ ସ୍ଥାନାନ୍ତର ହେବାରେ ଲାଗିଛି। ଏହାର କାରଣ ମଧ୍ୟ ଭଲ ଭାବେ ବୁଝିହୋଇଯାଉଛି। ଗୁଜରାଟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ସେଠାକାର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି କେନ୍ଦ୍ରର ଭାଜପା ସରକାର ନୂଆ ଚାଲ୍ ଆରମ୍ଭ କରିଛନ୍ତି। ମହାରାଷ୍ଟ୍ରରେ ଯେହେତୁ ଶିବସେନାରୁ ଭାଗ ହୋଇଥିବା ଅଂଶର ନେତା ଏକନାଥ ଶିନ୍ଦେଙ୍କ ସହ ଭାଜପା ମିଳିତ ସରକାର ଗଠନ କରିଛି ଓ ସେଠାରେ ନିର୍ବାଚନ ଡେରିରେ ଅଛି; ତାହାକୁ ଅନିଶା କରି କେନ୍ଦ୍ର ସରକାର ଏହି ବୃହତ୍ ଶିଳ୍ପକୁ ସେଠାରୁ ଉଠାଇ ନେବା ସମ୍ପର୍କରେ ଆଲୋଚନା ହେଉଛି। ସମସ୍ତେ ଜାଣନ୍ତି ମହାରାଷ୍ଟ୍ରରେ ବ୍ୟବସାୟ ଅନୁକୂଳ ପରିବେଶ ଥିବାରୁ ସେଠାରେ ଦେଶର ବୃହତ୍ ଶିଳ୍ପ ସଂସ୍ଥା ସେମାନଙ୍କ ୟୁନିଟ୍ ସ୍ଥାପନ କରିବାକୁ ଆଗଭର ହୋଇଥାଆନ୍ତି। ତେବେ ସେହି ସୁଯୋଗ ପାଇବାକୁ ହେଲେ କେନ୍ଦ୍ର ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏଥିରୁ ବୁଝିହେଉଛି ଯେ, କେନ୍ଦ୍ରରେ ଶାସନ କରୁଥିବା ଭାଜପା ଶିଳ୍ପ ସ୍ଥାପନରେ ହସ୍ତକ୍ଷେପ କରୁଛି। ହେଲେ ତାଙ୍କ ଦଳ ଭିତରେ ମଧ୍ୟ ଅସହମତି ଥିବା ବିଷୟ ପଦାକୁ ଆସୁଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀ ତାଙ୍କ ନିର୍ବାଚନମଣ୍ଡଳୀ ନାଗପୁରରେ ଟାଟା ପ୍ରୋଜେକ୍ଟ ହେବା ଲାଗି ବହୁତ କସରତ କରିଥିଲେ। ମାତ୍ର ତାହା ଗୁଜରାଟ ସ୍ଥାନାନ୍ତର ହୋଇଥିବାରୁ ସେ ଏଭଳି ନିଷ୍ପତ୍ତିରେ ଅସନ୍ତୁଷ୍ଟ ଥିବା ଗଣମାଧ୍ୟମରେ ଆଲୋଚନା ହେଉଛି। ତେବେ ଶିବସେନା ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି, ଡବଲ ଇଞ୍ଜିନ୍ କଥା କହୁଥିବା ଭାଜପା ମହାରାଷ୍ଟ୍ର ପ୍ରତି ବେଇମାନ କାର୍ଯ୍ୟ କରି ଗୁଜରାଟକୁ ଅଗ୍ରପ୍ରାଧାନ୍ୟ ଦେଇଛି। ସେହିପରି ଠାକ୍‌ରେ ପରିବାର ସହ ଘନିଷ୍ଠ ଥିବା ଜଣେ ବ୍ୟକ୍ତି କହିଛନ୍ତି, ଏ ଯେଉଁ ନିଷ୍ପତ୍ତି ନିଆଗଲା ବାଲାସାହେବ ଥିଲେ ସେ ରାସ୍ତାରେ ତାଙ୍କ ବଳ ଦେଖାଇଥାଆନ୍ତେ ଓ ଗୁଜରାଟ ପ୍ରୀତି ଦେଖାଉଥିବା ବ୍ୟକ୍ତିଙ୍କୁ ବମ୍ବେରେ ରହିବାକୁ ଦେଇ ନ ଥାଆନ୍ତେ।

ବାସ୍ତବରେ ସର୍ବଦା ପ୍ରଗତି କଥା କହୁଥିବା ଭାଜପା ତା'ର ସ୍ୱାର୍ଥ ସାଧନ ଲାଗି ଜୋରଜବରଦସ୍ତ ନିଷ୍ପତ୍ତି ନେଇ ଆଞ୍ଚଳିକ ବିଭେଦ ସୃଷ୍ଟି କରିଦେଉଛି। ଏମିତି ଦେଖିଲେ ଭାଜପା ଧର୍ମ, ଅସହିଷ୍ଣୁତା ଭଳି ନକାରାତ୍ମକ କାର୍ଯ୍ୟରେ ସମ୍ପୃକ୍ତ ରହୁଥିବା ଅଭିଯୋଗ ହେଉଛି। ଏବେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକାଶ କରିବା ଓ ଭୋଟ ହାତେଇବାକୁ ଯାଇ ଅନ୍ୟ ଇଲାକା କ୍ଷତି ସହୁଥିଲେ ମଧ୍ୟ ସେଥିପ୍ରତି ଭ୍ରୂକ୍ଷେପ କରୁନାହିଁ। ଦଳର ଚିନ୍ତାଧାରା କେନ୍ଦ୍ର ସରକାରଙ୍କ କାର୍ଯ୍ୟରେ ପ୍ରତିଫଳିତ ହେଲେ ତାହାର କୁପରିଣତି ଦେଶକୁ ଆହୁରି ବଡ଼ କ୍ଷତିରେ ପକାଇବା ଉପରଲିଖିତ ନିଷ୍ପତ୍ତିରୁ ସ୍ପଷ୍ଟ ବୁଝାପଡ଼ିଯାଉଛି।

> **ଭାଜପା ଏବେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକାଶ କରିବା ଓ ଭୋଟ ହାତେଇବାକୁ ଯାଇ ଅନ୍ୟ ଇଲାକା କ୍ଷତି ସହୁଥିଲେ ମଧ୍ୟ ସେଥିପ୍ରତି ଭ୍ରୂକ୍ଷେପ କରୁନାହିଁ। ଦଳର ଚିନ୍ତାଧାରା କେନ୍ଦ୍ର ସରକାରଙ୍କ କାର୍ଯ୍ୟରେ ପ୍ରତିଫଳିତ ହେଲେ ତାହାର କୁପରିଣତି ଦେଶକୁ ଆହୁରି ବଡ଼ କ୍ଷତିରେ ପକାଇବା ଉପରଲିଖିତ ନିଷ୍ପତ୍ତିରୁ ସ୍ପଷ୍ଟ ବୁଝାପଡ଼ିଯାଉଛି।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 8 | 1 | | | 5 | | | |
| | 4 | | | 3 | | | | |
| | | | | 9 | 4 | | 5 | |
| | | 2 | | | | | | |
| | | | 4 | 6 | 7 | | | |
| 7 | | | | | | | 1 | |
| 8 | | | | 7 | | | | 2 |
| | | | | | | | 9 | |
| 4 | | 5 | | | 1 | | 7 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 7 | 4 | 5 | 2 | 1 | 6 | 9 |
| 4 | 1 | 2 | 3 | 6 | 9 | 7 | 8 | 5 |
| 6 | 5 | 9 | 7 | 1 | 8 | 4 | 2 | 3 |
| 7 | 9 | 1 | 2 | 4 | 5 | 8 | 3 | 6 |
| 5 | 4 | 6 | 8 | 9 | 3 | 2 | 1 | 7 |
| 8 | 2 | 3 | 1 | 7 | 6 | 5 | 9 | 4 |
| 1 | 3 | 5 | 6 | 8 | 7 | 9 | 4 | 2 |
| 2 | 7 | 4 | 9 | 3 | 1 | 6 | 5 | 8 |
| 9 | 6 | 8 | 5 | 2 | 4 | 3 | 7 | 1 |

ଗତକାଲିର ଉତ୍ତର

# ଅନ୍ତର୍ଜାତୀୟ ରିପୋର୍ଟ ଓ ଭାରତ ସରକାର



ବିଚିତ୍ର ବିଶ୍ୱାଳ

ସଦ୍ୟ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ ଅର୍ଥାତ୍ ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସରେ ୧୨୧ଟି ଦେଶ ମଧ୍ୟରୁ ଭାରତ ରହିଛି ୧୦୭ତମ ସ୍ଥାନରେ । ଭାରତ ତଳକୁ ବିଶ୍ୱର ମାତ୍ର ୧୪ଟି ଦେଶ ଅଛନ୍ତି। ବାଂଲାଦେଶ, ନେପାଳ ପରି ଦେଶ ମଧ୍ୟ ଭାରତଠାରୁ ଭଲ ସ୍ଥିତିରେ ଅଛନ୍ତି। ଏହା ପୂର୍ବରୁ ୨୦୨୦ରେ ଭାରତ ୯୪ତମ ସ୍ଥାନରେ ଥିଲା ଓ ୨୦୨୧ରେ ୧୦୧ତମ ସ୍ଥାନକୁ ଖସିଥିଲା। ଚଳିତ ବର୍ଷ ଆଉ ୬ଟି ସ୍ଥାନ ତଳକୁ ଖସିଛି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ କ୍ରମାଗତ ଭାବେ ତଳକୁ ତଳକୁ ଖସି ଚାଲିଛି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ରିପୋର୍ଟ ଅନୁସାରେ ବିଶ୍ୱର ୮୨୮ ବିଲିୟନ ଲୋକ ଭୋକରେ ଶୋଇବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ ସଂସ୍ଥା କନ୍‌ସନ୍ ୱାର୍ଲ୍ଡ ୱାଇଡ୍ ଓ ୱେଲ୍‌ଟ ହଙ୍ଗର ହିଲ୍‌ଫେ ଦ୍ୱାରା ପ୍ରତ୍ୟେକ ବର୍ଷ ଅକ୍ଟୋବରରେ ଏହି ରିପୋର୍ଟ ପ୍ରକାଶିତ ହୋଇଥାଏ। ବିଶ୍ୱର ଭିନ୍ନ ଭିନ୍ନ ଦେଶଗୁଡ଼ିକ କ୍ଷୁଧା ସମ୍ପର୍କିତ ସଷ୍ଟେନେବଲ୍ ଡେଭେଲପ୍‌ମେଣ୍ଟ ଗୋଲ୍‌କୁ କିପରି ଭାବେ ହାସଲ କରିଛନ୍ତି, ତାହାକୁ ନିରୀକ୍ଷଣ କରି ଏହି ରିପୋର୍ଟ ପ୍ରକାଶିତ ହୋଇଥାଏ। ଏହି ରିପୋର୍ଟ ଆହୁରି କହିଛି ଯେ, ବିଶ୍ୱର ୪୫ଟି ଦେଶର ସମୁଦାୟ ୫୦ମିଲିୟନ ଲୋକ ଦୁର୍ଭିକ୍ଷ ପରିସ୍ଥିତିରେ ଅଛନ୍ତି। ବିଶ୍ୱଗୁରୁ ହେବାକୁ ଆସ୍ଫାଳନ କରୁଥିବା ଆମ ସରକାର ଏହି ରିପୋର୍ଟ ପ୍ରକାଶ ପାଇବା ପରେ ସ୍ୱଭାବଗତ ଭାବେ ଉକ୍ତ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଓ ଏହା ଭାରତକୁ ବଦ୍‌ନାମ ତଥା ତଳୁଆ ଦେଖାଇବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ରିପୋର୍ଟ ପ୍ରତି ମୋଦି ସରକାରଙ୍କ ଏପରି ଆକ୍ଷେପ ନୂଆ ନୁହେଁ। ୨୦୨୦ ଓ ୨୦୨୧ରେ ହଙ୍ଗର ଇଣ୍ଡେକ୍ସ ପ୍ରକାଶ ପାଇବା ବେଳେ ବି ମୋଦି ସରକାର ଓ ତାଙ୍କର ମନ୍ତ୍ରୀମାନେ ସମାନ ଅଭିଯୋଗ ଆଣିଥିଲେ। ସମସ୍ୟାକୁ ସମାଧାନ କରିବାକୁ ପ୍ରୟାସ ନ କରି ସମସ୍ୟାକୁ ଗୋଟାପଣେ ଟାଳିଦେବା ବା ତଥ୍ୟକୁ ଅସ୍ୱୀକାର କରିବା ମୋଦି ସରକାରଙ୍କର ଏକ ନୂଆ କୌଶଳ ହୋଇଛି। ୨୦୧୪ ପୂର୍ବର କୌଣସି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ରିପୋର୍ଟକୁ ନେଇ ଆମ ଦେଶରେ ଏପରି ପ୍ରତିକ୍ରିୟାର ଧାରା ନ ଥିଲା। ଯଦିଓ ସେତେବେଳେ ଭାରତର ସ୍ଥିତି ଭଲ ନ ଥିଲା, କିନ୍ତୁ ସରକାର ସେ ରିପୋର୍ଟକୁ ସ୍ୱୀକାର କରୁଥିଲେ। ଏବେ ବି ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ଏହି ରିପୋର୍ଟକୁ ଅସ୍ୱୀକାର କରୁଥିବାର ଶୁଣାଯାଇନାହିଁ।

ଏତଦ୍‌ବ୍ୟତୀତ ୨୪ ଏପ୍ରିଲ୍ ୨୦୨୨ରେ ପ୍ରକାଶିତ ୟୁନାଇଟେଡ୍ ନେଶନ୍‌ସ ହାପିନେସ୍ ରିପୋର୍ଟରେ ଭାରତର ସ୍ଥାନ ୧୪୬ଟି ଦେଶ ମଧ୍ୟରୁ ୧୩୬। ଅର୍ଥାତ୍ ସାରା ବିଶ୍ୱର ମାତ୍ର ଦଶଟି ଦେଶ ଭାରତ ତଳେ ଅଛନ୍ତି। ହାପିନେସ୍ ଅର୍ଥାତ୍ ଖୁସିର ରହିବାରେ ମଧ୍ୟ ଭାରତ ତଳଆଡୁ ଦଶମ ସ୍ଥାନରେ ଅଛି। ଜନସାଧାରଣଙ୍କ ଶାନ୍ତିରେ ସହାବସ୍ଥାନକୁ ନେଇ ଇଣ୍ଟରନ୍ୟାଶନାଲ ଥିଙ୍କ୍ ଟ୍ୟାଙ୍କ୍ ଓ ଇନଷ୍ଟିଚ୍ୟୁଟ୍ ଅଫ୍ ଇକୋନିମିକ୍ ଆଣ୍ଡ ପିସ୍ ଦ୍ୱାରା ପ୍ରତିବର୍ଷ ଏକ ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସ ପ୍ରକାଶିତ ହୋଇଥାଏ। ୨୦୨୨ର ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସରେ ୧୬୩ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୩୫। ୨୦୨୧ ତୁଳନାରେ ଭାରତ ତିନୋଟି ସ୍ଥାନ ଉପରକୁ ଉଠିଥିଲା ବୋଲି ଗଣମାଧ୍ୟମଗୁଡ଼ିକ ଏହାକୁ ଟିକେ ପ୍ରଚାର କରିଥିଲେ ଓ ସରକାର ବି ଏହି ରିପୋର୍ଟ ପ୍ରତି ଆକ୍ଷେପ କରିଥିବାର ଶୁଣାଯାଇ ନାହିଁ। କମିଟ୍‌ମେଣ୍ଟ ଟୁ ରିଡ୍ୟୁସ୍ ଇନ୍‌ଇକ୍ୱାଲିଟି ଇଣ୍ଡେକ୍ସ-୨୦୨୨ଅର୍ଥାତ୍ ଅସମାନତା ହ୍ରାସକରିବା ନିମନ୍ତେ ସଙ୍କଳ୍ପବଦ୍ଧତା ସୂଚକାଙ୍କ-୨୦୨୨ ଅନୁସାରେ ୧୬୧ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୨୩। ପ୍ୟାରିସ୍ ସ୍ଥିତ ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲାବ୍ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ଏହା ଅନୁଯାୟୀ ଭାରତ ସର୍ବାଧିକ ଅସମାନତା ଦେଶ। ଭାରତର ୧ ପ୍ରତିଶତ ଧନୀଙ୍କ ପାଖରେ ସମୁଦାୟ ରାଷ୍ଟ୍ରୀୟ ରୋଜଗାରର ପାଞ୍ଚ ଭାଗରୁ ଭାଗେ ସମ୍ପଦ ଗଚ୍ଛିତ ଅଛି। ଧନୀମାନଙ୍କ ପାଖରେ ହିଁ ଦେଶର ସିଂହଭାଗ ସମ୍ପଦ ଠୁଳ ହୋଇଛି। ବିଶ୍ୱ ଅସମାନତା ରିପୋର୍ଟରେ ଭାରତର ସ୍ଥାନ ସମଗ୍ର ବିଶ୍ୱରେ ପ୍ରଥମ। ଅର୍ଥାତ୍ ଆମ ଦେଶରେ ବିସମତା ସର୍ବାଧିକ। ସମ୍ପ୍ରତି ସରକାରଙ୍କ ନୀତି ମଧ୍ୟ ଏହି ଅସମାନତାକୁ ଅଧିକରୁ ଅଧିକ ବଢ଼େଇ ଚାଲିଛି। ଧନୀମାନେ ଅଧିକ ଧନୀ ହେଉଥିବା ବେଳେ ଗରିବମାନେ ଅଧିକ ଗରିବ ହେଉଛନ୍ତି। ସମ୍ପ୍ରତି ଆମ ଦେଶର ସରକାରଙ୍କ ଆଶୀର୍ବାଦ ପ୍ରାପ୍ତ ଜଣେ ଧନୀକ ବିଶ୍ୱର ପ୍ରଥମ ତିନିଜଣ ଧନୀ ତାଲିକାରେ ସାମିଲ ହୋଇଛନ୍ତି। ଠିକ୍ ସେହି ସମୟରେ ଆମ ଦେଶ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଛଅଟି ସ୍ଥାନ ତଳକୁ ଖସିଛି। ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ! ରିପୋର୍ଟର୍ସ ୱିଦାଉଟ୍ ବର୍ଡର ଅନୁଷ୍ଠାନ ଦ୍ୱାରା ଏବେ ବିଂଶତମ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ପ୍ରକାଶିତ ହୋଇଛି। ସମଦାୟ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୦। ୨୦୨୧ରେ ଆମ ଦେଶ ଏହି ସୂଚକାଙ୍କରେ ୧୪୨ତମ ସ୍ଥାନରେ ଥିବା ବେଳେ ଚଳିତ ବର୍ଷ ଆଠଟି ସ୍ଥାନ ତଳକୁ ଖସି ୧୫୦ରେ ପହଞ୍ଚିଛି। ଏହି ଗୋଟିଏ ବର୍ଷ ମଧ୍ୟରେ ନେପାଳ ୩୦ ସ୍ଥାନ ଉପରକୁ ଉଠି ୭୬ତମ ସ୍ଥାନରେ ଅଛି। ପାକିସ୍ତାନ ୧୫୭ତମ ସ୍ଥାନରେ ଥିବା ବେଳେ ଶ୍ରୀଲଙ୍କା ଭାରତଠାରୁ ଭଲ ସ୍ଥିତିରେ ଅର୍ଥାତ୍ ୧୪୬ତମ ସ୍ଥାନରେ ଅଛି। ନର୍‌ୱେ ଓ ଡେନ୍‌ମାର୍କ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆମେ ଦେଖି ଆସୁଛେ ଯେ, ଆମ ଦେଶରେ ଗଣମାଧ୍ୟମର ସ୍ୱାଧୀନତା ଆଦୌ ବି ନାହିଁ କହିଲେ ଚଳିବ। ଅଧିକାଂଶ ଗଣମାଧ୍ୟମକୁ ସରକାର ନିଜ ସ୍ତୁତି ଗାନ କରିବା କାମରେ ଲଗେଇଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷାର ସୁବିଧା, ରୋଜଗାରର ସୁଯୋଗ ଆଦି ସହିତ ଲୋକମାନଙ୍କର ଉଚ୍ଚ ମାନର ଜୀବନଶୈଳୀକୁ ନେଇ ପ୍ରତିବର୍ଷ ମାନବ ବିକାଶ ସୂଚକାଙ୍କ ପ୍ରକାଶିତ ହୋଇଥାଏ। ମାନବ ବିକାଶ ସୂଚକାଙ୍କ ୨୦୨୧-୨୨ରେ ୧୯୧ଟି ଦେଶ ମଧ୍ୟରୁ ଭାରତ ୧୩୨ତମ ସ୍ଥାନରେ ଅଛି।



ଉପରୋକ୍ତ ଅନ୍ତର୍ଜାତୀୟ ରିପୋର୍ଟ ଓ ସୂଚକାଙ୍କଗୁଡ଼ିକୁ ଲକ୍ଷ୍ୟ କଲେ ଦେଖାଯାଉଛି ଯେ, ଭାରତ ନିୟମିତ ଭାବେ ତଳ ସ୍ଥାନରେ ଅଛି। ଏପରିକି ଏସିଆ ମହାଦେଶର ଛୋଟ ଛୋଟ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟ ଭାରତଠାରୁ ଭଲ ପରିସ୍ଥିତିରେ ଅଛନ୍ତି। ଏହା ହିଁ ବାସ୍ତବ ସ୍ଥିତି। ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଭିନ୍ନ ଭିନ୍ନ ମାପକକୁ ନେଇ ଏହି ସବୁ ରିପୋର୍ଟ ପ୍ରକାଶ କରୁଛନ୍ତି। ଏକା ପ୍ରକାର ମାନକ ବିଶ୍ୱର ସମସ୍ତ ଦେଶ ପାଇଁ ବ୍ୟବହାର ହେଉଛି। ଏମିତି ନୁହେଁ ଯେ, ଭାରତ ପାଇଁ ଗୋଟିଏ ମାନକ ବ୍ୟବହାର ହେଉଛି ଓ ଅନ୍ୟ ଦେଶଗୁଡ଼ିକ ପାଇଁ ଅଲଗା ମାନକ ବ୍ୟବହାର ହେଉଛି। କିନ୍ତୁ ଆମ ଦେଶର ବର୍ତ୍ତମାନର ସରକାର ଏହି ନଗ୍ନ ସତ୍ୟକୁ ସ୍ୱୀକାର କରି ପରିସ୍ଥିତିରେ ଉନ୍ନତି ପାଇଁ ଚେଷ୍ଟା ନ କରି ଗାଲୁଆଙ୍କ ବାରବାଟୀ ଚାଷ ପରି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ଓ ନିଜ ହାତରେ ଚଉଦ ପା' ହେବା ପରି ନିଜକୁ ନିଜେ ବିଶ୍ୱଗୁରୁ ଘୋଷଣା କରୁଛନ୍ତି। ସୂଚନା ଯୋଗ୍ୟ ଯେ, ରିପୋର୍ଟକୁ ତଥା ବାସ୍ତବ ପରିସ୍ଥିତିକୁ ଅସ୍ୱୀକାର କଲେ ପରିସ୍ଥିତି ଦୂରେଇ ଯିବ ନାହିଁ। ଓଲଟି ସମୟକ୍ରମେ ପରିସ୍ଥିତି ଆହୁରି ଭୟାନକ ଭାବେ ଉଭା ହେବ। ଆମ ଦେଶ ଭାରତ ବର୍ତ୍ତମାନ ସେପରି ପରିସ୍ଥିତି ଦିଗରେ ଗତି କରୁଛି। ସରକାର ବର୍ତ୍ତମାନ ପ୍ରଚାର କରୁଛନ୍ତି ଯେ, ସାରା ବିଶ୍ୱ ଆମ ବିରୋଧରେ ଅଛି। ଅନ୍ତର୍ଜାତୀୟ ସଂସ୍ଥା ତଥା ରିପୋର୍ଟ ଭାରତ ବିରୋଧରେ ଷଡ଼ଯନ୍ତ୍ର କରି ଭାରତକୁ ଜାଣି ଜାଣି ତଳୁଆ ଦେଖାଉଛନ୍ତି। ଏହା ଏକ ପ୍ରକାର ମିଛ। ଏପରି କରି ସରକାର ଲୋକମାନଙ୍କର ମାନସିକତାକୁ ଗୋଟେ ନିବୁଜ କୂଅ ମଧ୍ୟରେ ରଖିବାର ପ୍ରୟାସ କରୁଛନ୍ତି ଓ ପ୍ରକାରାନ୍ତରେ ନିଜ ସ୍ୱେଚ୍ଛାଚାରିତାର ଅଧ୍ୟାୟକୁ ଧୀରେ ଧୀରେ ପ୍ରତିଷ୍ଠା କରୁଛନ୍ତି।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ- ୯୪୩୮୪୬୮୪୭୪**

# ସ୍ଥିତପ୍ରଜ୍ଞ ଅବସ୍ଥା



ଆରତି ମହାନ୍ତି

ଆମର ମନ ଯେ ସଦାବେଳେ ବଜର ବଜର ହୋଇ ଚାଲିଥାଏ - କଥା କହି ଚାଲିଥାଏ ଏହାକୁ କ'ଣ କେବେ ଲକ୍ଷ୍ୟ କରି ଦେଖିଛ ? ତଦ୍ୱାରା ଆମର ବହୁତ ଶକ୍ତି ନଷ୍ଟ ହୋଇଯାଏ। ଏଇ କଥାଟି ଗୋଟାଏ ସାଧାରଣ କଥା ନୁହେଁ- ନିଜେ ଯଦି କଥାଟିକୁ ଶୁଣି ମନ ଭିତରେ ଟିକେ ସଚେତନ ହୋଇଯାଅ ତେବେ ଏହାକୁ ବୁଝିପାରିବ। ନିଜ ଭିତରେ ନିଜେ କେମିତି ଭାବନା ଦ୍ୱାରା ସଦାବେଳେ ଚଳଚଞ୍ଚଳ ଥାଅ ବୁଝୁଛ ତ। ହୁଏତ କଥାଟା ଶୁଣିବା କ୍ଷଣି ତମେ ତମ ମନକୁ ପରଖି ନବ ଆଉ କହିବ - 'ହଁ ହୁଏତ ସେମିତି ଅବସ୍ଥାରେ ମନ ଥିଲା। ଏଥିରେ ତମର ଶକ୍ତି କମିଯାଏ - ଯେଉଁମାନେ ଅଯଥାରେ ବେଶି କଥା କହନ୍ତି ସେମାନଙ୍କର ମନ ସେତିକି ବେଶି ଭାବନାରେ ପୂରିଥାଏ। ଏମିତି କି କେହି କେହି ଅଛନ୍ତି କିଛି ନ ଥିଲେ ମନ ଭିତରେ କୌଣସି ମନ୍ତ୍ର କି 'ରାମ' 'କୃଷ୍ଣ' କିମ୍ବା ଅନ୍ୟ କିଛି କହୁଥିବାର ଦେଖାଯାଏ। ସେମାନଙ୍କ ଭିତରେ ଜୀବନଶକ୍ତି କମିଯାଏ, କୌଣସି ଠାକୁର ବିଗ୍ରହ କି ଭାବନା ଉପରେ ଦୃଷ୍ଟି ନିବଦ୍ଧ କରିଲେ ସେଇ ଜିନିଷ ପ୍ରାପ୍ତ ହୁଏ ବୋଲି ଗୋଟାଏ ଧାରଣା ଆମର ଅଛି। ଆମେ ଭାବୁ ଅମୁକ ଠାକୁର କି ଦେବଦେବୀ ଆମ ଉପରେ ସନ୍ତୁଷ୍ଟ ହୋଇ ଆମକୁ ସେଇଟା ଦେଲେ। ହେଲେ ଏଇଟା ହେଉଛି ସେଇ ମାନସିକ ଶକ୍ତି ବା ଏନର୍ଜିର ଫଳ, ଯାହା ଆମର ଇଚ୍ଛା ପୂରଣ କରେ। ଅନେକ ଉଚ୍ଚ ଆଧ୍ୟାତ୍ମିକତା ଥିବା ବ୍ୟକ୍ତି କହନ୍ତି ମନ ଦ୍ୱାରା ଅସାଧ ସାଧନ କରିହୁଏ। ହେଲେ ସେଇଟା ବି ହେଉଛି ଗୋଟାଏ କାମନା। ଏଇ କଥାଟି କିଛି କଳ୍ପନା କି ଭାବନା ଦ୍ୱାରା କୁହାଯାଇନାହିଁ। ବୈଜ୍ଞାନିକମାନେ ସେଇ ଶକ୍ତି ଲଗାଇ ବିଭିନ୍ନ ଆବିଷ୍କାର କରିଥାନ୍ତି ଅବଶ୍ୟ ସେ ସବୁ ପାର୍ଥିବ ଜଗତର କଥା। ଏଥିରେ ମନ କେବଳ ଗୋଟିଏ ବିଷୟ ଉପରେ ଏକାଗ୍ର ହୁଏ। କେହି ଚାହିଁଲେ ଏହାକୁ ନିଜଠାରେ ପରୀକ୍ଷା କରି ଜାଣିହେବ। ଆମେ ଭାବୁ କୌଣସି ରକମର ମନ୍ତ୍ରକୁ ଘୋଷି ଚାଲିଲେ ଆମର ଭଗବତ୍‌ପ୍ରାପ୍ତି ହେବ। ଅନ୍ୟ କଥାରେ କହିବାକୁ ଗଲେ କୌଣସି କାମନା କଦାପି ଆମକୁ ସେ ମୁକ୍ତ ଅବସ୍ଥାରେ ପହଞ୍ଚେଇ ଦେଇପାରିବ ନାହିଁ। କେବଳ ଯେତେବେଳେ ଜଣେ ସବୁ ଭାବନା ଯାହା ଭିତରେ 'ମୁଁ ଓ ମୋର' ଭାବଥାଏ ସେ ସବୁଥିରୁ ମୁକ୍ତ ହୋଇପାରିଲେ ଯାଇ ହୁଏତ ସେଇ 'ପରମ ଶ୍ରେଷ୍ଠ'କୁ ପାଇପାରେ। ଯଦିଓ ସେ କାମକୁ ବୁଝାଇବାକୁ କୌଣସି ଶବ୍ଦ ପ୍ରୟୋଗ କରିପାରିବ ନାହିଁ। କାରଣ ସେ ଅବସ୍ଥାରେ ଜଣେ ଆଉ ବ୍ୟକ୍ତି ହୋଇ ନ ଥାଏ। ଅନ୍ୟ ଭିତରେ ଲୀନ ହୋଇଯାଇଥାଏ - ଏଇ କଥାଗୁଡ଼ିକ ଶୁଣିବାକୁ ଗଲେ ଜଣକୁ ହୁଏତ ଅବୋଧ ଲାଗୁଥାଇପାରେ, ହେଲେ ଜଣେ ଯଦି ତା' ଉପରେ ଅନବରତ ଦୃଷ୍ଟି ନିବଦ୍ଧ କରେ ତେବେ ସେ ସେଇ ମୁକ୍ତ ଅବସ୍ଥାକୁ ହୃଦ୍‌ବୋଧ କରିପାରିବ। ସେଇ ଅବସ୍ଥା ପ୍ରକୃତରେ ବର୍ଣ୍ଣନା କରିବା କଷ୍ଟକର। କିନ୍ତୁ ତାକୁ ଜଣେ ଚାହିଁଲେ ନିଜ ଭିତରେ ଉପଲବ୍ଧି କରିପାରିବ - ଯେଉଁଠି ସେ ନାହିଁକି କିଛି ନାହିଁ ଅଛି କେବଳ ଏକ ଦିଗନ୍ତପ୍ରସାରୀ ଶୂନ୍ୟ ଅବସ୍ଥା।



ମନକୁ ଖାଲି ରଖିଲେ ଯାହା ବି ଆଖିଆଗରେ ଘଟୁଛି ସବୁ ବୁଝି ହୋଇଯାଏ - ସେଥିପାଇଁ କେବଳ ଦରକାର ହେଉଛି ମନଯୋଗିତା। ସେଇ ମନଯୋଗିତାରେ କୌଣସି ରକମର ବଛାବଛି ନାହିଁ, କେବଳ ମନ ଭିତରେ ସବୁ ଦେଖି ଚାଲିଥିବ। ଯାହା ବାସ୍ତବରେ କ୍ଷଣକୁ କ୍ଷଣ ଘଟି ଚାଲିଛି, ଆରମ୍ଭ ହେଉଛି ପୁଣି ଶେଷ ହେଉଛି ତା'ପରେ ପୁଣି ଆରମ୍ଭ। ଏଇ ହେଉଛି ଆମର ସମୁଦାୟ ଜୀବନ।

ଗୁରୁମାନେ କହନ୍ତି, ମନଯୋଗ ଆଣିବାକୁ ଚେଷ୍ଟାକର। ତାକୁ ହାସଲ କରିବା ପାଇଁ ମନ୍ତ୍ର ଜପ କର, ନ ହେଲେ ଅନ୍ୟ କୌଣସି ପଦ୍ଧତିକୁ ଅଭ୍ୟାସ କର କିନ୍ତୁ ଏହା ଦ୍ୱାରା କେହି ବଦଳି ପାରିବ ନାହିଁ। କାରଣ ସବୁଠି 'ମୁଁ' କୁ ପ୍ରୟୋଗ କରାଯାଇଥାଏ- ମୁଁ ମନଯୋଗ ଦେବି, ମୁଁ ଅନ୍ୟମନସ୍କ ହେଲି ଇତ୍ୟାଦି ଏହାଦ୍ୱାରା ମନ ଭିତରେ ଗୋଟାଏ 'ମୁଁ' ଓ 'ମୁଁ ନୁହେଁ' ଭିତରେ ଟଣାଟଣି ଲାଗିଥାଏ, ତଦ୍ୱାରା ଆମର ମାନସିକ ଶକ୍ତିର ଅପଚୟ ହୁଏ। ତେଣୁ ଏଠି କୁହାଯାଉଛି ମନର ସବୁ ଶକ୍ତି ଏକାଠି କରି କେବଳ ଦେଖ, ବୁଝ ଆଉ ତାକୁ ଶେଷ କରିଦିଅ । ପୁଣି ନୂଆ ଘଟଣା, ନୂଆ ମୁହୂର୍ତ୍ତର ଅପେକ୍ଷା। ତେଣୁ ମନ ଦେଇ ଦେଖିବା ଯେଉଁଥିରେ କୌଣସି ରକମର ଟଣାଘୋଷରା ନ ଥାଏ କି ଶକ୍ତି ନଷ୍ଟ ହୁଏ ନାହିଁ। ଏଇଟା ହେଉଛି ପ୍ରକୃତରେ ଧ୍ୟାନ।

ଚଟ୍ ଚାଟ୍ ଦେଖିବା ଗୋଟାଏ ଅଭ୍ୟାସ ନୁହେଁ। ବରଂ ସେଇଟା ଏକପ୍ରକାରର ମନଯୋଗ, ଯେଉଁଟା ମୁହୂର୍ତ୍ତରୁ ମୁହୂର୍ତ୍ତ ନିଜକୁ ନୂଆ କରି ଚାଲିଥାଏ - ତା'ମାନେ ଯାହା ଘଟିଲା ତାକୁ ସମ୍ପୂର୍ଣ୍ଣ ଭାବରେ ତତ୍କ୍ଷଣାତ ଦେଖିବା ପରେ ମୁକ୍ତ ହୋଇଯିବା। ତେଣୁ ସବୁ କଥାକୁ ନିରୀକ୍ଷଣ କରି ଦେଖିବା, କିନ୍ତୁ ଖାଲି ଦେଖିଯିବା ମାନେ ତମେ ନାହିଁ ଅର୍ଥାତ୍ ତା'ର ଭଲମନ୍ଦ କି ଦୋଷଗୁଣକୁ ତଉଲୁ ନାହିଁ। ଖାଲି ଯାହା ଘଟୁଛି ତାକୁ ଦେଖୁଛ ଆଉ ସେଇଟା ତା' ଆପଣାଛାଏଁ ଶେଷ ହୋଇ ଯାଉଛି। ଏହି ଅବସ୍ଥାରେ ରହି ହେବ କି ନାହିଁ ପରୀକ୍ଷା କରି ଦେଖ - ଧୀରେ ଧୀରେ ଦୁଇଟା ଭାବନା ଭିତରେ ଦୂରତ୍ୱ କମିବାରେ ଲାଗିବ। ମନ ଅଧିକ ସମୟ ଭାବନା ମୁକ୍ତ ଓ ନୀରବ ରହିବ, ଭାବନା ନ ଥିବା ମନର ଅବସ୍ଥା ଯେକୌଣସି ଯୋଗାରୂଢ଼ ବ୍ୟକ୍ତି କେବଳ ଜାଣିପାରେ। ସେହି ଅବସ୍ଥା ହିଁ ହେଉଛି ସ୍ଥିତପ୍ରଜ୍ଞ ଅବସ୍ଥା।

**ମୋ: ୯୬୯୨୦୯୮୦୫୪**

## ଏଇ ଭାରତରେ

ଛତୁଚାଷରେ ୯୦୦୦ ମହଳିଙ୍କୁ ନିୟୋଜିତ କରି ସେମାନଙ୍କୁ ଏକ ନୂଆ ପରିଚୟ ଦେଇଛନ୍ତି ପଶ୍ଚିମବଙ୍ଗର ଦମ୍ପତି ଅନିର୍ବାଣ ଓ ପୌଲମୀ ନନ୍ଦି। ସିଲିଗୁଡ଼ି ଓ ଜଲ୍‌ପାଇଗୁଡ଼ି ଜିଲାର ୩୨ରୁ ଊର୍ଦ୍ଧ୍ୱ ଗାଁର ଏହି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନେ ୨୦୧୯ରେ 'ଲିଭିଂ ଲାଇଫ୍ ହାପିଲି' ଏନ୍‌ଜିଓ ପ୍ରତିଷ୍ଠା କରି ତା'ଦ୍ୱାରା ଏହି କାର୍ଯ୍ୟ କରୁଛନ୍ତି। ଏହି ଦମ୍ପତି ରହୁଛନ୍ତି ସିଲିଗୁଡ଼ି ସହରରେ। ଆଇଆଇଟି ଖଡଗ୍‌ପୁରରେ ୨୦୧୬ରେ ଅନିର୍ବାଣ ଗ୍ରାମୀଣ ବିକାଶ ଉପରେ ପିଏଚ୍‌ଡି କରୁଥିବା ସମୟରେ ଇକୋନୋମିକ୍ସ ଛାତ୍ରୀ ଥିଲେ ପୌଲମୀ। ସେମାନେ ପ୍ରୋଜେକ୍ଟ କାର୍ଯ୍ୟରେ ସିଲିଗୁଡ଼ି ଯିବା ସମୟରେ ସେଠାକାର ମହିଳାମାନଙ୍କୁ ରୋଜଗାର ଦେବା ଲଗି ଏଭଳି ପଦକ୍ଷେପ ନେଇଥିଲେ। ପିଲାମାନଙ୍କୁ ପଢ଼ାଇବା ଲାଗି ଉକ୍ତ ଦମ୍ପତି ମୋବାଇଲ ଲାଇବ୍ରେରି ଆରମ୍ଭ କର ଗାଁ ଗାଁ ବୁଲି ପିଲାମାନଙ୍କୁ ମାଗଣାରେ ବହି ଯୋଗାଉଛନ୍ତି। ଏବେ ଲାଇବ୍ରେରିରେ ୯,୦୦୦ ବହି ଅଛି ଓ ପାଖାପାଖି ୭୦୦୦ ପିଲା ଏଥିରୁ ଉପକୃତ ହେଉଛନ୍ତି। ସେମାନେ ୧୦ ଟଙ୍କା ଦେୟରେ ବି ପିଲାମାନଙ୍କୁ ଟିଉଶନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟରେ ଆଇଆଇଟି ଓ ଶାନ୍ତି ନିକେତନ ଭଳି କଲେଜରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପିଲା ସ୍ୱେଚ୍ଛାସେବୀ ଭାବେ କାମ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୭

- ଉପସାଗରୀୟ ଅଞ୍ଚଳରେ ଅସ୍ତ୍ରଶସ୍ତ୍ର ମହଜୁଦ ଓ ପ୍ରସାରକୁ ବନ୍ଦ କରିବାର ଲକ୍ଷ୍ୟ ନେଇ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଏବଂ ଚାଇନା ରାଷ୍ଟ୍ରପତି ଜିଆଙ୍ଗ ଜେମିନ ଏକ ବଡ଼ଧାରଣର ଆଣବିକ ଚୁକ୍ତି ପାଇଁ ରାଜି ହୋଇଛନ୍ତି।
- ପ୍ରଥମ ଭାରତୀୟ କମାଣ୍ଡିଂ ଅଫିସର ମେଜର ଜେନେରାଲ ଦିଗମ୍ବର ସିଂ ବ୍ରାରଙ୍କ ୯୯ ବର୍ଷ ବୟସରେ ଦେହାନ୍ତ।
- ରାଜ୍ୟର ତ୍ରୟୋଦଶତମ ପୋଲିସ ଡିଜିଭାବେ ଡଃ ବନବିହାରୀ ପଣ୍ଡାଙ୍କ ଦାୟିତ୍ୱ ଗ୍ରହଣ।

## ପାଠକ ଶ୍ରେଷ୍ଠ ବିଚାରକ

### ବିଜୁଳି ଉପଭୋକ୍ତା ହଟହଟା

ମହାଶୟ,

ବିଜୁଳି ବିତରଣ ଦାୟିତ୍ୱ ଟାଟା କମ୍ପାନୀ ନେବା ପରେ ଉପଭୋକ୍ତାମାନେ ଉଚ୍ଚମାନର ସେବା ପାଇବା ପାଇଁ ଆଶାୟୀ ହୋଇଥିଲେ। ଏବେ ସେମାନଙ୍କର ଆଶା ନିରାଶାରେ ପରିଣତ ହେବାରେ ଲାଗିଛି। ପ୍ରଥମରେ କମ୍ପାନୀ ତରଫରୁ ନୂଆ ମିଟର ଲଗାଯାଉଛି। ତାହା ପୁଣି ସବୁ ଘରେ ଲଗା ନ ଯାଇ ମନଇଚ୍ଛା ଗୋଟିଏ ଗୋଟିଏ ଜାଗାରେ ଲଗାଯାଉଛି। ସେ ମିଟରଗୁଡ଼ିକ ଏପରି ସ୍ଥାନରେ ସ୍ଥାନିତ ହେଉଛି ଯେ, ମିଟର ରିଡର ବ୍ୟକ୍ତି ଜଣଙ୍କୁ ରିଡିଂ ନେବାରେ ଅସୁବିଧା ହେଉଛି। ଦ୍ୱିତୀୟରେ ଉପଭୋକ୍ତାଙ୍କୁ ଦିଆଯାଉଥିବା କମ୍ପ୍ୟୁଟରାଇଜ୍ ବିଲ୍‌ଗୁଡ଼ିକ ନିମ୍ନମାନର ଜଣାପଡୁଛି। ସତେ ଅବା ମିଟର ରିଡର ୟୁନିଟ୍ କମ୍‌ବେଶୀ ଜଣାପଡୁଛି। କାରଣ ବିଲ୍‌ରେ ଛପା ଅକ୍ଷରଗୁଡ଼ିକ ଅଦୃଶ୍ୟ ହୋଇ ତାହା ସାଦାକାଗଜ ଖଣ୍ଡରେ ପରିଣତ ହୋଇଯାଉଛି। ଭବିଷ୍ୟତରେ ତାହାକୁ ଦେଖିବାର ଅବକାଶ ନାହିଁ। ଏକ ଅସମର୍ଥିତ ଖବରରୁ ଜଣାଯାଏ ଯେ, ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଜାଣତରେ ଏହା ହେଉଛି। ନଚେତ କମ୍ପାନୀ ନିର୍ଦ୍ଦେଶକ୍ରମେ ହେଉଥିବାର ଅନୁମାନ କରାଯାଉଛି। ଉକ୍ତ ପରିପ୍ରେକ୍ଷୀରେ ଟାଟା କମ୍ପାନୀ ଓ ଦାୟିତ୍ୱରେ ଥିବା ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୀରତି ନାମରେ କିପାଇଁ ଭୟ
କହ ଗୋ ଆଜ
ସେ ନୁହେ କୁହୁକ ଆକାଶବାଣୀ
ସେ ନୁହେ ଲାଜ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବିଏମ୍‌ସି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ଉନ୍ନତିରେ ଦୁର୍ନୀତି ବାଧକ ସାଜିଥିବାବେଳେ ଏହାକୁ ଦୂର କରିବାକୁ ସବୁଠି 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ କରାଯାଉଛି। 'ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ' ଶୀର୍ଷକ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଡେପୁଟି କମିଶନର, ଅତିରିକ୍ତ କମିଶନର, ଜୋନାଲ କମିଶନରଙ୍କ ସମେତ ବିଏମ୍‌ସିର ସମସ୍ତ ଅଧିକାରୀ, ଯନ୍ତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ନାଗରିକମାନଙ୍କୁ ମୌଳିକ ସେବା ପ୍ରଦାନ କ୍ଷେତ୍ରରେ ସାଧୁତା ଏବଂ ସଚ୍ଚୋଟତା ଗ୍ରହଣ କରିବାକୁ ଶପଥ ନେଇଥିଲେ। କୌଣସ ଅଧିକାରୀ ଉତ୍କୋଚ ନେବେ ନାହିଁ କିମ୍ବା ଦେବେ ନାହିଁ ଏବଂ ସାଧୁତାର ସହ ନିଜ ନିଜ ଦାୟିତ୍ୱ ସମ୍ପନ୍ନ କରିବେ ବୋଲି ଶପଥ ପାଠ କରିଥିଲେ। ମୁଖ୍ୟ ବିତ୍ତ ଅଧିକାରୀ ଲାବଣ୍ୟ ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରଦ୍ଧା ରଖିଲେ ଶିକ୍ଷକ ଶିଷ୍ୟ ହୃଦୟରେ ରହେ

ବାଲିପାଟଣା,୩୧।୧୦(ଡି.ଏନ୍.ଏ.): ଶିକ୍ଷକ ଛାତ୍ରୀଛାତ୍ରଙ୍କ ପ୍ରତି ନିଚ୍ଛକ ଶ୍ରଦ୍ଧା ରଖିଲେ ଶିଷ୍ୟମାନଙ୍କ ହୃଦୟରେ ବସା ବାନ୍ଧି ରହିବେ ବୋଲି ପୂର୍ବତନ ଶିକ୍ଷକ ତଥା ହରିଦ୍ୱାର ରାମକୃଷ୍ଣ ମିଶନର ବରିଷ୍ଠ ମିଶନାରୀ ଜଗବନ୍ଧୁ ଦାସ ମହାରାଜ କହିଛନ୍ତି। ବାଲିପାଟଣାସ୍ଥିତ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ୧୯୭୫ ବ୍ୟାଚ ପକ୍ଷରୁ ସୋମବାର ଜଗନ୍ନାଥପୁର ସାଇମନ୍ଦିର ସଭାଗୃହରେ ଅନୁଷ୍ଠିତ ଗୁରୁପୂଜନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗବନ୍ଧୁ ଦାସ ମହାରାଜ ଯୋଗଦେଇ ଏହା କହିଛନ୍ତି। ଶିକ୍ଷାବିତ୍ ଜଗବନ୍ଧୁ କାନୁନଗୋ, ପ୍ରମୋଦ ନନ୍ଦ, ପ୍ରଭାକର ପଣ୍ଡା, କାଳନ୍ଦୀ ଆଚାର୍ଯ୍ୟ ଓ ରଘୁନାଥ ଓତା ପ୍ରମୁଖ ଅତିଥିଭାବେ ଯୋଗଦେଇ ଗୁରୁଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବହୁ ପୁରାତନ ଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୁରାତନ ଛାତ୍ର ଭାଗୀରଥି ବେହେରା ଧନ୍ୟବାଦ ଦେଇଥିଲେ।

### କେସିସିବି ପରିଚାଳନା ପରିଷଦ ନିର୍ବାଚନ: ବିପିନ, କୃଷ୍ଣଚନ୍ଦ୍ର ବିଜୟୀ

ବାଲିପାଟଣା,୩୧।୧୦(ଡି.ଏନ୍.ଏ.): ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦର ୧୧ଟି ଜୋନ ନିର୍ଦ୍ଦେଶକ ପଦବୀ ପାଇଁ ମତଦାନ ଅନୁଷ୍ଠିତ ହୋଇଯାଇଛି। ତେବେ ଜୟଦେବ ନିର୍ବାଚନମଣ୍ଡଳୀର ୯ନମ୍ବର ଜୋନରୁ ଲଢୁଥିବା ବିଜେଡି ସମର୍ଥିତ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପୃଷ୍ଟି ୧୧୭ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ ଆଦିତ୍ୟ ପାତ୍ର(୩୮)ଙ୍କଠାରୁ ୭୯ ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ସେହିପରି ୮ନମ୍ବର ଜୋନର ବିପିନ କୁମାର ପାତ୍ର ୧୪୭ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ କୁମାର ଦାସ(୪୯)ଙ୍କଠାରୁ ୯୮ଖଣ୍ଡ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ସମବାୟ ବ୍ୟବସ୍ଥାରେ ସୁଧାର ଆଣି ସରକାରଙ୍କର ବ୍ୟାଙ୍କ ସମ୍ପର୍କିତ ସମସ୍ତ ଜନକଲ୍ୟାଣ ଯୋଜନା ସମବାୟ ବ୍ୟାଙ୍କ ମାଧମରେ ଲୋକଙ୍କ ନିକଟରେ ପହଞ୍ଚି ବୋଲି କହିଛନ୍ତି।

# ୧୦ ମାସରେ ୧୧, ୮୨୪ ଅଭିଯୋଗ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରବାସୀଙ୍କୁ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସହିତ ମୌଳିକ ସୁବିଧା ଯୋଗାଇ ଦେବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଅନେକ ସମୟରେ ବିଭିନ୍ନ ଯୋଜନା ସହିତ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି। ସେହିପରି ମହାନଗର ନିଗମବାସୀଙ୍କର କୌଣସି ସମସ୍ୟା ଉପୁଜିଲେ ଏଥିପାଇଁ ସେମାନେ ବିଏମ୍‌ସିରେ ଅଭିଯୋଗ କରିପାରିବାର ବ୍ୟବସ୍ଥା ରହିଛି। ପ୍ରତିଦିନ ଏକାଧିକ ଅଭିଯୋଗ ବିଏମ୍‌ସିରେ ଦାଖଲ କରାଯାଉଥିବା ବେଳେ କେତେକ ସମାଧାନ ହୋଇଛି ଓ ଆଉ କେତେକ ଅଭିଯୋଗ ବିଏମ୍‌ସି ଫାଇଲ ତଳେ ପଡିରହିଛି। ଅଭିଯୋଗ କରିବା ପାଇଁ ବିଏମ୍‌ସି ପକ୍ଷରୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ର ବ୍ୟବସ୍ଥା କରାଯାଇଛି। ଏଥିସହ ଯେଉଁମାନେ ଅନ୍‌ଲାଇନ୍ ବ୍ୟବସ୍ଥା ସମ୍ପର୍କରେ ଅଭ୍ୟସ୍ତ ନୁହଁନ୍ତି ସେମାନଙ୍କ ପାଇଁ ୧୯୨୯ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ଚଳିତ ବର୍ଷ ଜାନୁୟାରୀରୁ ଅକ୍ଟୋବର ୩୦ ମଧ୍ୟରେ ବିଏମ୍‌ସିରେ ମୋଟ୍ ୧୧ହଜାର ୮୨୪ଟି ଅଭିଯୋଗ ଦାଖଲ କରାଯାଇଛି।

**ସମାଧାନ ହୋଇଛି ୧୧,୩୫୮**
- ■ଷ୍ଟ୍ରିଟ୍ ଲାଇଟ୍ ସମ୍ବନ୍ଧୀୟ ୬,୧୧୮
- ■ପରିମଳ ସମ୍ପର୍କିତ ୩,୩୯୮

ସେଥିମଧ୍ୟରୁ ମୋଟ୍ ୧୧ହଜାର ୩୫୮ଟି ସମାଧାନ ହୋଇଥିବାବେଳେ ୪୬୬ଟି ଅଭିଯୋଗ ସମାଧାନ ଅପେକ୍ଷାରେ ରହିଛି। ଅପରପକ୍ଷେ ଷ୍ଟ୍ରିଟ୍ ଲାଇଟ୍ ସମ୍ବନ୍ଧୀୟ ୬,୧୧୮ଟି ଅଭିଯୋଗ ରହିଥିବାବେଳେ ୫,୮୮୦ଟି ସମାଧାନ ହୋଇଛି। ସେହିପରି ପରିମଳ ସମ୍ପର୍କିତ ମୋଟ୍ ୩,୩୯୮ଟି ଅଭିଯୋଗ ଦାଖଲ ହୋଇଥିବାବେଳେ ୩,୩୩୧ଟି ସମାଧାନ ହୋଇଛି। ବାକି ୨,୩୦୮ଟି ରାସ୍ତା, ଖାଲଖମା ଏବଂ ଅନ୍ୟାନ୍ୟ ଅଭିଯୋଗ ରହିଛି। ସେଥିମଧ୍ୟରୁ ୨,୧୪୭ଟି ସମାଧାନ ଅପେକ୍ଷାରେ ରହିଛି। ଅପରପକ୍ଷେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଦାୟିତ୍ୱ ନେବା ପରେ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ 'ଜନ ଅଭିଯୋଗ ଶୁଣାଣି' ଆରମ୍ଭ କରିଛନ୍ତି। ଜୁଲାଇ ୪ ତାରିଖରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଯେଉଁଥିରେ ପ୍ରତି ସୋମବାର ସାଧାରଣ ନାଗରିକ ସିଧାସଳଖ କମିଶନରଙ୍କୁ ଭେଟି ନିଜର ଅସୁବିଧା ଜଣାଇ ପାରିବେ। ଏଯାବତ୍ ଜନ ଶୁଣାଣିରେ ୧୫୮ଟି ଅଭିଯୋଗ ଆସିଥିବାବେଳେ ସେଥିରୁ ୧୩୭ଟି ସମାଧାନ ହୋଇଛି। ଅପରପକ୍ଷେ କେବଳ ଅକ୍ଟୋବର ମାସରେ ବିଏମ୍‌ସିକୁ ୨୨୪୬ଟି ଅଭିଯୋଗ ଦାଖଲ ହୋଇଥିବା ସୂଚନା ମିଳିଛି।

# ନୂଆପଲ୍ଲୀ ରାଧାକୃଷ୍ଣ ମନ୍ଦିରରେ ସଫେଇ



ଭୁବନେଶ୍ୱର, ୩୧।୧୦ (ବ୍ୟୁରୋ)

୩୭ ନଂ ୱାର୍ଡ ଅନ୍ତର୍ଗତ ନୂଆପଲ୍ଲୀର କଳିଙ୍ଗ କ୍ରୀଡ଼ା ପରିଷଦ ଓ କସ୍ତୁରବା ଶିଶୁ ବିଦ୍ୟାମନ୍ଦିର ସ୍କାଉଟ ଗାଇଡ୍ସର ଛାତ୍ରୀଛାତ୍ରମାନେ ବେହେରା ସାହିସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରକୁ ସଫେଇ କରିଛନ୍ତି। କର୍ପୋରେଟର ବନ୍ଦିତା ପାଲ କଳିଙ୍ଗ କ୍ରୀଡ଼ା ଲୋଗୋ ଥିବା ଟି ସାର୍ଟ ଉନ୍ମୋଚନ କରିବା ପରେ ପରିଷଦର ଯୁବ ସାମାଜିକର୍ମୀମାନେ ରବିବାରଠାରୁ ବିଭିନ୍ନ ମନ୍ଦିର ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଆଗକୁ ୱାର୍ଡରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ପରିମଳ ସଚେତନତା କାର୍ଯ୍ୟକ୍ରମ ଭଳି ଅନେକ କିଛି ସମାଜସେବା କାର୍ଯ୍ୟ କରାଯିବ ବୋଲ କଳିଙ୍ଗ କ୍ରୀଡ଼ା ପରିଷଦର ସଭାପତି ଅର୍ଜୁନ ବେହେରା ସୂଚନା ଦେଇଛନ୍ତି। ସଫେଇ ଅଭିଯାନରେ ପରିଷଦ ସମ୍ପାଦକ ମନୋରଞ୍ଜନ ବେହେରା, ଅଜିତ ବେହେରା, ଭାଗୀରଥି ଭୁତିଆ, ମହେଶ୍ୱର ବେହେରା, ଗଣେଶ ବେହେରା, ପ୍ରଭୁଦତ୍ତ, ସର୍ବେଶ୍ୱର, ନିହାର ରଞ୍ଜନ, ମାନସ, ବିଜୟ ସାମିଲ ପ୍ରମୁଖ ମନ୍ଦିର ପରିସରକୁ ସଫେଇ କରିଥିଲେ।

# ଅର୍ଥ ବ୍ୟବସ୍ଥାର ସୁପରିଚାଳନା ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଆଇସିଏଆଇ ଭୁବନେଶ୍ୱର ଶାଖା ଅଧକ୍ଷ ରଞ୍ଜନ କୁମାର ପୃଷ୍ଟି, ସାଇ ଇଣ୍ଟରନ୍ୟାଶନାଲର ଡାଇରେକ୍ଟର ଦୀପକ ସୋମାନୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ(ଆଇସିଏଆଇ) ଭୁବନେଶ୍ୱର ଶାଖା ପକ୍ଷରୁ ସୋମବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର କମର୍ସ ଛାତ୍ରୀଛାତ୍ରଙ୍କ ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟର ଗତିଶୀଳ କ୍ଷେତ୍ର ଉପରେ କ୍ୟାରିୟର ଟକ୍‌ର ଏକ ଅନ୍ତର୍ନିହିତ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଆଇସିଏଆଇ ଭୁବନେଶ୍ୱର ଶାଖା ଅଧକ୍ଷ ସିଏ ରଞ୍ଜନ କୁମାର ପୃଷ୍ଟି, ଏନ୍‌ସିଏପି ଏବଂ କମ୍ପାନୀ ଏଲ୍‌ଏଲ୍‌ପିର ମ୍ୟାନେଜିଂ ପାର୍ଟନର ସିଏ ନାରାୟଣ ଚୌଧୁରୀ, ଭୁବନେଶ୍ୱର ଶାଖାର ଉପାଧ୍ୟକ୍ଷ ସିଏ ପ୍ରଦୀପ ସାହୁ ଓ ସାଇ ଇଣ୍ଟରନ୍ୟାଶନାଲର ଡାଇରେକ୍ଟର ସିଏ ଦୀପକ ସୋମାନୀ ଯୋଗଦେଇଥିଲେ। ଭାରତ ବିଶ୍ୱର ଅର୍ଥନୈତିକ କ୍ଷେତ୍ରରେ ପଞ୍ଚମ ବୃହତ୍ ରାଷ୍ଟ୍ର। ତେଣୁ ଆମର ଅର୍ଥ ବ୍ୟବସ୍ଥାକୁ ପାଞ୍ଚ ଟ୍ରିଲିୟନ୍‌ରେ ପହଞ୍ଚାଇବା ଓ ଏହାର ସୁପରିଚାଳନା ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ର ଚାର୍ଟାର୍ଡ ଆକାଉଣ୍ଟାଣ୍ଟକୁ କ୍ୟାରିୟର ଭାବେ ଗ୍ରହଣ କରି ଭବିଷ୍ୟତର ଆହ୍ୱାନ ଗ୍ରହଣ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ସିଏ ରଞ୍ଜନ କୁମାର ପୃଷ୍ଟି କହିଥିଲେ, ଭବିଷ୍ୟତରେ କ୍ୟାରିୟର ଭାବେ ଚାର୍ଟାର୍ଡ ଆକାଉଣ୍ଟାନ୍ସି କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଏକ ଉତ୍ତମ ପ୍ଲାଟ୍‌ଫର୍ମ। ଏହି ଅବସରରେ ଟ୍ୟାକ୍ସ ଅଡିଟ୍, ଜିଏସ୍‌ଟି, ବ୍ୟାଙ୍କିଙ୍ଗ୍, ଫାଇନାନ୍ସ, ଇଣ୍ଟରନାଲ୍, କନ୍‌କରେଣ୍ଟ, ରେଭିନ୍ୟୁ ଆଦି ଅଡିଟ୍ ବିଷୟରେ ବିଶେଷଜ୍ଞମାନେ ବିସ୍ତୃତ ଆଲୋଚନା କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ରଙ୍ଗମଞ୍ଚରେ 'ଓଡ଼ିଶୀ ଆସର'

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଏକ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଓଡ଼ିଶୀ ଆସର' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଅରୁଣା ମହାନ୍ତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୁସ୍ତକ 'ଏ ମନୋଗ୍ରାଫ୍ ଅନ୍ କ୍ଲାସିକାଲ୍ ଓଡ଼ିଶୀ' ଉନ୍ମୋଚିତ ହୋଇଥିଲା। ଉତ୍ସବରେ ଓଡ଼ିଶୀ ସଙ୍ଗୀତ ଗବେଷକ କୀର୍ତ୍ତନ ନାରାୟଣ ପାଢ଼ୀ ଓ ସଙ୍ଗୀତା ଗୋସାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଘଣ୍ଟ ମର୍ଦ୍ଦଳ, ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ଗାୟନ ଓ ଯନ୍ତ୍ର ସଙ୍ଗୀତ ଦର୍ଶକଙ୍କୁ ବିଭୋର କରିଥିଲା।

# କରୋନା ସମୟରେ ୭% ଆତ୍ମହତ୍ୟା ବୃଦ୍ଧି ପାଇଥିଲା

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ସ୍ୱାସ୍ଥ୍ୟ ଓ ସମୃଦ୍ଧି:ଏକ ସମଗ୍ର ଦୃଷ୍ଟିକୋଣ' ଶୀର୍ଷକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଉଦ୍‌ଘାଟନ କରି କୋଭିଡ ପରବର୍ତ୍ତୀ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ୟୁଏସ୍‌ଏସ୍ଥିତ ରେଜିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ ମନୋବିଜ୍ଞାନ ପ୍ରଫେସର ଡେଭିଡ୍ କେ. କାରସନ ଯୋଗଦେଇ ବିଶ୍ୱବିଦ୍ୟାଳୟ 'ପରାମର୍ଶ ଓ କଲ୍ୟାଣ' କେନ୍ଦ୍ରର ଉଦ୍‌ଘାଟନ କରି କୋଭିଡ୍ ପରବର୍ତ୍ତୀ ଜୀବନରେ ସୃଜନଶୀଳତା ଓ ସମ୍ଭାବନା ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ। ଆମେରିକାରେ କୋଭିଡ୍ ସମୟରେ ପିଲାଙ୍କ ଅନ୍‌ଲାଇନ୍ ଶିକ୍ଷା ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି ବୋଲି ସେ ପ୍ରକାଶ କରିଥିଲେ। ତେବେ ଏହି କରୋନା ସମୟରେ ଭାରତରେ ଶତକଡ଼ା ୭ଭାଗ ଆତ୍ମହତ୍ୟା ବୃଦ୍ଧି ପାଇଥିବା କାରସନ ସୂଚନା ଦେଇଥିଲେ। ଓଡ଼ିଶାର ବିଶିଷ୍ଟ ମନୋବିଜ୍ଞାନୀ ପ୍ରଫେସର ନମିତା ମହାନ୍ତି ମହିଳାଙ୍କ ଜୀବନରେ ପରାମର୍ଶର ମହତ୍ତ୍ୱ ବୁଝାଇଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ଏପରି କାର୍ଯ୍ୟକ୍ରମ ବହୁ-ବିଷୟକ ଜ୍ଞାନର ବିକାଶରେ ସହାୟକ ହେବ ବୋଲି କହିଥିଲେ।

କାର୍ଯ୍ୟକ୍ରମ ସଂଯୋଜିକା ତଥା ଗୃହବିଜ୍ଞାନ ମୁଖ୍ୟ ପ୍ରଫେସର ଚନ୍ଦ୍ରଶ୍ରୀ ଲେଙ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ 'ପରାମର୍ଶ ଓ କଲ୍ୟାଣ' କେନ୍ଦ୍ରର ସଂଯୋଜିକା ଡ. ସାୟନ୍ତିନୀ ବେହୁରା ଉକ୍ତ କେନ୍ଦ୍ରର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀ ଯୋଗଦେଇଥିଲେ। ପ୍ରାଧ୍ୟାପିକା ଡ. ଜ୍ୟୋତିର୍ମୟୀ ଉଦ୍‌ଗାତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୃହବିଜ୍ଞାନ ଅଧ୍ୟାପିକା ଡ. ସୂର୍ଯ୍ୟମଣି ପାତ୍ର, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନସ ବେହେରା, ସମାଜବିଜ୍ଞାନ ମୁଖ୍ୟ ଆଡସି ରଥ ଏବଂ ମନୋବିଜ୍ଞାନ ବିଭାଗ ମୁଖ୍ୟ ସୁଦାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଫସଲ ବିବିଧକରଣ ଉପରେ ଜାତୀୟ ବୈଠକ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନ ଦ୍ୱାରା ଫସଲ ବିବିଧକରଣ ଉପରେ ଏକ ରାଷ୍ଟ୍ରୀୟ ବୈଠକ ଆୟୋଜିତ ହୋଇଯାଇଛି। କୃଷି-ପରିବେଶ ଭିତ୍ତିକ ଉତ୍ପାଦକ ଏବଂ ଉପଭୋକ୍ତା ରାଜ୍ୟଗୁଡିକର କ୍ରପିଙ୍ଗ ପାର୍ଟନର ମ୍ୟାପିଂ, ଦେଶର ପରିବର୍ତ୍ତିତ ଆବଶ୍ୟକତା ଅନୁଯାୟୀ କ୍ରପିଙ୍ଗ ପ୍ୟାର୍ଟନରକୁ ପରିବର୍ତ୍ତନ କରିବା ପାଇଁ ବିବିଧକରଣ ରଣନୀତି, କୃଷି ବିବିଧକରଣ ପାଇଁ ବ୍ୟବସ୍ଥା ଏବଂ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା, ନୂତନ ଫସଲ ବିକ୍ରୟ ପାଇଁ ମୂଲ୍ୟ, ସୂକ୍ଷ୍ମ ଜଳସେଚନ ଯୋଜନା ଉପରେ ସମୀକ୍ଷା ଏବଂ ପରାମର୍ଶର ଆଭିମୁଖ୍ୟ ନେଇ ବୈଠକ ଅନୁଷ୍ଠିତ ହାଇଥିଲା। ଏଥିସହ ପଞ୍ଜାବ ଏବଂ ହରିୟାଣା ରାଜ୍ୟରେ କମ୍ ଜଳ ଆବଶ୍ୟକ କରୁଥିବା ନୂତନ ଲାଭଜନକ ଫସଲ ଗ୍ରହଣ କରିବା, ପୂର୍ବ ଭାରତରେ ଧାନ ଫସଲ ପରେ ପଡିଆ ପଡିଥିବା ଜମିରେ ରବି ଋତୁ ପାଇଁ ଡାଲି ଏବଂ ତୈଳ ବୀଜ ଫସଲ କ୍ଷେତ୍ରର ବିସ୍ତାର କରିବା, ଏମ୍‌ଏସ୍‌ପିକୁ ଅଧିକ ପ୍ରଭାବଶାଳୀ କରିବା, ବାୟୋ ଇନ୍ଧନ କିମ୍ବା ଶକ୍ତି ଫସଲକୁ ଉତ୍ସାହିତ କରାଯିବା ଆଦି ବିଭିନ୍ନ ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବତନ କୃଷି ସଚିବ ସଞ୍ଜୟ ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫସଲ, କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଯୁଗ୍ମ ସଚିବ ସୁଭା ଠାକୁର ସଦସ୍ୟ ସଚିବ ଭାବରେ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକୃତିକ ସମ୍ପଦ ପରିଚାଳନା, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଡେପୁଟି ଡାଇରେକ୍ଟର ଜେନେରାଲ ଡ. ସୁରେଶ କୁମାର ଚୌଧୁରୀ, ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନ, ଭୁବନେଶ୍ୱର ନିର୍ଦ୍ଦେଶକ ଡ. ଆର୍ କେ ପଣ୍ଡା, ଜାତୀୟ ପୁରସ୍କାରପ୍ରାପ୍ତ କୃଷକ ପଦ୍ମଶ୍ରୀ ଭରତ ଭୂଷଣ ତ୍ୟାଗୀ, କୃଷକଙ୍କ ପ୍ରତିନିଧୀ ଗୁଣବନ୍ତ ପାଟିଲ, ସୟଦ ପାଶା ପଟେଲ, କ୍ରିଷନ ବୀର ଚୌଧୁରୀ, ଇଫ୍‌କୋ ଚେୟାରମ୍ୟାନ୍ ଦିଲୀପ ସାଂଘାନି ପ୍ରମୁଖ ଉପସ୍ଥିତ ଥିଲେ।

# ସୁଗାର-ଫ୍ରି ମିଠାରେ ରହୁଛି ସୁଗାର

କଟକ ଅଫିସ,୩୧।୧୦



ସୁଗାର ଫ୍ରି ମିଠାରେ ମଧ୍ୟ ସୁଗାରର କିଛି ଅଂଶ ରହୁଛି। ବଜାରରେ ବିଭିନ୍ନ ମିଠା ଦୋକାନରେ ବିକ୍ରି ହେଉଥିବା ସୁଗାର ଫ୍ରି ରସଗୋଲା, ଛେନାପୋଡ଼ ପ୍ରଭୃତି ମିଠା ସାମଗ୍ରୀରେ ସୁଗାରର କିଛି ମାତ୍ରା ରହୁଥିବା ଅଭିଯୋଗ ହୋଇଛି। ସୁଗାର ଫ୍ରି କହି ଦ୍ୱିଗୁଣିତ ଦରରେ ଲୋକଙ୍କୁ ମିଠା ବିକ୍ରି କରାଯାଉଛି। କିନ୍ତୁ ପ୍ରକୃତରେ ସେଗୁଡ଼ିକ ସୁଗାରଫ୍ରି କି ନାହିଁ ତାହାର ମାନ ଯାଞ୍ଚ କରିଛି କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ। ସୋମବାର ସହରରେ ୩ଟି ଜୋନରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଞ୍ଚ କରି ନମୁନା ସଂଗ୍ରହ କରିଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ଅଧକ୍ଷତାରେ ତିନୋଟି ଦଳ ସିଡିଏ, ଚୌଧୁରୀ ବଜାର ଓ କଲେଜଛକ ଅଞ୍ଚଳରୁ ଏହି ନମୁନା ସଂଗ୍ରହ କରିଛନ୍ତି। ଏହି ନମୁନାକୁ ଭୁବନେଶ୍ୱରସ୍ଥିତ ଲାବୋରେଟୋରିକୁ ପଠାଯାଇଛି। ଏଠାରୁ ପରୀକ୍ଷା ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷେ ଫୁଡ୍ କମିଶନର ସୁଗାର ଫ୍ରି ଉପରେ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଆଣିବେ ବୋଲି ସୂଚନା ମଳିଛି। ସୁଗାର ଫ୍ରି ସାଧାରଣ ମିଠାଠାରୁ ଭିନ୍ନ ରହୁଛି। ସୁଗାର ଫ୍ରିରେ ଉକ୍ତ ମିଠାକୁ ପ୍ରସ୍ତୁତ କରାଯାଏ ତେବେ ତାହାର ଦର ବହୁ ଅଧିକ ରହିବା ସହ ସ୍ୱାଦରେ ପିତା ଲାଗିବ। ହେଲେ ବର୍ତ୍ତମାନ ବଜାରରେ ଯାହା ସୁଗାର ଫ୍ରି ମିଠା ବିକ୍ରି ହେଉଛି ତାହା ପ୍ରକୃତ ଦରଠାରୁ ଦ୍ୱିଗୁଣିତ କରି ବିକ୍ରି କରାଯାଉଛି, ଏଥିସହ ସ୍ୱାଦ ବି ମିଠା ପରି ଲାଗୁଛି। ଫଳରେ ବଜାରରେ ବିକ୍ରି ହେଉଥିବା ମିଠା ସମ୍ପୂର୍ଣ୍ଣ ସୁଗାର ଫ୍ରି ନୁହଁ। ତେବେ ପ୍ରକୃତରେ ସେଥିରେ ସୁଗାରର ମାତ୍ରା କେତେ ରହିଛି, ତାହା ରିପୋର୍ଟ ଆଶିବା ପରେ ଜାଣି ହେବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।

# କଟକରେ ପହଞ୍ଚିଲା ଲଦାଖର ରେଜେଙ୍ଗଲା ଶହୀଦ ମାଟି

କଟକ ଅଫିସ,୩୧।୧୦




ରେଜେଙ୍ଗଲା ଶହୀଦ ମାଟିକୁ କଟକର ଉତ୍କଳ ଯାଦବ ମହାସଭାର ସଦସ୍ୟମାନେ ସ୍ୱାଗତ କରୁଛନ୍ତି।

କଟକରେ ପହଞ୍ଚିଲା ଲଦାଖର ରେଜେଙ୍ଗଲା ଶହୀଦ ମାଟି। ଉକ୍ତ ମାଟିକୁ କଟକରେ ଭବ୍ୟ ସ୍ୱାଗତ କରଯାଇଛି। ୧୯୬୨ ନଭେମ୍ବର ୧୮ରେ ଲେହ ଲଦାଖର ରେଜେଙ୍ଗଲାଠାରେ ଭାରତ ଓ ଚାଇନା ଯୁଦ୍ଧ ଚାଲିଥିଲା। ଏହି ସମୟରେ ଚାଇନାର ଅନ୍ୟୂନ ୧୩୦୦ ସୈନିକଙ୍କ ସହ ଲଢ଼େଇ କରି ଭାରତର ୧୧୪ ଯାଦବ ସୈନିକ ଶହୀଦ ହୋଇଥିଲେ। ମାତ୍ରାଧିକ ଥଣ୍ଡାରେ ଶହୀଦଙ୍କ ଶରୀର ବରଫାବୃତ ହୋଇଯାଇଥିଲା। ଫଳରେ ସେମାନଙ୍କ ପରିବାରକୁ ଅଂଶବିଶେଷ ମିଳିପାରି ନ ଥିଲା। ସେହି ସୈନିକଙ୍କ ବଳିଦାନର ସ୍ମୃତିକୁ ଭାରତ ବର୍ଷରେ ଉଦ୍‌ଜାଗରଣ କରିବା ପାଇଁ ରେଜେଙ୍ଗଲାରୁ ଶହୀଦଙ୍କ ମାଟିକୁ ସଂଗ୍ରହ କରି ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ଗତ ୨୯ ତାରିଖରେ ସମସ୍ତ ରାଜ୍ୟର ଯାଦବ ନେତୃମଣ୍ଡଳୀକୁ ହସ୍ତାନ୍ତର କରିଥିଲା। ଉତ୍କଳ ଯାଦବ ମହାସଭା ପକ୍ଷରୁ ହରିୟାଣାର ଗାଜିଆବାଦଠାରେ ରାଷ୍ଟ୍ରୀୟ ଯୁବ ସଭାପତି ଇଂ ପ୍ରଦୀପ ବେହେରା, ଯାଦବ ମହାସଭା ସାଧରଣ ସମ୍ପାଦକ ପ୍ରଦୀପ ବେହେରା, ଯୁବ ସଂଯୋଜକ ନନ୍ଦଲାଲ ସିଂ, ଜାତୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ ପ୍ରମୁଖ ଗ୍ରହଣ କରିଥିଲେ। ମାଟିକୁ ନେଇ ଓଡ଼ିଶା ପହଞ୍ଚିବା ପରେ ଭୁବନେଶ୍ୱର ବିମାନବନ୍ଦରଠାରୁ ଶତାଧିକ ଯୁବକ ଏକ ରାଲିରେ କଟକ ଆଣିଥିଲେ। ଆସନ୍ତା ୧୮ ତାରିଖରେ ଏହି ମାଟି ସାରା ରାଜ୍ୟରେ ପରିଭ୍ରମଣ କରାଯିବ ବୋଲି ଇଂ. ବେହେରା ସୂଚନା ଦେଇଛନ୍ତି।

# କାର୍ ଚଳାଉଥିବା ସଫ୍ଟୱେର ଇଞ୍ଜିନିୟର ଗିରଫ

ଭୁବନେଶ୍ୱର ୩୧।୧୦ (ବ୍ୟୁରୋ)



 କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଓଭରବ୍ରିଜ ଉପରେ ରବିବାର ରାତିରେ କାର୍ ଧକ୍କାରେ ବିଏମ୍‌ସିର ସାନିଟାରୀ ଇନ୍ସପେକ୍ଟର ତଥା ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳର ପି. ରିତୀକ ରୋହନ (୨୫)ଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣାରେ ପୋଲିସ କାର୍ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଓଲ୍ଡଟାଉନ ଅଞ୍ଚଳର ତନ୍ମୟ ପଟ୍ଟନାୟକ। ଅଭିଯୁକ୍ତ ତନ୍ମୟ ଗୁଗଲରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାମ କରନ୍ତି। ଏନେଇ ପୋଲିସ ମାମଲା (ନଂ.୬୦୮/୨୨) ରୁଜୁ କରି ଅଭିଯୁକ୍ତ ତନ୍ମୟଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଦୁର୍ଘଟଣା ପରେ କାର୍‌ଟି ଜଳିଯାଇଥିଲା। ଉତ୍ତ୍ୟକ୍ତ ଲୋକେ କାରଟିକୁ ପୋଡି ଦେଇଥିବା କୁହାଯାଉଥିଲେ ମଧ୍ୟ ପୋଲିସ ସନ୍ଦେହରେ କେତେଜଣ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। କିନ୍ତୁ କାର୍ ପୋଡ଼ି ନେଇ କୌଣସି ଅଭିଯୋଗ ନ ହେବାରୁ ଓ ଏନେଇ କିଛି ପ୍ରମାଣ ନ ମିଳିବାରୁ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

**କାର୍ ଧକ୍କାରେ ବିଏମ୍‌ସି ଇନ୍ସପେକ୍ଟର ମୃତ୍ୟୁ ଘଟଣା**

ସୂଚନା ଅନୁଯାୟୀ, ରିତୀକ ବାପୁଜୀ ନଗରରେ ଘର ଭଡ଼ା ନେଇ ରହୁଥିଲେ। ଘଟଣା ରାତିରେ ସେ ବିଏମ୍‌ସି କର୍ମଚାରୀଙ୍କ ସଫେଇ କାର୍ଯ୍ୟକୁ ଯାଞ୍ଚ କରିବାକୁ ଯାଇଥିଲେ। ଡ୍ୟୁଟି ସାରି ଏଜି ଛକରୁ କଳ୍ପନା ଅଭିମୁଖେ ଯାଉଥିବାବେଳେ ଦ୍ରୁତଗତିରେ ଯାଉଥିବା ତନ୍ମୟଙ୍କ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ବାଇକଟି ଛିଟିକି ପଡ଼ିବା ସହ ରାସ୍ତାରେ ଘୋଷାଡ଼ି ହୋଇ ବ୍ରିଜ୍ ବାଡ଼ାରେ ପିଟି ହୋଇଯାଇଥିଲା। ଫଳରେ ରିତୀକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ କାର୍‌ଟି ମଧ୍ୟ ବ୍ରିଜ୍ ବାଡ଼ାରେ ଧକା ହୋଇ ଓଲଟି ପଡିଥିଲା। କାର୍ ଚଳାଉଥିବା ତନ୍ମୟ ସାମାନ୍ୟ ଆହତ ହୋଇଥିଲେ। ଘଟଣାପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଉକ୍ତ କାରରେ ନିଆଁ ଲଗାଇ ଦେଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଥିବା ବେଳେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ଜଳୁଥିବା କାରରୁ ନିଆଁ ଲିଭାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି କାର୍ ଚାଳକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଥାନାରେ ଅଟକ ରଖି ପଚାରାଉଚରା ପରେ ଗିରଫ କରିଛି।

## ସଂକ୍ଷେପରେ

### ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବଡ଼ମ୍ବା କୋର୍ଟରେ କର୍ମଚାରୀ ଅଭାବ

ବଡ଼ମ୍ବା, ୩୧।୧୦(ଡି.ଏନ.ଏ):ବଡ଼ମ୍ବା ସ୍ଥିତ ଦେୱାନୀ ଓ ଫୌଜଦାରୀ ଅଦାଲତରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ଫଳରେ କୋର୍ଟ କାର୍ଯ୍ୟ ଠିକ ଭାବେ ଚାଲି ପାରୁନାହିଁ । ଏହାକୁ ଭିତ୍ତିକରି ସୋମବାରଠାରୁ ବଡ଼ମ୍ବା ଓକିଲ ସଙ୍ଘ ତରଫରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଉକ୍ତ କାର୍ଯ୍ୟବନ୍ଦ ଦୀର୍ଘ ଏକ ସପ୍ତାହ ଧରି ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ପ୍ରଶାସନିକସ୍ତରରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ଜାରିରହିବ ବୋଲି ସଂଘ ସଭାପତି ସନ୍ତୋଷ କୁମାର ବେହେରା ପ୍ରକାଶ କରିଛନ୍ତି। କୋର୍ଟରେ ଦୀର୍ଘ ଦିନ ଧରି ସ୍ଥାୟୀ ସିରସ୍ତାଦାର ଓ କନିଷ୍ଠ କିରାଣି ପଦବୀ ଖାଲିରହିଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ପୂର୍ବରୁ ଜଣାଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ସଂଘ ତରଫରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସମ୍ପାଦକ ଶୈଳେନ୍ଦୁ ଭୂଷଣ ମଲ୍ଲିକ କହିଛନ୍ତି।

### ଝିଅାରୀକୁ ଅସଦାଚରଣ କରି ମଉସା ଗିରଫ

ନିଶ୍ଚିନ୍ତକୋଇଲି, ୩୧।୧୦(ସ୍ୱ.ପ୍ର): ସମ୍ପର୍କୀୟ ଝିଅାରୀକୁ ଗାଳି ଗୁଲଜ ଓ ଅସଦାଚରଣ କରିବା ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ମଉସାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଗତସିଂହପୁ ଜିଲ୍ଲା ରଘୁନାଥପୁର ଥାନା ଅଞ୍ଚଳର କିରଣ କୁମାର ଦ୍ୱିବେଦୀ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟ ନାବାଳିକା ଝିଅାରୀକୁ ଅସଦାଚରଣ କରିବା ଓ ଗାଳି ଗୁଲଜ କରିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ୧୮୩/୨୨ରେ ଏକ ମାମଲା ରୁଜୁ କରିଥିଲା।

### ଗୁଆ ତୋଳାକୁ ନେଇ ଦୁଇ ପରିବାରରେ ମାର୍‌ପିଟ

ନିଶ୍ଚିନ୍ତକୋଇଲି, ୩୧।୧୦(ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ରାମରାଙ୍ଗ ଗ୍ରାମରେ ଗୁଆ ତୋଳିବାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଛି। ଏ ସମ୍ପର୍କରେ ଥାନାରେ ପୃଥକ ୨ଟି ମାମଲା ରୁଜୁ ହୋଇଛି। ରାମକୃଷ୍ଣ ସାମନ୍ତରାୟ ଓ ପ୍ରମୋଦ ସାମନ୍ତରାୟଙ୍କ ପରିବାର ମଧ୍ୟରେ ମାରପିଟ ହୋଇଛି। ଉଭୟ ପରିବାର ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିବା ଥାନା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

### ମନ୍ଦିର ସମ୍ମୁଖରୁ ବାଇକ୍ ଚୋରି

ସାଲେପୁର,୩୧।୧୦(ଡି.ଏନ୍.ଏ.): କାର୍ତ୍ତିକ ମାସ ଶେଷ ସୋମବାର ହୋଇଥିବାରୁ ସାହେଶ୍ୱରୀ ପୀଠରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହାର ସୁଯୋଗ ନେଇ ମନ୍ଦିରକୁ ଆସିଥିବା ଜଣେ ଭକ୍ତଙ୍କର ବାଇକ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି। କୁଳିଆ ଗ୍ରାମର ଜିତେନ୍ଦ୍ର କୁମାର କାଣ୍ଡି ତାଙ୍କର ହିରୋହୁଣ୍ଡା ବାଇକ ମନ୍ଦିର ବାହାରେ ରଖି ଠାକୁର ଦର୍ଶନ ନିମନ୍ତେ ଯାଇଥିଲେ। ଫେରିଲା ପରେ ବାଇକ ନ ଥିବା ଦେଖିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

ବିଶେଶ୍ୱର ରାଇଡର କ୍ରିକେଟ ଟୁର୍ଣ୍ଣାମେଣ୍ଟ

### ଦ୍ୱିତୀୟ ଦିନରେ ବିନ୍ଧାଣିମା ଟିମ ବିଜୟୀ

ବଡ଼ମ୍ବା,୩୧।୧୦(ଡି.ଏନ.ଏ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ପଡ଼ିଆରେ ଚାଲିଥିବା ବିଶେଶ୍ୱର ରାଇଡର କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ଦିବସରେ ବିନ୍ଧାଣିମାର ପି.ଏ.ସି.ଏ କ୍ରିକେଟ ଟିମ ଓ ଗମେଇ କ୍ରିକେଟ ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗମେଇ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୩୨୭ରନ ସଂଗ୍ରହ କରିଥିଲେ। ଜବାବରେ ବିନ୍ଧାଣିମା ଦଳ ୧୮.୩ ବଲରେ ୩୩୧ ରନ ସଂଗ୍ରହ କରି ମ୍ୟାଚ ବିଜୟୀ ହୋଇଥିଲେ। ବିନ୍ଧାଣିମା ଦଳର ଖେଳାଳି ବ୍ରହ୍ମନନ୍ଦ ପ୍ରଧାନ ୫୨ ବଲରେ ସମୁଦାୟ ୧୨୩ ରନ ସଂଗ୍ରହ କରିଥିଲେ। ମୁଖ୍ୟ ଅତିଥି ଭାବେ ମୁକ୍ତାନଗର ଗ୍ରାମ୍ୟ କମିଟି ସଭାପତି ରମେଶ କୁମାର ସିଂ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ଅନ୍ତର୍ଯ୍ୟାମୀ ଭଞ୍ଜ ଯୋଗ ଦେଇଥିଲେ। ଆୟୋଜକ ପ୍ରକାଶ ପଣ୍ଡା ଓ ସାମାଜିକ କର୍ମୀ ବିଶ୍ୱଜିତ ସାହୁ ଉପସ୍ଥିତ ଥିଲେ। ସୂର୍ଯ୍ୟମଣି ଦାସ ଓ ବିରେନ ବେହେରା ମ୍ୟାଚ ପରିଚାଳନା କରିଥିଲେ।

# ପୋଖରୀ ହୁଡ଼ାରେ ବେଆଇନ ନିର୍ମାଣକୁ ବିରୋଧ

**ଉପଜିଲାପାଳଙ୍କୁ ଗ୍ରାମବାସୀଙ୍କ ସ୍ମାରକପତ୍ର**

ଆଠଗଡ଼, ୩୧।୧୦(ସ୍ୱ.ପ୍ର):

ଆଠଗଡ଼ ଉପଖଣ୍ଡ ଅଧୀନ ନରସିଂହପୁର ବ୍ଲକ ଅନ୍ତର୍ଗତ ଅଢେଇଗୁଣ୍ଠି ପଞ୍ଚାୟତ ଜେମାଦେଇପୁର ଗ୍ରାମର ଲେଗାଡ଼ିଆ ପୋଖରୀହୁଡ଼ା ଉପରେ ପଡ଼ୋଶୀ ଖଜୁରିଆ ଗ୍ରାମବାସୀ ବେଆଇନ ଭାବେ ଏକ ଘର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଲେଗାଡ଼ିଆ ପୋଖରୀଟି ଗ୍ରାମର ମଧ୍ୟ ଭାଗରେ ଅବସ୍ଥିତ। ଉକ୍ତ ପୋଖରୀରେ ଗ୍ରାମବାସୀ ଚଳପ୍ରଚଳ କରିବା ସହିତ ପଞ୍ଚାୟତଠାରୁ ନିଲାମ ଆଣି ମାଛଚାଷ କରୁଥିଲେ। ମାତ୍ର ପଡୋଶୀ ଖଜୁରିଆ ଗ୍ରାମବାସୀଙ୍କ ଦ୍ୱାରା ପୋଖରୀର ପୂର୍ବ ଦିଗରେ ପ୍ଲଟ ନଂ ୧୨୨ ଓ ଖାତା ନଂ ୭୪ରେ ଥିବା ହୁଡ଼ାକୁ କାଟି ଏକ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ବିରୋଧରେ ଜେମାଦେଇପୁର ଗ୍ରାମବାସୀଙ୍କ ତରଫରୁ କଟକ ଜିଲାପାଳ, ଆଠଗଡ ଉପଜିଲାପାଳ ଓ ନରସିଂହପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତତ୍କାଳୀନ ତହସିଲଦାର ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିଥିଲେ। ମାତ୍ର ବର୍ତ୍ତମାନ ଥିବା ତହସିଲଦାର ରହିତାଦେଶକୁ ରଦ୍ଦ କରି ଦୁଇ ଗ୍ରାମବାସୀଙ୍କୁ ଡକାଇ ସୋମବାର ଜମି ମାପିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ହଠାତ ଏହି ମାପଚୁପ ୧୫ଦିନ ଘୁଞ୍ଚାଇବାକୁ କହି ଖଜୁରିଆବାସୀଙ୍କୁ ଘର ନିର୍ମାଣ ପାଇଁ କହିଥିଲେ। ତହସିଲଦାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଜେମାଦେଇପୁର ଗ୍ରାମବାସୀ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଗ୍ରାମର ସଭାପତି ଗଙ୍ଗାଧର ସାହୁ, ଯୁଗଳ କିଶୋର ସାହୁ, ବିଜୟ ବରାଳ, ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡ ଉପ ଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସହକାରୀ ଜିଲାପାଳ ପ୍ରଜ୍ଞା ପରମିତା ପୃଷ୍ଟି ଗ୍ରାମବାସୀଙ୍କ ସହ ଆଲୋଚନା କରି ବିବାଦର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



ଗ୍ରାମବାସୀଙ୍କ ପକ୍ଷରୁ ଆଠଗଡ଼ ସହକାରୀ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି ।

# ମାହାଙ୍ଗାରେ ଗିରି ଗୋବର୍ଦ୍ଧନ ପୂଜା



ମାହାଙ୍ଗା, ୩୧।୧୦(ସ୍ୱ.ପ୍ର):

ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ବୁଣାକାର ସଂପ୍ରଦାୟ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ପାଳିତ ହେଉଛି । ପୂଜାମଣ୍ଡପଗୁଡିକୁ ରଙ୍ଗବେରଙ୍ଗ ଆଲୋକ ମେଳାରେ ସଜ୍ଜିତ କରାଯାଇ ବେଶ ଆକର୍ଷଣୀୟ କରାଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ପୂଜା ମଣ୍ଡପଗୁଡିକ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବିଶେଷ କରି ଗୋତରା ପଞ୍ଚାୟତର କାହ୍ନୁପୁର, ଗୌଡ଼ଗୋପ, କଇଥା ଆନନ୍ଦ ବଜାର, ପାଦୁକା ଆଶ୍ରମ ଆଦି ସ୍ଥାନରେ ୭ ଦିନ ବ୍ୟାପୀ ପୂଜା ଉତ୍ସବ ହେଉଛି ।

# ଜାତୀୟ ଏକତା ଦିବସରେ ଗଣଦୌଡ଼



ଏକତା ଗଣ ଦୌଡ଼ରେ ସାମିଲ ହୋଇଥିବା ଯୁବତୀ, ଯୁବକ ଓ ଅନ୍ୟମାନେ ।

ନିଶ୍ଚିନ୍ତକୋଇଲି, ୩୧।୧୦(ସ୍ୱ.ପ୍ର):

ନେହରୁ ଯୁବକେନ୍ଦ୍ର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପରିବାର' ଆନୁକୂଲ୍ୟରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୭ତମ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ଓ ଏକତା ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ପଡିଆରୁ ଶତାଧିକ ଯୁବତୀଯୁବକଙ୍କୁ ନେଇ ଏହି ଗଣଦୌଡ ହୋଇଥିଲା। ସରପଞ୍ଚ ଷ୍ଟାଲିନ ରାଉତ ପତାକା ଦେଖାଇ ଗଣଦୌଡ଼ ଶୁଭାରମ୍ଭ କରିଥିଲେ। ବାଣୀନଗରସ୍ଥିତ ଶ୍ରୀଶ୍ରୀ ଶକ୍ତିଶ୍ୱର ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ 'ପରିବାର' ସଭାପତି ବଲ୍ଲଭ ଚରଣ ପଲେଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଶ୍ରୀମତୀ ଚିନ୍ମୟୀ ସାହୁ, ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବ୍ରଜେନ୍ଦ୍ର ଦାସ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ, ଶିଶୁ ସାହିତ୍ୟିକ ଶ୍ୟାମସୁନ୍ଦର ଲେଙ୍କା, ପ୍ରଶିକ୍ଷକ ଗୋପିନାଥ ବେହେରା, ପ୍ରଭାକର ବେହେରା, ଫାର୍ମାସିଷ୍ଟ ଦିପ୍ତୀ ଦାସ, କବିତା ନାଥ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

ଗଣଦୌଡରେ କୃତୀ କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ଏବଂ ସଙ୍ଗଠକ ପ୍ରତାପ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ରେ ପଦଯାତ୍ରା ଉଦ୍‌ଯାପନୀ

ନିଶ୍ଚିନ୍ତକୋଇଲି, ୩୧।୧୦(ସ୍ୱ.ପ୍ର):

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଶ୍ରୀଶ୍ରୀ ଶକ୍ତିଶ୍ୱର ପୀଠରେ କଟକ ସଦର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏହି ବୈଠକରେ ବିଜେଡି ସମ୍ପାଦକ ଅଚ୍ୟୁତାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଆସନ୍ତା ୨ତାରିଖ ଅପରାହ୍ନ ୩ଟାରେ ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଶନିଶ୍ଚର ପଡିଆରେ ପଦଯାତ୍ରାର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ସଭ୍ୟ ଇଂ ବିଳାସ କୁମାର ଭୋଇ, ପୂର୍ବତନ ସମିତି ସଭ୍ୟ ମନୋଜ କୁମାର ମହାନ୍ତି, ବିଜେଡି ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ମିଳନ ଭୂୟାଁ, ଚିନ୍ମୟୀ ବେହେରା, ସମିତି ସଭ୍ୟ ବିଶ୍ୱେନ୍ଦୁ ମହାରାଣା, ସୌଭାଗ୍ୟଲକ୍ଷ୍ମୀ ମଲିକ, କିଶୋର ସାହାଣୀ, ବିଶ୍ୱଭୂଷଣ ନାୟକ, ରଞ୍ଜନ ବେହେରା, ଅମୀୟ ମହାନ୍ତି, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ସତ୍ୟ ସିଦ୍ଧାନ୍ତ ଦାସ, ସଦର ଛାତ୍ର ବିଜେଡି ସଭାପତି ସଂଗ୍ରାମ ସାହାଣୀ, ତରଣୀସେନ ଜେନା, ନଳିନୀ ନାୟକ, କାଳନ୍ଦୀ ଭୋଇ, ନାରାୟଣ ସ୍ୱାଇଁ, ନରହରି ବାରିକ୍, ଭୈରବ କାସ୍ତା, ହିମାଂଶୁ ଦାସ, ବଳଦେବାନନ୍ଦ ଦାସ, ଦୁର୍ଗା ପ୍ରସାଦ ଦାସ, ଶରତଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ବିଜେଡିର କର୍ମକର୍ତ୍ତାମାନେ ।

### ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ନିଶ୍ଚିନ୍ତକୋଇଲି, ୩୧।୧୦(ସ୍ୱ.ପ୍ର):

ନିଶ୍ଚିନ୍ତକୋଇଲି ଥାନା କଟିକଟା ଗ୍ରାମର ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ପାରିବାରିକ କଳହକୁ କେନ୍ଦ୍ରକରି ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ସେ ହେଲେ କାହ୍ନୁଚରଣ ବେହେରାଙ୍କ କନ୍ୟା ବର୍ଷା ପ୍ରିୟଦର୍ଶିନୀ (୧୭)। ସ୍ଥାନୀୟ ଲୋକେ ଘର କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତାଙ୍କର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି।

### ଏସ୍‌ସିବି ସ୍ୱାସ୍ଥ୍ୟସେବା ସମ୍ପର୍କରେ ବୁଝିଲେ ମୋକିମ

କଟକ ଅଫିସ, ୩୧।୧୦

ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ସୋମବାର ଏସ୍‌ସିବି ମେଡିକାଲ ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟସେବାରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ରୋଗୀମାନେ ତାଙ୍କୁ ଅବଗତ କରାଇଥିଲେ। ବିଧାୟକ ମୋକିମ କହିଛନ୍ତି, ହସ୍ପିଟାଲର ହେମାଟୋଲୋଜି ବିଭାଗରେ ରୋଗୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ସେମାନଙ୍କ ସ୍ୱାସ୍ଥ୍ୟସେବା ପ୍ରତି ରାଜ୍ୟ ସରକାର ଦୃଷ୍ଟି ନ ଦେବା ଦୁର୍ଭାଗ୍ୟଜନକ। ମାତ୍ର ୨୦ଟି ଶଯ୍ୟା ସହ ୪ଜଣ ଡାକ୍ତର ରୋଗୀ ସେବାରେ ନିୟୋଜିତ ଅଛନ୍ତି। ଏପରିକି ଡେ କେୟାରରେ କୌଣସି ଡାକ୍ତର ନାହାନ୍ତି। ରକ୍ତ ନେବା, କେମୋଥେରାପି ଭଳି ଗୁରୁତ୍ୱପୂର୍ଣ୍ଣ ସେବାକୁ ଠିକ୍ ଭାବେ ପରିଚାଳନା କରାଯାଉନାହିଁ। ରୋଗୀଙ୍କୁ ସ୍ୱାସ୍ଥ୍ୟସେବାର ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ମୋକିମ ଦାବି କରିଛନ୍ତି।

# ମୋ ଗାଁରେ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ

ସାଲେପୁର,୩୧।୧୦(ଡି.ଏନ୍.ଏ.):

ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ 'ମୋ ଗାଁରେ ସାହିତ୍ୟ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିସାହିସ୍ଥିତ ଡ. ପ୍ରସନ୍ନ ମହାପାତ୍ରଙ୍କ ବାସଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲାର ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଷ୍ଣୁଚରଣ ସାମନ୍ତରାୟ ଉଦ୍‌ଘାଟନ କରି କହିଲେ, ସାହିତ୍ୟ ଗାଁରେ ଅଛି। ଗାଁର ମହିଳାମାନେ ଢ଼ଗ ଢ଼ମାଳି ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟର ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ପାଲା, ଦାସକାଠିଆ, ଭାଗବତ ଓ ଗୀତାପାଠ, ଘୋଡ଼ାନାଚ ସମେତ ବିଭିନ୍ନ ପର୍ବପର୍ବାଣୀରେ ସାଂସ୍କୃତିକ ଭାବ ବିନିମୟ ଆମ ସାହିତ୍ୟକୁ ବଞ୍ଚାଇ ରଖିଛି। କଥାକାର ଡ. ଗିରୀଶ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଗ୍ରାମୀଣ ସଂସ୍କୃତି ଓ ପରମ୍ପରା ଆମ ଓଡ଼ିଆ ସାହିତ୍ୟକୁ ବଞ୍ଚାଇ ରଖିଛି ବୋଲି କହିଥିଲେ। ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବିଷ୍ଣୁଚରଣ ମିଶ୍ର ସ୍ୱାଗତ ସୂଚନା ଦେବା ସହ କାର୍ଯ୍ୟକ୍ରମର ବିବରଣୀ ସମ୍ପର୍କରେ କହିଥିଲେ। ଡ. ପ୍ରସନ୍ନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ମଲ୍ଲିକ, କବି ଡ. ନିଖିଳେଶ ମହାନ୍ତି, ରାମଚନ୍ଦ୍ର ସାହୁ, ଆଡ୍‌ଭୋକେଟ୍ ଅନିଲ କୁମାର ଦାଶ, ବରିଷ୍ଠ ଶିଶୁ ସାହିତ୍ୟିକ ଶଶିଭୂଷଣ ମିଶ୍ର, ଘନଶ୍ୟାମ ସାମଲ, ଦୟାନିଧି ସାହୁ, ମାନସ କୁମାର ଦାଶ, ସ୍ମୃତିରଞ୍ଜନ ଦାଶ, ସାମ୍ବାଦିକ ପ୍ରଦୀପ୍ତ କୁମାର ଶତପଥୀ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ।

# ଇନ୍ଦିରାଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ



ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରାଯାଉଛି ।

ମାହାଙ୍ଗା, ୩୧।୧୦(ସ୍ୱ.ପ୍ର):

ସେକ ମତଲୁବ ଅଲି ସ୍ମୃତି ସଂସଦ ପକ୍ଷରୁ କୁମୁଡ଼ା ହାଟ ଓ ମାହାଙ୍ଗା ତହସିଲ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ୧୩୯ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ସଂସଦର ସାଧାରଣ ସମ୍ପାଦକ ଦୀପକ କୁମାର ମହାନ୍ତିଙ୍କ ନେତୃତ୍ୱରେ ଯୁବନେତା ସଂଗ୍ରାମ ସାମଲ, ରବି ନାରାୟଣ ସାହୁ, ଭାନୁଚରଣ ପରିଡା, ଅରୁଣ ନାଥ, ଆଇନଜୀବୀ ବିଜୟ କୁମାର ରାଉତ, ଦାମୋଦର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେଠୀ, ଦୀପକ ନାୟକ, ପ୍ରତାପ ନାୟକ, ଗଣେଶ୍ୱର ସ୍ୱାଇଁ, ହାଡିବନ୍ଧୁ ସାହୁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ପୁଷ୍ପଗିରି ମହାବିଦ୍ୟାଳୟ ଏରକଣା, ହନୁମାନଜୀଉ ବିଦ୍ୟା ନିକେତନ ରାଣୀଗୋଡାଠାରେ ସଂସଦର ଉପଦେଷ୍ଟା ପ୍ରାକ୍ତନ ସରପଞ୍ଚ ଦୀନବନ୍ଧୁ ପାତ୍ରଙ୍କ ନେତୃତ୍ୱରେ ନଳିନୀକାନ୍ତ ନାୟକ, ମନ୍ମଥ ଖଟୁଆ, ନାରାୟଣ ସ୍ୱାଇଁ, ଭ୍ରମରବର ଦାସ, ଡମ୍ବରୁଧର ସ୍ୱାଇଁ, କୈବଲ୍ୟ ନାୟକ, କୁଶାସନ ମଲିକ, ଶିକ୍ଷାବିତ ସୁରେନ୍ଦ୍ର ଲେଙ୍କା, ସୁବାସ ସ୍ୱାଇଁ, ଅଧ୍ୟାପକ ଅକ୍ଷୟ ମହାନ୍ତି, ଦୈତାରୀ ସାହୁ, ସୌକତ ଅଲି, ସୁକାନ୍ତ ନନ୍ଦ ଓ ସେକ କଲିମୁଲ୍ଲା ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଇନ୍ଦିରା ଗାନ୍ଧୀଙ୍କୁ ଜଣେ ନିର୍ଭିକ ବିଶ୍ୱ ନାରୀନେତ୍ରୀ ଭାବେ ଆଲୋକପାତ କରିଥିଲେ ।

# ପ୍ରଗତି ପଥରେ ଦୁର୍ନୀତି ବଡ଼ ପ୍ରତିବନ୍ଧକ

**ଦୁର୍ନୀତି ନିବାରଣ ସପ୍ତାହ**

■ଅଧିକାରୀ, କର୍ମଚାରୀଙ୍କୁ ଶପଥପାଠ କରାଇଲେ ମୁଖ୍ୟମନ୍ତ୍ରୀ

କଟକ ଅଫିସ/ଆଠଗଡ଼/ସାଲେପୁର (ସ୍ୱ.ପ୍ର./ଡି.ଏନ୍.ଏ.) ୩୧।୧୦

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର କଟକ କଲେକ୍ଟୋରେଟସ୍ଥିତ ଭିଡିଓ କନଫରେନ୍ସ ହଲରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଓ କର୍ମଚାରୀଙ୍କୁ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସାଧୁତାର ଶପଥ ପାଠ କରାଇଥିଲେ। ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ। ଏଣୁ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସରକାର, ନାଗରିକ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମସ୍ତ ଦାୟିତ୍ୱକୁ ସ୍ୱଚ୍ଛତାର ସହ ସମ୍ପାଦନ କରିବା ସହ ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ସିଏମ୍‌ସି ଉପଆୟୁକ୍ତ ସଞ୍ଜିବିତା ରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଡେପୁଟି କଲେକ୍ଟର ଭୁବନାନନ୍ଦ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର, କଲେକ୍ଟୋରେଟ ଷ୍ଟାଫ କମିଟି ସଭାପତି ବିଶ୍ୱମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଯୋଗଦେଇ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ।



ଆଠଗଡ଼ରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ କର୍ମଚାରୀମାନଙ୍କୁ ଶପଥପାଠ କରାଉଛନ୍ତି ।

କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍ କୋର୍ଟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁ ଯୋଗଦେଇ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ସେହିପରି ଓଡ଼ିଶା ଷ୍ଟେଟ କଞ୍ଜ୍ୟୁମର ଡିସ୍‌ପୁଟ୍‌ସ ରିଡ୍ରେସାଲ କମିଶନ (ଓଏସ୍‌ସିଡିଆର୍‌ସି) ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ କମିଶନଙ୍କ କାର୍ଯ୍ୟାଳୟରେ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଏସ୍‌ସିଡିଆର୍‌ସି ସଭାପତି ଜଷ୍ଟିସ ଡି. ପି. ଚୌଧୁରୀ ଯୋଗଦେଇ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତିମୁକ୍ତ ଭାରତ ପାଇଁ ଶପଥ ପାଠ କରାଇଥିଲେ। ଓଏସ୍‌ସିଡିଆର୍‌ସି ସଦସ୍ୟ ଦିଲୀପ କୁମାର ମହାପାତ୍ର, ଡ. ପ୍ରମୋଦ କୁମାର ପୃଷ୍ଟି, ସୁଧୀରଲକ୍ଷ୍ମୀ ପଟ୍ଟନାୟକ, ହେମନ୍ତ କୁମାର ମହାନ୍ତି, ସଚିବ ଶାନ୍ତନୁ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ସଂଯୋଜନାରେ ଆୟୋଜିତଉକ୍ତ କାର୍ଯ୍ୟକ୍ରମକୁଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦୁର୍ନୀତି ନ କରିବାକୁ ଶପଥ ପାଠ କରାଯାଇଥିଲା। ତହସିଲଦାର ପ୍ରିୟବ୍ରତ ଦାସ, ଅତିରିକ୍ତ ଯୋଗାଣ ଅଧିକାରୀ ଜଗମୋହନ ଦାସଙ୍କ ସମେତ ଉପଜିଲାପାଳ ଓ କର୍ମଚାରୀ ସମସ୍ତ କ୍ଷେତ୍ରରେ ସ୍ୱଚ୍ଛ, ସାଧୁତା ଅବଲମ୍ବନ କରିବାକୁ ଶପଥ କରିଥିଲେ। ଲୋକସମ୍ପର୍କ ଅଧିକାରୀ ଅଲେଖ ବିହାରୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଲେପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ କର୍ମଚାରୀମାନେ ଦୁର୍ନୀତିମୁକ୍ତ ସେବା ଯୋଗାଇବା ପାଇଁ ଶପଥ ପାଠ କରିଥିଲେ। ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୀପକ କୁମାର ସେନାପତି ସମସ୍ତ କର୍ମଚାରୀଙ୍କୁ ଶପଥ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀଧନ ପରୀକ୍ଷକ ପ୍ରାଣବନ୍ଧୁ ସାହୁ, ପ୍ରାଣୀଧନ ନିରୀକ୍ଷକ ଜୟନ୍ତ ମଲିକ, ସଞ୍ଜୟ ଦଲାଲ, ବ୍ରହ୍ମାନନ୍ଦ ପରିଡ଼ା, ମିହିର କୁମାର ଦାସ, ସାଗର କୁମାର ବାରିକ, ଭାଗ୍ୟଧର ନାୟକ, ଚନ୍ଦ୍ରମଣି ମଲିକ ଓ ପ୍ରଶାନ୍ତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗାଡ଼ି ବ୍ୟାଟେରି ଚୋରି, ୨ ଗିରଫ

**ଯାଁଲା,୩୧।୧୦(ଡି.ଏନ୍.ଏ.):** ଗାଡ଼ି ବ୍ୟାଟେରି ଚୋରି ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ସୋମବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ପିତାପଲ୍ଲୀରେ ରହୁଥିବା ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅମ୍ବିକିର ଅଞ୍ଚଳର ଭରତ ଜେନା (୩୯) ଓ ଜଟଣୀ ଥାନା ଅନ୍ତର୍ଗତ କୁଦିଆରିର କାର୍ତ୍ତିକେଶ୍ୱର ବେହେରା (୨୩)। ଏମାନଙ୍କ ନିକଟରୁ ଗାଡ଼ିର ୩ଟି ବ୍ୟାଟେରି ଜବତ ହୋଇଛି। ସୂଚନା ମୁତାବକ, ପିତାପଲ୍ଲୀରେ ରଞ୍ଜନ କୁମାର ମଙ୍ଗରାଜ ଗତ ୨୯ ତାରିଖ ରାତିରେ ଘର ଆଗରେ ହାଇୱା ରଖି ଶୋଇଥିଲେ। କେହି ଦୁର୍ବୃତ୍ତ ରାତିରେ ହାଇୱାରୁ ୩ଟି ବ୍ୟାଟେରି ଚୋରି କରି ନେଇଥିଲେ। ଏନେଇ ରଞ୍ଜନଙ୍କ ଅଭିଯୋଗକ୍ରମେ ଇନ୍‌ଫୋଭ୍ୟାଲି ପୋଲିସ ସିସିଟିଭି କ୍ୟାମେରା ଯାଞ୍ଚ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

### ଖୋ-ଖୋ ଚୟନ ଶିବିର ୫ରୁ

**ଖୋର୍ଦ୍ଧା ଅଫିସ,୩୧।୧୦:** ଖୋର୍ଦ୍ଧା କ୍ରୀଡା ସଂସଦ ଆନୁକୂଲ୍ୟରେ ଆନ୍ତଃ ଜିଲା ଖୋ-ଖୋ ପ୍ରତିଯୋଗିତା ପାଇଁ ଉଭୟ ପୁରୁଷ ଓ ମହିଳା ଦଳ ମନୋନୟନ କରାଯିବ। ଆସନ୍ତା ନଭେମ୍ବର ୫ତାରିଖରେ ଖୋର୍ଦ୍ଧା ଷ୍ଟାଡିୟମ ଠାରେ ସକାଳ ୯ଟାରେ ଚୟନ ଶିବିର ଅନୁଷ୍ଠିତ ହେବ। କେବଳ ଖୋର୍ଦ୍ଧା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଆସୋସିଏନର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଗୁଡିକର ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ ବୋଲି ସଂସଦ ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ କହିଛନ୍ତି।

### ଓଡ଼ିଶା ହିଷ୍ଟ୍ରି କଂଗ୍ରେସ ସମ୍ମିଳନୀ ୨ରେ

**ନିରାକାରପୁର,୩୧।୧୦(ଡି.ଏନ୍.ଏ.):** ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଇତିହାସ ବିଭାଗ ଦ୍ୱାରା ଓଡିଶା ହିଷ୍ଟ୍ରି କଂଗ୍ରେସ ସମ୍ମିଳନୀ ଆସନ୍ତା ୨ ତାରିଖରେ ଅନୁଷ୍ଠିତ ହେବ। ବିଶିଷ୍ଟ ଐତିହାସିକ, ଗବେଷକ ଓ ପ୍ରଫେସରମାନେ ଯୋଗଦେଇ ସାମ୍ପ୍ରତିକ ଭାରତରେ ଇତିହାସର ପୁନର୍ବିନ୍ୟାସ ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ମହାବିଦ୍ୟାଳୟ ଅଧକ୍ଷ ଡ.ସଞ୍ଜୟ କୁମାର ମହାପାତ୍ର କହିଛନ୍ତି। ଓଡିଶା ହିଷ୍ଟ୍ରି କଂଗ୍ରେସ ପକ୍ଷରୁ ପ୍ରଫେସର ବସନ୍ତ କୁମାର ମଲ୍ଲିକ, ଡ.ସୁବାସ ଚନ୍ଦ୍ର ବାରିକ, ପ୍ରଫେସର ଅମୀୟ ମହାନ୍ତି, ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଅନାମ ବେହେରା ଯୋଗଦେଇ ସନ୍ଦର୍ଭ ଉପସ୍ଥାପନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଇତିହାସ ମୁଖ୍ୟ ସଂଯୋଜିକା ପ୍ରତିଭାମୟୀ ମିତ୍ର ସୂଚନା ଦେଇଛନ୍ତି।

### ଜଳିଗଲା ୩ ବାଇକ୍

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ବିଳମ୍ବିତ ରାତିରେ ଏକ ସଙ୍ଗେ ତିନୋଟି ବାଇକ ଜଳିଯିବା ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟିକରିଛି। ଲକ୍ଷ୍ମୀସାଗର ଥାନା ବୁଦ୍ଧେଶ୍ୱରୀ କଲୋନୀରେ ଦେଖିବାକୁ ମିଳିଛି ଏଭଳି ଘଟଣା । ଏନେଇ ଗାଡି ମାଲିକ ଅମି ପ୍ରଧାନ, ଦୁର୍ଯ୍ୟୋଧନ ଦାସ, ଜୟନ୍ତ କୁମାର ସାମନ୍ତରାୟ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ କୌଣସି ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ବୁଦ୍ଧେଶ୍ୱରୀ କଲୋନୀର ଅମି କୁହନ୍ତି, ରବିବାର ରାତି ୨ଟାରେ ବାଇକ ଜଳୁଥିବା ଦେଖି ପଡୋଶୀଙ୍କୁ ଜଣାଇଥିଲି।

# ମଙ୍ଗଳାଯୋଡ଼ିରେ ପକ୍ଷୀ ସୁରକ୍ଷା ଉପରେ ନଜର

**ଖୋର୍ଦ୍ଧା ଅଫିସ,୩୧।୧୦**



■ ଶୀତ ଅଧିକ ହେଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢ଼ିବ

■ ଶିକାରୀଙ୍କ ଉପରେ ବନବିଭାଗର ନଜର

ବାୟୁମଣ୍ଡଳରୁ ଉଷ୍ମତା ହ୍ରାସ ପାଇଥିବା ବେଳେ ଶୀତ ଅନୁଭୂତ ହୋଇଛି। ଫଳରେ ଚିଲିକାକୁ ରଙ୍ଗ ବେରଙ୍ଗର ବିଦେଶୀ ପକ୍ଷୀଙ୍କ ଆଗମନ ହେବାରେ ଲାଗିଛି। ଚିଲିକାର ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଟାଙ୍ଗୀ ବ୍ଲକ ଅଧୀନ ମଙ୍ଗଳାଯୋଡିକୁ ପକ୍ଷୀଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ। ଏଠାରେ ପର୍ଯ୍ୟଟକଙ୍କ ଭିଡ ଜମିଥାଏ। ଚିଲିକା ଭିତରକୁ ପର୍ଯ୍ୟଟକଙ୍କୁ ନେବା ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଡଙ୍ଗାର ବ୍ୟବସ୍ଥା ରହିଛି। ପକ୍ଷୀଙ୍କ ଯାତାୟାତରେ ବାଧା ଉପୁଜିବା ଆଶଙ୍କାରେ ଏଠାରେ ମୋଟର ଚାଳିତ ଡଙ୍ଗା ଚଳାଚଳ ଉପରେ କଟକଣା ରହିଛି। ମଙ୍ଗଳାଯୋଡିରୁ ଚିଲିକାର ନୀଳ ଜଳରାଶି, ପ୍ରାକୃତିର ନୈସର୍ଗିକ ଦୃଶ୍ୟପଟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏଥିସହିତ ପକ୍ଷୀଙ୍କ ସମାହାର ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ୨୦୨୦ରେ ଚିଲିକାକୁ ପ୍ରଥମ ପର୍ଯ୍ୟାୟରେ ୬୨ ପ୍ରଜାତିର ୨୨ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ୨୦୨୧ରେ ୬୦ ପ୍ରଜାତିର ପ୍ରାୟ ୨୨ହଜାର ଆଗମନ କରିଥିଲେ। ଚଳିତ ବର୍ଷ ୬୫ ପ୍ରଜାତିର ୧୯,୧୫୭ ପକ୍ଷୀଙ୍କ ଆଗମନ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ପକ୍ଷୀଙ୍କ ଅଭୟାରଣ୍ୟ ଭାବେ ପରିଚିତ ନଳବଣ ଏବଂ ମଙ୍ଗଳାଯୋଡି ଅଞ୍ଚଳକୁ ବିଦେଶାଗତ ପକ୍ଷୀଙ୍କ ଅଧିକ ଆଗମନ ହୋଇଥାଏ।

ଟାଙ୍ଗୀ ବନ୍ୟପ୍ରାଣୀ ଅଧିକାରୀ ସି.ଏଚ୍. ମୁର୍ମୁଙ୍କ ସୂଚନା ଅନୁଯାୟୀ, ମଙ୍ଗଳାଯୋଡି ଏବଂ ଅନ୍ୟ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଆସିଥିବା ଜଣାପଡିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ମଙ୍ଗଳାଯୋଡି, ଭୂଷଣ୍ଡପୁର, ବାଲିପାଟପୁର, ଦେଏପୁର, ଢୋଲପୁର, ବରୁଣପଦା, ହାଲିସିଙ୍ଗ, ଅଭିମାନପୁର, ସୁନ୍ଦରପୁର, ନଇରୀ, ସୋରଣରେ ମୋଟ୍ ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ଜଣେ ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ନାଇଟ ୱାଚରମ୍ୟାନଙ୍କୁ ନିୟୋଜିତ କରାଯାଇଛି। ସମସ୍ତ ଅସ୍ଥାୟୀ କ୍ୟାମ୍ପରେ ଫରେଷ୍ଟ ଗାର୍ଡ ନିୟୋଜିତ ଅଛନ୍ତି। ସେମାନେ ନିଜ ପରିସୀମା ମଧ୍ୟରେ ସ୍ଥାନୀୟ ଲୋକଙ୍କ ସହିତ ଯୋଗାଯୋଗରେ ପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିଲେ, ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶିକାର ହୋଇଥାଏ। ଏହାକୁ ରୋକିବା ପାଇଁ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଉପକୂଳବର୍ତ୍ତୀ ଗ୍ରାମ ଗୁଡିକରେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ରାତ୍ରି ପାଟ୍ରୋଲିଂକୁ କଡାକଡି କରାଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସୂଚନା ଅନୁସାରେ ପକ୍ଷୀଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୨୧ଟି କ୍ୟାମ୍ପ, ସ୍ଥଳପଥରେ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ୍ ଗଠନ କରାଯାଇଛି। ଚଳିତବର୍ଷ ବିଳମ୍ବରେ ପକ୍ଷୀଙ୍କ ଆଗମନ ହୋଇଥିଲେ ମଧ୍ୟ ଶେଷ ଆଡକୁ ବଢିବା ସମ୍ଭାବନା ରହିଛି। ତେବେ ଗତ ୨୦ବର୍ଷର ପକ୍ଷୀଙ୍କ ଗଣନା ରିପୋର୍ଟକୁ ଅନୁଧ୍ୟାନ କଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳିଛି। କେତେଜଣ ଗାଇଡ୍‌ଙ୍କ ସୂଚନା ମୁତାବକ, ଏବେ ରେସିଡେଂଟ୍ରୋଲ ପକ୍ଷୀଙ୍କ ସଂଖ୍ୟା ଅଧିକା ରହିଛି। ଶୀତ ବଢିଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିବା ସମ୍ଭାବନା ରହିଛି। ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, ମଙ୍ଗଳାଯୋଡିରେ ରାଜଦଳ ଏବଂ ନଳଘାସ ମାଡିଗଲାଣି। ଚିଲିକା ଧୀରେ ଧୀରେ ପୋତି ହେଲାଣି। ଜୈବ ବିବିଧତା ନଷ୍ଟ ହେବା ସହ ବହୁ ଜଳଚର ଜୀବଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ବିଦେଶାଗତ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଆସିଥାନ୍ତି। ଏଠାରେ ଖାଦ୍ୟ ଉପଲବ୍ଧ ନ ହେବ, ତେବେ ଆଗକୁ ପକ୍ଷୀଙ୍କ ଆଗମନ ମଧ୍ୟ କମିବା ଆଶଙ୍କା ରହିଛି। ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

## ୭ରୁ ଆମ ବଡ଼ଓଷା ପରବ

**ଖୋର୍ଦ୍ଧା ଅଫିସ,୩୧।୧୦**

ଗୁରୁଜଙ୍ଗ ଯୁବ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଗୁରୁଜଙ୍ଗ ମେଳଣ ପଡିଆରେ 'ଆମ ବଡ଼ଓଷା ପରବ' ର ୨୧ତମ ବାର୍ଷିକୋତ୍ସବ ନଭେମ୍ବର ୭ ଓ ୮ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏନେଇ ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। କୋଭିଡ କଟକଣା ଯୋଗୁ ଦୁଇ ବର୍ଷ ଉତ୍ସବ ଫିକା ପଡିଥିବା ବେଳେ ଚଳିତ ବର୍ଷ ଉତ୍ସବକୁ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଭାବେ ଆୟୋଜନ ଲାଗି ନିଷ୍ପତ୍ତି ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଇରା ମହାନ୍ତି ଏବଂ ଅନ୍ୟ ପ୍ରତିଷ୍ଠିତ କଣ୍ଠ ଶିଳ୍ପୀ, ସିନେ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବ କମିଟିର ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉପଦେଷ୍ଟା ରହିଥିବା ବେଳେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ପରବ ଅଧ୍ୟକ୍ଷ, ପୂର୍ବତନ ପୌର ଉପାଧ୍ୟକ୍ଷ ସଞ୍ଜୟ ସିଂ ସଭାପତି, ଆଇନଜୀବୀ ରିତେଶ ସାହୁ କାର୍ଯ୍ୟକାରୀ ସଭାପତି, ଜିତେନ୍ଦ୍ର ସାହୁ ସମ୍ପାଦକ, ଜୟକୃଷ୍ଣ ମହାପାତ୍ର ସହସମ୍ପାଦକ, ସୁବାଷ ଚନ୍ଦ୍ର ଦାସ କୋଷାଧ୍ୟକ୍ଷ ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ବିଧାନ ଚନ୍ଦ୍ର ମହାନ୍ତି, ଡ.ଧୀରେନ୍ଦ୍ର ନନ୍ଦ, ସୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ବଦ୍ରି ନାରାୟଣ ସାହୁ, ରବି ନାରାୟଣ ଜେନା ପ୍ରମୁଖ ରହିଛନ୍ତି।

# ୧୦୯ ଅଭିଯୋଗରୁ ୨ ତତ୍କାଳ ସମାଧାନ



ଜନଶୁଣାଣି ଶିବିରରେ ଜିଲପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଅନ୍ୟ ଅଧିକାରୀ।

**ଜଟଣୀ,୩୧।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଲୋକଙ୍କ ଅଭିଯୋଗର ବିଚାର କରିଥିଲେ। ଶିବିରରେ ମୋଟ୍ ୧୦୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ୧୦୭ ଓ ସାମୁହିକ ଅଭିଯୋଗ ୨ଟି ରହିଥିଲା। ତେବେ ଦୁଇଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଭୁବନେଶ୍ୱର ଉପ ଜିଲାପାଳ ଦେବବ୍ରତ ସାହୁ, ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ବିଡିଓ ସରୋଜ କୁମାର ରାଉତ, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲିକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ପୋରାଧ୍ୟକ୍ଷ ଅନନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଭିଜିଲାନ୍ସ ଆୱାରନେସ ସପ୍ତାହ ଅବସରରେ ଦୁର୍ନୀତି ରୋକିବା ଉଦ୍ଦେଶ୍ୟରେ ଠିକ୍ ଏବଂ ସ୍ୱଚ୍ଛ ଭାବେ କାର୍ଯ୍ୟକାରୀ ଅଖଣ୍ଡତା ପାଇଁ ଶପଥ ଗ୍ରହଣ କରିଥିଲେ।

## ଦେଶର ପ୍ରଗତିରେ ଦୁର୍ନୀତି ହିଁ ପ୍ରତିବନ୍ଧକ

**ବୋଲଗଡ଼,୩୧।୧୦(ଡି.ଏନ୍.ଏ.)**

ଦେଶର ପ୍ରଗତିରେ ଦୁର୍ନୀତି ହିଁ ମୁଖ୍ୟ ପ୍ରତିବନ୍ଧକ। ଏହା ବିରୋଧରେ ସଂଗ୍ରାମକୁ ଜାରି ରଖିବା ପାଇଁ ସୋମବାର କଡବ ପଞ୍ଚାୟତ ମିଶନ ଶକ୍ତି ପକ୍ଷରୁ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଶପଥ ପାଠ କରିଛନ୍ତି। ପ୍ରଥମେ ପଞ୍ଚାୟତର ୧୪ଟି ଆଞ୍ଚଳିକ ମଞ୍ଚରେ ସିଆରପିମାନଙ୍କ ନେତୃତ୍ୱରେ ଗୋଷ୍ଠୀର ମହିଳା ସଦସ୍ୟମାନେ ଦୁର୍ନୀତି ବିରୋଧି ସଚେତନତା ବର୍ତ୍ତା ଲେଖାଯାଇଥିବା ପ୍ଲାକାର୍ଡ ଧରି ସାହି ପରିକ୍ରମା କରିବା ସହ ଶପଥ ପାଠ ଉତ୍ସବ ପାଳନ କରିଥିଲେ। ଏଥିରେ କଡବ ପଞ୍ଚାୟତ ସ୍ତରୀୟ ସଂଘର ଏମବିକେ ଲକ୍ଷ୍ମୀପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା। ମିଶନଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ୧୩ ଜଣ ସିଆରପି, ୨ପ୍ରାଣୀ ମିତ୍ର, ୩ କୃଷିମିତ୍ର ସମୁହକୁ ନେଇ ସ୍ଲୋଗାନ ଓ ଶପଥ ପାଠ କରାଯାଇଥିଲା।

## କାଳୀପୂଜାରେ ଅଶ୍ଳୀଳ ନୃତ୍ୟକୁ ନେଇ ଅସନ୍ତୁଷ୍ଟ

**ଖୋର୍ଦ୍ଧା ଅଫିସ,୩୧।୧୦**

ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

କାଳୀପୂଜା ଅବସରରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ବିନୋଦପଡା ଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଣେ ଯୁବତୀ ଅଶ୍ଳୀଳ ଭଙ୍ଗୀରେ ନୃତ୍ୟ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଭଦ୍ରକର ଏକ ଯାତ୍ରାମଞ୍ଚରେ ଜଣେ ଯୁବତୀ ଅଶ୍ଳୀଳ ନୃତ୍ୟ ପରିବେଷଣ ବେଳେ ମହିଳାଙ୍କ ବିରୋଧ ନେଇ ବିବାଦ ଥମି ନ ଥିବା ବେଳେ ଏବେ ବିନୋଦପଡା ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂପୃକ୍ତା ଯୁବତୀଙ୍କ ଅଶ୍ଳୀଳତା ସୀମା ଟପିଥିଲା। ବିନୋଦପଡାଠାରେ ଏବିସିଡି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଏହି କାର୍ଯ୍ୟକ୍ରମ ହେଉଥିବା ଚର୍ଚ୍ଚା ହେଉଛି। ଯୁବପିଢ଼ି ଆଧୁନିକ ଛାପରେ ନିଜ ସଂସ୍କୃତି କଳାକୁ ଭୁଲିଯିବାକୁ ବସିଲେଣି। ମତୁଆଲା ହୋଇ ଅଶ୍ଳୀଳତାକୁ ପ୍ରଶ୍ରୟ ଦେଉଥିବା ଦେଖିବାକୁ ମିଳିଛି। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଅଶ୍ଳୀଳତା ଆଡ଼କୁ ଡ୍ୟାନ୍ସ ଗ୍ରୁପଗୁଡିକ ଯିବାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା




ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

**ଟାଙ୍ଗୀ(ଖୋର୍ଦ୍ଧା),୩୧।୧୦(ଡି.ଏନ୍.ଏ.)**

ଟାଙ୍ଗୀ ପଞ୍ଚାୟତରେ ସୋମବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ମଧୁମଙ୍ଗଳ ପଡିଆରୁ ପଦଯାତ୍ରା ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରି ରତ୍ନମାଳି ମନ୍ଦିର ଠାରେ ଶେଷ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏଥିସହ ଆଗାମୀ ଦିନରେ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ମହିଳା ଜିଲା ସଭାପତି ଗୀତାଞ୍ଜଳି ପାଟ୍ଟଶାଣୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସରପଞ୍ଚ କିଶୋର କୁମାର ବେହେରା, ବ୍ଲକ ଯୁବ ସଭାପତି ଚିନ୍ମୟ ପୃଷ୍ଟି, ଜିଲା ଉପସଭାପତି ବିପିନ କୁମାର ଜୟସିଂହ, ଦୁର୍ଯ୍ୟୋଧନ ରାଉତରାୟ, ଜିଲା ପରିଷଦ ସଭ୍ୟ ବିଜୟ ଜେନା, ବିଜୟ ପାଲଟାସିଂ, ବିଜୟ କୁମାର ମହାପାତ୍ର, ପୂର୍ବତନ ବ୍ଲକ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# ୧୦ ଅମାନିଆ ବାଇକ୍ ଚାଳକ କୋର୍ଟଚାଲାଣ

**ବାଲୁଗାଁ,୩୧।୧୦(ଡି.ଏନ୍.ଏ.)**

୨୦୧୯ ମୋଟର ଯାନ ଆଇନ ଅନୁଯାୟୀ ନିୟମ ଉଲ୍ଲଘଂନକାରୀଙ୍କ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ୧୦ଜଣ ଅମାନିଆ ବାଇକ୍ ଚାଳକଙ୍କୁ ବାଲୁଗାଁ ପୋଲିସ ପୃଥକ ଭାବେ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ବାଲୁଗାଁ ପୋଲିସର ବାରମ୍ବାର ଚଢ଼ାଉ ଏବଂ ଜରିମାନା ଆଦାୟ ସତ୍ତ୍ୱେ କେତେଜଣ ବାଇକ୍ ଚାଳକ ନିୟମ ଉଲ୍ଲଘଂନକରି ଗୋଟିଏ ବାଇକରେ ଦ୍ରୁତ ଗତିରେ ୩ଜଣ ଯାତ୍ରା କରିବା, ନିଶାସକ୍ତ ଅବସ୍ଥାରେ ବାଇକ୍ ଚାଳନା ଏବଂ ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ଆଦି ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହା ଦ୍ୱାରା ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀ ଏବଂ ଯାନବାହାନ ଆରୋହୀ ପ୍ରଭାବିତ ହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ। ଏହି ପରିପ୍ରେକ୍ଷୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସମ୍ପୃକ୍ତ ଅମାନିଆଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିବା ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନ ଏବଂ ଆଇଆଇସି ରଶ୍ମୀ ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଅମାନିଆ ଚାଳକଙ୍କୁ ଧରିବା ପାଇଁ ପୃଥକ ଭାବେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। ଆଇନ ଉଲଂଘନକାରୀ ୧୦ ଅମାନିଆଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ପୃଥକ ଭାବେ ପୋଲିସ ୧୦ଟି ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଚିଲିକା କୋର୍ଟକୁ ଚାଲାଣ କରାଯିବା ପରେ ମାନ୍ୟବର ଅଦାଲତ ମାମଲାର ତ୍ୱରିତ ବିଚାର କରିଥିଲେ। ଅଭିଯୁକ୍ତମାନଙ୍କ ଠାରୁ ମୋଟ ୪୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆଇଆଇସି ଦାଶ କହିଛନ୍ତି। ଖୋର୍ଦ୍ଧା ଜିଲାରେ ଅମାନିଆଙ୍କ ବିରୋଧରେ ବାଲୁଗାଁ ପୋଲିସର ଏଭଳିପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ତେବେ ଅମାନିଆଙ୍କ ବିରୋଧରେ ଏହି ସ୍ୱତନ୍ତ୍ର ଡ୍ରାଇଭ ଆଗକୁ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

## ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ

# ଜୟଦୁର୍ଗା-କୁସପଲ୍ଲା ମ୍ୟାଚ୍ ଡ୍ର



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୩୧।୧୦**

ଖୋର୍ଦ୍ଧା କ୍ରୀଡା ସଂସଦ ଏବଂ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ଠାରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ୫ମ ଦିବସରେ ସୋମବାର ଆୟୋଜକ ଜୟଦୁର୍ଗା ଓ କୁସପଲ୍ଲା ଆଥଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ମ୍ୟାଚ ଅମୀମାଂସିତ ରହିଥିଲା। ଫଳରେ ଏହି ମ୍ୟାଚ ଡ୍ର ରହିଥିଲା। ପ୍ରଫୁଲ୍ଲ କୁମାର ବେହେରା, ଅରୁଣ କୁମାର ଦାସ, ଯୋଗେନ୍ଦ୍ର ନାୟକ ଓ ଦିଲୀପ କର ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ବେଣାପଞ୍ଝୁରୀ ଫ୍ରେଣ୍ଡସ କ୍ଲବ ଓ ତରତୁଆର ରାଇଜିଂ ଷ୍ଟାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ଦାସ ସୂଚନା ଦେଇଛନ୍ତି।

# ସରିଲା ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବ

**ବୋଲଗଡ଼,୩୧।୧୦(ଡି.ଏନ୍.ଏ.)**

ବୋଲଗଡ ବ୍ଲକ ଦେଉଳି ଗ୍ରାମର ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦେଉଳି ଗ୍ରାମବାସୀଙ୍କ ଦ୍ୱାରା ୧୭୦ ବର୍ଷ ଧରି ଏହି ପୂଜା ଚାଲି ଆସୁଥିବା ବେଳେ ଗ୍ରାମର ଗିରି ଗୋବର୍ଦ୍ଧନ ମନ୍ଦିର ପରିସରରେ ଗତ ଗୁରବାର ଠାରୁ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲେକେ ପରିବାର ସହ ଠାକୁରଙ୍କ ଦର୍ଶନ ସହ ଯାତ୍ରା ବୁଲାବୁଲି କରିଥିଲେ। ଏହି ଅବସରରେ ମଣ୍ଡପରେ ବିଜେ ହୋଇଥିବା ଚାରି ଠାକୁର ଦେଉଳି ଗ୍ରାମ ବଡସାହି ସ୍ଥିତ ଭାଗବତ ଦେବ, ମଠସାହି ସ୍ଥିତ ଶ୍ରୀଚୈତନ୍ୟଦେବ, ଦାସସାହି ସ୍ଥିତ ଦଧିବାମନ ଦେବ ଓ ଗିରି ଗୋବର୍ଦ୍ଧନ ପଡିଆସ୍ଥିତ ରାଧାମାଧବ ଦେବଙ୍କ ବିଗ୍ରହମାନେ ଚଉଦୋଳ ବିମାନରେ ପୂଜା ପାଉଥିବା ସ୍ଥାନରୁ ସ୍ୱସ୍ଥାନକୁ ଶୋଭାଯାତ୍ରାରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଗ୍ରାମର ପ୍ରତ୍ୟେକ ଦୁଆରେ ଠାକୁରଙ୍କୁ ପୂଜାର୍ଚ୍ଚନା ସହ ଭୋଗ ଲାଗି କରାଯାଇଥିଲା। ମହୋତ୍ସବ ଅବସରରେ ଏଠାରେ ଦିବାରାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦିନରେ ରାମ ନାଟକ ଓ ରାତିରେ ଅପେରା ପରିବେଷଣ ହୋଇଥିଲା। ଏହି ମହୋତ୍ସବର ବିଭିନ୍ନ ଦିବସରେ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମେତ ବିଜେଡି ନେତା ପ୍ରଦୀପ ସାହୁ ଓ ଅନେକ ପଞ୍ଚାୟତ ପ୍ରତିନିଧି ଆସି ଠାକୁରଙ୍କ ଦର୍ଶନ କରିଥିଲେ।



ଠାକୁର ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରୁଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ: ହତ୍ୟା ଅଭିଯୋଗ ଆଣିଲେ ବାପଘର

**ବଳଙ୍ଗା,୩୧।୧୦(ଡି.ଏନ୍.ଏ.):** ବଳଙ୍ଗା ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପରିଡ଼ା ସାହିରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୭୫/୨୨) ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ଅଧିକ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିବା ଜଣାପଡିଛି। ଅଧିକ ଯୌତୁକ ଦାବିରେ ହତ୍ୟା କରାଯାଇଥିବା ନେଇ ମହିଳାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ପିପିଲି ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ନିରଞ୍ଜନ ପରିଡ଼ାଙ୍କ ଝିଅ ଜ୍ୟୋତ୍ସ୍ନା ପରିଡ଼ା ଚନ୍ଦ୍ରାଦେଇପୁର ସାହିର ଶଶିକାନ୍ତ ପରିଡାଙ୍କୁ ୨ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ୧୦ ମାସର ପୁଅଟିଏ ଅଛି। ଅଧିକ ୪ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ତେବେ ରାତିରେ ତଣ୍ଟି ଚିପି ଜ୍ୟୋସ୍ନାଙ୍କୁ ମାରି ଦେଇଥିବା ନେଇ ତାଙ୍କ ଭାଇ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅନ୍ୟପଟେ ଜ୍ୟୋସ୍ନା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ଲୋକେ କହିଛନ୍ତି।

### ନିଶାମୁକ୍ତ ଭାରତ ଅଭିଯାନ କର୍ମଶାଳା

**ସାକ୍ଷୀଗୋପାଳ,୩୧।୧୦ (ଡି.ଏନ୍.ଏ/ ସ୍ୱ.ପ୍ର.):** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ସୋମବାର ନିଶାମୁକ୍ତ ଭାରତ ଅଭିଯାନର ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଆଭା ଏବଂ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ତଥା ଯୁବ ରେଡକ୍ରସର ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଏହି ତାଲିମ ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମହାବିଦ୍ୟାଳୟର ଅଧକ୍ଷ ଡ. ରତିକାନ୍ତ ପରିଡ଼ା ଯୁବ ପିଢ଼ିଙ୍କୁ ନିଶା କବଳରୁ ମୁକ୍ତ ହେବା ପାଇଁ ପରାମର୍ଶ ଦେବା ସହିତ ନିଶାମୁକ୍ତ ସମାଜ ଗଠନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ନିଶାମୁକ୍ତ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ଏକ ପିପିଟି କାର୍ଯ୍ୟକ୍ରମ ମାଧମରେ 'ଆଭା'ର ସଭାପତି ସୁଧୀର ଚନ୍ଦ୍ର ଦାସ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜାତୀୟ ସେବା ସଂସ୍ଥା ଅଧିକାରୀ ପ୍ର. ରତ୍ନାକର ସାହୁ ଅତିଥି ପରିଚୟ ଦେବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ପ୍ର. ସସ୍ମିତା ପ୍ରଧାନ, ଜାତୀୟ ସେବା ସଂସ୍ଥା ଓ ଯୁବ ରେଡକ୍ରସ ଅଧିକାରୀ ପ୍ର. ଶଙ୍କର୍ଷଣ ପ୍ରଧାନ, ପ୍ର. ମନୋଜ ପରିଡ଼ା, ପ୍ର. ନଳିନୀ ଲୋଚନ ଦାଶ, 'ଆଭା'ର କୋଷାଧକ୍ଷ ରାଜେନ୍ଦ୍ର ପ୍ରସାଦ ରଥ ଏବଂ ବିଜୟ କିଶୋର ନାୟକ ପ୍ରମୁଖ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ର. ଚନ୍ଦ୍ରଶେଖର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ୯୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ୪ ଗିରଫ

**ପୁରୀ ଅଫିସ, ୩୧।୧୦**

- ୧୧,୫୦୦ ଟଙ୍କା, କାର୍, ବାଇକ୍, ୯ ମୋବାଇଲ ଜବତ
- ନୂଆବର୍ଷଠାରୁ ଏପର୍ଯ୍ୟନ୍ତ ୮କେଜିରୁ ଊର୍ଦ୍ଧ୍ୱ ବ୍ରାଉନ ସୁଗାର ଜବତ ହେଲାଣି






ପୁରୀ ସହରରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ପୁରୀକୁ ବ୍ରାଉନସୁଗାର ଚାଲାଣ ଅଭିଯୋଗରେ ୪ଜଣଙ୍କୁ ସୋମବାର ବାସେଲୀ ସାହି ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ହସନ ଅଲ୍ଲୀ (୪୫), ଆଜିଜୁର୍ ରେହମାନ୍ (୩୫), ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମର ଆଜାଦ୍ ଅଲ୍ଲୀ ଏବଂ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ବିପ୍ଳବ ମଲ୍ଲିକ୍ (୩୫)। ଏମାନଙ୍କଠାରୁ ୮୯୦ ଗ୍ରାମ୍ ବ୍ରାଉନସୁଗାର, ନଗଦ ୧୧ ହଜାର ୫୦୦ ଟଙ୍କା, ଏକ ରୟାଲ ଏନ୍‌ଫିଲ୍ଡ ବାଇକ୍ (ନଂ. ଓଡି ୦୫ ଏୱାଇ ୯୫୦୮), ଗୋଟିଏ କାର୍ (ନଂ. ଓଡି ୩୩ ଏଚ୍ ୭୪୭୪) ଏବଂ ୯ଟି ମୋବାଇଲ ଫୋନ ଜବତ କରାଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୯୦ ଲକ୍ଷ ଟଙ୍କା। ପୋଲିସ ଏନେଇ ଏକ ମାମଲା (ନଂ. ୨୭୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସୋମବାର ବାସେଳିସାହି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ପୁରୀ ଜିଲାକୁ ବ୍ରାଉନସୁଗାରମୁକ୍ତ କରିବା ପାଇଁ ଚଳିତ ବର୍ଷ ପ୍ରଥମରୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସୋମବାର ସକାଳେ ବାସେଳିସାହି ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର ହେବା ସହ ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବ୍ରାଉନ ସୁଗାର ବେପାରୀ ସାମିଲ ଥିବା ଖବର ମିଳିଥିଲା। ବାସେଳି ସାହି ଥାନା ଅଧିକାରୀ କୁଳମଣି ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳାଘାଟ ଛକ ନିକଟ ସ୍ୱେରେଜ ବୋର୍ଡ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଅଞ୍ଚଳରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଚାଲିଛି। ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ନାମରେ ପୂର୍ବରୁ ୩ଟି ମାମଲା ରହିଛି। ସେହିପରି ପୁରୀରେ ଯେଉଁମାନେ ବ୍ରାଉନ ସୁଗାର କାରବାର କରୁଛନ୍ତି, ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଟିମ୍ ଗଠନ କରାଯାଇଛି। ନୂଆବର୍ଷଠାରୁ ଏପର୍ଯ୍ୟନ୍ତ ପୋଲିସ ୮କେଜିରୁ ଊର୍ଦ୍ଧ୍ୱ ବ୍ରାଉନ ସୁଗାର ଜବତ ହେଲାଣି। ଆଗକୁ ଚଢ଼ାଉ ଜାରି ରହିବ ବୋଲି ପଣ୍ଡା କହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଏବଂ ବାସେଳି ସାହି ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ଦୟାନଦୀ କୂଳରେ ଦନ୍ତା, ଗ୍ରାମବାସୀ ଆତଙ୍କିତ

**ଡେଲାଙ୍ଗ,୩୧।୧୦(ଡି.ଏନ୍.ଏ.)**



ଡେଲାଙ୍ଗ ବ୍ଲକର ଘନିପୁର ପଞ୍ଚାୟତର ସନ୍ନିକଟ ଦୟାନଦୀ କୂଳରେ ଏକ ଜଙ୍ଗଲିଆ ସ୍ଥାନକୁ ଗୋଟିଏ ଦନ୍ତା ହାତୀ ପଶିଆସିଛି। ନଦୀକୂଳରେ ଚାଷୀମାନେ ଚାଷ କରିଥିବା ଅନେକ ଫସଲ ହାତୀ ନଷ୍ଟ କରିଦେଇଛି। ରବିବାର ରାତିରୁ ହାତୀଟି ସୋମବାର ରାତ୍ରି ପର୍ଯ୍ୟନ୍ତ ନଦୀକୂଳର ଜଙ୍ଗଲିଆ ସ୍ଥାନରେ ବୁଲୁଥିବାର ସ୍ଥାନୀୟ ଲୋକ ଦେଖିଥିଲେ। ଖବରପାଇ ଡେଲାଙ୍ଗ, ଖୋର୍ଦ୍ଧା, ପୁରୀ, କଣାସର ବନ ବିଭାଗ କର୍ମଚାରୀମାନେ ହାତୀ ଗତିବିଧି ଉପରେ ନଜର ରଖିଛନ୍ତି ବୋଲି ଡେଲାଙ୍ଗ ବନ ବିଭାଗ ରେଞ୍ଜର ଶାନ୍ତନୁ ଦଳାଇ କହିଛନ୍ତି। ତେବେ ଏହି ହାତୀକୁ ନେଇ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅନ୍ୟପଟେ ହାତୀ ରହିଥିବା ସ୍ଥାନଠାରୁ ମାତ୍ର ୧କିମି ଦୂରରେ ଡେଲାଙ୍ଗର କୁମୁକା ଜଙ୍ଗଲ ରହିଛି। ଯଦି ଏହି ଜଙ୍ଗଲ ମଧ୍ୟରେ ହାତୀ ପଶେ ତେବେ ଖୋର୍ଦ୍ଧ-ଡେଲାଙ୍ଗ ରାସ୍ତାରେ ଯାତାୟାତରେ ସମସ୍ୟା ଉପୁଜିବ। ଏହାସହିତ ଡେଲାଙ୍ଗ ବ୍ଲକର ବିଭିନ୍ନ ଗ୍ରାମପୁଞ୍ଜିର ଧାନକ୍ଷେତ ନଷ୍ଟ ହେବାର ଆଶଙ୍କା ରହିଛି। ଦନ୍ତା ଥିବା ଜାଣି ଆଖପାଖ ଗ୍ରାମରେ ମଧ ଭୟର ବାତାବରଣ ସୃଷ୍ଟି ହୋଇଛି।



ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସୋମବାର ପୁରୀ ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ।

# ଦେଶର ଏକତା, ଅଖଣ୍ଡତା ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ

**ପୁରୀ ଅଫିସ, ୩୧।୧୦**

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପୁରୀ ଜିଲା ପ୍ରଶାସନ, ନେହେରୁ ଯୁବକେନ୍ଦ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପର୍କ, ଜନ ଶିକ୍ଷଣ ସଂସ୍ଥାନ, ଜଙ୍ଗଲୀ କ୍ଲବ, ଡିଫେନ୍ସ କ୍ଲବ, ପଞ୍ଚମୁଖୀ କ୍ଲବ ମିଳିତ ଆନୁକୂଲ୍ୟରେ ଏକତା ଦୌଡ଼ର ଆୟୋଜନ କରାଯାଇଥିଲା। ଶ୍ରୀମନ୍ଦିର ନିକଟରୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏହି ଏକତା ଦୌଡ଼କୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ ଉପସ୍ଥିତ ସମସ୍ତଙ୍କୁ ଅତିରିକ୍ତ ଜିଲାପାଳ ସାହୁ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ଅକ୍ଷୁଣ୍ଣ ରଖିବା ପାଇଁ ଏକ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଜୟଶଙ୍କର ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀମନ୍ଦିର ସମ୍ମୁଖରୁ ଏକତା ଦୌଡ଼ ବାହାରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଭାରତ ବିକାଶ ପରିଷଦର କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶରତ ଜୟସିଂ, ସନ୍ତୋଷ କୁମାର ମହାନ୍ତି, ପୁରୀ ସେବା ସମିତି ସମ୍ପାଦକ ରବୀନ୍ଦ୍ରନାଥ ସେନାପତି, ଉଦ୍ୟମିତା ପ୍ରକଳ୍ପର ଡ. ରତ୍ନାକର ପାଣିଗ୍ରାହୀ, ଶ୍ରୀଜଗନ୍ନାଥ ଭକ୍ତ ସେବା ସଂସ୍ଥାର ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାସୁଦେବ ସେନାପତି, ରାକେଶ ସେଠୀ, ସତ୍ୟକାମ ସାହୁ, କୃଷ୍ଣଚନ୍ଦ୍ର ସାହୁ, ତାରା ପ୍ରସାଦ ଦାସ, ଶିବାନନ୍ଦ ତ୍ରିପାଠୀ, ବିସ୍ମୟ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁକୁର କାମୁଡ଼ାରେ ୧୫ରୁ ଊର୍ଦ୍ଧ୍ୱ ଆହତ

### ପିଟି ମାରିଦେଲେ ଗ୍ରାମବାସୀ

**ଗୋପ,୩୧।୧୦(ଡି.ଏନ୍.ଏ.)**

ଗତ ଦୁଇଦିନ ଧରି ଗୋପ ବ୍ଲକ ଗୋପ, କୁଶୁପୁରୁ ଅଞ୍ଚଳରେ ଗୋଟିଏ କୁକୁର ଆତଙ୍କ ଖେଳାଇଛି। କୁକୁରଟି ରାସ୍ତାଘାଟରେ ଲୋକଙ୍କୁ ଦେଖି ଭୁକିବା ସହ ଗୋଡ଼ାଇ କାମୁଡ଼ି ମଧ ଦେଉଛି। ଏହି କୁକୁର କାମୁଡ଼ାରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ଗୋପ, ଚାରିଛକ, ପୁରୀ ସଦର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ହେଲେ ଏହି କୁକୁର ଦ୍ୱାରା ଭୟଭୀତ ହୋଇ ପଡିଥିବା ଲୋକମାନେ ସୋମବାର ସକାଳେ ପିଟିପିଟି ତାକୁ ମାରି ଦେଇଛନ୍ତି। ପ୍ରକାଶ ଯେ, ଦୁଇ ଦିନ ଧରି ଗୋପ, କୁଶୁପୁରୁ ଅଞ୍ଚଳରେ ଏହି କୁକୁର କେଉଁଠାରୁ ଆସି ଗ୍ରାମରେ ଆତଙ୍କ ଦେଖାଇଥିଲା। ଏପରି କି କୁକୁର ଯୋଗୁ ପିଲାମାନେ ମଧ ଯାତାୟାତ କରିପାରୁ ନ ଥିଲେ। ଲୋକେ ଭୟରେ ଘର ଦୁଆର ବନ୍ଦ କରି ଦେଉଥିଲେ। କୁକୁର କାମୁଡ଼ାରେ ବିଜୟ କୁମାର ନାଗ,ବିରେଷ ପାତ୍ର,କାଞ୍ଚନ ଭୋଇ, ରାଧା ଭୋଇ ସମେତ ୧୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହେବା ପରେ ଗ୍ରାମବାସୀ ଏକାଠି ହୋଇ କୁକୁରକୁ ପିଟି ମାରି ଦେଇଥିଲେ।

# ଅଭିଯୋଗର ଦ୍ରୁତ ସମାଧାନ ପାଇଁ ନିର୍ଦ୍ଦେଶ

**ଡେଲାଙ୍ଗ,୩୧।୧୦(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବାସନ୍ତୀ ସାହୁଙ୍କ ସଭାପତିତ୍ୱରେ ଏଡିଏମ୍ କୈଳାସ ଚନ୍ଦ୍ର ନାୟକ, ଏପିଡି ରଶ୍ମିରେଖା ଦାଶ, ଡେପୁଟି କଲେକ୍ଟର ଇତିଶ୍ରୀ ନାୟକ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ବିଡିଓ ଦିଲୀପ କୁମାର ଷଡଙ୍ଗୀ, ତହସିଲଦାର ନିବେଦିତା ପରିଡା ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଦ୍ରୁତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବିଭିନ୍ନ ପଞ୍ଚାୟତରେ ଅଧାଗଢ଼ା ହୋଇଥିବା ଅଙ୍ଗନୱାଡି ଗୃହ ପୂର୍ଣ୍ଣାଙ୍ଗ କରିବା, ଆବାସ ଯୋଜନା ସହାୟତା, ବାର୍ଦ୍ଧକ୍ୟ ଭତ୍ତା, ବନ୍ୟା କ୍ଷୟକ୍ଷତି ସହାୟତାରୁ ବଞ୍ଚିତ ରହିବା, ମୋ ଗୁହାଳ ଗୃହ, ଜିଓ ଟ୍ୟାଗରେ ଅନିୟମିତତା, ରାଶନ କାର୍ଡଧାରୀଙ୍କୁ ସାମଗ୍ରୀ ନ ମିଳିବା, ପାନୀୟ ଜଳଯୋଗଣରେ ଅନିୟମିତତା, ଗୁଆଳିପଡା ପଞ୍ଚାୟତ ପାର୍କ ଦାୟିତ୍ୱକୁ ସରପଞ୍ଚଙ୍କୁ ହସ୍ତାନ୍ତର କରିବା, ଜଳ ସେଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆଦି ଅନେକ ଅଭିଯୋଗ ହୋଇଥିଲା। ସେହିପରି ପାହାଡ ବିଶ୍ୱନାଥ ମନ୍ଦିରକୁ ଯାତାୟାତ ପାଇଁ ରାସ୍ତା ନିର୍ମାଣରେ ଥିବା ୧ କୋଟି ଟଙ୍କାକୁ ବିନିଯୋଗ କରି ଉନ୍ନତି କରିବା ପାଇଁ ସୁଜନପୁର ସମିତିସଭ୍ୟ ଅଜୟ ରାଉତରାୟ ଅଭିଯୋଗ କରିଥିଲେ। ଏଥିସହ ବେନ୍ନୁପଡା ମାଇନରରେ ଜଳସେଚନ ପାଇଁ ପାଣି ଆସୁ ନ ଥିବାରୁ ଚାଷୀ ହଇରାଣ ହେଉଥିବା ଅଭିଯୋଗ କରିଥିଲେ। ମୁନିନ୍ଦା ସରପଞ୍ଚ ଶେଷଦେବ ବାରିକ, ଘନିପୁର ସରପଞ୍ଚ ପ୍ରତିମା ପାତ୍ର, ଗୁଆଳିପଡା ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ପ୍ରକୃତି ବନ୍ଧୁ ସତ୍ୟବାନ ଜୟସିଂହ, ଶାନ୍ତି କମିଟି ସଭାପତି ପ୍ରକାଶ ପାତ୍ର, ନିର୍ମଳ ପରିଡାଙ୍କ ସହିତ ୩ଶହରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଶିବିରରେ ୩୨୦ ଅଭିଯୋଗରୁ ୧୨୦ଟି ଆବାସ ସହାୟତା, ୯୯ଟି ସାମୟିକ ଓ ବ୍ୟକ୍ତିଗତ, ୪୦ଟି ବାତ୍ୟା ଓ ବନ୍ୟା କ୍ଷୟକ୍ଷତି ସହାୟତା, ୬୧ଟି ମୋ ଗୁହାଳ ସହାୟତା ସମ୍ପର୍କରେ ଥିଲା। ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ଜିପିଓ ରତିକାନ୍ତ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ଆରଡବ୍ଲୁ ଏସ୍‌ଏସ୍ ଏସଡିଓ ଆଲୋକ ରଞ୍ଜନ ପଣ୍ଡା, ଫିସେରୀ ଦ୍ୱାରିକା ନାଥ ଦାଶ, ଜେଇ ସ୍ୱାଗତିକା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଡେଲାଙ୍ଗ ବ୍ଲକ ସହିତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଆଇଆଇସି ଅନିଲ ମହାନ୍ତି ଫୋର୍ସ ସହ ଉପସ୍ଥିତ ଥିଲେ।

# ନବଚେତନ ସାହିତ୍ୟ ଗୋଷ୍ଠୀର ପ୍ରଥମ ବାର୍ଷିକ ଉତ୍ସବ

**ପୁରୀ ଅଫିସ,୩୧।୧୦**




ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଶ୍ରୀଗୁଣ୍ଡିଚା ଭକ୍ତନିବାସରେ ନବଚେତନା ସାହିତ୍ୟ ଗୋଷ୍ଠୀର ପ୍ରଥମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହରିହର ମିଶ୍ର, ପୁରୀ ଏସ୍‌ସିଏସ୍ କଲେଜର ପୂର୍ବତନ ଅଧକ୍ଷ ଭଗବାନ ଜୟସିଂହ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୬ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ୩୫ଜଣ ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯିବା ସହ କବିତା ପାଠୋତ୍ସବରେ କବି, କବୟିତ୍ରୀ କବିତା ପାଠ କରିଥିଲେ। ନରୋତ୍ତମ ପରିଡା, ପ୍ରସନ୍ନ ଦଳାଇ, ନିର୍ମଳ ନାୟକ, ସୁଦୀପ୍ତା ମିଶ୍ର, ମହେଶ୍ୱର ଦାସ ଓ ଅଲେଖ ପ୍ରସାଦ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଳ ନିଷ୍କାସନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ

**ପୁରୀ ଅଫିସ, ୩୧।୧୦**

ବର୍ଷ ବର୍ଷ ଧରି ଜଳଘେରରେ ରହୁଥିବା ଭାରତୀପୁର ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କରି କିପରି ଏହି ଅଞ୍ଚଳରୁ ଜଳ ନିଷ୍କାସନ ଦାବି କରି ସୋମବାର ଭାରତୀପୁର ଗ୍ରାମର ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସେଥିରେ ଉଲ୍ଲେଖ ରହିଛି, ପୁରୀ ପୌରାଞ୍ଚଳ ୩୦ ନମ୍ବର ୱାର୍ଡ ସଂଲଗ୍ନ ଭାରତୀପୁର ଗ୍ରାମଟି କାଶୀହରି ପଞ୍ଚାୟତ ଅନ୍ତର୍ଗତ। ପ୍ରାୟ ୨୫ ତଳେ ଉକ୍ତ ଅଞ୍ଚଳରେ ବସତି ସ୍ଥାପନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏଠାରେ ଏକହଜାରରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏହି ଅଞ୍ଚଳରେ ବର୍ଷତମାମ ପାଣି ଜମି ରହୁଛି। ଫଳରେ ସମସ୍ତ ପରିବାର ଜଳବନ୍ଦୀ ହୋଇ ରହୁଛନ୍ତି। କିଛି ବର୍ଷ ତଳେ ଜଳ ନିଷ୍କାସନର ବ୍ୟବସ୍ଥା ନ କରି ବହୁ ଅର୍ଥ ବ୍ୟୟରେ ଏହି ଗ୍ରାମର ରାସ୍ତାକୁ କଂକ୍ରିଟ କରାଯାଇଥିଲା। ବର୍ଷତମାମ ପାଣି ଜମି ରହୁଥିବାରୁ ରାସ୍ତାଟି ଶିଉଳି ଆଚ୍ଛାଦିତ ହେବା ସହ ଗର୍ତ୍ତରେ ପରିପୂର୍ଣ୍ଣ ହୋଇଛି। ଫଳରେ ରାସ୍ତାରେ ନିର୍ଭୟରେ ଚାଲିବା ବିପଦଜନକ ହୋଇପଡ଼ିଛି। ଜରୁରିକାଳୀନ ସେବା ପାଇଁ ଆମ୍ବୁଲାନ୍ସ ଏହି ଗ୍ରାମକୁ ଯିବା କଷ୍ଟ। ବର୍ଷାଜଳ ଜମା ହୋଇ ରହିବା ଫଳରେ ମଶା ମାଛି ଉପଦ୍ରବ ବଢିବା ସାଙ୍ଗକୁ ଘରେ ଘରେ ଲୋକେ ଥଣ୍ଡା, ଜ୍ୱର ଆଦି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପିଲାମାନେ ସ୍କୁଲ ଓ କଲେଜ ଯିବା ଆସିବା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ବାଧ ହୋଇ ସେମାନେ ସ୍କୁଲ ଯାଉନାହାନ୍ତି। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ପୁରୀ ପୌରାଞ୍ଚଳ ଅଧୀନ ସିଦ୍ଧମହାବୀର ପାଟଣା, କୁମୁଟି ପାଟଣା ଓ ସେନାପତି ବଗିଚାରେ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ଉକ୍ତ ଘର ସମ୍ମୁଖରୁ ପାଣି ଆସି ଗ୍ରାମାଞ୍ଚଳରେ ଜମି ରହୁଛି। ରାସ୍ତା ଉପରେ ପାଣି ଜମୁଛି। ଆଗରୁ ହୁଲୁହୁଲିଆ ନଦୀବନ୍ଧରେ ଗୋଟିଏ ଫୁକାର ରହିଥିଲା, ଯାହା ଦ୍ୱାରା ଜଳ ସବୁ ନଦୀକୁ ପ୍ରବାହିତ ହେଉଥିଲା। କିନ୍ତୁ ଏବେ ତାହା ଅକାମୀ ହୋଇପଡ଼ିଛି। ଫଳରେ ପରିସ୍ଥିତି ଅଧିକ ଗମ୍ଭୀର ହୋଇଛି। ତେଣୁ ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଭାରତୀପୁର ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଶରତ କୁମାର ପାତ୍ର , ବାମଦେବ ମହାନ୍ତି, ଯଶବନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ, ସାଇକେଲ ଶୋଭାଯାତ୍ରା

**ପିପିଲି/କୋଣାର୍କ,୩୧।୧୦(ଡି.ଏନ୍.ଏ.)**



ପିପିଲିଠାରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ସୋମବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ପିପିଲି ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଓ ନେହେରୁ ଯୁବ କେନ୍ଦ୍ର, ପୁରୀ ମିଳିତ ଆନୁକୂଲ୍ୟରେ ସଂଗଠନ ସଭାପତି ପ୍ରଭାତ ମହାପାତ୍ର ରନ୍ ଫର୍ ୟୁନିଟ୍ ଓ ପଦଯାତ୍ରାର ଆୟୋଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି କଲେଜ ଅଧକ୍ଷ ଡ. ଶିବ ପ୍ରସାଦ ମିଶ୍ର ଓ ଅଲ୍ ଇଣ୍ଡିଆ କାନାଡା ବ୍ୟାଙ୍କ ବୋର୍ଡ ମୁଖ୍ୟ ଦିବାକର ହରିଚନ୍ଦନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ରୂପେ ଅନୁଷ୍ଠାନର ଉପଦେଷ୍ଟା ଇଂ. ରମେଶ ଚନ୍ଦ୍ର ଶତପଥୀ, ପିପିଲି କଲେଜ ଏନ୍‌ସିସି ଅଧିକାରୀ ଆଦିତ୍ୟ ପ୍ରସାଦ ରଥ, ସଙ୍ଗୀତ ଅଧାପକ ସଚ୍ଚିକାନ୍ତ ନାୟକ, ସିଦ୍ଧେଶ୍ୱରଦେବ ବ୍ୟବସାୟୀ ସଂଘ ସଭାପତି ଧୀରେନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପଟେଲଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଦେଇ ପିପିଲି ସଙ୍କଟମୋଚନ ହନୁମାନ ମନ୍ଦିରଠାରୁ ପଦଯାତ୍ରା ଓ ଗଣ ଦୌଡ ଆରମ୍ଭ ହୋଇଥିଲା। ଗଣ ଦୌଡ ଓ ପଦଯାତ୍ରା ପିପିଲି ବଜାର ପରିକ୍ରମା କରି ହାଟଛକ ପର୍ଯ୍ୟନ୍ତ ଯାଇ ସେଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଅତିଥିମାନେ ଲୌହମାନବ ପଟେଲଙ୍କ ଦେଶ ପ୍ରତି ଅତୁଳନୀୟ ଅବଦାନ ଏବଂ ବିଖଣ୍ଡିତ ରାଷ୍ଟ୍ରକୁ ଏକତାର ସୂତ୍ରରେ ଭାରତକୁ କିପରି ଅଖଣ୍ଡ ରାଷ୍ଟ୍ର କରି ପାରିଥିଲେ, ସେ ସମ୍ପର୍କରେ ଅତିଥିମାନେ ନିଜ ନିଜର ମତବ୍ୟକ୍ତ ପ୍ରକାଶ କରିଥିଲେ । ପରେ ବିଭିନ୍ନ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନର ସଂଯୋଜକ ତଥା ଯୁବ ସ୍ୱେଚ୍ଛାସେବୀ ବାପୁ ବେହେରା, ସମ୍ପଦ ମହାପାତ୍ର, ଦିଲୀପ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି କୋଣାର୍କରେ ପୁରୀ ଜିଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦି ବେଲ୍‌ର ୟୁଥ୍ ଫୋରମ୍, ସେବା ଓ ସଂସ୍କାର, ଆର୍ଟ ଅଫ୍ ଲିଭିଂ ଅନୁଷ୍ଠାନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ସବୁଜ ପୃଥିବୀ ଓ ରାଷ୍ଟ୍ରୀୟ ଏକତା ବାର୍ତ୍ତା ନେଇ ଏକ ସାଇକେଲ ରାଲି ପୁରୀଠାରୁ କୋଣାର୍କ ଯାତ୍ରା କରିଥିଲା। ପୁରୀ ସୁଭାଷ ବୋଷ ଛକରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବେଲ୍‌ର ଆବାହକ ସିଦ୍ଧାର୍ଥ ରାୟ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। କୋଣାର୍କଠାରେ ସାଇକେଲ ଶୋଭାଯାତ୍ରା ପହଞ୍ଚିବା ପରେ ଜନମଙ୍ଗଳ ଯୁବ ସଂଗଠନ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିଲା। କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶୋଭାଯାତ୍ରା ଉଦ୍‌ଯାପିତ ହୋଇଥିଲା। କୋଣାର୍କ ଥାନାଧିକରୀ ରଞ୍ଜନ ମଲ୍ଲିକ ଏବଂ ବ୍ୟାଙ୍କ ଅଧିକାରୀ ପ୍ରଦୋଷ ରଞ୍ଜନ ସ୍ୱାଇଁ ପ୍ରମୁଖ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ସମସ୍ତ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ରାମକୃଷ୍ଣ ମହାନ୍ତି, ନିରଞ୍ଜନ ତ୍ରିପାଠୀ, ବ୍ରଜକିଶୋର ସାହୁ, ରାଜକିଶୋର ପାତ୍ର, ସତ୍ୟନାରାୟଣ ସାହୁ, ଓମ୍ ପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୋଣାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବ୍ୟକ୍ତିମାନେ।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବରେ ରକ୍ତଦାନ ଶିବିର

କଟକ ଅଫିସ: ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୮ ତମ ଶ୍ରାଦ୍ଧୋତ୍ସବ ଅବସରରେ ସୋମବାର ବାରବାଟୀ ଷ୍ଟାଡ଼ିୟମ ହର୍ଷଗେଟ୍ ସଭାଗୃହରେ ଓଡ଼ିଶା ଯୁବ କଂଗ୍ରେସ ଓ ସ୍ୱାଭିମାନୀ ଯୁବ ଛାତ୍ର ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ହୋଇଯାଇଛି। କଟକ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ଦଳୀୟ ନେତା ଓ କର୍ମକର୍ତ୍ତା ବାଇକ୍ ଶୋଭାଯାତ୍ରା କରିଥିଲେ। ପରେ ଅନୁଷ୍ଠିତ ସଭାରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଚେଲାକୁମାର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସଭାପତି ଜୟଦେବ ଜେନା, ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ସୁରେଶ ମହାପାତ୍ର, ୟାଶିର ନୱାଜ, ନବଜ୍ୟୋତି ପଟ୍ଟନାୟକ, ବିପ୍ଳବ ଶିଳାଦିତ୍ୟ ଓ ମାନସ ଚୌଧୁରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ୬ ଗିରଫ

ଚୌଦ୍ୱାର,୩୧।୧୦(ଡି.ଏନ୍.ଏ.): ରାତିରେ ଲୋକଙ୍କ ଘରେ ପଶି ବିଭିନ୍ନ ସାମଗ୍ରୀ ଚୋରି କରୁଥିବା ୬ଜଣ ଚୋରଙ୍କୁ ଚୌଦ୍ୱାର ପୋଲିସ ଗିରଫ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ସାମନ୍ତରାପୁର ଗ୍ରାମର ମୁକେଶ ବସ୍ତିଆ, ଅଲେଖ ବସ୍ତିଆ, ଗଣେଶ୍ୱର ସାହୁ, ଦୁଷ୍ମନ୍ତ ସାହୁ, ଅଶୋକ ସାହୁ ଓ ସୌମ୍ୟ ରଞ୍ଜନ ପ୍ରଧାନ। ସେମାନଙ୍କ ନିକଟରୁ ଗୋଟିଏ ଫ୍ରିଜ୍, ଗୋଟିଏ ଏସି , ଗୋଟିଏ ଟିଭି, ଗୋଟିଏ ଷ୍ଟାଣ୍ଡ ଫ୍ୟାନ୍ ଓ ଗୋଟିଏ ପାଣିପମ୍ପ ଜବତ କରାଯାଇଛି। ସୂଚନା ଅନୁଯାୟୀ, ବଡ଼ ସାମନ୍ତରାପୁର ପ୍ରଧାନ ସାହିର ନିରୂପମା ସାହୁ ରବିବାର ଥାନାରେ ଅଭିଯୋଗ କରିଥିଲେ, ସେ ଓ ତାଙ୍କ ପରିବାର ୨୭ ତାରିଖ ରାତିରେ ଘରେ ନ ଥିବାବେଳେ ଘର ତାଲା ଭାଙ୍ଗି ଫ୍ରିଜ ଓ ପଙ୍ଖା ଚୋରି ହୋଇଥିଲା। ଏ ନେଇ ଥାନାରେ ନଂ.୫୧୪/୨୨ରେ ମାମଲା ରୁଜୁ ହୋଇଥିଲା। ଏପରିକି ସେହି ରାତିରେ ପ୍ରତାପ ରାଉତ ଓ ମନୋରମା ରାଉତଙ୍କ ଘରୁ ମଧ ଟିଭି ଓ ପାଣିପମ୍ପ ଚୋରି ହୋଇଥିଲା। ଅଭିଯୋଗକ୍ରମେ ଏସ୍ଆଇ ମାନସ ମହାରଣାଙ୍କ ନେତୃତ୍ୱରେ ପୋଲିସ୍‌ର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଚୋରି କରି ଜଣେ ଗିରଫ

ମଙ୍ଗୁଳି,୩୧।୧୦(ଡି.ଏନ୍.ଏ.)- ଜଗତପୁରସ୍ଥିତ ଏକ ଗୋଲ୍ଡ ଲୋନ ଫାଇନାନ୍ସ ସଂସ୍ଥାରୁ ଟଙ୍କା ଚୋରି କରିବା ଅଭିଯୋଗରେ ଜଣେ ପେସାଦାର ଚୋରକୁ ଜଗତପୁର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ପଦ୍ମପୁର ଅଞ୍ଚଳର ସେକ ମୁସ୍ତାକ। ସୂଚନା ମୁତାବକ, କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଇଣ୍ଡେଲ ମନି ଲିମିଟେଡ ନାମକ ଏକ ଶାଖାର କର୍ମଚାରୀମାନେ ଶନିବାର ସନ୍ଧ୍ୟାରେ କାର୍ଯ୍ୟ ସାରି ଅଫିସ୍ ବନ୍ଦ କରିଥିଲେ। ସୋମବାର ଅଫିସ ଖୋଲିବାବେଳେ ଅଫିସ ତାଲା ଭାଙ୍ଗି କ୍ୟାଶ ଡ୍ର'ରୁ ଟଙ୍କା ଚୋରି ହୋଇଯାଇଛି। ସିସିଟିଭି ଯାଞ୍ଚବେଳେ ଜଣେ ଦୁର୍ବୃତ୍ତ ଟଙ୍କା ଚୋରି କରିଥିବା ଜାଣି ଶାଖା ପରିଚାଳକ ବିଭୁ ପ୍ରସାଦ ନିଶାଙ୍କ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା (ନଂ.୪୫୮/୨୨)ରୁଜୁ କରି ତଦନ୍ତ କରି ମୁସ୍ତାକଙ୍କୁ ରବିବାର ଗିରଫ କରିଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଜଗତପୁର ଥାନାରେ ୬, ସାଲେପୁରରେ ୫ଟି ଓ କ୍ୟାଣ୍ଟନମେଣ୍ଟ ଓ ବଡଚଣା ଥାନାରେ ୨ଟି ଲେଖାଏ ମାମଲା ରହିଛି।

### ଡ୍ରିମ୍ସରେ ରାଷ୍ଟ୍ରୀୟ ଏକତା ଦିବସ

କଟକ ଅଫିସ, ୩୧।୧୦- ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ସୋମବାର ରାଷ୍ଟ୍ରୀୟ ଏକତା ଦିବସ ଓ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସର୍ଦ୍ଦାର ପଟେଲଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ଅବସରରେ ସଶକ୍ତ ଓ ସମୃଦ୍ଧ ଭାରତ ଗଠନରେ ଯୁବ ଓ ଛାତ୍ର ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଡ୍ରିମ୍ସ ପଲିଟେକ୍‌ନିକର ଛାତ୍ରୀଛାତ୍ରମାନେ ସ୍ଥାନୀୟ ବଜାରଠାରୁ ଏକତା ପଦଯାତ୍ରାରେ ବାହାରି ପଦ୍ମିନୀ କେୟାର ହସ୍ପିଟାଲ ପରିକ୍ରମା କରି ରାଷ୍ଟ୍ର ଏକତାର ବାର୍ତ୍ତା ପ୍ରଚାର କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଏକତା ଶପଥ ପାଠ କରାଯାଇଥିଲା। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ୍ ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧକ୍ଷା ଇଂ. ତପସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଧାପକ ଅଙ୍ଗଦ କୁମାର ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଡିଗ୍ରୀ ଉଇଙ୍ଗ ପକ୍ଷରୁ ପଦ୍ମିନୀ ଅଡିଟୋରିୟମରେ ଏକତା ଶପଥ ପାଠ ଉତ୍ସବ ପ୍ରାଧାପିକା ଡ. ଲୀନା ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।

# ସୁଗାର-ଫ୍ରି ମିଠାରେ ରହୁଛି ସୁଗାର

କଟକ ଅଫିସ,୩୧।୧୦

ସୁଗାର ଫ୍ରି ମିଠାରେ ମଧ ସୁଗାରର କିଛି ଅଂଶ ରହୁଛି। ବଜାରରେ ବିଭିନ୍ନ ମିଠା ଦୋକାନରେ ବିକ୍ରି ହେଉଥିବା ସୁଗାର ଫ୍ରି ରସଗୋଲା, ଛେନାପୋଡ଼ ପ୍ରଭୃତି ମିଠା ସାମଗ୍ରୀରେ ସୁଗାରର କିଛି ମାତ୍ରା ରହୁଥିବା ଅଭିଯୋଗ ହୋଇଛି। ସୁଗାର ଫ୍ରି କହି ଦ୍ୱିଗୁଣିତ ଦରରେ ଲୋକଙ୍କୁ ମିଠା ବିକ୍ରି କରାଯାଉଛି। କିନ୍ତୁ ପ୍ରକୃତରେ ସେଗୁଡ଼ିକ ସୁଗାରଫ୍ରି କି ନାହିଁ ତାହାର ମାନ ଯାଞ୍ଚ କରିଛି କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ। ସୋମବାର ସହରରେ ୩ଟି ଜୋନରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଞ୍ଚ କରି ନମୁନା ସଂଗ୍ରହ କରିଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ଅଧକ୍ଷତାରେ ତିନୋଟି ଦଳ ସିଡିଏ, ଚୌଧୁରୀ ବଜାର ଓ କଲେଜଛକ ଅଞ୍ଚଳରୁ ଏହି ନମୁନା ସଂଗ୍ରହ କରିଛନ୍ତି। ଏହି ନମୁନାକୁ ଭୁବନେଶ୍ୱରସ୍ଥିତ ଲାବୋରେଟୋରିକୁ ପଠାଯାଇଛି। ଏଠାରୁ ପରୀକ୍ଷା ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷେ ଫୁଡ୍ କମିଶନର ସୁଗାର ଫ୍ରି ଉପରେ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଆଣିବେ ବୋଲି ସୂଚନା ମିଳିଛି। ସୁଗାର ଫ୍ରି ସାଧାରଣ ମିଠାଠାରୁ ଭିନ୍ନ ରହୁଛି। ସୁଗାର ଫ୍ରିରେ ଉକ୍ତ ମିଠାକୁ ପ୍ରସ୍ତୁତ କରାଯାଏ ତେବେ ତାହାର ଦର ବହୁ ଅଧିକ ରହିବା ସହ ସ୍ୱାଦରେ ପିତା ଲାଗିବ। ହେଲେ ବର୍ତ୍ତମାନ ବଜାରରେ ଯାହା ସୁଗାର ଫ୍ରି ମିଠା ବିକ୍ରି ହେଉଛି ତାହା ପ୍ରକୃତ ଦରଠାରୁ ଦ୍ୱିଗୁଣିତ କରି ବିକ୍ରି କରାଯାଉଛି, ଏଥିସହ ସ୍ୱାଦ ବି ମିଠା ପରି ଲାଗୁଛି। ଫଳରେ ବଜାରରେ ବିକ୍ରି ହେଉଥିବା ମିଠା ସମ୍ପୂର୍ଣ୍ଣ ସୁଗାର ଫ୍ରି ନୁହଁ। ତେବେ ପ୍ରକୃତରେ ସେଥିରେ ସୁଗାରର ମାତ୍ରା କେତେ ରହିଛି, ତାହା ରିପୋର୍ଟ ଆଶିବା ପରେ ଜାଣି ହେବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।



### ସିଡିଏ, କଲେଜ ଛକ, ଚୌଧୁରୀ ବଜାରରୁ ନମୁନା ସଂଗ୍ରହ



କଟକ ବାଲିଯାତ୍ରା ଉତ୍ସବକୁ ସ୍ୱଚ୍ଛ, ସରସ ଓ ସୁନ୍ଦର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମ ଢୋଲ ବଜାଉଛନ୍ତି।

# କଟକରେ ପହଞ୍ଚିଲା ଲଦାଖର ରେଜେଙ୍ଗଲା ଶହୀଦ ମାଟି



ରେଜେଙ୍ଗଲା ଶହୀଦ ମାଟିକୁ କଟକର ଉତ୍କଳ ଯାଦବ ମହାସଭାର ସଦସ୍ୟମାନେ ସ୍ୱାଗତ କରୁଛନ୍ତି।

କଟକ ଅଫିସ,୩୧।୧୦

କଟକରେ ପହଞ୍ଚିଲା ଲଦାଖର ରେଜେଙ୍ଗଲା ଶହୀଦ ମାଟି। ଉକ୍ତ ମାଟିକୁ କଟକରେ ଭବ୍ୟ ସ୍ୱାଗତ କରଯାଇଛି। ସୂଚନାଯୋଗ୍ୟ, ୧୯୬୨ ନଭେମ୍ବର ୧୮ରେ ଲେହ ଲଦାଖର ରେଜେଙ୍ଗଲାଠାରେ ଭାରତ ଓ ଚାଇନା ଯୁଦ୍ଧ ଚାଲିଥିଲା। ଏହି ସମୟରେ ଚାଇନାର ଅନ୍ୟୂନ ୧୩୦୦ ସୈନିକଙ୍କ ସହ ଲଢ଼େଇ କରି ଭାରତର ୧୧୪ ଯାଦବ ସୈନିକ ଶହୀଦ ହୋଇଥିଲେ। ମାତ୍ରାଧିକ ଥଣ୍ଡାରେ ଶହୀଦଙ୍କ ଶରୀର ବରଫାବୃତ ହୋଇଯାଇଥିଲା। ଫଳରେ ସେମାନଙ୍କ ପରିବାରକୁ ଅଂଶବିଶେଷ ମିଳିପାରି ନ ଥିଲା। ସେହି ସୈନିକଙ୍କ ବଳିଦାନର ସ୍ମୃତିକୁ ଭାରତ ବର୍ଷରେ ଉଦ୍‌ଜାଗରଣ କରିବା ପାଇଁ ରେଜେଙ୍ଗଲାରୁ ଶହୀଦମାନଙ୍କ ମାଟିକୁ ସଂଗ୍ରହ କରି ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ଗତ ୨୯ ତାରିଖରେ ସମସ୍ତ ରାଜ୍ୟର ଯାଦବ ନେତୃମଣ୍ଡଳୀକୁ ହସ୍ତାନ୍ତର କରିଥିଲା। ଉତ୍କଳ ଯାଦବ ମହାସଭା ପକ୍ଷରୁ ହରିୟାଣାର ଗାଜିଆବାଦଠାରେ ରାଷ୍ଟ୍ରୀୟ ଯୁବ ସଭାପତି ଇଂ ପ୍ରଦୀପ ବେହେରା, ଯାଦବ ମହାସଭା ସାଧରଣ ସମ୍ପାଦକ ପ୍ରଦୀପ ବେହେରା, ଯୁବ ସଂଯୋଜକ ନନ୍ଦଲାଲ ସିଂ, ଜାତୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ ପ୍ରମୁଖ ଗ୍ରହଣ କରିଥିଲେ। ମାଟିକୁ ନେଇ ଓଡ଼ିଶା ପହଞ୍ଚିବା ପରେ ଭୁବନେଶ୍ୱର ବିମାନବନ୍ଦରଠାରୁ ଶତାଧିକ ଯୁବକ ଏକ ରାଲିରେ କଟକ ଆଣିଥିଲେ। କଟକ ବାରବାଟି ଷ୍ଟାଡିୟମ ପହଞ୍ଚିବା ପରେ ଉତ୍କଳ ଯାଦବ ମହାସଭା କାର୍ଯ୍ୟକାରୀ ସଭାପତି ସୁବାସ ବେହେରାଙ୍କୁ ହସ୍ତାନ୍ତର କରିଥିଲେ। ସେଠାରେ ମହିଳା ସଭାନେତ୍ରୀ ଗିତାରାଣୀ ଦାସ, କଟକ ଜିଲା ସଭାପତି ବିନୋଦ ବେହେରା, ସମ୍ପାଦକ ତ୍ରିଥବାସୀ ବେହେରା, ସମରଜିତ ବେହେରା, ଚିତ୍ତରଞ୍ଜନ ବେହେରା, ସମର ବେହେରା, ସୁବୋଧ ବେହେରା, ପ୍ରସନ୍ନ ବେହେରା, ଜନାର୍ଦ୍ଦନ ପରିଡ଼ା, ପ୍ରୀତିରଞ୍ଜନ କାଠୁଆଙ୍କ ସମେତ ଜିଲାର ସମସ୍ତ ବ୍ଲକର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଆସନ୍ତା ୧୮ ତାରିଖରେ ଏହି ମାଟି ସାରା ରାଜ୍ୟରେ ପରିଭ୍ରମଣ କରାଯିବ ବୋଲି ଇଂ. ବେହେରା ସୂଚନା ଦେଇଛନ୍ତି।

### ୧୮ରେ ରାଜ୍ୟରେ ପରିଭ୍ରମଣ କରାଯିବ

## ଏସ୍‌ୟୁସିଆଇ ତରଫରୁ ତହସିଲଦାରଙ୍କୁ ଦାବିପତ୍ର

କଟକ ସଦର,୩୧।୧୦(ଡି.ଏନ୍.ଏ.)

କିଶନ ନଗର ତହସିଲ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସୋମବାର ଏସ୍‌ୟୁସିଆଇ ତରଫରୁ ତହସିଲଦାର ଇନ୍ଦିରା ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାରାହାପାଟରୁ ଜଳ ନିଷ୍କାସନ, କିଶୋର ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ରାସ୍ତାରୁ ବାଲି ଉଠାଇବା ପ୍ରଭୃତି ୧୬ ଦଫା ଦାବି ନେଇ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଏସ୍‌ୟୁସିଆଇ ନେତା ରାଜା କିଶୋର ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ କିଶୋର ନଗର ବଜାରରୁ ଶୋଭାଯାତ୍ରାରେ ଆସି ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଭାଗବତ ଭକ୍ତ ସମ୍ମିଳନୀ

ଚୌଦ୍ୱାର,୩୧।୧୦(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବଡ଼ସାମନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ସର୍ଦ୍ଦାରଖରିଦା ଗ୍ରାମରେ ଭାଗବତ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଟାଙ୍ଗୀ-ଚୌଦ୍ୱାର ବ୍ଲକ ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ତଥା ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ କେନ୍ଦୁଝର ଭାଗବତ ଟୁଙ୍ଗୀ କର୍ମକର୍ତ୍ତା ଅରୁଣ ଜେନା, କନକଗିରିର ମାନସ ବାବା, ସରପଞ୍ଚ ବିଶ୍ୱଜିତ୍ ମାଝୀ, ତୋଫାନୀ ବାବା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାଗବତର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସର୍ଦ୍ଦାରଖରିଦା ଭାଗବତ ଟୁଙ୍ଗୀ ସଭାପତି ପରମାନନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ପରିଚାଳନାରେ କାର୍ଯ୍ୟକ୍ରମରେ ନାମ ସଂକୀର୍ତ୍ତନ ବହୁ କାର୍ଯ୍ୟକ୍ରମ ହୋଇଥିଲା। ପରେ ୫୨ଜଣଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣେଶ୍ୱର ଓଝା ଧନ୍ୟବାଦ ଦେଇଥିଲେ।

# ଯକୃତ ପ୍ରତିରୋପଣ ଅପେକ୍ଷାରେ ଥିବା ଶିଶୁ ଆଖି ବୁଜିଲା

କଟକ ଅଫିସ,୩୧।୧୦

ଏସ୍‌ସିବି ମେଡିକାଲ କଲେଜରେ ଯକୃତ ପ୍ରତିରୋପଣ ପାଇଁ ଅପେକ୍ଷାରତ ଜଣେ ୩ବର୍ଷର ଶିଶୁ ଶେଷରେ ରବିବାର ରାତିରେ ଆଖି ବୁଜିଛି। ମୃତ ଶିଶୁ ଜଣକ ହେଲେ କୟଳପଡ଼ା ଡିହସାହିର ମାନସ ବାରିକଙ୍କ ପୁତ୍ର ଶିବଶଙ୍କର ବାରିକ। ପ୍ରକାଶ ଯେ, ଶିବଶଙ୍କରଙ୍କ ଜନ୍ମର ୨ମାସ ବେଳେ ତାଙ୍କ ପେଟ ଫୁଲିବା ଆରମ୍ଭ ହୋଇଥିଲା। ସେ କଟକ ଶିଶୁଭବନରେ ଦେଖାଇବା ପରେ ତାଙ୍କର ଯକୃତରେ ଜଟିଳ ସମସ୍ୟା ରହିଥିବା ଜଣାପଡ଼ିଥିଲା। ଏହାପରେ ସେ ବିଭିନ୍ନ ସମୟରେ ଭୁବନେଶ୍ୱର ଏମ୍ସଠାରୁ ଆରମ୍ଭ କରି ଦିଲ୍ଲୀ ନେଇ ପୁଅର ଚିକିତ୍ସା କରାଇଥିଲେ। ହେଲେ ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ମାନସଙ୍କ ପକ୍ଷେ ଏହା କଷ୍ଟକର ହୋଇପଡ଼ିଥିଲା। ତେବେ ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ନିମନ୍ତେ ଅପେକ୍ଷା କରିବାକୁ ଡାକ୍ତରମାନେ ତାଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଶିଶୁର ପେଟରେ ପାଣି ଜମୁଥିବାରୁ ବିଭିନ୍ନ ସମୟରେ ନିୟମିତ ଭାବେ ସେ ଏସ୍‌ସିବି ମେଡିକାଲକୁ ଆସି ପାଣି ବାହାର କରିବା ସହ ଆବଶ୍ୟକ ଚିକିତ୍ସା କରାଇଆସୁଥିଲେ। ଗତ ଗୁରୁବାର ମାନସ ପୁଅକୁ ନେଇ ଏସ୍‌ସିବିକୁ ଆସିଥିଲେ। ସେହିଦିନଠାରୁ ଚିକିତ୍ସା ଚାଲିଥିଲା। ମାତ୍ର ରବିବାର ରାତିରେ ପୁଅର ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ଡାକ୍ତରମାନଙ୍କ ବହୁ ଚେଷ୍ଟା ସତ୍ତ୍ୱେ ଶିଶୁଟିର ମୃତ୍ୟୁ ଘଟିଥିଲା। ମାନସ ପୁଅର ମୃତ୍ୟୁ ପାଇଁ ଚିକିତ୍ସା ଅବହେଳାକୁ ଦାୟୀ କରିଛନ୍ତି। ଅପରପକ୍ଷରେ ଯକୃତ ବିଭାଗର ମୁଖ୍ୟ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର କହିଛନ୍ତି, ଶିଶୁଟି ଆମ ବିଭାଗକୁ ଆସିନାହିଁ। ସେ ଶିଶୁ ବିଭାଗ ୱାର୍ଡରେ ଚିକିତ୍ସିତ ହେଉଥିଲା।

### ଚିକିତ୍ସା ଅବହେଳାକୁ ଦାୟୀ କଲେ ବାପା

# ଚୈତନ୍ୟ ରଥ ଜଗତପୁର ପରିଭ୍ରମଣ



ଚୈତନ୍ୟ ରଥ ମଙ୍ଗୁଳିରେ ପହଞ୍ଚିବା ପରେ ସ୍ୱାଗତ କରାଯାଉଛି।

ମଙ୍ଗୁଳି,୩୧।୧୦(ଡି.ଏନ୍.ଏ.)

ସହଜ ଯୋଗର ପ୍ରତିଷ୍ଠାତ୍ରୀ ମାତାଜୀ ନିର୍ମଳା ଦେବୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ୨୦୨୨ ମାର୍ଚ୍ଚ ୨୧ରୁ ୨୦୨୩ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଚୈତନ୍ୟ ରଥ ଭାରତରେ ଏକ ଜନଜାଗୃତି ଅଭିଯାନ ରୂପେ ପରିଭ୍ରମଣ କରୁଛି। ଏହି କ୍ରମରେ ସୋମବାର ଜଗତପୁରର ୪୮ୱାର୍ଡର ସମସ୍ତ ଅଞ୍ଚଳ ପରିଭ୍ରମଣ କରି ଜଗତପୁରସ୍ଥିତ ଭାରତୀୟ ବିଦ୍ୟାନିକେତନରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଯୋଗ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇଥିଲେ। ସହଜ ଯୋଗ ଏକ ସରଳ, ଜୀବନ୍ତ ପ୍ରକ୍ରିୟା ଯେଉଁଥିରେ ମାତାଜୀ ନିର୍ମଳା ଦେବୀଙ୍କ ପରମ ଅନୁକମ୍ପାରୁ ଏହି ଧ୍ୟାନ ଦ୍ୱାରା ସାଧକର କୁଣ୍ଡଳିନୀ ଜାଗରଣ ହୋଇଥାଏ ଓ ସେ ଆତ୍ମ ସାକ୍ଷାତକାର ଲାଭ କରିଥାଏ। ପ୍ରତିଦିନ ସହଜ ଯୋଗ ଧ୍ୟାନ କଲେ, ସାଧକ ଶାରୀରିକ, ମାନସିକ ସମସ୍ୟାରୁ ମୁକ୍ତି ପାଇ ଆଧ୍ୟାତ୍ମିକ ପଥରେ ଅଗ୍ରସର ହୋଇ ପରମାତ୍ମାଙ୍କୁ ଲାଭ କରିଥାଏ। ଏହାକୁ ପୃଥିବୀରେ ୧୪୦ଦେଶର ଲକ୍ଷାଧିକ ସାଧକ ଅଭ୍ୟାସ କରୁଛନ୍ତି ବୋଲି କଟକ ଜିଲା ପ୍ରୋଗ୍ରାମ କୋର୍ଡିନେଟର ମନମୋହନ ଉପାଧ୍ୟାୟ କହିଛନ୍ତି। ମଞ୍ଜୁଲତା ରାଉତ, ରଞ୍ଜିତା ମହାପାତ୍ର, ଶିବାନନ୍ଦ ସାହୁ, ଅଭୟ କୁମାର ସାମନ୍ତରାୟ ପ୍ରମୁଖ ସଭ୍ୟ ଏବଂ ସଭ୍ୟା ଏହି ପରିଭ୍ରମଣରେ ସାମିଲ ଥିଲେ।

# ବିଡିଓଙ୍କ ବିବୃତିକୁ ଖଣ୍ଡନ କଲା ଉପଜିଲାପାଳଙ୍କ କାର୍ଯ୍ୟାଳୟ

କଟକ ସଦର,୩୧।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ ମିଶନ ଶକ୍ତି ଗୃହ ନିର୍ମାଣ ସଦର, କଟକ ଉପଜିଲାପାଳଙ୍କ ମୌଖିକ ଆଦେଶରେ କରାଯାଇଥିଲା ବୋଲି କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ବିବୃତି ଦେଇଥିଲେ। ହେଲେ ଏହି ବିବୃତିକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଖଣ୍ଡନ କରିଛି। ଏହାପରେ ବିଡିଓ ପରିଡା ବିବାଦ ଘେରକୁ ଟାଣି ହୋଇଆସିଛନ୍ତି। ଘଟଣାରୁ ପ୍ରକାଶ, ମାର୍ଚ୍ଚ ମାସରେ କମରପଦା ମୌଜାର ଅନନ୍ତ ଆଶ୍ରମର ପୁରୁଣା କୋଠା ଘରକୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନବୀକରଣ କରାଯାଇ ମିଶନ ଶକ୍ତି ଗୃହ କରାଯାଇଥିଲା। ଏହି କୋଠାର ଜମିଜମା କାଗଜପତ୍ର ବିଡିଓଙ୍କ ପାଖରେ ନ ଥିଲା। ତେଣୁ ଏହି ନିର୍ମାଣ ସଦର, କଟକ ଉପଜିଲାପାଳଙ୍କ ମୌଖିକ ଆଦେଶରେ କରାଯାଇଥିଲା ବୋଲି ପତ୍ର ସଂଖ୍ୟା ନଂ.୨୪୬୧/୧୪।୮।୨୦୨୨ରେ ବିଡିଓ ବିବୃତି ଦେଇଥିଲେ। ମାତ୍ର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୮୯୭/୧୫।୯।୨୦୨୨ ରେ ଏହାକୁ ଖଣ୍ଡନ କରିଛି। ଏପରିକି କିଶନ ନଗର ତହସିଲଦାର ମଧ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ବିଡିଓଙ୍କୁ ଅନୁମତି ଦେଇ ନ ଥିବା ପତ୍ର ସଂଖ୍ୟା ନଂ.୨୧୨୨/୧୦।୮।୨୦୨୨ ରେ ସୂଚନା ଦେଇ ସାରିଛନ୍ତି। ଅନ୍ୟପକ୍ଷେ କନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟ ନୂତନ କୋଠା ନିର୍ମାଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ କୌଣସି ଅନୁମତି ଦେଇ ନ ଥିବା କଟକ ସଦର ବ୍ଲକ କାର୍ଯ୍ୟାଳୟରୁ ମଧ ସ୍ୱଷ୍ଟ କରାଯାଇଛି। ପରେ ବିଡିଓ ପରିଡାଙ୍କୁ ପଚାରିବାରୁ ଏ ନେଇ କୌଣସି ମତ ଗଣମାଧମକୁ ଦେଇ ନ ଥିଲେ। ତେଣୁ ବିଡିଓ କାହା ଚାପରେ ଉଚ୍ଚ ରାଜସ୍ୱ ଅଧିକାରୀଙ୍କ ନାମକୁ ବ୍ୟବହାର କରିଛନ୍ତି, ତାହା ଏ ପର୍ଯ୍ୟନ୍ତ ସ୍ୱଷ୍ଟ ହୋଇପାରି ନାହିଁ।

## ଛଟ୍ ପର୍ବ ପାଳିତ

ଚୌଦ୍ୱାର,୩୧।୧୦(ଡି.ଏନ୍.ଏ.)

କପାଳେଶ୍ୱର ନୂଆସାହିରେ ବାସବାସ କରୁଥିବା ବିହାରୀ ସମ୍ପ୍ରଦାୟ ତରଫରୁ ଛଟ୍‌ପର୍ବ ପାଳିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି ପର୍ବର ଅନ୍ତିମ ଦିବସରେ ସମ୍ପ୍ରଦାୟର ମହିଳାମାନେ ନୂଆଲୁଗା ପିନ୍ଧି, ବିଭିନ୍ନ ଫଳମୂଳ, ଫୁଲ, ଓ ପୂଜା ଉପକରଣ ନେଇ କପାଳେଶ୍ୱର ମନ୍ଦିରରେ ପୂଜା କରିଥିଲେ। ଏହି ପର୍ବ ଅବସରରେ ବିହାରୀ ସମ୍ପ୍ରଦାୟର ଲୋକେ ଘରେ ଘରେ ନାନା ପ୍ରକାରର ପିଠାମିଠା ପ୍ରସ୍ତୁତ କରି ବନ୍ଧୁ ମଧରେ ବାଣ୍ଟିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ସାମାଜିକ, ରାଜନୈତିକ କ୍ଷେତ୍ରରେ ଏକୀକରଣର ଆବଶ୍ୟକ

କଣ୍ଟାପଡା,୩୧।୧୦(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲଲପୁର ପଞ୍ଚାୟତସ୍ଥିତ ଦଧିଚି କଲେଜ ଅଫ ଫାର୍ମାସୀ ପରିସରରେ ଲୌହମାନବ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଜନ୍ମତିଥିରେ ବୁଧବାର ରାଷ୍ଟ୍ରିୟ ଏକତା ଦିବସ ପାଳିତ ହୋଇଯାଇଛି। ଦଧିଚି ଶିକ୍ଷାସମୂହ ଅନୁଷ୍ଠାନର ମୁଖ୍ୟ ଡ. ମନୋଜ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଯୁବପିଢ଼ିଙ୍କର ଏକୀକରଣର ବହୁ ଗୁରୁତ୍ୱ ରହିଛି ବୋଲି କହିଥିଲେ। ଦଧିଚି କଲେଜ ଅଫ ଫାର୍ମାସୀର ଅଧକ୍ଷ ଡ. ରଜତ କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧକ୍ଷ ଶୋଭା ବିକାଶ ସ୍ୱାଇଁ, ପ୍ରଫେସର ଦୁର୍ଗାଚରଣ ସାହୁ, ବରିଷ୍ଠ ଅଧାପକ ଦେବାନନ୍ଦ ଚମ୍ପତି ସିଂ, ପ୍ରଫସର ସତ୍ୟବ୍ରତ ସାହୁ, ରୁଦ୍ରନାରାୟଣ ଦାସ, ଅଜୟ ମହାପାତ୍ର, ଆଶିଷ ପାଣ୍ଡବ, ସାଲିନୀ ଚୌଧୁରୀ, ଅଭ୍‌କିତା ଅଞ୍ଜଳୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପିକ ଅନୀତା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ର, ଅଧାପିକା ଅଧାପକ ଓ କର୍ମଚାରୀ କଲେଜ ପରିସରରେ ଏକ ମାନବଶୃଙ୍ଖଳ କରିଥିଲେ। ବିପିନ ନାୟକ, ବିଶ୍ୱଜିତ ପଟ୍ଟନାୟକ, ସୌଭାଗ୍ୟ କାନୁନ୍‌ଗୋ ଓ ଉପେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।



କଣ୍ଟାପଡାର ଦଧିଚି କଲେଜ ଅଫ ଫାର୍ମାସୀ କଲେଜ ପରିସରରେ ରାଷ୍ଟ୍ରୀୟ ଏକତା ଦିବସରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାନବଶୃଙ୍ଖଳ।

# ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ କମିଶନ

କଟକ ଅଫିସ,୩୧।୧୦

କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୋଟସାହିର ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ଟାଙ୍ଗୀ ଥାନା ପୋଲିସ ଦୁର୍ବ୍ୟବହାର କରିବା ନେଇ ଅନୁସୂଚିତ ଜାତି କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। କମିଶନ ଏହି ଘଟଣାର ତଦନ୍ତ କରି ୧୫ ଦିନ ମଧରେ ରିପୋର୍ଟ ଦାଖଲ ନିମନ୍ତେ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୩୦ ତାରିଖ ରାତିରେ ଅନୁସୂଚିତ ଜାତିର ମହିଳା ରୀନା ବେହେରାଙ୍କ କୋଟସାହିସ୍ଥିତ ଘରକୁ ଟାଙ୍ଗୀ ଥାନା ଆଇଆଇସି ଯାଇ ତାଙ୍କ ସ୍ୱାମୀ ବିଷ୍ଣୁ ଚରଣ ବେହେରାଙ୍କୁ ଖୋଜିଥିଲେ। ସ୍ୱାମୀ ଘରେ ନାହାନ୍ତି ବୋଲି ରୀନା କହିଥିଲେ। ଏହାକୁ ନେଇ ଆଇଆଇସି ଉତ୍‌କ୍ଷିପ୍ତ ହୋଇ ରୀନାଙ୍କ ସମେତ ତାଙ୍କ ଦିଅର, ଶ୍ୱଶୁରଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଅକ୍ଟୋବର ୧ରେ ରୀନା ଏ ସମ୍ପର୍କରେ ଟାଙ୍ଗୀ ଏସ୍‌ଡିପିଓ, କଟକ ଗ୍ରାମାଞ୍ଚଳ ଏସ୍‌ପି, ଆଇଜି ଏବଂ ଡିଜିପିଙ୍କୁ ଜଣାଇଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେ ଅକ୍ଟୋବର ୧୫ରେ ଦିଲ୍ଲୀସ୍ଥିତ ଅନୁସୂଚିତ ଜାତି କମିଶନଙ୍କୁ ଡାକ ମାଧମରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଏ ନେଇ ଟାଙ୍ଗୀ ଥାନା ଆଇଆଇସି ସୁଚିତ୍ର ବୀର୍ଜ ଦାସ କହିଛନ୍ତି, ରୀନାଙ୍କ ସ୍ୱାମୀ ବିଷ୍ଣୁ ଚରଣଙ୍କ ନାମରେ ଚୌଦ୍ୱାର ବିଦ୍ୟୁତ ବିଭାଗ ପକ୍ଷରୁ ଫୌଜଦାରି ମାମଲା ଦାୟର କରାଯାଇଥିଲା। ସେ ତାଙ୍କୁ ଗିରଫ କରିବାକୁ ଯାଇଥିଲେ। ମାତ୍ର ବିଷ୍ଣୁଚରଣ ଘରେ ଅନୁପସ୍ଥିତ ଥିବାରୁ ସେ ଫେରିଆସିଥିଲେ। ତେବେ ସେ କାହାକୁ ଦୁର୍ବ୍ୟବହାର କରିବା ଭଳି କିଛି ଘଟଣା ଘଟିନାହିଁ।

### ଅନୁସୂଚିତ ଜାତି ମହିଳାଙ୍କୁ ପୋଲିସର ଦୁର୍ବ୍ୟବହାର

## ସଂକ୍ଷେପରେ

### ଅଚେତ ପରେ ଯୁବକଙ୍କ ମୃତ୍ୟୁ

ବାରଙ୍ଗ,୩୧।୧୦(ଡି.ଏନ୍.ଏ.): ଗୋଡିସାହି ଫାଣ୍ଡି ନିକଟ ପୁରୀ ମୁଖ୍ୟ କେନାଲ ଛକରୁ ସୋମବାର ଜଣେ ଯୁବକଙ୍କୁ ଉଦ୍ଧାର ପରେ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତେବେ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଫାଣ୍ଡି ଅଧିକାରୀ ବିଚିତ୍ର ନନ୍ଦ ପ୍ରଧାନ କହିଥିବାବେଳେ ଉକ୍ତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ମୁତାବକ, ସକାଳ ୮ଟା ସମୟରେ ଏକ ବାଇକ୍ ଯୋଗେ ୩ ଜଣ ଯୁବକ କେନାଲ ଛକ ନିକଟକୁ ଆସିଥିଲେ। କିଛି ସମୟ ପରେ ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କୁ ଅନ୍ୟ ୨ ଜଣ ଏକ ଦୋକାନରେ ବସାଇ ସେଠାରୁ ପଳାଇଥିଲେ। ଯୁବକ ଜଣଙ୍କ ନରାଜ ତଳଗଡରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଉଥିବା କେନ୍ଦ୍ରୀୟ କୁକ୍କୁଟ ବିକାଶ ସଙ୍ଗଠନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ କାମ କରୁଥିବା ଜଣେ ଠିକାଦାରଙ୍କ ପାଖରେ କାମ କରୁଥିବା ନେଇ ଦୋକାନୀଙ୍କୁ କହିଥିଲେ। ପରେ ଯୁବକ ଜଣଙ୍କ ଅଚେତ ହୋଇ ତଳେ ପଡିଯାଇଥିଲେ। ଦୋକାନୀ ଜଣଙ୍କ ବିବ୍ରତ ହୋଇ ଗୋଡିସାହି ଫାଣ୍ଡିକୁ ଖବରଦେଇ ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ କଟକ ବଡ ମେଡିକାଲ ନେଇଯାଇଥିଲେ। ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରଥିଲେ। ଅନ୍ୟପଟେ ଯୁବକଙ୍କ ଏପରି ଅବସ୍ଥାରେ ତାଙ୍କ ସହଯୋଗୀ ତାଙ୍କୁ କାହିଁକି ଛାଡି ପଳାଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### କଳସ ଶୋଭାଯାତ୍ରା

ଗମ୍ଭାରୀମୁଣ୍ଡା,୩୧।୧୦(ଡି.ଏନ୍.ଏ.): ବାଣପୁର ବ୍ଲକ ସାନହନ୍ତୁଆଡ଼ ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ୧୦୮ ହନୁମାନ ଚାଳିଶା କାର୍ଯ୍ୟକ୍ରମ ଶ୍ରୀରାମଚାରିତମାନସ କୀର୍ତ୍ତନ ମଣ୍ଡଳୀ କମିଟି ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରଦ୍ଧାଳୁ ସୋମବାର ପୂର୍ବାହ୍ନରେ ରଘୁନାଥ ଦେବଙ୍କ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ କଳସ ନେଇ ସାନହନ୍ତୁଆଡ଼ ଗ୍ରାମ ଓ ବଜାର ପରିକ୍ରମା କରି ରଘୁନାଥ ଦେବଙ୍କ ମନ୍ଦିରଠାରେ ପହଞ୍ଚିଥିଲେ। ପ୍ରାତଃରେ ସୂର୍ଯ୍ୟ ପୂଜା, ଗୋ ପୂଜା ପରେ ଶ୍ରୀରାମ ନାମ ସଂକୀର୍ତ୍ତନ ଓ ଅଖଣ୍ଡ ପରାୟଣ କାର୍ଯ୍ୟ ସାରି ମନ୍ଦିର ପୁଷ୍କରିଣୀରେ ପୂଜାର୍ଚ୍ଚନା କରି ସମସ୍ତ ଶ୍ରଦ୍ଧାଳୁ କଳସରେ ଜଳ ନେଇ ପଣି ମନ୍ଦିରରେ ପହଞ୍ଚିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ୭ଦିନ ବ୍ୟାପୀ ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରୀରାମକଥା ପ୍ରବଚନ କାର୍ଯ୍ୟକ୍ରମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଉକ୍ତ ପ୍ରବଚନରେ ମୁଖ୍ୟ ପ୍ରବକ୍ତା ଭାବେ ମଙ୍ଗଳଦାସ ମହାରାଜ ଓ ଅନ୍ତର୍ଯ୍ୟାମୀ ଦାସ ମହାରାଜ ପ୍ରମୁଖ ଯୋଗଦେବେ। ଅନୁରୂପ ଭାବେ ବଡଓଷାରେ ୧୦୮ ଥର ସାମୁହିକ ହନୁମାନ ଚାଲିଶା ପଠନ କାର୍ଯ୍ୟକ୍ରମ ଶ୍ରୀରାମଚାରିତମାନସ କୀର୍ତ୍ତନ ମଣ୍ଡଳୀ କମିଟି ପକ୍ଷରୁ ଆୟୋଜନ କରାଯାଇଛି।

### ଏକତା ଦିବସରେ ଶପଥପାଠ

ଖୋର୍ଦ୍ଧା ଅଫିସ,୩୧।୧୦: ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଧ ରାଷ୍ଟ୍ରୀୟ ଏକତାର ଶପଥ ନିଆଯାଇଛି। ଡେପୁଟି କଲେକ୍ଟର ଉର୍ମିପ୍ରଭା ମହାରଣାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୯୦ ଲକ୍ଷର ବ୍ରାଉନସୁଗାର ଜବତ, ୪ ଗିରଫ

- ୧୧, ୫୦୦ ଟଙ୍କା, କାର୍, ବାଇକ୍, ୯ ମୋବାଇଲ ଜବତ
- ନୂଆବର୍ଷଠାରୁ ଏପର୍ଯ୍ୟନ୍ତ ୮କେଜିରୁ ଊର୍ଦ୍ଧ୍ୱ ବ୍ରାଉନ ସୁଗାର ଜବତ ହେଲାଣି

ପୁରୀ ଅଫିସ, ୩୧।୧୦

ପୁରୀ ସହରରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ପୁରୀକୁ ବ୍ରାଉନ ସୁଗାର ଚାଲାଣ ଅଭିଯୋଗରେ ୪ଜଣଙ୍କୁ ସୋମବାର ବାସେଲୀ ସାହି ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ହସନ ଅଲ୍ଲୀ (୪୫), ଆଜିଜୁର୍ ରେହମାନ୍ (୩୫), ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମର ଆଜାଦ୍ ଅଲ୍ଲୀ ଏବଂ ଜଗତସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ବିପ୍ଳବ ମଲ୍ଲିକ୍ (୩୫)। ଏମାନଙ୍କଠାରୁ ୮୯୦ ଗ୍ରାମ୍ ବ୍ରାଉନ ସୁଗାର, ନଗଦ ୧୧ ହଜାର ୫୦୦ ଟଙ୍କା, ଏକ ରୟାଲ ଏନ୍‌ଫିଲ୍ଡ ବାଇକ୍ (ନଂ. ଓଡି ୦୫ ଏୱାଇ ୯୫୦୮), ଗୋଟିଏ କାର୍ (ନଂ. ଓଡି ୩୩ ଏଚ୍ ୭୪୭୪) ଏବଂ ୯ଟି ମୋବାଇଲ ଫୋନ ଜବତ କରାଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୯୦ ଲକ୍ଷ ଟଙ୍କା। ପୋଲିସ ଏନେଇ ଏକ ମାମଲା (ନଂ. ୨୭୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସୋମବାର ବାସେଲିସାହି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ପୁରୀ ଜିଲାକୁ ବ୍ରାଉନସୁଗାରମୁକ୍ତ କରିବା ପାଇଁ ଚଳିତ ବର୍ଷ ପ୍ରଥମରୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସୋମବାର ସକାଳେ ବାସେଲିସାହି ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର ହେବା ସହ ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବ୍ରାଉନ ସୁଗାର ବେପାରୀ ସାମିଲ ଥିବା ଖବର ମିଳିଥିଲା। ବାସେଲି ସାହି ଥାନା ଅଧିକାରୀ କୁଳମଣି ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳଘାଟ ଛକ ନିକଟ ସ୍ୱେରେଜ ବୋର୍ଡ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଅଞ୍ଚଳରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଚାଲିଛି। ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ନାମରେ ପୂର୍ବରୁ ୩ଟି ମାମଲା ରହିଛି। ସେହିପରି ପୁରୀରେ ଯେଉଁମାନେ ବ୍ରାଉନ ସୁଗାର କାରବାର କରୁଛନ୍ତି ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଟିମ୍ ଗଠନ କରାଯାଇଛି। ନୂଆବର୍ଷଠାରୁ ଏପର୍ଯ୍ୟନ୍ତ ପୋଲିସ ୮କେଜିରୁ ଊର୍ଦ୍ଧ୍ୱ ବ୍ରାଉନ ସୁଗାର ଜବତ ହେଲାଣି। ଆଗକୁ ଚଢ଼ାଉ ଜାରି ରହିବ ବୋଲି ପଣ୍ଡା କହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଏବଂ ବାସେଲି ସାହି ଥାନା ଅଧିକାରୀ ଉପସ୍ଥିତ ଥିଲେ।







ଗମ୍ଭାରୀମୁଣ୍ଡା: ସାନହନ୍ତୁଆଡ଼ ଗ୍ରାମସ୍ଥିତ ରଘୁନାଥ ଦେବ ମନ୍ଦିର ପରିସରରୁ ବାହାରିଥିବା କଳସ ଶୋଭାଯାତ୍ରା।

# ଏକତା ଭାରତୀୟଙ୍କ ପରିଚୟ

ଖୋର୍ଦ୍ଧା ଅଫିସ,୩୧।୧୦

ଏକତା ହିଁ ବଳ। ଦେଶର ଅଖଣ୍ଡତା ଲାଗି ଏକତା ଜରୁରୀ। କରୋନା ମହାମାରୀ ଲଢେଇରେ ଦେଶରେ ଜନସାଧାରଣଙ୍କ ମଧ୍ୟରେ ଦେଖାଦେଇଥିବା ଏକତାକୁ ବିଶ୍ୱସ୍ତରରେ ପ୍ରଂଶସା କରାଯାଇଛି। ଏକତା ଦ୍ୱାରା ଦେଶର ସମୃଦ୍ଧି, ପ୍ରଗତି ବିକାଶ ସମ୍ଭବ। ଏକତା ହେଉଛି ଭାରତୀୟଙ୍କ ପରିଚୟ। ଏହି ଦିବସ ପାଳନ ଅବସରରେ ଦେଶରେ ଏକତା, ଅଖଣ୍ଡତା, ବିପଦକୁ ପ୍ରତିହତ କରିବା ପାଇଁ ଅନ୍ତର୍ନିହିତ ଶକ୍ତି ଓ ସ୍ଥିରତାକୁ ପ୍ରମାଣିତ କରିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିଥାଏ। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ ପାଇଁ ଏହି ଦିବସ ସମସ୍ତଙ୍କୁ ସଂକଳ୍ପବଦ୍ଧ କରିଥାଏ। ଗୋଟିଏ କାଠିକୁ ଭାଙ୍ଗିବା ସହଜ, ଏକତ୍ରିତ ଭାବେ ରହିଥିବା କାଠିବିଣ୍ଡାକୁ କେହି ଭାଙ୍ଗି ପାରିବେ ନାହିଁ। ଦେଶବାସୀ ଏକଜୁଟ ହେଲେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦିଅ ବୋଲି ବିବେକାନନ୍ଦ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସ ଓ ସ୍ୱଚ୍ଛ ଭାରତ ଅଭିଯାନ ପାଳନ ଅବସରରେ ଅନୁଷ୍ଠାନ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ଏହା କହିଛନ୍ତି। ସେ ଆହୁରି କହିଥିଲେ,ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନର ସ୍ମୃତିରେ ୨୦୧୪ ମସିହାରୁ ପାଳିତ ହୋଇ ଆସୁଛି। ସ୍ୱାଧୀନ ଭାରତ ସହିତ ୫୬୫ ରାଜରାଜୁଡା ଅଞ୍ଚଳକୁ ମିଶାଇବାରେ ପଟେଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ଅବସରସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅକ୍ଟୋବର ପହିଲାରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ସ୍ୱଚ୍ଛତା ଅଭିଯାନର ଶେଷ ଦିବସରେ ସ୍ୱଚ୍ଛତା ହିଁ ସେବା ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଗାନ୍ଧୀ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଥିଲେ। ସ୍ୱଚ୍ଛତା ହେଉଛି ସଂସ୍କୃତିର ପରିଚୟ। ନିଜ ପରିବେଶରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ସଭାପତି ରଞ୍ଜିତ ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟ ନାରାୟଣ ବିଶୋଇ, ଗୋପାଳକୃଷ୍ଣ ଦାସ, ରାକେଶ ସାହୁ, ଓମ୍ ପ୍ରକାଶ ମହାନ୍ତି, ମୀନକେତନ ସୁବୁଦ୍ଧି, ଆଦିତ୍ୟ ସାହୁ, କ୍ଷୀତିଶ ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଅବିସ୍ମରଣୀୟ

ବୋଲଗଡ଼,୩୧।୧୦(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଲତରା ଗ୍ରାମସ୍ଥିତ ଗୁରୁକୂଳ ଶିକ୍ଷାନିକେତନ ଆନୁକୂଲ୍ୟରେ ସୋମବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଲୌହମାନବ ସର୍ଦ୍ଦାରବଲ୍ଲଭ ଭାଇ ପଟେଲଙ୍କ ୧୪୭ତମ ଜନ୍ମତିଥି ଅବସରରେ ଅନୁଷ୍ଠାନ ପରିସରରେ 'ଏକତା ପାଇଁ ଗଣଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ଲାକାର୍ଡଧରି ଦେଶାତ୍ମକବୋଧ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷାବିତ୍ ବିଜୟ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ସଭାପତି ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରବୀନ୍ଦ୍ରନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହ ସର୍ଦ୍ଦାର ପଟେଲଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପୂର୍ବାଞ୍ଚଳ ମଣ୍ଡଳ ମୁଖ୍ୟ ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା.ଅମରେନ୍ଦ୍ର ମହାପାତ୍ର ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ପ୍ରଦୀପ ପଣ୍ଡା, ସାଗରାଧିପତି ମଙ୍ଗରାଜ, ଶିକ୍ଷୟିତ୍ରୀ ସାବିତ୍ରୀ ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ଦୀନବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।



'ଏକତା ପାଇଁ ଗଣଦୌଡ଼' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ର।

# ୫୦ ହଲ୍‌ରେ ଏକାସଙ୍ଗେ ରିଲିଜ୍ ହେବ ଚଳଚ୍ଚିତ୍ର

## ନିଆରା ଢଙ୍ଗରେ ପ୍ରଚାର

ଭୁବନେଶ୍ୱର,୩୧।୧୦(ବ୍ୟୁରୋ):

ପ୍ରଥମ କରି ରାଜଧାନୀର ବିଭିନ୍ନ ଛକରେ ବୁଲି ପ୍ରଚାର କରିଛି ଓଡ଼ିଆ ଚଳଚ୍ଚିତ୍ର ଟିମ୍। ଆସନ୍ତା ୪ ତାରିଖରେ ୫୦ଟି ହଲରେ ରିଲିଜ ହେବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଦମନ' ଟିମ୍ ଏପରି ନିଆରା ଢ଼ଙ୍ଗରେ ଚଳଚ୍ଚିତ୍ରର ପ୍ରଚାର କରିଛନ୍ତି।। କାନ୍ଧରେ 'ଦମନ'ର ପୋଷ୍ଟର ସହ ମୃତଦେହର ଅବିକଳ ଏକ ପ୍ରତିକୃତିକୁ ଡାକ୍ତର ବେଶରେ ଥିବା ଦୁଇ ସଦସ୍ୟ କାନ୍ଧରେ ବୋହି ଲୋକଙ୍କୁ ସିନେମାର ବାସ୍ତବତା ବିଷୟରେ ବୁଝାଇବା ସହ ଚଳଚ୍ଚିତ୍ର ଦେଖିବାକୁ ଅନୁରୋଧ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ମୌଳିକ କାହାଣୀ ନାହିଁ ବୋଲି ଦୀର୍ଘ ଦିନରୁ ବହୁତ ଅଭିଯୋଗ କରିଆସୁଛନ୍ତି ଦର୍ଶକ। ତେବେ ଏହି ସିନେମା ଦେଖିବା ପରେ ନିଶ୍ଚିତ ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ଚଳଚ୍ଚିତ୍ର ନିର୍ଦ୍ଦେଶକ ଦେବୀପ୍ରସାଦ ଲେଙ୍କା କହିଛନ୍ତି। ଏହି ଚଳଚ୍ଚିତ୍ରରେ ବାବୁଶାନଙ୍କ ସହ ଅଛନ୍ତି ଦୀପନ୍ୱିତ ଦାସ ମହାପାତ୍ର। ଫିଲ୍ମର କାହାଣୀ ଓଡ଼ିଶାରେ ଘଟିଥିବା ଏକ ସତ୍ୟ ଘଟଣା ଉପରେ ଆଧାରିତ। ଏଥିରେ ଜଣେ ଯୁବ ଡାକ୍ତର ସିଦ୍ଧାର୍ଥଙ୍କ କର୍ତ୍ତବ୍ୟନିଷ୍ଠ କାହାଣୀ ପ୍ରତିଫଳିତ ହୋଇଛି। ଡାକ୍ତରୀ ପାଠ ଶେଷ କରିବା ପରେ ଡାକ୍ତରଙ୍କର ନିଯୁକ୍ତି ହୁଏ ମାଲକାନଗିରି ଜିଲାର ଉପାନ୍ତ ଅଞ୍ଚଳରେ। ମୌଳିକ ସୁବିଧା ସୁଯୋଗର ଅଭାବ, ପୁଣି ନକ୍ସଲ ଉପଦ୍ରୁତ ଏହି ଅଞ୍ଚଳରେ ଯୁବ ଡାକ୍ତର ଜଣକ କିଭଳି ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି ଓ ଏଥିପାଇଁ ତାଙ୍କୁ କ'ଣ ସବୁ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡୁଛି। ବଡ଼ ବଜେଟ୍‌ର ଏହି ଫିଲ୍ମରେ ବାବୁଶାନଙ୍କୁ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମଟି ବାବୁଶାନ ମହାନ୍ତିଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ। ଫିଲ୍ମଟି ରିଲିଜ ପରେ ଓଡ଼ିଆ ସିନେମା ଶିଳ୍ପ ପାଇଁ ଏହା ଏକ ନୂଆ ଦିଶା ଦେବ ବୋଲି ଚଳଚ୍ଚିତ୍ର ନିର୍ମାତା ଆଶା ରଖିଛନ୍ତି।

# ଆର୍ଥିକ ପ୍ରୋତ୍ସାହନ ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବାଣପୁର,୩୧।୧୦(ଡି.ଏନ୍.ଏ.)

ନାବାର୍ଡ ଓ ଇଏସଏଏଫର ମିଳିତ ସହଯୋଗରେ ଅଧିକାର ଫାଇନାନ୍ସ ଋଣ କମ୍ପାନୀ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏକ ଆର୍ଥିକ ପ୍ରୋତ୍ସାହନ ପ୍ରଶିକ୍ଷଣ ଶିବିର ଗୋପୀନାଥପୁର ସ୍ଥିତ ଗଜଲକ୍ଷ୍ମୀ ପୂଜା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଋଣ ନେଇଥିବା ୭୦ଜଣ ମହିଳା ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ସ୍ୱାବଲମ୍ବୀ ହେବା ପାଇଁ ପ୍ରଶିକ୍ଷଣ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ଲକ୍ଷ୍ମୀଧର ପ୍ରଧାନ, ଇଏସଏଏଫ ବ୍ୟାଙ୍କର ପ୍ରତିନିଧି ମନୋଜ ବେହେରା ଉପସ୍ଥିତ ରହି ମାର୍ଗ ଦର୍ଶନ କରିଥିଲେ। ଆଞ୍ଚଳିକ ମୁଖ୍ୟ ସାରଦା ପ୍ରସାଦ ବାରିକ, କ୍ଷେତ୍ର ପରିଚାଳିକା ପ୍ରିୟଙ୍କା ପ୍ରଧାନ ଏବଂ ସଂସ୍ଥାର ବ୍ୟବସାୟିକ ମୁଖ୍ୟ ଚିତ୍ତରଞ୍ଜନ ଚମ୍ପତିରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାଲୁଗାଁ ଶାଖାର କର୍ମଚାରୀମାନେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସ

ଜଟଣୀ,୩୧।୧୦(ଡି.ଏନ୍.ଏ.)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରୟ, ଖୋର୍ଦ୍ଧା ରୋଡ୍ ରେଲୱେ ଷ୍ଟାଡିୟମର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସ୍କାଉଟ୍-ଗାଇଡ୍ ପିଲାମାନେ ଦେଶରେ ଏକତା ରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଶପଥ ନେଇଥିଲେ। ରେଳ ଷ୍ଟାଡିୟମରୁ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେଶନ ପର୍ଯ୍ୟନ୍ତ ଅଧିକାରୀ, କର୍ମଚାରୀ, ରେଳ ସୁରକ୍ଷା ବାହିନୀ ଏବଂ ସ୍କାଉଟ-ଗାଇଡ୍ ପିଲାଙ୍କ ଦ୍ୱାରା ଏକତା ଦୌଡ ଆୟୋଜନ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେଶନରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀ ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମ ସୁନ୍ଦର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସେହିପରି ଫଟୋ ପ୍ରଦର୍ଶନୀ ଭୁବନେଶ୍ୱର, ଅନୁଗୋଳ, ବ୍ରହ୍ମପୁର, ପଲାସା, ଢେଙ୍କାନାଳ, ଭଦ୍ରକ ଏବଂ ପାରାଦୀପ ରେଳ ଷ୍ଟେଶନରେ ମଧ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ରଞ୍ଜନ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ସବୁଠି ଦୁର୍ନୀତି ନିବାରଣ ଶପଥ ପାଠ

ଖୋର୍ଦ୍ଧା ଅଫିସ,୩୧।୧୦

ଚଳିତବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସୋମବାର ଠାରୁ ଆସନ୍ତା ନଭେମ୍ବର ୬ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରନ୍ସ ମାଧ୍ୟମରେ ସମସ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀଙ୍କୁ ସତ୍ୟ ନିଷ୍ଠାର ଶପଥପାଠ କରାଇଛନ୍ତି। ଏହିକ୍ରମରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ବ୍ଲକସ୍ତରରେ ଓସୱାନ ହଲରେ ଅଧିକାରୀ, କର୍ମଚାରୀମାନେ ଶପଥ ପାଠ କରିଥିଲେ। ସୋମବାର ଜଟଣୀ ବ୍ଲକରେ ଜନଶୁଣାଣି ଶିବିର ରହିଥିଲା। ଏହି ଅବସରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପଜିଲାପାଳ ଦେବବ୍ରତ ସାହୁ, ସିଡିଏମଓ ଡା.ଆତତ୍ରାଣ ନାୟକ, ଜିଲାଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ବ୍ଲକ ଓସୱାନ ହଲରେ ଯୋଗଦେଇ ଶପଥ ନେଇଥିଲେ। ସେହିଭଳି ଜିଲାପାଳଙ୍କ କାର୍ଯ୍ୟାଳୟ ଓସୱାନ ହଲରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଏସ.ଏନ ମୁର୍ମ୍ମୁ, ଡିଏସପି ବିଷ୍ଣୁଚରଣ ପତି, ଡିଆଇବି ଡିଏସପି ଅଚ୍ୟୁତ ରାଉତ, ଓରମାସ ନିର୍ଦ୍ଦେଶକ ଗୁଣ୍ଡିଚା ବେହେରା, ଆପଦକାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣାଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିଭଳି ବ୍ଲକସ୍ତରରେ ବିଡିଓ, ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ, ସାଧାରଣ ନାଗରିକ ମଧ ଯୋଗଦେଇଥିଲେ।



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଶପଥପାଠ କରାଯାଉଛି।

# ନାତୁଣୀ ଜ୍ୱାଇଁଙ୍କୁ ଆଜୀବନ ଜେଲଦଣ୍ଡ

**ଭରତପୁର ଟ୍ରିପଲ ମର୍ଡର ମାମଲା**
- ୭ ବର୍ଷ ପରେ ରାୟ ଶୁଣାଇଲେ କୋର୍ଟ
- ଜମି ପାଇଁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ନାରାୟଣୀ ବସ୍ତିଟ୍ରିପଲ ମର୍ଡର ମାମଲାରେ ୭ ବର୍ଷ ପରେ ସୋମବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ତଥା ନାତୁଣୀ ଜ୍ୱାଇଁ ଶିବ ପ୍ରସାଦ ପଣ୍ଡା ଓରଫ ଭୁବନଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୩୦ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ସସ୍ମିତା ପାଢ଼ି ଓ ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଭଦ୍ରକ ଜିଲାର ଚକ୍ରଧର ନାୟକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ସାହୁଙ୍କ ପୁଅ-ବୋହୂଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେମାନେ ତାଙ୍କର ଏକମାତ୍ର ନାତୁଣୀ ସୁମିଙ୍କ ସହ ନାରାୟଣୀ ବସ୍ତିରେ ରହି ଏକ ଦୋକାନ କରି ଚଳୁଥିଲେ। ସରକାରଙ୍କ ପକ୍ଷରୁ ତାଙ୍କୁ ସେଠାରେ ଜମି ମଧ ଯୋଗାଇ ଦିଆଯାଇଥିଲା। ତେବେ ଅଭିଯୁକ୍ତ ସୁନ୍ଦରପଦା କପିଳପ୍ରସାଦର ଶିବ ପ୍ରସାଦ ନାରାୟଣୀ ବସ୍ତିରେ ରହୁଥିବା ତାଙ୍କ ଆଈ ଶାନ୍ତିଲତାଙ୍କ ପାଖକୁ ପ୍ରାୟ ସମୟରେ ଆସୁଥିଲେ। ଏହି ସମୟରେ ଆଈଙ୍କ ଘର ନିକଟରେ ରହୁଥବା ଚକ୍ରଧରଙ୍କ ନାତୁଣି ସୁମିଙ୍କୁ ଭଲ ପାଇବା ସହ ୨୦୧୧ରେ ତାଙ୍କୁ ବିବାହ କରିଥିଲେ। ପରେ ଉଭୟ ଜଟଣୀରେ ରହିଥିଲେ। ବିବାହ ପରେ ଚକ୍ରଧର ରହୁଥିବା ସରକାରୀ ଜମିକୁ ତାଙ୍କ ନାଁରେ କରିବାକୁ ନାତୁଣୀ ଜ୍ୱାଇଁ ଶିବପ୍ରସାଦ ବାଧ କରୁଥିଲେ। ହେଲେ ଚକ୍ରଧରଙ୍କ ସ୍ତ୍ରୀ ସୁକାନ୍ତି ଏହାକୁ ବିରୋଧ କରି ଆସୁଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ୨୦୧୩ରେ ସୁମିଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସୁମିଙ୍କୁ ସ୍ୱାମୀ ଶିବପ୍ରସାଦ କିରୋସିନ ଢ଼ାଳି ପୋଡ଼ି ହତ୍ୟା କରିଥିଲେ ବୋଲି ଅଭିଯୋଗ ହେବାରୁ ମାମଲା ଅଧିକ ଜଟିଳ ହୋଇଥିଲା। ତେବେ ସୁମିଙ୍କ ମୃତ୍ୟୁ ପରେ ଶିବପ୍ରସାଦଙ୍କ ଜମି ପାଇବା ଆଶା ମଉଳି ଯାଇଥିଲା। ଜମି ପାଇଁ ଚକ୍ରଧରଙ୍କ ପରିବାର ସହ ଗଣ୍ଡଗୋଳ ନ କରିବାକୁ ଆଈ ଶାନ୍ତିଲତା ତାଙ୍କୁ ବୁଝାଉଥିଲେ ମଧ ସେ ଶୁଣୁ ନ ଥିଲେ। ୨୦୧୫ ଜାନୁଆରୀ ୨୬ରେ ସେ ଆଈ ଶାନ୍ତିଲତାଙ୍କ ଘରକୁ ଆସିଥିଲେ। ୨୭ ତାରିଖ ଅପରାହ୍ନରେ ଜମିବିବାଦକୁ ନେଇ ସେ ସୁକାନ୍ତିଙ୍କ ସହ ପାଟିତୁଣ୍ଡ କରିବା ପରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ଆଈ ଶାନ୍ତିଲତାଙ୍କୁ ମଧ ସମାନ ଭାବେ ହତ୍ୟା କରିଥିଲେ। କିଛି ସମୟ ପରେ ଚକ୍ରଧର ଘରେ ପହଞ୍ଚିବା କ୍ଷଣି ତାଙ୍କୁ ମଧ ହତ୍ୟା କରି ଫେରାର ହୋଇଯାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଘଟଣାର ୨ଦିନ ପରେ ଅର୍ଥାତ ୨୯ ତାରିଖରେ ଜଟଣୀ ନିକଟ କଣ୍ଟିଆ ଜଙ୍ଗଲରୁ ଅଭିଯୁକ୍ତ ଶିବ ପ୍ରସାଦଙ୍କୁ ଗିରଫ କରିଥିଲା। ତେବେ ୨୫ଜଣଙ୍କ ସାକ୍ଷ୍ୟ, ୩୦ ଦସ୍ତାବିଜ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ପ୍ରଦିପ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।



**ସଂକ୍ଷେପରେ**

## ୪ କେ.ଜି. ୧୦୯ ଗ୍ରାମ୍ ବ୍ରାଉନ୍‌ସୁଗାର ନଷ୍ଟ କରାଗଲା

ଏଯାଏ ନଷ୍ଟ ହେଲାଣି ୧୨ କେ.ଜି. ୮୧୫ ଗ୍ରାମ ବ୍ରାଉନସୁଗାର, ୧୬ କୁଇଣ୍ଟାଲ ଗଞ୍ଜେଇ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)- ମାମଲାର ବିଚାର ପୂର୍ବରୁ ଓଡ଼ିଶା ପୋଲିସ ଦ୍ୱାରା ଜବତ ନିଶାଦ୍ରବ୍ୟଗୁଡିକୁ ନଷ୍ଟ କରିବା ଅଭିଯାନ ଜାରି ରହିଛି। ସୋମବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ରାଜ୍ୟ ପୋଲିସ ପକ୍ଷରୁ ପୁଣିଥରେ ବିପୁଳ ପରିମାଣର ବ୍ରାଉନସୁଗାର ପୋଡି ଦିଆଯାଇଛି। ଏସ୍‌ଟିଏଫ୍‌ର ମାମଲା ନଂ.୨୩/୨୦୨୧, ୩୬/୨୦୨୧, ୩୭/୨୦୧୬ରେ ଅଭିଯୁକ୍ତଙ୍କଠାରୁ ଜବତ ୪ କେଜି ୧୦୯ ଗ୍ରାମ ବ୍ରାଉନସୁଗାରକୁ ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟିଙ୍କ ନିଷ୍ପତ୍ତିକ୍ରମେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ ଜାଳି ନଷ୍ଟ କରାଯାଇଛି। ଏହି ସମୟରେ ଏସ୍‌ଟିଏଫ୍ ଏସ୍‌ପିଙ୍କ ନେତୃତ୍ୱରେ ଗଠିତ କିମିଟିରେ ଥିବା ଡିଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ଓ ଖୋର୍ଦ୍ଧା ଅବକାରୀ ଏସ୍‌ପିଙ୍କ ସହ ରାଜ୍ୟ ଫରେନ୍‌ସିକ ଲାବରାଟୋରୀର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ। ତେବେ ଏହାକୁ ମିଶାଇ ରାଜ୍ୟରେ ଏଯାବତ ମୋଟ ୧୦ଟି ମାମଲାରେ ଜବତ ୧୨ କେଜି ୮୧୫ ଗ୍ରାମ ବ୍ରାଉନସୁଗାର ନଷ୍ଟ କରାଯାଇଥିବାବେଳେ ୪ଟି ମାମଲାରେ ଜବତ ହୋଇଥିବା ୧୬ କୁଇଣ୍ଟାଲ ଗଞ୍ଜେଇ ନଷ୍ଟ କରାଯାଇଛି।

## ରାତିରେ ଜଳିଗଲା ୩ ବାଇକ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ) ରାତି ଅଧରେ ଏକ ସଙ୍ଗେ ତିନୋଟି ବାଇକ ଜଳିଯିବା ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟିକରିଛି। ଲକ୍ଷ୍ମୀସାଗର ଥାନା ବୁଦ୍ଧେଶ୍ୱରୀ କଲୋନୀରେ ଦେଖିବାକୁ ମିଳିଛି ଏଭଳି ଘଟଣା । ଏନେଇ ଗାଡି ମାଲିକ ଅମି ପ୍ରଧାନ, ଦୁର୍ଯ୍ୟୋଧନ ଦାସ, ଜୟନ୍ତ କୁମାର ସାମନ୍ତରାୟ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପଟେ କୌଣସି ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ବୁଦ୍ଧେଶ୍ୱରୀ କଲୋନୀର ଅମି ପ୍ରଧାନଙ୍କ କହିବା ମୁତାବକ, ରବିବାର ରାତି ୨ଟା ସମୟରେ ମୋର ଗୋଟିଏ ବାଇକ ଜଳୁଥିବା ପଡୋଶୀ ଦେଖି



ଫୋନ କରିଥିଲେ। ମୁଁ ଦୌଡ଼ିଯାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିବାବେଳେ ଅନ୍ୟ ଏକ ବାଇକରେ ନିଆଁ ଲାଗିଯାଇଥିଲା। ପରେ ଦୁଇଟି ବାଇକ ପୋଡିଯାଇଥିବା ବେଳେ ଅନ୍ୟ ବାଇକଟି ଅଧା ପୋଡ଼ିଯାଇ ଥିଲା। ସଂଗେ ସଂଗେ ପିସିଆର ଭ୍ୟାନକୁ ଫୋନ କରିଥିଲି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଏହାର କାରଣ ଖୋଜୁଛି।

# ନାତୁଣୀ ଜ୍ୱାଇଁଙ୍କୁ ଆଜୀବନ ଜେଲଦଣ୍ଡ

**ଭରତପୁର ତ୍ରିପଲ ମର୍ଡର ମାମଲା**

- ୭ ବର୍ଷ ପରେ ରାୟ ଶୁଣାଇଲେ କୋର୍ଟ
- ଜମି ପାଇଁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)



ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ନାରାୟଣୀ ବସ୍ତିତ୍ରିପଲ ମର୍ଡର ମାମଲାରେ ୭ ବର୍ଷ ପରେ ସୋମବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ତଥା ନାତୁଣୀ ଜ୍ୱାଇଁ ଶିବ ପ୍ରସାଦ ପଣ୍ଡା ଓରଫ ଭୁବନଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୩୦ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ସସ୍ମିତା ପାଢ଼ି ଓ ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଭଦ୍ରକ ଜିଲାର ଚକ୍ରଧର ନାୟକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ସାହୁଙ୍କ ପୁଅ-ବୋହୂଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେମାନେ ତାଙ୍କର ଏକମାତ୍ର ନାତୁଣୀ ସୁମିଙ୍କ ସହ ନାରାୟଣୀ ବସ୍ତିରେ ରହି ଏକ ଦୋକାନ କରି ଚଳୁଥିଲେ। ସରକାରଙ୍କ ପକ୍ଷରୁ ତାଙ୍କୁ ସେଠାରେ ଜମି ମଧ୍ୟ ଯୋଗାଇ ଦିଆଯାଇଥିଲା। ତେବେ ଅଭିଯୁକ୍ତ ସୁନ୍ଦରପଦା କପିଳପ୍ରସାଦର ଶିବ ପ୍ରସାଦ ନାରାୟଣୀ ବସ୍ତିରେ ରହୁଥିବା ତାଙ୍କ ଆଈ ଶାନ୍ତିଲତାଙ୍କ ପାଖକୁ ପ୍ରାୟ ସମୟରେ ଆସୁଥିଲେ। ଏହି ସମୟରେ ଆଈଙ୍କ ଘର ନିକଟରେ ରହୁଥବା ଚକ୍ରଧରଙ୍କ ନାତୁଣି ସୁମିଙ୍କୁ ଭଲ ପାଇବା ସହ ୨୦୧୧ରେ ତାଙ୍କୁ ବିବାହ କରିଥିଲେ। ପରେ ଉଭୟ ଜଟଣୀରେ ରହିଥିଲେ। ବିବାହ ପରେ ଚକ୍ରଧର ରହୁଥିବା ସରକାରୀ ଜମିକୁ ତାଙ୍କ ନାଁରେ କରିବାକୁ ନାତୁଣୀ ଜ୍ୱାଇଁ ଶିବପ୍ରସାଦ ବାଧ କରୁଥିଲେ। ହେଲେ ଚକ୍ରଧରଙ୍କ ସ୍ତ୍ରୀ ସୁକାନ୍ତି ଏହାକୁ ବିରୋଧ କରି ଆସୁଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ୨୦୧୩ରେ ସୁମିଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସୁମିଙ୍କୁ ସ୍ୱାମୀ ଶିବପ୍ରସାଦ କିରୋସିନ ଢ଼ାଳି ପୋଡ଼ି ହତ୍ୟା କରିଥିଲେ ବୋଲି ଅଭିଯୋଗ ହେବାରୁ ମାମଲା ଅଧିକ ଜଟିଳ ହୋଇଥିଲା। ତେବେ ସୁମିଙ୍କ ମୃତ୍ୟୁ ପରେ ଶିବପ୍ରସାଦଙ୍କ ଜମି ପାଇବା ଆଶା ମଉଳି ଯାଇଥିଲା। ଜମି ପାଇଁ ଚକ୍ରଧରଙ୍କ ପରିବାର ସହ ଗଣ୍ଡଗୋଳ ନ କରିବାକୁ ଆଈ ଶାନ୍ତିଲତା ତାଙ୍କୁ ବୁଝାଉଥିଲେ ମଧ୍ୟ ସେ ଶୁଣୁ ନ ଥିଲେ। ୨୦୧୫ ଜାନୁୟାରୀ ୨୬ରେ ସେ ଆଈ ଶାନ୍ତିଲତାଙ୍କ ଘରକୁ ଆସିଥିଲେ। ୨୭ ତାରିଖ ଅପରାହ୍ନରେ ଜମିବିବାଦକୁ ନେଇ ସେ ସୁକାନ୍ତିଙ୍କ ସହ ପାଟିତୁଣ୍ଡ କରିବା ପରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ଆଈ ଶାନ୍ତିଲତାଙ୍କୁ ମଧ୍ୟ ସମାନ ଭାବେ ହତ୍ୟା କରିଥିଲେ। କିଛି ସମୟ ପରେ ଚକ୍ରଧର ଘରେ ପହଞ୍ଚିବା କ୍ଷଣି ତାଙ୍କୁ ମଧ୍ୟ ହତ୍ୟା କରି ଫେରାର ହୋଇଯାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଘଟଣାର ୨ଦିନ ପରେ ଅର୍ଥାତ ୨୯ ତାରିଖରେ ଜଟଣୀ ନିକଟ କଣ୍ଟିଆ ଜଙ୍ଗଲରୁ ଅଭିଯୁକ୍ତ ଶିବ ପ୍ରସାଦଙ୍କୁ ଗିରଫ କରିଥିଲା। ତେବେ ୨୫ଜଣଙ୍କ ସାକ୍ଷ୍ୟ, ୩୦ ଦସ୍ତାବିଜ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ପ୍ରଦୀପ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।




ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ସୂଚନା ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଓ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳନ ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ମଞ୍ଚାସୀନ ଅନ୍ୟ ଅତିଥିମାନେ।

## ଅଚେତ ପରେ ଯୁବକଙ୍କ ମୃତ୍ୟୁ

ଦୋକାନରେ ଛାଡ଼ି ପଳାଇଥିଲେ ୨ ସହଯୋଗୀ

ବାରଙ୍ଗ,୩୧।୧୦(ଡି.ଏନ୍.ଏ.)

ଗୋଡିସାହି ଫାଣ୍ଡି ନିକଟ ପୁରୀ ମୁଖ୍ୟ କେନାଲ ଛକରୁ ସୋମବାର ଜଣେ ଯୁବକଙ୍କୁ ଉଦ୍ଧାର ପରେ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତେବେ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଫାଣ୍ଡି ଅଧିକାରୀ ବିଚିତ୍ର ନନ୍ଦ ପ୍ରଧାନ କହିଥିବାବେଳେ ଉକ୍ତ ଯୁବକଙ୍କ ପରିଚୟ ମିଳି ପାରିନାହିଁ।

ସୂଚନା ମୁତାବକ, ସକାଳ ୮ଟା ସମୟରେ ଏକ ବାଇକ୍ ଯୋଗେ ୩ ଜଣ ଯୁବକ କେନାଲ ଛକ ନିକଟକୁ ଆସିଥିଲେ। କିଛି ସମୟ ପରେ ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କୁ ଅନ୍ୟ ୨ ଜଣ ଏକ ଦୋକାନରେ ବସାଇ ସେଠାରୁ ପଳାଇଥିଲେ। ଯୁବକ ଜଣଙ୍କ ନରାଜ ତଳଗଡରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଉଥିବା କେନ୍ଦ୍ରୀୟ କୁକ୍କୁଟ ବିକାଶ ସଙ୍ଗଠନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ କାମ କରୁଥିବା ଜଣେ ଠିକାଦାରଙ୍କ ପାଖରେ କାମ କରୁଥିବା ନେଇ ଦୋକାନୀଙ୍କୁ କହିଥିଲେ। ପରେ ଯୁବକ ଜଣଙ୍କ ଅଚେତ ହୋଇ ତଳେ ପଡିଯାଇଥିଲେ। ଦୋକାନୀ ଜଣଙ୍କ ବିବ୍ରତ ହୋଇ ଗୋଡିସାହି ଫାଣ୍ଡିକୁ ଖବରଦେଇ ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ କଟକ ବଡ ମେଡିକାଲ ନେଇଯାଇଥିଲେ। ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରଥିଲେ। ଅନ୍ୟପଟେ ଯୁବକଙ୍କ ଏପରି ଅବସ୍ଥାରେ ତାଙ୍କ ସହଯୋଗୀ ତାଙ୍କୁ କାହିଁକି ଛାଡି ପଳାଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୫୦ ହଲ୍‌ରେ ଏକସଙ୍ଗରେ ରିଲିଜ୍ ହେବ




ମୃତଦେହର ଅବିକଳ ପ୍ରତିକୃତି ଧରି 'ଦମନ' ଚଳଚ୍ଚିତ୍ର ପ୍ରଚାର କରାଯାଉଛି।

**ନିଆରା ଢଙ୍ଗରେ ଚଳଚ୍ଚିତ୍ର 'ଦମନ' ପ୍ରଚାର**

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ପ୍ରଥମ କରି ରାଜଧାନୀର ବିଭିନ୍ନ ଛକରେ ବୁଲି ପ୍ରଚାର କରିଛି ଓଡ଼ିଆ ଚଳଚ୍ଚିତ୍ର ଟିମ୍। ଆସନ୍ତା ୪ ତାରିଖରେ ୫୦ଟି ହଲରେ ରିଲିଜ ହେବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଦମନ' ଟିମ୍ ଏପରି ନିଆରା ଢ଼ଙ୍ଗରେ ଚଳଚ୍ଚିତ୍ରର ପ୍ରଚାର କରିଛନ୍ତି।। କାନ୍ଧରେ 'ଦମନ'ର ପୋଷ୍ଟର ସହ ମୃତଦେହର ଅବିକଳ ଏକ ପ୍ରତିକୃତିକୁ ଡାକ୍ତର ବେଶରେ ଥିବା ଦୁଇ ସଦସ୍ୟ କାନ୍ଧରେ ବୋହି ଲୋକଙ୍କୁ ସିନେମାର ବାସ୍ତବତା ବିଷୟରେ ବୁଝାଇବା ସହ ଚଳଚ୍ଚିତ୍ର ଦେଖିବାକୁ ଅନୁରୋଧ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ମୌଳିକ କାହାଣୀ ନାହିଁ ବୋଲି ଦୀର୍ଘ ଦିନରୁ ବହୁତ ଅଭିଯୋଗ କରିଆସୁଛନ୍ତି ଦର୍ଶକ। ତେବେ ଏହା ନିଶ୍ଚିତ ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ଚଳଚ୍ଚିତ୍ର ନିର୍ଦ୍ଦେଶକ ଦେବୀପ୍ରସାଦ ଲେଙ୍କା କହିଛନ୍ତି। ଏହି ଚଳଚ୍ଚିତ୍ରରେ ବାବୁଶାନଙ୍କ ସହ ଅଛନ୍ତି ଦୀପନ୍ୱିତ ଦାସ ମହାପାତ୍ର। ଫିଲ୍ମର କାହାଣୀ ଓଡ଼ିଶାରେ ଘଟିଥିବା ଏକ ସତ୍ୟ ଘଟଣା ଉପରେ ଆଧାରିତ। ଏଥିରେ ଜଣେ ଯୁବ ଡାକ୍ତର ସିଦ୍ଧାର୍ଥଙ୍କ କର୍ତ୍ତବ୍ୟନିଷ୍ଠ କାହାଣୀ ପ୍ରତିଫଳିତ ହୋଇଛି। ଡାକ୍ତରୀ ପାଠ ଶେଷ କରିବା ପରେ ଡାକ୍ତରଙ୍କର ନିଯୁକ୍ତି ହୁଏ ମାଲକାନଗିରି ଜିଲାର ଉପାନ୍ତ ଅଞ୍ଚଳରେ। ମୌଳିକ ସୁବିଧା ସୁଯୋଗର ଅଭାବ, ପୁଣି ନକ୍ସଲ ଉପଦ୍ରୁତ ଏହି ଅଞ୍ଚଳରେ ଯୁବ ଡାକ୍ତର ଜଣକ କିଭଳି ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି ଓ ଏଥିପାଇଁ ତାଙ୍କୁ କ'ଣ ସବୁ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡୁଛି। ବଡ଼ ବଜେଟ୍‌ର ଏହି ଫିଲ୍ମରେ ବାବୁଶାନଙ୍କୁ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମଟି ବାବୁଶାନ ମହାନ୍ତିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ। ଫିଲ୍ମଟି ରିଲିଜ ପରେ ଓଡ଼ିଆ ସିନେମା ଶିଳ୍ପ ପାଇଁ ଏହା ଏକ ନୂଆ ଦିଶା ଦେବ ବୋଲି ଚଳଚ୍ଚିତ୍ର ନିର୍ମାତା ଆଶା ରଖିଛନ୍ତି।

## ଖୁବ୍‌ଶୀଘ୍ର ଖୋଲିବ ଘାଟିକିଆ ଅତ୍ୟାଧୁନିକ ମାଂସ ମାର୍କେଟ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ):




ଘାଟିକିଆ ଅତ୍ୟାଧୁନିକ ମାଂସ ମାର୍କେଟ ଖୁବ୍ ଶୀଘ୍ର ଖୋଲିବ। ଏନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମେୟର ସୁଲୋଚନା ଦାସ ସୋମବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ନିର୍ଦ୍ଧାରିତ ସମୟରେ କାମ ସାରିଥିବାରୁ ବିଏମ୍‌ସି ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ମେୟର। ଏଠାରେ ଆବଶ୍ୟକ ହେଉଥିବା ସରଞ୍ଜାମ ଯଥା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ଡିପ୍ ଫ୍ରିଜର ଓ ମାଂସ କାଟିବା ପାଇଁ ସରଞ୍ଜାମ ବିଏମ୍‌ସି ପକ୍ଷରୁ ପ୍ରଦାନ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ନାକାଗେଟ୍, ରେଣ୍ଟାଲ, ଷ୍ଟୁଡିଓ ଛକ ଓ ଘାଟିକିଆ ଅଞ୍ଚଳରେ ରାସ୍ତା କଡ଼ରେ ଚାଲିଥିବା ମାଂସ ବେପାର ବନ୍ଦ ହୋଇଯିବ। ବ୍ୟବସାୟୀମାନେ ଏହି ମାର୍କେଟ ଭିତରେ ବ୍ୟବସାୟ କରିବେ।

ସୂଚନା ଥାଉକି, ୨୦୧୮ରେ ଏଠାରେ ଅତ୍ୟାଧୁନିକ ମାଂସ ମାର୍କେଟ ନିର୍ମାଣ ହୋଇଥିଲା। ୧୨ଜଣ ବ୍ୟବସାୟୀଙ୍କୁ ଘର ଯୋଗାଇ ଦେବାକୁ ସ୍ଥିର କରାଯାଇଥିଲା। କିନ୍ତୁ ଆବଣ୍ଟନରେ ସମସ୍ୟା ଦେଖାଦେବାରୁ ଏହି ବଜାର ୪ବର୍ଷ ଧରି କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିଲା। ଏହି ଦୋକାନ ଘରକୁ ଲଟେରି ଜରିଆରେ ବ୍ୟବସାୟୀଙ୍କୁ ଦେବାକୁ ଯୋଜନା କରିଛି। ଏଠାରେ ପାର୍କିଂ ପାଇଁ ଯଥେଷ୍ଟ ସ୍ଥାନ ଥିବାବେଳେ ମାଂସ କାଟିବା ପାଇଁ ଦୁଇଟି ଘର ରହିଛି। ଗୋଟିଏ ଅଫିସ୍ ରୁମ୍ ମଧ୍ୟ ରହିଛି। ସେହିପରି ପାଇଖାନା ଓ ଗାଧୁଆ ଘର ବ୍ୟବସ୍ଥା ମଧ୍ୟ କରାଯାଇଛି।

# ରାଷ୍ଟ୍ର ନିର୍ମାଣରେ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ଅତୁଳନୀୟ

**ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳିତ**

ଭୁବନେଶ୍ୱର, ୩୧।୧୦ (ବ୍ୟୁରୋ)

ରାଷ୍ଟ୍ରୀୟ ସୁରକ୍ଷା ଓ ଅଖଣ୍ଡତା ରକ୍ଷା କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ସର୍ବଦା ପ୍ରଶଂସନୀୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ସୋମବାର ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ କହିଲେ, ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଚଳଣି ସତ୍ତ୍ୱେ ଭାରତର ଏକତା ଓ ସଂହତି ଅକ୍ଷୁଣ୍ଣ ରହିଛି। ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପ୍ରତ୍ୟେକ ଭାରତୀୟଙ୍କ କର୍ତ୍ତବ୍ୟ। ଭାରତର ସାର୍ବଭୌମତ୍ୱକୁ ଅକ୍ଷୁଣ୍ଣ ରଖିବାକୁ ଯାଇ ବହୁ ଯୁଗପୁରୁଷ ଆତ୍ମୋତ୍ସର୍ଗ କରିଛନ୍ତି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସେହିଭଳି ଜଣେ ରାଷ୍ଟ୍ରନେତା। ରାଷ୍ଟ୍ର ନିର୍ମାଣରେ ତାଙ୍କର ଭୂମିକା ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କୁ ଜଣେ ଦୂରଦର୍ଶୀ ଏବଂ ଦୃଢ଼ମନା ନାରୀନେତ୍ରୀ ଭାବେ ଅଭିହିତ କରିଥିଲେ। ତାଙ୍କ ଶାସନକାଳରେ ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପ୍ରଗତି ଘଟିଥିଲା। ଦେଶର ସୁରକ୍ଷା ଏବଂ ଅଖଣ୍ଡତା ରକ୍ଷା କ୍ଷେତ୍ରରେ ତାଙ୍କର ଭୂମିକା ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସେ ଉଲ୍ଲେଖ କରିଥିଲେ। ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଅମିୟ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ବହୁମୁଖୀ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଆତଙ୍କବାଦକୁ ଦୃଢ଼ହସ୍ତରେ ଦମନ କରିବାକୁ ଯାଇ ସେ ଶହୀଦ ହୋଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପୌରୋହିତ୍ୟ ଓ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ମଧୁସୂଦନ ପାଢ଼ୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ସୋମବାର ସରକାରୀ ଚାକିରିରୁ ଅବସର ନେଇଛନ୍ତି। ତାଙ୍କୁ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ପାଢ଼ୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପାଢ଼ୀ ତାଙ୍କର ଚାକିରି ଜୀବନର ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଏହି ବୈଠକରେ ବିଭାଗର ଯୁଗ୍ମ ଶାସନ ସଚିବ ଅତସୀ ଦାସ, ଉପଶାସନ ସଚିବ ଅମୂଲ୍ୟ ନାୟକ, ସଞ୍ଜୟ କୁମାର ମିଶ୍ର, ଅର୍ଥ ପରାମର୍ଶଦାତା ପଦ୍ମଜ୍ୟୋତି ସାହୁ, ଅନୁଶାସନ ସଚିବ ମାଥିୟାସ୍ ତିର୍କୀ, ଶୁଭଶ୍ରୀ ପ୍ରଧାନ, ସ୍ୱତନ୍ତ୍ର ଅଧିକାରୀ ହଳଧର ନାୟକ, ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ସୂଚନାଥାଉ କି, ମଧୁସୂଦନ ପାଢ଼ୀ ବିଭିନ୍ନ ଜିଲାରେ ଜିଲାପାଳ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଶାସନ ସଚିବ ଭାବେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।




ଏଆଇଟିୟୁସିର ୯ମ ଜିଲା ସମ୍ମିଳନୀ ଓ ୧୦୩ତମ ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ।

# କୋଲକାତାରେ ପ୍ରଦର୍ଶିତ ହେଲା ଓଡ଼ିଶା ଚିତ୍ରକଳା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ):

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ପକ୍ଷରୁ କୋଲକାତାସ୍ଥିତ ଆଇସିସିଆର୍ ରବୀନ୍ଦ୍ରନାଥ ଟାଗୋର ଆର୍ଟ ଗ୍ୟାଲେରୀରେ ଓଡ଼ିଶାର ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଛି। ଓଡ଼ିଶାର ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀଙ୍କଠାରୁ ସଂଗୃହିତ ୪୦ ଚିତ୍ର ସ୍ଥାନ ପାଇଛି। ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତ ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀ ଦ୍ୱାରା ଓଡ଼ିଶା ଓ କୋଲକାତାର ଶିଳ୍ପୀଙ୍କ ଭାବର ଆଦାନପ୍ରଦାନ ବଳିଷ୍ଠ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥିଭାବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଆଇସିସିଆର କ୍ଷେତ୍ର ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ର, ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିଳ୍ପୀଙ୍କ ଚିତ୍ରକଳାକୁ ନେଇ ଏକ ରଙ୍ଗୀନ କ୍ୟାଟାଲଗ୍‌କୁ ଅତିଥିମାନେ ଉନ୍ମୋଚନ କରିଛନ୍ତି। ନଭେମ୍ବର ୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ଶ୍ରୀଜଗନ୍ନାଥ ଓ ରଥଯାତ୍ରା, ନାରୀ ସ୍ୱାଧୀନତା, ଓଡ଼ିଶାର ସୁପ୍ରସିଦ୍ଧ ଧନୁଯାତ୍ରା, ଆଦିବାସୀ ସଂସ୍କୃତି ଓ କଳା ଏବଂ ଓଡ଼ିଶାର ଗ୍ରାମ୍ୟ ଜୀବନକୁ ନେଇ ପ୍ରସ୍ତୁତ ଚିତ୍ରକଳା ସ୍ଥାନ ପାଇଛି। ଲଳିତ କଳା ଏକାଡେମୀ ସଚିବ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ସଞ୍ଚାଳନ କରିଥିଲେ।




ଶିଳ୍ପୀଙ୍କ ଚିତ୍ରକଳାକୁ ନେଇ ପ୍ରସ୍ତୁତ କ୍ୟାଟ୍‌ଲଗ୍‌କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ୫୪ ୱାର୍ଡରୁ ଉଠିବନି ଅଳିଆ

**ଆଜି ବିଏମ୍‌ସି ଅଫିସ୍ ଘେରିବେ ସଫେଇ କର୍ମଚାରୀ**

- ରାତ୍ରିକାଳୀନ ସଫେଇକୁ ବିରୋଧ କରି ଆନ୍ଦୋଳନ

ଭୁବନେଶ୍ୱର, ୩୧।୧୦ (ବ୍ୟୁରୋ)



ସହରରେ ସଫେଇ ବ୍ୟବସ୍ଥାକୁ ନେଇ ଡିଣ୍ଡିମ ପିଟୁଥିବା ବିଏମ୍‌ସିରେ ଥିବା ଅବ୍ୟବସ୍ଥା ପୁଣିଥରେ ପଦାରେ ପଡିଛି। କିଛିଦିନ ବ୍ୟବଧାନରେ ସଫେଇ କର୍ମୀ ଏବଂ ବିଏମ୍‌ସି ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁସ୍ଥିତି ଉପୁଜିବାକୁ ଯାଉଛି। ସଫେଇ ସଂଘ ସହିତ ଆଲୋଚନା ନ କରି ବିଏମ୍‌ସି ବିଭିନ୍ନ ୱାର୍ଡରେ ରାତ୍ରିକାଳୀନ ସଫେଇ ଆରମ୍ଭ କରିଥିଲା। ମାତ୍ର ବିଏମ୍‌ସିର ଏଭଳି ନିଷ୍ପତ୍ତିକୁ ବିରୋଧ କରି ମଙ୍ଗଳବାର ବିଏମ୍‌ସି ସଫେଇ ମଜଦୁର ସଂଘ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯିବ। ଏଥିସହ ମଙ୍ଗଳବାର ୫୪ଟି ୱାର୍ଡରେ ସଫେଇ କାର୍ଯ୍ୟ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଗଞ୍ଜାମ ଢାଞ୍ଚାରେ ଭୁବନେଶ୍ୱରରେ ରାତ୍ରିକାଳୀନ ସଫେଇ ଆରମ୍ଭ କରିଯାଇଛି। ସଫେଇ ସମୟରେ ଆଲୋକ ବ୍ୟବସ୍ଥା ରହିବା ସହ ବିଏମ୍‌ସି କର୍ମଚାରୀ ଉପସ୍ଥିତ ରହିବେ ବୋଲି କୁହାଯାଇଥିଲା। ଏଥିସହ ରାତ୍ରି ସମୟରେ ପୋଲିସ ପାଟ୍ରୋଲିଂ କରୁଥିବାରୁ କୌଣସି ଦୁର୍ଘଟଣା ଘଟିବ ନାହିଁ ବୋଲି ଆଶ୍ୱାସନା ଦିଆଯାଇଥିଲା। ମାତ୍ର ଏସବୁ ବ୍ୟବସ୍ଥା କେବଳ ଘୋଷଣାରେ ସୀମିତ ରହିଛି। ସଫେଇ କର୍ମଚାରୀଙ୍କ ମଧ୍ୟରେ ଅଧାରୁ ଅଧିକ ମହିଳା କର୍ମଚାରୀ ଥିବାବେଳେ ସେମାନଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନାହିଁ। ଯାହାଫଳରେ ବିଳମ୍ବିତ ରାତିରେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଘଟଣା ସାମ୍ନାକୁ ଆସିଛି। ସେହିପରି ଯେଉଁ କର୍ମଚାରୀମାନେ ରାତିରେ କାମ କରିବେ ନାହିଁ ସେମାନଙ୍କୁ ଦିନରେ କାମ କରିବାକୁ ଦିଆଯିବ ନାହିଁ ବୋଲି କୁହାଯାଉଛି। ତେଣୁ ଏ ସବୁର ପ୍ରତିବାଦ ସ୍ୱରୂପ ସଂଘ ପକ୍ଷରୁ ବିଏମ୍‌ସି ଘେରାଉ କରାଯିବ। ସଂଘର ସମସ୍ତ କର୍ମଚାରୀ ମାଉସୀ ମା' ଛକଠାରେ ଏକତ୍ରିତ ହେବା ପରେ ସେଠାରୁ ବିଏମ୍‌ସି କାର୍ଯ୍ୟାଳୟ ଅଭିମୁଖେ ବାହାରିବେ ବୋଲି ସୂଚନା ଦିଆଯାଇଛି।

ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକଙ୍କ ଅଭିଯୋଗ ଅନୁଯାୟୀ, ରାତ୍ରିକାଳୀନ ସଫେଇ କଲେ ଅଧିକ ଦରମା ମିଳିବ ବୋଲି ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ତେଣୁ ଆମେମାନେ କାମ କରିବାକୁ ରାଜି ହୋଇଥିଲୁ। ମାତ୍ର ରାତିରେ କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଉ ନ ଥିବାବେଳେ ଅନେକ ସମୟରେ କର୍ପୋରେଟରମାନେ ସେମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ବିଶେଷକରି ୱାର୍ଡ ନଂ ୫୯, ୬୦ ଏବଂ ୬୧ର କର୍ପୋରେଟର, ୱାର୍ଡ ଅଫିସରମାନେ କର୍ମଚାରୀମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିବା ସହ ନାଲିଆଖି ଦେଖାଉଛନ୍ତି। ସେହିପରି ସଫେଇ ସଂସ୍ଥା ଗ୍ରୀନ୍ ସର୍କଲର ସୁପରଭାଇଜରମାନେ ମଧ୍ୟ ସମାନ ଆଚରଣ ପ୍ରଦର୍ଶନ କରୁଛନ୍ତି। ରବିବାର ୱାର୍ଡ ନଂ ୬୦ରେ ଯେଉଁମାନେ ରାତ୍ରି ସଫେଇ କରି ନ ଥିଲେ ସେମାନଙ୍କୁ ଦିନରେ କାମ କରିବାକୁ ଦିଆଗଲା ନାହିଁ। ଗୋଟେପଟେ ବିଏମ୍‌ସି ସଂଘ ସହ ଆଲୋଚନା ନ କରି ମନମୁଖୀ ଘୋଷଣା କରୁଥିବାବେଳେ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନାହିଁ। ତେଣୁ ଏହାର ପ୍ରତିବାଦ ସ୍ୱରୂପ ଆମେ ରାସ୍ତାକୁ ଓହ୍ଲାଇବୁ ବୋଲି ସହଦେବ କହିଛନ୍ତି।




୩୧।୧୦।୨୦୨୨

| | |
|---|---|
| ୬,୪୬, ୪୧୫ ଟଙ୍କା | |
| ସୁନା | ୧୫.୧୦୦ ଗ୍ରାମ୍ |
| ରୁପା | ୭୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ମେକ୍ ଇନ୍ ଓଡ଼ିଶାର ପ୍ରାକ୍ କାର୍ଯ୍ୟକ୍ରମ, ଜନତା ମଇଦାନ, ପୂର୍ବାହ୍ନ ୯ଟା ୩୦।
- ଦାଦି ସନ୍ଦେଶ୍ ଜୀଙ୍କର ୧୫ତମ ଆରୋହଣ ଦିବସ, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଏଜୁକେଶନ, ନିକୋ ପାର୍କ, ପୂର୍ବାହ୍ନ ୧୦ଟା।
- ସଂଯୋଗ ନାଟ୍ୟ ଅନୁଷ୍ଠାନ ଓ ପାୱାର ଗ୍ରୀଡ୍‌ର ମିଳିତ ଆନୁକୂଲ୍ୟରେ ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ ପଥପ୍ରାନ୍ତ ନାଟକ 'ଲାଞ୍ଚ', କଂଗ୍ରେସ ଭବନ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ଦର ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ, ଏଡିଏମ୍ ଅଫିସ, ପୂର୍ବାହ୍ନ ୧୧ଟା ୩୦।
- ପରିଚୟ-ଜାତୀୟ ଜନଜାତି ଉତ୍ସବ, ସ୍ୱାବଲମ୍ବନ ଆଦିବାସୀ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।

ବାଲିଅନ୍ତା
- ଗ୍ରାମଦେବତୀ ମା' ଥାନପତି ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ସିଂହାସନ ବିଜେ ଓ ଯଜ୍ଞର ପୂର୍ଣ୍ଣାହୁତି, ଭିଙ୍ଗାରପୁର, ଅପରାହ୍ନ ୩ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ନିକୁଞ୍ଜ ବିହାରୀ ମନ୍ଦିର ପ୍ରାଙ୍ଗଣ, ରାତି ୭ଟା।

ବଡ଼ମ୍ବା
- ୭ ଦିନିଆ ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ଆରମ୍ଭ, ଲଡୁକେଶ୍ୱର ପୀଠ, ମଙ୍ଗରାଜପୁର, ସକାଳ ୭ଟା।

କଟକ
- ଶ୍ରୀଗୋପାଳକୃଷ୍ଣ ଗୋଶାଳା ପକ୍ଷରୁ ଗୋପାଷ୍ଟମୀ ମହୋତ୍ସବ, ଗୋଶାଳା ପରିସର, ନୂଆବଜାର, ସକାଳ ୭ଟା।
- ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ ଅଫ ଚାଇଲ୍ଡ ରାଇଟ୍‌ସର ୧୨ତମ ପ୍ରତିଷ୍ଠା ଦିବସ, ଉତ୍କଳ ବାଳାଶ୍ରମ, ପୂର୍ବାହ୍ନ ୧୦ଟା ୩୦।

# ଯୁଦ୍ଧ ଇତିହାସର କାହାଣୀ ଦେଖିବେ ଦର୍ଶକ

## ବାଲିଯାତ୍ରାରେ ଭାଗ ନେବ ନୌସେନା



କଟକ ଅଫିସ,୩୧।୧୦

ବାଲିଯାତ୍ରାରେ ଦେଖିବାକୁ ମିଳିବ ଭାରତୀୟ ନୌସେନାର ଝଲକ। ଯୁବପିଢ଼ିଙ୍କୁ ଆକର୍ଷଣ କରିବାକୁ ନିଆରା ଯୋଜନା ପ୍ରସ୍ତୁତି କରିଛି ଜିଲା ପ୍ରଶାସନ। ଚଳିତବର୍ଷ ବାଲିଯାତ୍ରାରେ ଭାରତୀୟ ନୈସେନାର ପରାକାଷ୍ଠା, ନୌସେନା ଜାହାଜ ଏବଂ ନୌସେନା ବ୍ୟାଣ୍ଡ ପ୍ରଦର୍ଶିତ ହେବ। ଉଦ୍‌ଘାଟନୀ ଉତ୍ସବରେ ନୌସେନା ୪୦ ମିନିଟର ବ୍ୟାଣ୍ଡ ପ୍ରଦର୍ଶନ କରିବ। ଏହାସହ ମହାନଦୀରେ ଜଳରାଶିରେ ରହିବ ନୌସେନା ଜାହାଜ। ଯାହାକୁ ଦେଖିବାର ସୁଯୋଗ ମିଳିବ ବାଲିଯାତ୍ରା ବୁଲି ଆସୁଥିବା ଦର୍ଶକଙ୍କୁ। ସାଧାରଣ ଲୋକ ଜାହାଜ ମଧ୍ୟକୁ ଯାଇ ତାହା ମଧ୍ୟରେ କ'ଣ ସବୁ ରହିଛି ବୁଲି ଦେଖିପାରିବେ। ଏଥିପାଇଁ ସ୍ୱତନ୍ତ୍ର ନୌସେନା ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିସହ ସ୍ୱତନ୍ତ୍ର କେଓସ୍କେ ମାଧ୍ୟମରେ ପ୍ରଦର୍ଶିତ ହେବ ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧରେ ନୌସେନାର ବୀରତ୍ୱର ଗାଥା। ଏ ନେଇ ଆଇଏନ୍‌ଏସ୍ ଚିଲିକା ନୌସେନା ଅଧିକାରୀମାନେ ବାଲିଯାତ୍ରା ପଡିଆ ଓ ମହାନଦୀ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିପାଇଁ ରବିବାର ଚିଲିକା ଆଇଏନ୍‌ଏସ୍ ଅଧିକାରୀମାନେ ଜିଲାପଳଙ୍କ ସହ ଆଲୋଚନା କରିଥିଲେ। ଆମର ଗର୍ବ ଏବଂ ଗୌରବ ହେଉଛି ଆଇଏନ୍‌ଏସ୍ ଚିଲିକା। ସେଥିପାଇଁ ସେମାନଙ୍କୁ ଯୋଗଯୋଗ କରିଥିଲି। ବାଲିଯାତ୍ରାରେ ସାମିଲ ହେବା ପାଇଁ ସେମାନ ବହୁତ ଖୁସି ଅଛନ୍ତି। ଏହି ଅବସରରେ ବୋଟ ସହ ବ୍ୟାଣ୍ଡ ମଧ ରହିବ ବୋଲି ଜିଲାପାଳ କହିଛନ୍ତି।

### ଆଜିଠୁ ତତ୍କାଳ ପ୍ଲଟ୍ ପଞ୍ଜୀକରଣ, ଆବଣ୍ଟନ

ବାଲିଯାତ୍ରାରେ ବଳକା ଥିବା ପ୍ଲଟ ଆବଣ୍ଟନ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ନଭେମ୍ବର ୧ ଓ ୨ ତାରିଖ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ତତ୍କାଳ ପଞ୍ଜୀକରଣ ଓ ପ୍ଲଟ ଆବଣ୍ଟନ କରାଯିବ। ପଞ୍ଜୀକରଣ ପୂର୍ବାହ୍ନ ୧୧ଟାରେ ହେବ ଓ ପ୍ଲଟ ଆବଣ୍ଟନ ଅପରାହ୍ନ ୧ଟା ୩୦ରୁ ଆରମ୍ଭ କରାଯିବ। ଯେଉଁ ବ୍ୟକ୍ତି ବା ବ୍ୟବସାୟୀ ଆଦୌ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ପ୍ରଥମେ ଅଗ୍ରାଧିକାର ଦିଆଯିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି। ପୁନଃ ଯଦି ଗୋଟିଏ ପ୍ଲଟ ଉପରେ ଏକାଧିକ ଆବେଦନକାରୀ ଆବେଦନ କରନ୍ତି, ତେବେ ସେ କ୍ଷେତ୍ରରେ ନିଲାମ ମାଧ୍ୟମରେ ପ୍ଲଟ ଆବଣ୍ଟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

### ବାହାରୁ ଆସିବେ ୩ ଖାଦ୍ୟ ସୁରକ୍ଷା ଅଧିକାରୀ

ବାଲିଯାତ୍ରାରେ ଖାଦ୍ୟର ମାନ ଯାଞ୍ଚ ନିମନ୍ତେ ସିଏମ୍‌ସି ନିକଟରେ ଆବଶ୍ୟକତା ଅନୁସାରେ ଖାଦ୍ୟ ସୁରକ୍ଷା ଅଧିକାରୀ ନାହାନ୍ତି। ଏଥିପାଇଁ ବାହାର ସ୍ଥାନରୁ ୩ଜଣ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିୟୋଜିତ କରାଯିବ। ସେମାନେ ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ସହ ମିଳିତ ଭାବେ କାର୍ଯ୍ୟ କରିବେ। ଏଥିପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ବିଭାଗର କମିଶନରଙ୍କୁ ସିଏମ୍‌ସି ପକ୍ଷରୁ ଚିଠି କରାଯାଇଛି ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି।

### ଆସିଲା ବାୟୋ ଟଏଲେଟ




ଚଳିତବର୍ଷ ବାଲିଯାତ୍ରାରେ ପାନୀୟ ଜଳଯୋଗାଣ ଏବଂ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏଥି ନିମନ୍ତେ ବାଲିଯାତ୍ରା ତଳପଡ଼ିଆରେ ଜୋରସୋର କାର୍ଯ୍ୟ କରାଯାଉଛି। ଏବେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପାଣି ଟାଙ୍କି ସ୍ଥାପନ କାର୍ଯ୍ୟ ଚାଲିଥିବାବେଳେ ବାୟୋ ଟଏଲେଟ ଆସିସାରିଛି। ସିଏମସି ପକ୍ଷରୁ ଏହି ବାୟୋ ଟଏଲେଟର ବ୍ୟବସ୍ଥା କରାଯାଇଛି।

# ନ୍ୟାୟ ପାଇଁ ପ୍ରଥମ ସ୍ତ୍ରୀଙ୍କ ଧାରଣା

## ଗୋପନରେ ସ୍ୱାମୀ କଲେ ଦ୍ୱିତୀୟ ବିବାହ



ବେଗୁନିଆ,୩୧।୧୦(ଡି.ଏନ୍.ଏ.)

ପ୍ରଥମେ ପ୍ରେମ, ପରେ ରୀତିନୀତି ଅନୁଯାୟୀ ବିବାହ। ଶେଷରେ ୧୪ ବର୍ଷର ସମ୍ପର୍କ ତୁଟାଇ ସ୍ୱାମୀ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କଲେ। ଫଳରେ ଏବେ ନ୍ୟାୟ ପାଇଁ ମହିଳା ଜଣକ ପୁଅ ଝିଅଙ୍କୁ ଧରି ସ୍ୱାମୀଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଘର ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଅଞ୍ଚଳରେ ଏହି ଘଟଣା ଦେଖିବାକୁ ମିଳିଛି। ସୂଚନାଥାଉ କି, ନୟାଗଡ଼ ଜିଲା ଇଟାମାଟି ଥାନା ବଡ଼ପଣ୍ଡୁସର ଗ୍ରାମର ମଞ୍ଜୁବାଳା ପରିଡ଼ା ୧୪ ବର୍ଷ ପୂର୍ବେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଚୂଡ଼ା ଗ୍ରାମର ବସନ୍ତ ରାଉତଙ୍କୁ ବିବାହ କରିଥିଲେ। ବଲାଙ୍ଗୀରରେ ଠିକାଦାର ଭାବେ ବସନ୍ତ କାର୍ଯ୍ୟ କରନ୍ତି। ତେବେ ବିବାହର କିଛିଦିନ ପରେ ଯୌତୁକକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ବସନ୍ତ ମଞ୍ଜୁବାଳାଙ୍କୁ ନିର୍ଯାତନା ଦେଉଥିଲେ। ଶେଷରେ ମଞ୍ଜୁବାଳାଙ୍କ ବାପଘର ଲୋକେ ଦାବି ମୁତାବକ ଯୌତୁକ ଦେଇଥିଲେ। ହେଲେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ୨୦୨୧ ଏପ୍ରିଲ ୪ରେ ବସନ୍ତ ଘରକୁ ଆସି ମଞ୍ଜୁବାଳାଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମଞ୍ଜୁବାଳାଙ୍କ ଅଭିଯୋଗକ୍ରମେ ବୋଲଗଡ଼ ଥାନାରେ ଏକ ମାମଲା (ନଂ.୫୪/୨୧) ରୁଜୁ ହୋଇଥିଲା। ମାମଲାକୁ ୧୮ ମାସ ବିତିଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପଟେ ବସନ୍ତ ବେଗୁନିଆ ବ୍ଲକ ପୋଡାଡିହ ଅଞ୍ଚଳର ଅନ୍ୟ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ଶାଶୁଘର ଏବଂ ପୋଲିସଠାରୁ ନ୍ୟାୟ ନ ମିଳିବାରୁ ଧାରଣା ଦେଇଛି ବୋଲି ମଞ୍ଜୁବାଳା କହିଛନ୍ତି।

### ୪ କେଜି ୧୦୯ ଗ୍ରାମ୍ ବ୍ରାଉନ୍‌ସୁଗାର ନଷ୍ଟ କରାଗଲା

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ମାମଲାର ବିଚାର ପୂର୍ବରୁ ଓଡ଼ିଶା ପୋଲିସ ଦ୍ୱାରା ଜବତ ନିଶାଦ୍ରବ୍ୟଗୁଡ଼ିକୁ ନଷ୍ଟ କରିବା ଅଭିଯାନ ଜାରି ରହିଛି। ସୋମବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ରାଜ୍ୟ ପୋଲିସ ପକ୍ଷରୁ ପୁଣିଥରେ ବିପୁଳ ପରିମାଣର ବ୍ରାଉନସୁଗାର ପୋଡି ଦିଆଯାଇଛି। ଏସ୍‌ଟିଏଫ୍‌ର ମାମଲା ନଂ.୨୩/୨୦୨୧, ୩୬/୨୦୨୧, ୩୭/୨୦୧୬ରେ ଅଭିଯୁକ୍ତଙ୍କଠାରୁ ଜବତ ୪ କେଜି ୧୦୯ ଗ୍ରାମ ବ୍ରାଉନସୁଗାରକୁ ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟିଙ୍କ ନିଷ୍ପତ୍ତିକ୍ରମେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ ଜାଳି ନଷ୍ଟ କରାଯାଇଛି। ଏହି ସମୟରେ ଏସ୍‌ଟିଏଫ୍ ଏସ୍‌ପିଙ୍କ ନେତୃତ୍ୱରେ ଗଠିତ କମିଟିରେ ଥିବା ଡିଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ଓ ଖୋର୍ଦ୍ଧା ଅବକାରୀ ଏସ୍‌ପିଙ୍କ ସହ ରାଜ୍ୟ ଫରେନ୍‌ସିକ ଲାବରାଟୋରୀର ଅଧିକାରୀ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ।

## ଆନ୍ଦୋଳନକୁ ଓହ୍ଲାଇଲେ ଭୋକେଶନାଲ ଟ୍ରେନର

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ଭୋକେଶନାଲ ଟ୍ରେନର୍ସ ଆସୋସିଏଶନ (ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ) ପକ୍ଷରୁ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ ହୋଇଛି। ରାଜ୍ୟର ୧୦୨୨ ସରକାରୀ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ୨୦୪୪ ଧନ୍ଦାମୂଳକ ପ୍ରଶିକ୍ଷକ ଘରୋଇ କମ୍ପାନୀ (ଭିଟିପି) ମାଧ୍ୟମରେ ନିଯୁକ୍ତି ପାଇଥିବାବେଳେ ରାଜ୍ୟ ସରକାର ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଶିକ୍ଷାନୀତି ଆଣିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଆଦି ଚାକିରୀର ବିଭିନ୍ନ ସର୍ତ୍ତାବଳୀ ପୂରଣ ସହ ଦରମା ବୃଦ୍ଧି ଆଦି ଦାବି କରାଯାଇଥିବାବେଳେ କମ୍ପାନୀର ଅତ୍ୟାଚାର ବରଦାସ୍ତ କରାଯିବ ନାହିଁ। ଦାବି ପୂରଣ ନହେବା ଯାଏ ସମସ୍ତ ପ୍ରଶିକ୍ଷକ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବା ସହ କୌଣସି ସରକାରୀ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ସଂଘ ସଭାପତି ସୁନୀଲ କୁମାର ଦେବତା ଚେତାବନୀ ଦେଇଛନ୍ତି। ସରକାରୀ ବିଦ୍ୟାଳୟସ୍ତରରେ ପିଲାଙ୍କ ଭବିଷ୍ୟତ ସହ ନ ଖେଳିବା ପାଇଁ ସେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

# ବିନୋଦ କୁମାରଙ୍କ ସମେତ ୩ଜଣଙ୍କୁ ୩ବର୍ଷ ଜେଲଦଣ୍ଡ

## ଓଆର୍‌ଏଚ୍‌ଡିସି ଋଣ ଦୁର୍ନୀତି ମାମଲାର ରାୟ ପ୍ରକାଶ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ଦ୍ୱାରା ଷ୍ଟେଟ୍ ଫେଡେରେଶନ ଲେବର ଆଣ୍ଡ୍ କନ୍‌ଷ୍ଟ୍ରକ୍ସନ କୋଅପରେଟିଭ୍ ଲିଃ (ଏସ୍‌ଏଫ୍‌ଏଲ୍‌ସିସି)କୁ ଅନୁଚିତ ଅନୁଗ୍ରହ ଦେଖାଇ ୮.୮୦ ଲକ୍ଷ ଟଙ୍କାର ଋଣ ଦେବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବହିଷ୍କୃତ ଆଇଏଏସ୍ ଅଫିସର ତଥା ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବିନୋଦ କୁମାରଙ୍କ ସମେତ ୩ ଜଣଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଅନ୍ୟ ଅଭିଯୁକ୍ତଦ୍ୱୟ ହେଲେ ଓଆର୍‌ଏଚ୍‌ଡିସିର ତତ୍କାଳୀନ ଆସିଷ୍ଟାଣ୍ଟ ମ୍ୟାନେଜର ଏ. ଆନନ୍ଦ ରାଓ ଓ ଏସ୍‌ଏଫ୍‌ଏଲ୍‌ସିସିର ଏମ୍‌ଡି ରାଧା ରଞ୍ଜନ ପଟ୍ଟନାୟକ। ଏଥିସହ ୩ ଅଭିଯୁକ୍ତଙ୍କୁ ୫୦ହଜାର ଲେଖାଏ ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ଏପ୍ରିଲ ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ଏମ୍‌ଡି ଥିଲେ। ସେହି ସମୟରେ ଏ. ଆନନ୍ଦ ରାଓ ମଧ୍ୟ କମ୍ପାନୀର କର୍ପୋରେଟ୍ ଲୋନ୍ ସେକ୍ସନ୍‌ରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ଏସ୍‌ଏଫ୍‌ଏଲ୍‌ସିସିର ଏମ୍‌ଡି ରାଧାରଞ୍ଜନ ତାଙ୍କ କମ୍ପାନୀର ୨୦ଜଣ କର୍ମଚାରୀଙ୍କ ପାଇଁ ଗୃହ ଋଣ ଆବେଦନ କରିଥିଲେ। ତେବେ ଏହି ଗୃହ ଋଣ ୧୯୯୯ ମହାବାତ୍ୟାରେ ପ୍ରଭାବିତ ଜିଲାଗୁଡ଼ିକରେ କାର୍ଯ୍ୟରତ ସରକାରୀ ଓ ଅର୍ଦ୍ଧ ସରକାରୀ କର୍ମଚାରୀ ଏବଂ ସରକାରୀ କମ୍ପାନୀର କର୍ମଚାରୀଙ୍କ ପାଇଁ ବ୍ୟବସ୍ଥା ଥିଲା। ହେଲେ ଏହି ନିୟମକୁ ଉଲ୍ଲଂଘନ କରାଯାଇ ୨୦ ଜଣଙ୍କ ଜାଲ ଦସ୍ତାବିଜ୍ ଆଧାରରେ ବିନୋଦ କୁମାର ଏସ୍‌ଏଫ୍‌ଏଲ୍‌ସିସିକୁ ୮ ଲକ୍ଷ ୮୦ ହଜାର ଟଙ୍କାର ଗୃହ ଋଣ ଦେଇଥିଲେ। ଫଳରେ ରାଜ୍ୟ ସରକାରଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ଏହା ଜଣାପଡ଼ିବା ପରେ ରାଜ୍ୟ ସରକାର ଭିଜିଲାନ୍ସ ନିକଟରେ ୨୦୦୫ରେ ଅଭିଯୋଗ କରିଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୨୦୦୯ ଜୁନ୍ ୧ରେ ଏକ ମାମଲା(ନଂ.୧୬/୦୯) ରୁଜୁ କରାଯାଇ ଘଟଣା ସଂକ୍ରାନ୍ତରେ ତଦନ୍ତ ଆରମ୍ଭ ହୋଇଥିଲା। ତେବେ ୨୦ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ଦୁର୍ନୀତି ସଂକ୍ରାନ୍ତ ପ୍ରମାଣ ପାଇବା ପରେ କୋର୍ଟ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଆଇଏଏସ୍ ଅଫିସର ବିନୋଦଙ୍କ ବିରୋଧରେ ରାଜ୍ୟ ସରକାର ମୋଟ ୨୭ଟି ଭିଜିଲାନ୍ସ ମାମଲା କରିଥିବାବେଳେ ପୂର୍ବରୁ ୩ଟିରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିସହ ଗତ ଫେବୃୟାରୀ ୨ରେ ତାଙ୍କୁ ଚାକିରିରୁ ମଧ ବିଦା କରାଯାଇଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଭାସ



@ ଇଲୁ



@ ଲଳିତ



@ ରୁଦ୍ରପ୍ରସାଦ



@ ଲିକୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ନିର୍ଦ୍ଦିଷ୍ଟ ଶିକ୍ଷାନୀତି ସହ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଆଦି ଦାବି ନେଇ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇଥିବା ଧନ୍ଦାମୂଳକ ପ୍ରଶିକ୍ଷକମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି।



ଗୁଜରାଟସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟିଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଆୟୋଜିତ ପରେଡରେ ଯୋଗଦେଇଥିବା ଓଡ଼ିଶା ପୋଲିସ ଟିମ୍।




ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକ ସମ୍ପର୍କ ଭବନରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ଏବଂ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

## ୨ ଦୁର୍ଦ୍ଧର୍ଷ ମାଓବାଦୀ ମୃତ

ମାଲକାନଗିରି,୩୧।୧୦(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜଙ୍ଗଲରେ ପୋଲିସ-ମାଓବାଦୀ ମଧ୍ୟରେ ଗୁଳିବିନିମୟ ବେଳେ ୨ ଦୁର୍ଦ୍ଧର୍ଷମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦର୍ଶନ ପଡା ଏବଂ ଜାଗେଶ ସଲମ୍। ସେମାନଙ୍କ ନିକଟରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଦୁଇ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା। ଦୁଇ ମାଓବାଦୀ ଛତିଶଗଡ଼ ପୋଲିସ ଉପରେ ଆକ୍ରମଣ, ପୋଲିସ ସୂଚନାଦାତା ନାଁରେ ଗ୍ରାମବାସୀଙ୍କୁ ହତ୍ୟା, ବିଭିନ୍ନ ଉନ୍ନୟନ କାମରେ ନିୟୋଜିତ ଗାଡ଼ି ପୋଡ଼ିବା ଭଳି ଅନେକ ମାଓବାଦୀ ହିଂସାରେ ଜଡ଼ିତ ଥିଲେ।

# ଇରାନୀ-ପ୍ରତ୍ୟୁଷାଙ୍କ ମଧ୍ୟରେ ବଳ କଷାକଷି

■ ଭାଜପାର ସମାନ୍ତରାଳ ବୈଠକ ପରେ ବଢ଼ିଲା କନ୍ଦଳ

ନୟାଗଡ ଅଫିସ,୩୧।୧୦

ଭାଜପାର ଦୁଇଗୋଷ୍ଠୀ ପକ୍ଷରୁ ନୟାଗଡ଼ ନିର୍ବାଚନମଣ୍ଡଳୀର ନୟାଗଡ଼ ଓ ଓଡ଼ଗାଁରେ ପୃଥକ୍ ଭାବେ ସୋମବାର ସମାନ୍ତରାଳ ବୈଠକ ପରେ ଗୋଷ୍ଠୀ କନ୍ଦଳ ପଦାକୁ ଆସିଛି। ନୟାଗଡ଼ ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥିନୀ ଇରାନୀ ରାୟ ଓ କନ୍ଧମାଳ ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସମାନ୍ତରାଳ ବୈଠକ କରି ନିଜର ପରାକାଷ୍ଠା ଦେଖାଇଛନ୍ତି। ଇରାନୀଙ୍କ ସଭାରେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଯୋଗ ଦେଇଥିଲେ ମଧ୍ୟ ଦଳୀୟ କନ୍ଦଳ ନେଇ କିଛି କହି ନ ଥିଲେ। ଏପରି କି ଇରାନୀ ଓ ପ୍ରତ୍ୟୁଷାଙ୍କ ମଧ୍ୟରେ ଚାଲିଥିବା କନ୍ଦଳ ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନକୁ ଧାମନଗର ଉପନିର୍ବାଚନ ବାହାନା ଦେଖାଇ ସେ ଏଡାଇ ଯାଇଥିଲେ। ଯଦିଓ ନିର୍ବାଚନ ଏବେ ହେବାର ନାହିଁ, ତେବେ ବିଧାନସଭା ନିର୍ବାଚନରେ ପ୍ରାର୍ଥିତ୍ୱକୁ ନେଇ ଉଭୟ ନାରୀ ନେତ୍ରୀଙ୍କ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ପ୍ରକାଶଥାଉ କି ହେମେନ୍ଦ୍ର କୁମାର ସିଂ କଂଗ୍ରେସ ସଙ୍ଗଠନକୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ସୁଦୃଢ଼ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଜେଡିରେ ଯୋଗଦେଇ କନ୍ଧମାଳ ଏମ୍‌ପି ହୋଇଥିଲେ। କିଛି ମାସ ପରେ ତାଙ୍କର ମୃତ୍ୟୁ ହେବା ପରେ ପତ୍ନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପନିର୍ବାଚନରେ କନ୍ଧମାଳ ଏମ୍‌ପି ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ଟିକେଟ ନ ପାଇବାରୁ ଭାଜପାରେ ଯୋଗ ଦେଇଥିଲେ। ସେପଟେ ଲାଲା ମନୋଜ ରାୟ ଭାଜପାର ଜିଲା ସଭାପତି ରହି ନିଜ ପତ୍ନୀ ଇରାନୀଙ୍କୁ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଟିକେଟ୍ ଦେଇଥିଲେ।

ଇରାନୀ ରାୟ ସୋମବାର ବାଲୁଗାଁ ମଣ୍ଡଳର ବୈଠକ କରାଇଥିବାବେଳେ ଏଥିରେ ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଯୋଗ ଦେଇଥିଲେ। ଦଳୀୟ କନ୍ଦଳ ସମ୍ପର୍କରେ ଇରାନୀ ରାୟଙ୍କୁ ପଚାରିବାରୁ ରାଷ୍ଟ୍ରୀୟ ପ୍ରବକ୍ତା ଏହାର ଉତ୍ତର ରଖିବେ ବୋଲି କହିଥିଲେ। ଏ ନେଇ ସୋମବାର ସନ୍ଧ୍ୟାରେ ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ପ୍ରେସ ମିଟ୍ କରିବେ ବୋଲି ନୟାଗଡ଼ର ଏକ ହୋଟେଲକୁ ଖବରଦାତାଙ୍କୁ ଡକାଯାଇଥିଲା। ହେଲେ ଗଣମାଧ୍ୟମ ପ୍ରତିନିଧିଙ୍କର କୌଣସି ପ୍ରଶ୍ନର ଉତ୍ତର ନ ରଖି ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଚାଲି ଗଲେ। ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକର


ଇରାନୀ ରାୟ


ପ୍ରତ୍ୟୁଷା ରାଜେଶ୍ୱରୀ ସିଂ

୨ ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ସାକେରୀ ପଞ୍ଚାୟତ ଲିମ୍ବେଶ୍ୱରୀ ମହାଦେବଙ୍କ ପଡିଆରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମିଶ୍ରଣ ପର୍ବ କରିଥିଲେ। ଏଥିରେ ପ୍ରତ୍ୟୁଷାଙ୍କ ପ୍ରତି ସମର୍ଥନ ବଢ଼ିବା ପରି ଦେଖାଯାଉଥିଲା। ଏ ନେଇ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ପଚାରିବାରୁ କହିଥିଲେ, ଭାଜପାରେ ମୁଁ ଯୋଗ ଦେବା ସମୟରେ ମୋତେ ୨୦୨୪ରେ ଟିକେଟ୍ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମିଶ୍ରଣ ସମୟରେ ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନାରୀନେତ୍ରୀ ଇରାନୀ ରାୟ ଓ ଜିଲା ସଭାପତି ଲାଲା ମନୋଜ ରାୟ ଉପସ୍ଥିତ ଥିଲେ। ସେଇ ଆଧାରରେ ସଙ୍ଗଠନ ବଢ଼ାଉଛି। ଦଳରେ କୌଣସି ଫାଟ ସୃଷ୍ଟି କରୁନାହିଁ ବୋଲି ସେ କହିଥିଲେ। ଇରାନୀ ରାୟ କୁହନ୍ତି, ସଙ୍ଗଠନ କରିବାକୁ କାହାକୁ ମନା ନାହିଁ। କିନ୍ତୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଭାଜପାର ସଙ୍ଗଠନ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଅଛି। ୨୦୨୪ ନିର୍ବାଚନ ଆଗକୁ ଅଛି। ଏହା ପୂର୍ବରୁ କିଏ ଟିକେଟ ପାଇବ କହି ହେବ ନାହିଁ। ଅନ୍ୟପକ୍ଷେ ଦଳ ବିରୋଧରେ କିଏ କାମ କଲେ ମୁଁ କିଛି କହିପାରିବି ନାହିଁ। ନିଜେ ନିଜକୁ ପ୍ରାର୍ଥୀ ଘୋଷଣା କରି ଦେଲେ ହେବନି। ସୋମବାର ବୈଠକ ପରେ ସେ ଆଶୟୀ ପ୍ରାର୍ଥୀ ହୋଇପାରନ୍ତି। ତେବେ ଏହା ଦଳୀୟ କନ୍ଦଳ ବୋଲି କୁହାଯିବନି। ମୋ ସମର୍ଥକମାନେ ଓଡ଼ଗାଁ ବୈଠକକୁ ଯାଇନାହାନ୍ତି। କିଛି ଜିଲା ପରିଷଦ ପାଇଁ ପ୍ରାର୍ଥୀ ମିଶ୍ରଣ ପର୍ବରେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପାରେ ମିଶିବା ସମୟରେ ଦଳ ପକ୍ଷରୁ କେହି ବିଧାୟକ ପ୍ରାର୍ଥୀ ହେବା ପାଇଁ ପ୍ରତିଶ୍ରୁତି ଦେଇନାହାନ୍ତି। ପ୍ରତ୍ୟୁଷା ଯାହା କହୁଛନ୍ତି ମୁଁ ଏହାକୁ ଖଣ୍ଡନ କରୁଛି। ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସମାନ୍ତରାଳ ଭାବେ ସଙ୍ଗଠନ ଓ ବୈଠକ କରୁଥିବା ନଜରକୁ ଆସିଛି। ହେଲେ ଏବେ ଧାମନଗର ନିର୍ବାଚନରେ ବ୍ୟସ୍ତ ଅଛି। ଦଳରେ ବିଶୃଙ୍ଖଳାକୁ ବରଖାସ୍ତ କରାଯିବନି। ଦଳରେ ବିଶୃଙ୍ଖଳା ସୃଷ୍ଟି କରାଯାଉଥିବାରୁ ଏ ନେଇ ରାଜ୍ୟ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି।

# ୪ଶହ କୋଟି ଖର୍ଚ୍ଚ ପରେ ଗର୍ତ୍ତ

ସମ୍ବଲପୁର,୩୧।୧୦(ବ୍ୟୁରୋ)

ସମ୍ବଲପୁର-ତିଲେଇବଣି ୫୩ନଂ. ଏନ୍ଏଚ୍


ରାସ୍ତାରେ ସୃଷ୍ଟ ଗର୍ତ୍ତକୁ ମରାମତି କରାଯାଉଛି।

ପ୍ରାୟ ୪ ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ସମ୍ବଲପୁର-ତିଲେଇବଣି ୫୩ନଂ. ଜାତୀୟ ରାଜପଥ (ଏନ୍ଏଚ୍)ର ଚାରିଥାକିଆ ରାସ୍ତା ଶୋଚନୀୟ ହୋଇପଡ଼ିଛି। ନିମ୍ନମାନର କାମକୁ ନେଇ ପୂର୍ବରୁ ଧରିତ୍ରୀ ଓ ଓଡିଶା ପୋଷ୍ଟରେ ବାହାରିଥିବା ଖବର ସତ୍ୟ ପ୍ରମାଣିତ ହୋଇଛି। କାମ ଶେଷହୋଇ ନ ଥିବାବେଳେ କଂକ୍ରିଟ ରାସ୍ତାରେ ବଡ ଫାଟ ସହ ଗର୍ତ୍ତ ସୃଷ୍ଟି ହୋଇଛି। ଅନପଟେ ପିଚୁ ହୋଇଥିବା ରାସ୍ତା ମଧ୍ୟ ଢେଉ ସଦୃଶ ହୋଇଛି। ଫଳରେ ଗାଡି ଚଳାଚଳ କରିବା ସମୟରେ ଭାରସାମ୍ୟ ହରାଇ ଏପଟସେପଟ ହୋଇଯାଉଛି।

ନିମ୍ନମାନର କାମ ନେଇ ଅଭିଯୋଗ କଲେ ମଧ୍ୟ ଜିଲା ପ୍ରଶାସନ, କେନ୍ଦ୍ର ଓ ରାଜ୍ୟ ସରକାର, ଏନ୍ଏଚ୍ଏଆଇ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଓଲଟା ଠିକା କମ୍ପାନୀକୁ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ମାନ ପରୀକ୍ଷା କରିବା ପାଇଁ ନିୟୋଜିତ ଘରୋଇ ଇଞ୍ଜିନିୟରିଂ ସଂସ୍ଥା ମଧ୍ୟ ସନ୍ଦେହଘେରକୁ ଆସୁଛି। ପିଚୁ ରାସ୍ତା ପୁରା ସମତଳ ହେବା ନିୟମ ରହିଛି। ଯାନବାହନ ଚଳଚଳ କଲେ ଭାରସାମ୍ୟ ଠିକ୍ ରହିବ, ବଡ ଦୁର୍ଘଟଣା ଘଟିବ ନାହିଁ। ହେଲେ ଏଠାରେ ନିୟମ ପାଳନ କରାଯାଇ ନାହିଁ। ୩୯୮ କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଉଥିବା ଏହି ରାସ୍ତା କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେଥିମଧ୍ୟରୁ ଠିକା ସଂସ୍ଥାକୁ ଅଧିକାଂଶ ବିଲ୍ ମଧ୍ୟ ପଇଠ କରାଯାଇଛି। ହେଲେ ବର୍ଷକ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ଦେଖାଯାଉଛି। ତେଣୁ ନିର୍ମାଣ ହୋଇଥିବା ରାସ୍ତା ଭିଜିଲାନ୍ସ କିମ୍ବା ସ୍ୱତନ୍ତ୍ର ଟିମ୍ ଦ୍ୱାରା ଯାଞ୍ଚ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଏନ୍ଏଚ୍ଏଆଇ ପିଡି ଏନ୍ ନାଗେଶ୍ୱର ରାଓ କହିଛନ୍ତି, ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ହୋଇଛି। ଏହାକୁ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଉଛି।

# ବିଜେଡି ଜନସମ୍ପର୍କ ପଦଯାତ୍ରା ନଭେମ୍ବର ୧୫ ଯାଏ ବଢ଼ିଲା

## କାର୍ଯ୍ୟକ୍ରମ ପରେ ରିପୋର୍ଟ ଦେବାକୁ ସଭାପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ବିଜୁ ଜନତା ଦଳ ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା କରାଯାଉଛି। ଏହି ସମୟରେ ରାଜ୍ୟବାସୀ ପର୍ବପର୍ବାଣିରେ ବ୍ୟସ୍ତ ଥିବା ଯୋଗୁ ସବୁ ସ୍ଥାନରେ ଏହା ପାଳନ କରାଯାଇନାହିଁ। ଏଥିଯୋଗୁ ଏହି କାର୍ଯ୍ୟକ୍ରମ ନଭେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ଏ ନେଇ ସୋମବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କାର୍ଯ୍ୟକର୍ତ୍ତା, ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟକ, ଜିଲା ସଭାପତିମାନଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି। ଏହି ଜନସମ୍ପର୍କ ପଦଯାତ୍ରା ବେଳେ ପ୍ରତି ଘରେ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ରକ୍ତଦାନ, ବୃକ୍ଷରୋପଣ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ କୁହାଯାଇଛି। ନଭେମ୍ବର ୧୫ରେ ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ଦଳ ପକ୍ଷରୁ ସମୂହ ଶପଥପାଠ କାର୍ଯ୍ୟକ୍ରମ କରାଯାଇ ପଦଯାତ୍ରା ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏ ସମସ୍ତ କାର୍ଯ୍ୟ କିଭଳି ସମ୍ପନ୍ନ ହେଲା ତାହାର ସମ୍ପୂର୍ଣ୍ଣ ତଥ୍ୟ ସଭାପତିଙ୍କୁ ଦେବାକୁ କୁହାଯାଇଛି।

# ଗବେଷକ ଡ. ନୃସିଂହ ଚରଣ ସାହୁଙ୍କ ପରଲୋକ

ଧର୍ମଶାଳା,୩୧।୧୦(ଡି.ଏନ.ଏ.)

ବିଶିଷ୍ଟ ବୌଦ୍ଧ କୀର୍ତ୍ତିରାଜିର ଗବେଷକ ଓ ସଂଗ୍ରାହକ ତଥା ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ନୃସିଂହ ଚରଣ ସାହୁଙ୍କ ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ରବିବାର ରାତିରେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ସାହୁ କାଏମା ସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରି ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଦବୀରୁ ଅବସର ଗ୍ରହଣ କରିଥିଲେ। ସେ ବୌଦ୍ଧ କୀର୍ତ୍ତିରାଜି ଉପରେ ଗବେଷଣା ସହିତ ଗଜରାଜ ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠାକରି ଦେଶ ଓ ବିଦେଶର ବହୁ ଜିଜ୍ଞାସୁଙ୍କୁ ଧର୍ମଶାଳାରୁ ଆବିଷ୍କୃତ ବୌଦ୍ଧ କୀର୍ତ୍ତିରାଜି, ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ଆସୁଥିଲେ। ସ୍ୱର୍ଗତ ସାହୁଙ୍କ ପରଲୋକରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଫସଲ ବୀମା ରାଶି ପ୍ରଦାନରେ ଅବହେଳା

ବିଜେଡିର ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

କେନ୍ଦ୍ର ସରକାର ଚାଷୀଙ୍କୁ ହତାଦର କରୁଛନ୍ତି। ବୀମା କମ୍ପାନୀ ଫସଲ ବୀମା ରାଶି ପ୍ରଦାନରେ ଅବହେଳା କରୁଛି। କମ୍ପାନୀ ଫାଇଦା ଉଠାଉଥିବା ବେଳେ ଚାଷୀ ହତାଦର ହେଉଛନ୍ତି। ମାତ୍ର କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏହାର ପ୍ରତିବାଦରେ ସୋମବାର ସମସ୍ତ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ସେହିପରି ରାଜଭବନ ଆଗରେ ମଧ୍ୟ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ବୀମା ଟଙ୍କା ନ ମିଳିବାରୁ ରାଜ୍ୟର ଲକ୍ଷାଧିକ ଚାଷୀ ପ୍ରଭାବିତ ହୋଇଛନ୍ତି। ବୀମା କମ୍ପାନୀ ଚାଷୀଙ୍କୁ ଶୋଷୁଥିବା ବେଳେ କେନ୍ଦ୍ର ସରକାରଙ୍କ ଅପାରଗତା ଦୁର୍ଭାଗ୍ୟଜନକ। ବିଶେଷକରି ପଶ୍ଚିମ ଓଡ଼ିଶାର ଚାଷୀ ବହୁ କ୍ଷତି ସହୁଛନ୍ତି। ଫସଲ ବୀମାରେ ପଶ୍ଚିମ ଓଡ଼ିଶା ଚାଷୀଙ୍କ ୫୦୦ କୋଟି ଟଙ୍କା ବକେୟା ପଡ଼ିଛି। ଠିକ୍ ସମୟରେ ବୀମା ରାଶି ମିଳୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସହାୟତା ନ ଦେଲେ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ବିଜେଡି।

# ଦୁଇ ପୁତୁରାଙ୍କ ଆକ୍ରମଣରେ କକା ମୃତ

ଲହୁଣୀପଡ଼ା,୩୧।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ବଣାଇ ବ୍ଲକ ଅନ୍ତର୍ଗତ ରୁଗୁଡା ପଞ୍ଚାୟତ ସିଆଳିକୁଦର ଗ୍ରାମରେ ସୋମବାର ପୂର୍ବାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଦୁଇ ପୁତୁରାଙ୍କ ବାଲ୍‌ଟି ଆକ୍ରମଣରେ କକା ସୁରେଶ ମୁଣ୍ଡା (୫୦)ଙ୍କ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ପୁତୁରା ଯାଦବ (୩୨) ଓ ମାନସିଂହ (୨୮)ଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ସିଆଳିକୁଦର ଗ୍ରାମର ସୁରେଶଙ୍କ ସହିତ ଯାଦବ ଓ ମାନସିଂହଙ୍କର ପୂର୍ବରୁ ପାରିବାରିକ କଳହ ରହିଥିଲା। ସୋମବାର ସୁରେଶ ଘରେ ଏକୁଟିଆ ଥିବା ଦେଖି ଯାଦବ ଓ ମାନସିଂହ ତାଙ୍କ ପାଖକୁ ଯାଇ ଗାଳିଗୁଲଜ କରିଥିଲେ। ଏହାକୁ ସୁରେଶ ବିରୋଧ କରିବାରୁ ଦୁଇଭାଇ ଉତ୍ତେଜିତ ହୋଇ ପାଖରେ ଥିବା ଏକ ବାଲ୍‌ଟିରେ ସୁରେଶଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ସୁରେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଲହୁଣୀପଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କୁ ଗିରଫ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।


## ODISHA PUBLIC SERVICE COMMISSION , CUTTACK
### NOTICE
**No.9921/PSC, Dt.31.10.22**
**PF-1E-11-2021/22 (DR-III)**

**No.D-206:**It is for information of all concerned that, pursuant to Advt. No.24 of 2021-22, 07 (Seven) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in Geology. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 15.11.2022, as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 15.11.2022 | 10.30 A.M. | 00113165,00112710,00014311,00014314,00113215, 00013687 & 00014867 = **07 candidates** |

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection. The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.

**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0191/2223** **Sd./- Secretary**

## SUPERINTENDENT, SLN MEDICAL COLLEGE & HOSPITAL, KORAPUT
No.E-582:
### TENDER PAPER FOR PURCHASE OF LABORATORY REAGENTS/ CHEMICALS/ KITS/GLASSWARE/ PLASTICWARE
**BID REFERENCE NO.6873** **DATED 29.10.2022**

| | | |
|---|---|---|
| 1 | Period of commencement of Tender Documents | From Dt.29.10.2022 to 28.11.2022 (11 AM to 5 PM) Download From website: https://koraput.nic.in/ |
| 2 | Pre-Bid Meeting | Date 16.11.2022, Time: 11.30 A.M. |
| 3 | Last date and time for submission Tender (through the Regd./Speed Post) | Date 30.11.2022, Time upto 5 PM Address for Submission of Bid Superintendent, SLN Medical College & Hospital, Koraput |
| 4 | Date, Time and Place of Opening of Technical Bid | Technical Bid (Cover A) Opening Date: 02.12.2022, Time 12.30 PM Financial Bid (Cover-B) The Date of Opening of Financial Bid will be intimated to the qualified bidders after Technical Evaluation. |

**Sd./- Superintendent**
**SLN Medical College & Hospital, Koraput**
**OIPR-10121/11/0016/2223**

## OFFICE OF THE KORAPUT MUNICIPALITY: KORAPUT
**No.5734/MUN-2022** **Dated-29.10.2022**
### "e" PROCUREMENT NOTICE
**Bid Identification No. : KPTMUN-085/2022**

**No.C-1485:**Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Civil Work
2. No. of Works : 01 No.
3. Estimated Cost : Rs.11,09,400.00
4. Period of Completion : 2 Months
5. Date & Time of Bidding : From 11.00 A.M. of 01.11.2022 to 5.00 P.M. 16.11.2022.
6. Last Date & Time for receipt of Bids in portal : 16.11.2022 at 5.00 P.M.
7. Bids received online shall be Opened on : 03.00 PM hours of Dt.17.11.2022
8. Name and address of the Officer Inviting Bid : Executive Officer Koraput Municipality

Further details can be seen from the procurement portal: **www.tenderorissa.gov.in.**

**Sd./- Executive Officer, Koraput Municipality**
**OIPR-13074/11/0050/2223**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER QUALITY ASSURANCE DIVISION, HIRAKUD
**Email Id: cro_hrs@rocketmail.com**
**No.2287** **Date: 26.10.2022**
### AUCTION SALE NOTICE No.: QADHKD/ 02/2022-23 DATED-26.10.2022

**No.A-671:**Sealed Tenders in conformity with detail Tender schedule are invited from interested persons/ firms for sale of the condemned / unserviceable (T&P) Materials of Superintending Engineer, Quality Assurance Division , Hirakud on "AS IS WHERE IS BASIS" only presently available in the campus as noted bellow.

| BID. ID No. | Description of Item | Details of the Campus | Upset Price (Rs) | Cost of Tender Document (Non-refundable) | Caution money to bs deposited (Rs) |
|---|---|---|---|---|---|
| QADHKD/ SR-01 | Unserviceable Special T&P Material (Jeep No. ORC-4308, Willys make) | Office Building and New office Building under Superintending Engineer, Quality Assurance Division, Hirakud | 22500.00 | Rs.400/- (Four Hundred) (Cash/ DDByhand) Rs.400/- (Four Hundred) (DD) (In case of down load) Rs 500/- (Five Hundred) (DD) (in case of post) | 1200.00 |
| QADHKD/ SR-02 | Unserviceable Special T&P Material (Jeep No-OSS-541,Mahindra & Mahindra make) | Old Office Building and New office Building under Superintending Engineer, Quality Assurance Division, Hirakud | 19000.00 | Rs.400/- (Four Hundred) (Cash/ DD By hand) Rs.400/- (Four Hundred) (DD) (In case of down load) Rs500/- (Five Hundred) (DD) (in case of post) | 1000.00 |
| QADHKD/ SR-03 | Unserviceable Special T&P Material (Jeep No-ORC-7342, Mahindra & Mahindra make) | Office Building and New office Building under Superintending Engineer, Quality Assurance Division, Hirakud | 30000.00 | Rs.400/- (Four Hundred) (Cash/ DD By hand) Rs.400/- (Four Hundred) (DD) (In case of down load) Rs 500/- (Five Hundred) (DD) (in case of post) | 1500.00 |

| Sale of Tender Document | | Last Date of Drop of Tender | Date of Opening of Tender |
|---|---|---|---|
| From | To | | |
| 04.11.2022 At 10.30 AM | 05.12.2022 Upto 1.00 PM | 05.12.2022 Upto 1.30 PM | 05.12.2022 At 3.00 PM |

1. The details are available in office of the Superintending Engineer, Quality Assurance Division, Hirakud during office hours and also in the websites http://dowrodisha.gov.in , http:// odisha.gov.in and https://sambalpur.nic.in.

**Sd/- Superintending Engineer**
**Quality Assurance Division, Hirakud**
**OIPR-32451/11/0003/2223**

## Bhubaneswar Municipal Corporation
*Progress through Partnership for better Bhubaneswar*
**Notice No. 50858** **Date: 31.10.2022**
**Ref.: Short Tender Notice No. 49072 dated 18.10.2022 / Corrigendum - 1, Notice No. 49844 dated 21.10.2022 / Addendum - 1, Notice No. 50496 dated 27.10.2022**
**Corrigendum - 2: Extension of Proposal submission date for the work "Dismantling and removal of illegal advertisement hoardings on Pvt./Govt. land, rooftops of high-rise building etc. within jurisdiction of BMC**

No. C-1484: In reference to the short tender for the work "Dismantling and removal of illegal advertisement hoardings on Pvt./Govt. land, rooftops of high-rise building etc. within jurisdiction of BMC, the last date of submission of proposal is 31.10.2022 upto 5.00 P.M. has been extended to 04.11.2022, upto 4.00 P.M. Subsequently, the dates for opening of technical proposal is scheduled to be held on 04.11.2022 at 5.00 P.M.

The details of the tender are available in BMC website: **http://bmc.gov.in**.

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0146/2223

## OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR
Telephone: 06731-220322, Fax: 06731 -220220,
E-mail id: dfo.keonjharwl@odisha.gov.in
### CORRIGENDUM

No. MM-242:- Corrigendum to the advertisement as published in daily newspaper "DHARITRI" All Edition & "ORISSA BHASKAR" Bhubaneswar Edition dated 14.10.2022 regarding Quotation Call Notice for supply of Uniform articles in respect of Keonjhar Wildlife Division, Anandapur.

The last date and time of receipt of Quotation Call Notice and opening of the sealed quotations in respect of the aforementioned advertisement for supply of Uniform articles in respect of Keonjhar Wildlife Division, Anandapur is hereby extended till the dates as mentioned below against each due to non-submission of tender documents by anybody.

| | |
|---|---|
| Last Date & Time of receipt of Quotation Call Notice | 1.30 PM of 15.11.2022 |
| Date & Time of opening of Quotation | 4.00 PM of 15.11.2022 |

**Sd./- Divisional Forest Officer,**
**Keonjhar Wildlife Division, Anandapur**
OIPR-08147/11/0005/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022
**No.CAD-2350:** **Tender Call Notice No.**
**IDCO:H.O./P&C/EST/E-1057/03/2014/ 27709, Dt.29.10.2022**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : a) Development of Road and Construction of RCC Drain from Plot No.N/41 to Plot No.B/45 at Chandaka Industrial Area, Bhubaneswar, Odisha. (Rs.85.94 Lakh)
b) Construction of Road behind HDFC Bank Ltd., at Infocity, Chandaka Industrial Area, Bhubaneswar, Odisha. (Rs.76.96 Lakh)
c) Repair and Renovation of Road, Pathway and Drain cover slab at Infosys, Chandaka Industrial Area, Bhubaneswar, Odisha. (Rs.23.45 Lakh)
2. **Other details:**

| Procurement Officer | Bid ID/ Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath,Bhubaneswar- 751022 | P&C/EST/ E-90/ 2022-23 | 05.11.2022 at 17.00 Hrs. | 21.11.2022 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

**Sd./- Chief General Manager (P&C)**
**IDCO, Bhubaneswar**
**OIPR-14003/11/0184/2223**

## THE ODISHA STATE COOPERATIVE BANK LTD.
**Pandit Jawaharlal Nehru Marg, Bhubaneswar-751001**
***Ref. No. 3918/OSCB/HRDD/ /2022-23*** ***Date: 31.10.22***
### NOTICE INVITING TENDER

No.LL-18: The Bank desires to purchase a good number of Diary and Calendars / Table Calendars for the New Year 2023. Registered Firms / NGOs having own offset colour printing press with adequate experience in offset printing work may participate in the tender / bid which should reach this office through Speed Post / Regd. Post by 2.00 PM on or before 15.11.2022. The intending parties may log on to Bank's website www.odishascb.com for downloading the required tender papers i.e. detailed tender call notice and tender documents including terms and conditions of the tender and submit the tender paper along with Tender amount and EMD in shape of Bank Draft / Pay Order in favour of the Managing Director, Odisha State Cooperative Bank, drawn on any Nationalized / Scheduled Bank on or before 15.11.2022.

For any query / clarification, the Consultant-in-Charge of Premises may be contacted in person or over Phone No. 0674-2375153, 2375100.

OIPR-39012/11/0025/2223 **Sd./- Managing Director**

No. C-1483
## Government of Odisha
## Housing & Urban Development Department
**3rd Floor, Kharavel Bhavan, Unit-V, Bhubaneswar, PIN: 751001**
**No. 17974 /HUD., Bhubaneswar, dated the 28.10.2022**
**ELE-25/2022**
### NOTIFICATION

In exercise of the power conferred by sub-section (6) of Section 3 of the Odisha Municipal Corporation Act, 2003 (Odisha Act of 11 of 2003), the State Government do hereby declare their intention to include Lochapada of Lochapada G.P., Sanakusasthali of Badakusathali G.P., Bramhapalli of Gounju G.P. & Golabandha of Golabandha G.P. of the Ganjam district in Berhampur Municipal Corporation which is contiguous to the said Municipal Corporation under sub-section (5) of the said section.

All persons likely to be affected thereby may file objections/ suggestions in writing to the State Government in Housing & Urban Development Department or through the District Magistrate, Ganjam within 30 days from the date of publicaiton of this Notification in the Odisha Gazette and objections/ suggestions received within the above period shall be taken into consideration by the State Government.

By order of the Governor
**Sd./- Director of Municipal Administration &**
**Ex-Officio Additional Secretary to Govt.**

## ଓଡ଼ିଶା ସରକାର
## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ନଥି ସଂଖ୍ୟା: ଇଲେକ୍ସନ-୨୫/୨୦୨୨ ଚିଠି ସଂଖ୍ୟା: ୧୭୯୭୪ ତାରିଖ: ୨୮।୧୦।୨୦୨୨
### ଅଧିସୂଚନା

ଓଡ଼ିଶା ମହାନଗର ନିଗମ ଅଧିନିୟମ, ୨୦୦୩ (୨୦୦୩ର ମହାନଗର ନିଗମ ଅଧିନିୟମ ୧୧)ର ଧାରା ୩ର ଉପଧାରା (୬) ଦ୍ୱାରା ଅର୍ପିତ କ୍ଷମତା ପ୍ରୟୋଗ କ୍ରମେ, ଓଡ଼ିଶା ସରକାର ଲୋଚାପଡ଼ା ଗ୍ରାମପଞ୍ଚାୟତର ଲୋଚାପଡ଼ା ଗ୍ରାମ, ବଡ଼କୁସସ୍ଥଳୀ ଗ୍ରାମପଞ୍ଚାୟତର ସାନକୁସସ୍ଥଳୀ ଗ୍ରାମ, ଗଉଞ୍ଜୁ ଗ୍ରାମପଞ୍ଚାୟତର ବ୍ରହ୍ମାପଲ୍ଲୀ ଗ୍ରାମ ଓ ଗୋଳାବନ୍ଧ ଗ୍ରାମପଞ୍ଚାୟତର ଗୋଳାବନ୍ଧ ଗ୍ରାମକୁ ଉପରୋକ୍ତ ଧାରାର ଉପଧାରା (୫) ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବା ପାଇଁ ବିନିର୍ଦ୍ଦିଷ୍ଟ କରୁଛନ୍ତି।

ଏହି ଅଞ୍ଚଳର ଯେଉଁ ବ୍ୟକ୍ତିମାନେ ପ୍ରଭାବିତ ହେବାର ସମ୍ଭାବନା ଅଛି ସେହି ବ୍ୟକ୍ତିମାନଙ୍କଠାରୁ ଅଧିସୂଚନା ଓଡ଼ିଶା ଗ୍ୟାଜେଟରେ ପ୍ରକାଶିତ ହେବାର ତିରିଶ ଦିନ (୩୦) ମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଗଞ୍ଜାମଙ୍କ ଜରିଆରେ ଲିଖିତାକାରରେ ଆପତ୍ତି ଓ ପରାମର୍ଶ ଗୁଡ଼ିକ ଆହ୍ୱାନ କରାଯାଉଛି। ଯେଉଁ ଆପତ୍ତି ଓ ପରାମର୍ଶଗୁଡ଼ିକ ଉପରୋକ୍ତ କାଳାବଧି ମଧ୍ୟରେ ମିଳିବ, ସେଗୁଡ଼ିକୁ ରାଜ୍ୟ ସରକାର ଯଥୋଚିତ ବିଚାର କରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା/- ନିର୍ଦ୍ଦେଶକ ପୌର ପ୍ରଶାସନ**
**ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ**
OIPR-13001/11/0017/2223

# ଓଡ଼ିଶା ସେକ୍ରେଟାରିଏଟ୍ ଚାମ୍ପିୟନ୍



ଅତିଥିଙ୍କ ସହିତ ଚାମ୍ପିୟନ୍ ଦଳର ଖେଳାଳି।

**ଭୁବନେଶ୍ୱର,୩୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ସେକ୍ରେଟାରିଏଟ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରଥମ ସଂସ୍କରଣରେ ଚାମ୍ପିୟନ ଓଡ଼ିଶା ସେକ୍ରେଟାରିଏଟ ଫାଇନାଲରେ ଖୋର୍ଦ୍ଧାକୁ ୪-୧ରେ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ରେ ୬-୧ରେ ଦେବଗଡ଼କୁ ପରାସ୍ତ କରିଛି। ପ୍ରଥମଥର ପାଇଁ ଓଡ଼ିଶା ହକିରେ ୨୦ ଜିଲା ଓ ୪ ଏକାଡେମୀର ୩୫୦ରୁ ଅଧିକ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଓ ଯୁବସେବା ବ୍ୟାପାର କମିଶନର ଓ ସଚିବ ଆର. ଭିନିଲ କ୍ରିଷ୍ଣା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସସ୍ମିତା ସାମନ୍ତ, ହକି ଇଣ୍ଡିଆ ଓ ହକି ଓଡ଼ିଶା ସଭାପତି ଡ. ଦିଲୀପ ତିର୍କୀ ଓ ହକି ଓଡ଼ିଶା ନିର୍ଦ୍ଦେଶକ ଡେଭିଡ୍ ଜନ୍ ପ୍ରମୁଖ ମୁଖ୍ୟ ଅତିଥିଙ୍କ ସହିତ ଯୋଗ ଦେଇଥିଲେ। ପ୍ରଥମ ସଂସ୍କରଣ ଚାମ୍ପିୟନ୍ ଓଡ଼ିଶା ସେକ୍ରେଟାରିଏଟ୍ ଦଳକୁ ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ସେକ୍ରେଟାରିଆଟ ଦଳରେ ଜାତୀୟ ଚାମ୍ପିୟନଶିପ୍‌ରୁ ୧୧ ଜଣ ଖେଳାଳି ରହିଥିଲେ ଏବଂ ଦଳ ଆରମ୍ଭରୁ ପ୍ରଭାବୀ ପ୍ରଦର୍ଶନ କରିବାରେ ସମର୍ଥ ହୋଇଥିଲା। ଓଡ଼ିଶା ହକିର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଦିଲୀପ କହିଛନ୍ତି। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରଣାଳୟ, କିଟ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ଦିଲୀପ ତିର୍କୀ।

### ରାଜ୍ୟସ୍ତରୀୟ ମହିଳା ହକି ଚାମ୍ପିୟନଶିପ୍

### ପୁରସ୍କାର ତାଲିକା

**ଚାମ୍ପିୟନ:** ଓଡ଼ିଶା ସେକ୍ରେଟାରିଏଟ୍
**ରନର୍ସଅପ୍:** ଖୋର୍ଦ୍ଧା
**୩ୟସ୍ଥାନ:** ସୁନ୍ଦରଗଡ
ଶ୍ରେଷ୍ଠ ଗୋଲକିପର: ଫୁଲମଣି ପ୍ରଧାନ, କିଟ୍/କିସ୍
**ଶ୍ରେଷ୍ଠ ଡିଫେଣ୍ଡର:** ମୁକ୍ତା ଜୋଜୋ, ସୁନ୍ଦରଗଡ
**ଶ୍ରେଷ୍ଠ ମିଡଫିଲ୍ଡର:** ଲକ୍ଷ୍ମୀ ଏକ୍କା, ଓଡ଼ିଶା ସେକ୍ରେଟାରିଏଟ୍
**ଶ୍ରେଷ୍ଠ ଫରୱାର୍ଡ:** କମଳା ସିଂ, ଖୋର୍ଦ୍ଧା
**ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ:** ଜାହ୍ନବୀ ପ୍ରଧାନ, ଓଡ଼ିଶା ସେକ୍ରେଟାରିଏଟ୍

# ଜାଏଣ୍ଟ୍ସ ବିପକ୍ଷରେ ପାଇରେଟ୍ସର ବୃହତ୍ ବିଜୟ

**ପୁଣେ, ୩୧।୧୦ (ପି.ଟି.)**

ପ୍ରୋ-କବାଡ଼ି ଲିଗ୍‌ରେ ସଚିନଙ୍କ ଚିତ୍ତାକର୍ଷକ ପ୍ରଦର୍ଶନ ସହାୟତାରେ ପାଟ୍‌ନା ପାଇରେଟ୍ସ ୩୪-୨୮ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ବାଲେୱାଡ଼ିସ୍ଥିତ ଶ୍ରୀ ଶିବଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ସଚିନ ପାଟ୍‌ନା ଦଳର ଶ୍ରେଷ୍ଠ ଖେଳାଳି ଥିଲେ। ସେ ୧୩ପଏଣ୍ଟ ସ୍କୋର କରିଥିଲେ। ସାଥୀ ଖେଳାଳି ରୋହିତ ଗୁଲିଆଙ୍କଠାରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଥିଲା। ଖେଳର ୧୦ତମ ମିନିଟ୍‌ରେ ଏକ ଅଲ୍ ଆଉଟ୍ ଯୋଗୁ ପାଟ୍‌ନା ଦଳ ୧୦-୫ରେ ଅଗ୍ରଣୀ ଲାଭ କରିଥିଲା। ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ପ୍ରତୀକ ଧଇୟାଙ୍କ ଏକ ସୁପର ରେଡ୍ ବଳରେ ଜାଏଣ୍ଟ୍ସ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ରୋହିତ ରେଡ୍ ପଏଣ୍ଟ ଜାରି ରଖିବାରୁ ପାଟ୍‌ନା ୧୫-୯ ସ୍କୋର ଲାଇନ୍‌ରେ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲା। ୧୬ତମ ମିନିଟ୍‌ରେ ସଚିନଙ୍କ ଏକାଧିକ ରେଡ୍ ପଏଣ୍ଟ ଯୋଗୁ ପାଟଣାର ଅଗ୍ରଣୀ ବ୍ୟବଧାନ ବୃଦ୍ଧି ପାଇଥିଲା। ପ୍ରଥମାର୍ଦ୍ଧ ପୂର୍ବରୁ ପାଇରେଟ୍ସ ବିପକ୍ଷ ଦଳକୁ ଆଉଥରେ ଅଲ୍ ଆଉଟ କରିଦେବା ଦ୍ୱାରା ୨୧-୧୩ରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଗୁଲିଆ ତାଙ୍କ ଫର୍ମ ଜାରି ରଖିଥିଲେ। ଅଧିନାୟକ ନୀରଜ କୁମାରଙ୍କ ନେତୃତ୍ୱରେ ଡିଫେନ୍ସ ୟୁନିଟ୍‌ର ରେଡରମାନଙ୍କୁ ସହାୟତା କରିବା ଦ୍ୱାରା ପାଇରେଟ୍ସ ଆଗେଇ ଚାଲିଥିଲା। ଗୁଜରାଟର ରାକେଶଙ୍କ ଦୁଇଟି ଚମତ୍କାର ରେଡ୍ ସତ୍ତ୍ୱେ ତାଙ୍କ ଦଳ ପାଟଣାକୁ ରୋକିବାରେ ସମର୍ଥ ନ ଥିଲା। ୩୮ତମ ମିନିଟ୍‌ରେ ଜାଏଣ୍ଟ୍ସ ମ୍ୟାଚ୍‌ରେ ପାଇରେଟ୍ସ ସଦସ୍ୟ ସଂଖ୍ୟା ୩ କୁ ହ୍ରାସ କରି ଦେଇଥିଲା। ମାତ୍ର ସଚିନ ଜବରଦସ୍ତ ରେଡ୍ କରି ତାଙ୍କ ଦଳକୁ ଆଗୁଆ ରଖିଥିଲେ। ମ୍ୟାଚର ଶେଷ ମିନିଟ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ କରି ପାଟ୍‌ନା ଦଳ ବୃହତ୍ ବିଜୟ ହାସଲ କରିଥିଲା।



ପାଟ୍‌ନା ପାଇରେଟ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ବାଂଲାଦେଶ ବିପକ୍ଷରେ ଖେଳି ନ ପାରନ୍ତି କାର୍ତ୍ତିକ

**ଆଡିଲେଡ୍, ୩୧।୧୦ (ପି.ଟି.)**

ଭାରତୀୟ କ୍ରିକେଟ୍ ଦଳର ସିନିୟର ଉଇକେଟ୍‌କିପର ଦୀନେଶ କାର୍ତ୍ତିକଙ୍କ ପିଠି ମାଂସପେଶୀରେ ସମସ୍ୟା ଦେଖା ଦେଇଛି। ଫଳରେ ତାଙ୍କର ବୁଧବାର ବାଂଲାଦେଶ ବିପକ୍ଷ ମ୍ୟାଚ୍ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପିଠିରେ ଯନ୍ତ୍ରଣା ଯୋଗୁ ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଗେମ୍‌ର ଶେଷ ୫ ଓଭର ପୂର୍ବରୁ ସେ ପଡ଼ିଆ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। କାର୍ତ୍ତିକ ଆଘାତପ୍ରାପ୍ତ ହୋଇଥିବାରୁ ତାଙ୍କ ସ୍ଥାନରେ ରିଷଭ ପନ୍ତଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ। ମେଡିକାଲ ଟିମ୍ କାର୍ତ୍ତିକଙ୍କ ଚିକିତ୍ସା କରୁଛି। ହେଲେ ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇପାରିନାହାନ୍ତି ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ସିନିୟର ଅଫିସିଆଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କାର୍ତ୍ତିକଙ୍କର ଟୁର୍ନାମେଣ୍ଟରେ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ତାଙ୍କୁ ଜଣେ ଦକ୍ଷ ଫିନିଶର ବିବେଚନା କରାଯାଏ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ମାତ୍ର ୧ ରନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୫ଟି ବଲ୍ ଖେଳି ୬ ରନ୍ କରିଥିଲେ। ପର୍ଥସ୍ଥିତ ଅପ୍‌ଟସ ଷ୍ଟାଡିୟମରେ ସେ ପେସ୍ ଓ ସ୍ୱିନ୍ ସହ ଖାପ ଖୁଆଇ ଖେଳିବାରେ ସକ୍ଷମ ହୋଇ ନ ଥିଲେ। ସୂର୍ଯ୍ୟକୁମାରଙ୍କ ସହ ୫୨ ରନ୍ ପାର୍ଟନରଶିପ୍‌ରେ ତାଙ୍କର ଅବଦାନ ମାମୁଲି ଥିଲା। ଏଥିପାଇଁ ତାଙ୍କୁ ସମାଲୋଚିତ ହେବାକୁ ପଡ଼ିଛି। ଅଷ୍ଟ୍ରେଲିଆ ଟେଷ୍ଟ ମ୍ୟାଚ୍‌ରେ ପନ୍ତଙ୍କ ପ୍ରଦର୍ଶନ ପ୍ରଭାବୀ ଥିଲା। କାର୍ତ୍ତିକଙ୍କ ତୁଳନାରେ ହରିଜୋଣ୍ଟାଲ୍ ଅବା ଭୂସମାନ୍ତର ଶର୍ଟ ଖେଳିବାରେ ଅଧିକ ପାରଙ୍ଗମ। ସେ ଜଣେ ଆକ୍ରମଣାତ୍ମକ ଖେଳାଳି ମଧ୍ୟ।

# ଜାତୀୟ ଜୁନିୟର ତୀରନ୍ଦାଜୀ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩୧।୧୦ (କ୍ରୀଡ଼ା ପ୍ରତିନିଧି)**

ଗୋଆର ପଣଜୀଠାରେ ନଭେମ୍ବର ୩ରୁ ୧୨ ପର୍ଯ୍ୟନ୍ତ ୪୨ତମ ଏନ୍‌ଟିପିସି ଜାତୀୟ ଜୁନିୟର ତୀରନ୍ଦାଜୀ (ଇଣ୍ଡିଆନ, ରିକର୍ଭ, କମ୍ପାଉଣ୍ଡ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଆର୍ଚେରୀ ଆସୋସିଏଶନ ପକ୍ଷରୁ ରାଜ୍ୟ ଦଳ ମନୋନୀତ ହୋଇଛି। ଓଡ଼ିଶା ରିକର୍ଭ ଦଳ ଆସନ୍ତା ୨, କମ୍ପାଉଣ୍ଡ ଦଳ ୫ ଓ ଇଣ୍ଡିଆନ ରାଉଣ୍ଡ ଦଳ ୮ ତାରିଖରେ ଗୋଆ ଯାତ୍ରା କରିବ ବୋଲି ଆସୋସିଏଶନ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ପ୍ରକାଶ କରିଛନ୍ତି। ଭଗତରାମ ନାଏକ ଓ ଟିକିଲି ମହାକୁଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଦଳର କୋଚିଂ କ୍ୟାମ୍ପ୍ ଅକ୍ଟୋବର ୮ରୁ କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିଲା। ଆସୋସିଏଶନ ସଭାପତି ଗୋକୁଳ ଚନ୍ଦ୍ର ପତି ଓ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଓଡ଼ିଶା ତୀରନ୍ଦାଜଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



### ଓଡ଼ିଶା ତୀରନ୍ଦାଜ ଦଳ

ଇଣ୍ଡିଆନ ରାଉଣ୍ଡ: ବାଳକ- ସଞ୍ଜୟ ମାଝି, ମିଥୁନ ନାଏକ, ସୁନୀଲ ହୋ, ନିଥାନିୟାଲ ମଲିକ। ବାଳିକା- ଜୟଲକ୍ଷ୍ମୀ ମଲିକ, ମାମି ସର୍ଦ୍ଦାର, ମଞ୍ଜୁଲତା ହାଂସଦା। କୋଚ୍ ଓ ମ୍ୟାନେଜର: ଟିକିଲି ମହାକୁଡ଼।
ରିକର୍ଭ ରାଉଣ୍ଡ: ବାଳକ-ସୋମନାଥ ହେମ୍ବ୍ରମ, ସୁରେଶ ୱିକା, ପୂର୍ଣ୍ଣଚନ୍ଦ୍ର ମାଝି, ଅର୍ଜୁନ ଖରା। ବାଳିକା-ମମିତା ଓରାମ। କୋଚ୍: ଭଗତରାମ ନାଏକ, ମ୍ୟାନେଜର: ବିଷ୍ଣୁଚରଣ ଦାସ।
କମ୍ପାଉଣ୍ଡ ରାଉଣ୍ଡ: ବାଳକ-ରାହୁଲ ମାଡକାମି, ଦିବ୍ୟରଞ୍ଜନ ମୁଣ୍ଡା, ଭାସ୍କର ଖ୍ୱିଲୋ, ରଶ୍ମି ରଞ୍ଜନ ନାଏକ। ବାଳିକା- ପ୍ରୀତି ଓରାମ। ମ୍ୟାନେଜର: ବିଶ୍ୱଜିତ୍ ସିଂ।

# ସାତ୍ତ୍ୱିକ-ଚିରାଗଙ୍କୁ ଡବଲ୍ସ ଟାଇଟଲ

**ପ୍ୟାରିସ୍, ୩୧।୧୦(ପି.ଟି.):** ଭାରତର ଷ୍ଟାର ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଫ୍ରେଞ୍ଚ୍ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସ ଫାଇନାଲରେ ସେମାନେ ଚାଇନିଜ ତାଇପେର ଲୁ ଚିଙ୍ଗ୍ ୟାଓ ଏବଂ ୟାଙ୍ଗ୍ ପୋ ହାନ୍‌ଙ୍କୁ ୨୧-୧୩, ୨୧-୧୯ ଗେମ୍‌ରେ ହରାଇ ଦେଇଛନ୍ତି। ବିଶ୍ୱର ଏହି ୮ ନମ୍ବର ମାନ୍ୟତାପ୍ରାପ୍ତ ଦଳ ୨୦୧୯ ସଂସ୍କରଣରେ ରନର୍ସ ଅପ୍ ହୋଇଥିଲା। ଭାରତୀୟ ଯୋଡ଼ି ଚଳିତ ବର୍ଷ ବହୁ ସଫଳତା ହାସଲ କରିଛି। ସେମାନେ ଇଣ୍ଡିଆନ ଓପନ୍ ସୁପର ୫୦୦ ଟାଇଟଲ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ, ଥୋମାସ୍ କପ୍ ବିଜୟ ବ୍ୟତୀତ ଅଗଷ୍ଟରେ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିପାରିଛନ୍ତି।

## ଫୁରସତ୍



# ବିବାହ କରିବେ ହଂସିକା

**ମୁମ୍ବାଇ**

ବଲିଉଡ୍ ତଥା ସାଉଥ୍ ଫିଲ୍ମ ଅଭିନେତ୍ରୀ ହଂସିକା ମୋଟ୍‌ୱାନୀ ଡିସେମ୍ବର ୬ରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ମୁମ୍ବାଇର ବିଜ୍‌ନେସ୍‌ମ୍ୟାନ୍ ସୋହେଲ ଖଟୁରିଆଙ୍କ ସହ ହଂସିକାଙ୍କ ବାହାଘର ହେବ। ହଂସିକା ଆରେଞ୍ଜ ମ୍ୟାରେଜ୍ କରୁଥିବା କେତେକ ସାଇଟ୍‌ରେ ଖବର ପ୍ରକାଶ ପାଇଥିବାବେଳେ ତାଙ୍କର ଖାସ୍ ବନ୍ଧୁ ଏହା ଲଭ୍ ମ୍ୟାରେଜ୍ ବୋଲି କହୁଛନ୍ତି। ରାଜସ୍ଥାନ ଜୟପୁରରେ ତାଙ୍କ ଡେଷ୍ଟିନେଶନ୍ ୱେଡିଂ ଅନୁଷ୍ଠିତ ହେବ। ଏହି ୩୦ ବର୍ଷୀୟା ଅଭିନେତ୍ରୀଙ୍କର ମ୍ୟାରେଜ୍ ସେରିମୋନି ଡିସେମ୍ବର ୨ରୁ ଆରମ୍ଭ ହେବ। ବିବାହ କାର୍ଯ୍ୟରେ ପରିବାର ଓ କେତେଜଣ ଖାସ୍ ବନ୍ଧୁ ଉପସ୍ଥିତ ରହିବେ ବୋଲି କୁହାଯାଉଛି। ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପ୍ରକାର ଡ୍ରେସ୍‌କୋଡ୍‌ର ବ୍ୟବସ୍ଥା କରାଯାଇଥିବାବେଳେ ଜୟପୁର ରାଜପ୍ରାସାଦରେ ବିବାହ ସମାରୋହର ଆୟୋଜନ କରାଯାଇଛି। ଶେଷଥର ପାଇଁ ଫିଲ୍ମ 'ମହା'ରେ ହଂସିକାଙ୍କୁ ଦେଖାଯାଇଥିଲା।

# ୪୭ ଲକ୍ଷ ଟଙ୍କାରେ 'ସାଇଚିକ୍ ଥେରାପି'



**ମସ୍କୋ:** ଅବସାଦ, ଭୟ ଓ ଚିନ୍ତା ପରି ବିରାଟ ସମସ୍ୟାର ସମାଧାନ ପାଇଁ ରୁଷିଆର ଏକ କମ୍ପାନୀ ନିଆରା ଥେରାପି ବ୍ୟବସ୍ଥା କରିଛି। ରୁଷିଆରେ ପ୍ରେକାଟେଡ୍ ଏକାଡେମୀ ନାମରେ ଥିବା ଏକ କମ୍ପାନୀ ଲୋକଙ୍କୁ ସାଇଚିକ୍ ଥେରାପି ଯୋଗାଉଛି, ଯାହାର ମୂଲ୍ୟ ୪୭ ଲକ୍ଷ ଟଙ୍କା। ତେବେ ଏହି ଥେରାପି ଦ୍ୱାରା ମାନସିକ ଚିନ୍ତା ଓ ଭୟରୁ ତ୍ରାହି ମିଳପାରିବ। ପଦ୍ଧତି ଅନୁସାରେ ଜୀବନ୍ତ ମଣିଷକୁ କଫିନ୍‌ରେ ଭର୍ତ୍ତି କରି ମାଟି ତଳେ ପୋତିଦିଆଯାଏ। ଥେରାପିକୁ ରୁଷିଆର ଏସ୍‌ଟି ପିଟର୍ସବର୍ଗରେ କରାଯିବ। ଯେଉଁମାନଙ୍କ ପାଇଁ ୪୭ ଲକ୍ଷ ଟଙ୍କାର ଥେରାପି ନେବା କଷ୍ଟକର ହୋଇପଡୁଛି ସେହିମାନଙ୍କ ପାଇଁ ୧୨ ଲକ୍ଷ ଟଙ୍କାର ଏକ ଥେରାପି ମଧ୍ୟ ଉପଲବ୍ଧ ରହିଛି। ଥେରାପି ନେଉଥିବା ବ୍ୟକ୍ତି ଅନ୍‌ଲାଇନ୍‌ରେ ଦେଖିପାରିବେ।

### ଦୂର ହେବ ଭୟ

**ବାକି ଟଙ୍କା ଦେଲେନି ରାଜା**

# ସିଂହାସନ ତିଆରି କଲେନି କାରିଗର

**ଜୋହାନ୍ସବର୍ଗ**

ଦକ୍ଷିଣ ଆଫ୍ରିକାର ଜୁଲୁ ରାଜାଙ୍କ ରାଜାଭିଷେକ ସରିଥିଲେ ହେଁ ସେ ଏବେ ସିଂହାସନ ଅପେକ୍ଷାରେ। ପୂର୍ବପୁରୁଷଙ୍କ ରୀତିନୀତି ଅନୁସାରେ ଜୁଲୁରାଜା ବ୍ୟବହାର କରୁଥିବା ସିଂହାସନ ଭାରତୀୟ ବଂଶୋଦ୍ଭବ ରାଜୀବ ସିଂଙ୍କ ଦ୍ୱାରା ତିଆରି କରାଯାଏ। ସ୍ୱତନ୍ତ୍ର ତାମ୍ବୋତି କାଠରେ ରାଜାଙ୍କ ସିଂହାସନ ନିର୍ମାଣ କରାଯାଉଥିବାବେଳେ ପୂର୍ବ ଅର୍ଡରର ପେମେଣ୍ଟ ନ ମିଳିବା କାରଣରୁ ସିଂହାସନ ତିଆରି ହୋଇ ନ ଥିବା କହିଛନ୍ତି ରାଜୀବ ସିଂ। ତମ୍ବୋତି କାଠରେ ଆସବାବପତ୍ର ତିଆରି କରିବାରେ ରାଜୀବଙ୍କ ପରିବାର ଖୁବ୍ ନିପୁଣ। ତାଙ୍କ ପୂର୍ବଜମାନେ ଏହି କାମ କରିଆସୁଥିବାବେଳେ ଜୁଲୁ ରାଜାଙ୍କ ଆବଶ୍ୟକୀୟ କାଠ ସାମଗ୍ରୀ ରାଜୀବଙ୍କ ନିକଟରୁ ଯାଇଥାଏ। ସାଉଥ୍ ଆଫ୍ରିକା ସରକାର ଶନିବାର ୪୮ ବର୍ଷୀୟ ମିସୁଜୁଲୁଙ୍କୁ ଜୁଲୁ ରାଜା ଭାବେ ଘୋଷଣା କରିଥିଲେ। ୧୯୭୧ ମସିହା ପରେ ସରକାର ପ୍ରଥମ ଥର ପାଇଁ ମିସୁଜୁଲୁଙ୍କୁ ସେଠାକାର ମହାରାଜା କରିଛନ୍ତି। ରାଜୀବଙ୍କ କହିବାନୁସାରେ, ମିସୁଜୁଲୁଙ୍କ ବାପା ଗୁଡୱିଲ୍ ୱେଲିଥିନି ସାତବର୍ଷ ପୂର୍ବେ ନେଇଥିବା ଫର୍ନିଚର ବାବଦକୁ ୪,୫୩,୭୧୦ ଟଙ୍କା ବାକି ରହିଛି। ବକେୟା ଟଙ୍କା କଥା ରାଜ ପରିବାର ପ୍ରତିନିଧିଙ୍କୁ କହିବା ପରେ ମଧ୍ୟ ସେମାନେ ଏ ନେଇ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ରାଜୀବ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଦୁଇଟି ସିଂହାସନ, ରାଜକୀୟ ବାଡ଼ି, ୱେଲିଥିନିଙ୍କ ୭ ସ୍ତ୍ରୀଙ୍କ ପାଇଁ ୭ ସିଂହାସନ, ୧୦ଟି ଟେବୁଲ ଓ ୩ଟି ଟୀ' ପ୍ଲେଟ୍ ନେଇଥିବାବେଳେ ତା' ଟଙ୍କା ବାକି ରହିଛି। ଜୁଲୁ ରାଜାଙ୍କଠାରୁ ବକେୟା ଅର୍ଥ ଆଦାୟ ପାଇଁ କୁବେର ଇଡେଭ ସିଂ ଅଭିଯୋଗ କରିଥିବା ରାଜୀବ କହିଛନ୍ତି। ଜୁଲୁ ରାଜପରିବାର ବ୍ୟତୀତ ବ୍ରିଟେନ୍‌ର ପୂର୍ବତନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କୁ ସିଂ ପରିବାର ତରଫରୁ ଏକ ଜୁଏଲେରି ବକ୍ସ ଉପହାର ସ୍ୱରୂପ ଦିଆଯାଇଥିଲା। ସାଉଥ୍ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ୍ ମାଣ୍ଡେଲାଙ୍କ ସମେତ ଆମେରିକା ରାଷ୍ଟ୍ରପତି ରୋନାଲ୍ଡ ରିଗାନ ଏବଂ ଜର୍ଜ ବୁସ୍‌ଙ୍କୁ କମଧ ତାମ୍ବୋତି କାଠରେ ତିଆରି ଜିନିଷ ପ୍ରଦାନ କରାଯାଇଛି।



# ବିଶ୍ୱର ସବୁଠୁ ଦ୍ରୁତ ଜୋତା 'ମୁନ୍‌ୱାକର୍'

**ୱାଶିଂଟନ:** ଆମେରିକାର ସିଫ୍ଟ ରୋବୋଟିକ୍ସର ଇଞ୍ଜିନିୟରମାନେ ବିଶ୍ୱର ସବୁଠାରୁ ଫାଷ୍ଟେଷ୍ଟ ଜୋତା ତିଆରି କରିଛନ୍ତି। ଜୋତାର ନାମ ମୁନ୍‌ୱାକର୍ ରଖାଯାଇଛି। ଜଣେ ଲୋକର ସ୍ୱାଭାବିକ ଚାଲିକୁ ୨୫୦ ଗୁଣା ଦ୍ରୁତ କରିବାର କ୍ଷମତା ଏହା ପାଖରେ ରହିଛି। ଜୋତାରେ ବ୍ୟବହାର କରାଯାଇଥିବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ଆଲଗୋରିଦମ୍ ଦ୍ୱାରା ଏହା ସମ୍ଭବ। ସାଧାରଣ ଜୋତା ପରି ଏହାକୁ ପିନ୍ଧାଯାଇପାରିବ । ମୁନ୍‌ୱାକର୍‌କୁ ପିନ୍ଧି କେବଳ ଚାଲି ହେବ ସ୍କେଟିଂ କରାଯାଇପାରିବ ନାହିଁ। ଏହି ଜୋତାରେ ୩୦୦ ୱାଟ୍ ଇଲେକ୍ଟ୍ରିକ୍ ମୋଟର ମଧ୍ୟ ବ୍ୟବହାର କରାଯାଇଛି। ସେନ୍‌ସର ଜରିଆରେ ଏଲ୍ ଏବଂ ଆଲ୍‌ଗୋରିଦମ୍ ମୋଟରର ପାୱାରକୁ ନିୟନ୍ତ୍ରଣ କରିହେବ। ମୁନ୍‌ୱାକରର ମୂଲ୍ୟ ୧,୧୫,୩୩୨ ଟଙ୍କା ରହିଥିବାବେଳେ ଏହା ଏବେ ବଜାରରେ ଉପଲବ୍ଧ ରହିଛି।



# ୭୨ ବର୍ଷୀୟା ମହିଳା ଚଳାଉଛନ୍ତି ୧୧ ପ୍ରକାର ଗାଡ଼ି

**କୋଚି:** ପ୍ରତ୍ୟେକ କାର୍ଯ୍ୟ ପାଇଁ ମନରେ ଆଗ୍ରହ ରହିବା ଦରକାର। ଏହା ଦ୍ୱାରା କାର୍ଯ୍ୟଗୁଡ଼ିକ ଅତି ଉତ୍ତମ ଭାବେ ସମ୍ପାଦିତ ହୋଇଥାଏ। କୋଚିର ରାଧାମଣୀ ଅମ୍ମା। ୭୨ ବର୍ଷରେ ପାଦ ଥାପିସାରିଲେଣି। କିନ୍ତୁ ତାଙ୍କ କାର୍ଯ୍ୟ ଦକ୍ଷତା କଥା କହିଲେ, ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ରୋଡ୍ ରୋଲର, ଜେସିବି, ବସ୍, କାର୍, ବାଇକ୍ ପରି ୧୧ ପ୍ରକାର ଗାଡ଼ି ଚଲାପାରନ୍ତି ରାଧାମଣୀ। ୧୯୮୧ରେ ସେ ଡ୍ରାଇଭିଂ ଲାଇସେନ୍ସ ପ୍ରାପ୍ତ କରିଥିଲେ। ଗାଡ଼ି ଚାଳନା ଦିଗରେ ତାଙ୍କର ରୁଚି ଥିବା କାରଣରୁ ଏହା ସମ୍ଭବ ହୋଇଥିବା ରାଧାରାଣୀ କହିଛନ୍ତି। ବର୍ତ୍ତମାନ ତାଙ୍କପାଖରେ ସବୁ ପ୍ରକାର ଗାଡ଼ି ଚଲାଇବାର ଲାଇସେନ୍ସ ରହିଛି। ରାଧାରାଣୀଙ୍କ ସ୍ୱାମୀ କୋଚିରେ ଏ-ଜେଟ୍ ନାମରେ ଏକ ଡ୍ରାଇଭିଂ ସ୍କୁଲ ଚଲାଉଥିଲେ। ସ୍ୱାମୀଙ୍କ କହିବା ଅନୁସାରେ ରାଧାରାଣୀ କାର୍ ଚଲାଇବା ଶିଖିଲେ। କିନ୍ତୁ ସେ ସମୟରେ ଗାଡ଼ି ଚାଳନା ପ୍ରତି ତାଙ୍କର ଆଗ୍ରହ ନ ଥିଲା। ୨୦୦୪ରେ ଯେତେବେଳେ ସ୍ୱାମୀଙ୍କର ମୃତ୍ୟୁ ଘଟିଲା ସେ ସମୟରେ ପରିବାର ଚଳାଇବା ପାଇଁ ରାଧାରାଣୀ ଡ୍ରାଇଭିଂ ସ୍କୁଲ ବୁଝାବୁଝି ଆରମ୍ଭ କଲେ। ବର୍ତ୍ତମାନ ରାଧାରାଣୀ ଭାରି ଯାନ ଚଳାଇବାର ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ଡ୍ରାଇଭିଂ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବା ପରେ ରାଧାରାଣୀ ଏବେ ଅଟୋ ମୋବାଇଲ ଇଞ୍ଜିନିୟରିଂ କ୍ଷେତ୍ରରେ ଡିପ୍ଲୋମା କରୁଛନ୍ତି।



**ଧାମନଗର ବାସିନ୍ଦାଙ୍କୁ ଅତ୍ୟାଚାର କରୁଛି ଭାଜପା: ବିଜେଡି**

ଭୁବନେଶ୍ୱର,(ବ୍ୟୁରୋ): ଭାଜପା ବିରୋଧରେ ପୁଣିଥରେ ସୋମବାର ବିଜେଡି ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ ଏକ ସ୍ମାରକ ପତ୍ର ପ୍ରଦାନ କରିଛି। ସେଥିରେ ବିଜେଡି ଉଲ୍ଲେଖ କରିଛି ଯେ, ଭାଜପା ନିଜ ପ୍ରାର୍ଥୀଙ୍କ ପରାଜୟ ସମ୍ପର୍କରେ ଜାଣିବାପରେ ଏବେ ଧାମନଗରରେ ଅଶାନ୍ତି ସୃଷ୍ଟି କରିବା ଆରମ୍ଭ କରିଛି।

# ‘ଧାମନଗର ଦାୟିତ୍ୱ ମୁଁ ନେବି’



ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତରେ ଅନୁଷ୍ଠିତ ସଭାରେ ବିଜେଡି ନେତା ଓ କର୍ମୀ।



## ଧାମନଗର ଉପନିର୍ବାଚନ

- ବିଜେଡି ପ୍ରାର୍ଥୀଙ୍କ ପାଇଁ ଭର୍ଚ୍ଚୁଆଲରେ ପ୍ରଚାର କଲେ ମୁଖ୍ୟମନ୍ତ୍ରୀ
- ୧୮ ମାସରେ ୫ ବର୍ଷର କାମ କରିବାକୁ ପ୍ରତିଶ୍ରୁତି

**ଭୁବନେଶ୍ୱର/ଭଦ୍ରକ ଅଫିସ/ଧାମନଗର / ପଦ୍ମପୁର, ୩୧।୧୦ (ବ୍ୟୁରୋ/ ଡି.ଏନ.ଏ/ସ୍ୱ.ପ୍ର.)**

ଧାମନଗର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ଲାଗି ସୋମବାର ଭର୍ଚ୍ଚୁଆଲରେ ପ୍ରଚାର କରିଛନ୍ତି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରିୟ ଭାଇଭଉଣୀମାନଙ୍କୁ ମୋର ନମସ୍କାର। ଆପଣଙ୍କ ଦୁଃଖ ସୁଖରେ ସବୁବେଳେ ବିଜେଡି ସାଙ୍ଗରେ ଅଛି। ଧାମନଗର ମାଟି ଶାନ୍ତି, ସଦ୍‌ଭାବନା ଓ ଭାଇଚାରାର ମାଟି। ମିଶନଶକ୍ତି ମାଧ୍ୟମରେ ମା’ମାନେ ସଶକ୍ତ ହୋଇପାରିଛନ୍ତି। ଏଥର ଧାମନଗର ବିଧାନସଭା ଉପନିର୍ବାଚନରେ ବିଜେଡି ଜଣେ ମା’ଙ୍କୁ ପ୍ରାର୍ଥୀ କରିଛି। ତେଣୁ ଜଣେ ମା’ ଧାମନଗରରେ ବିଧାୟକ ହେବା ପାଇଁ ମୁଁ ଚାହେଁ। ଧାମନଗର ବିକାଶ ପାଇଁ ଦାୟିତ୍ୱ ସେ ନିଜେ ନେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମୁଁ ନିଜେ ଧାମନଗରକୁ ଦେଖିବି। ସାଧାରଣ ନିର୍ବାଚନକୁ ଆଉ ମାତ୍ର ୧୮ ମାସ ରହିଛି। ଏହି ସମୟ ଭିତରେ ପାଞ୍ଚବର୍ଷର କାମ ହେବ। ଏଥିସହ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀ ଅବନ୍ତୀ ଦାସଙ୍କୁ ଜିତାଇବା ପାଇଁ ଧାମନଗରବାସୀଙ୍କୁ ନିବେଦନ କରିଛନ୍ତି।

ବିଜେଡି ପକ୍ଷରୁ ଧାମନଗର ବ୍ଲକରେ ୮, ଏନ୍‌ଏସିରେ ଗୋଟିଏ ଓ ତିହିଡ଼ି ବ୍ଲକରେ ୪ ମୋଟ ୧୩ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଭର୍ଚ୍ଚୁଆଲ ସଭା ଦେଖିବା ପାଇଁ ଆୟୋଜନ କରାଯାଇଥିଲା। ମୁସ୍ତାଫାପୁର ପଞ୍ଚାୟତର ବସ୍‌ଷ୍ଟାଣ୍ଡଠାରେ ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ସୋଫିଆ ଆଲାମ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦୋବଲ ଜୋନ୍ କରଦା ପଞ୍ଚାୟତଠାରେ ମନ୍ତ୍ରୀ ପ୍ରତାପ ଦେବ, କଟକ ମେୟର ସୁବାସ ସିଂ, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଧାମନଗର ଏନ୍‌ଏସି ଅଧୀନ ଡାକ୍ତରଖାନା ନିକଟରେ ଆୟୋଜିତ ସଭାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ସଭା ଏମ୍‌ପି ମୁନ୍ନା ଖାଁ, ଉଚ୍ଚସାହି ପଞ୍ଚାୟତରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଆକାଶ ଦାସ ନାୟକ, ସୁନନ୍ଦା ଦାସ, ଅନୁଭବ ପଟ୍ଟନାୟକ ଏବଂ ବୃନ୍ଦାକୁଟିଠାରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ, କ୍ଷୁଦ୍ର ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିହିଡ଼ି ବ୍ଲକର ଦୋଲସାହି ବାସନ୍ତୀ ପଡ଼ିଆ, ଅଚକ ପଞ୍ଚାୟତ ନନ୍ଦପୁର ବିଶ୍ୱକର୍ମା ପଡ଼ିଆ, କାଁପଡ଼ା ବାସୁଳୀପଡ଼ିଆ, ବୋଡ଼କ ନାୟକାଣିପଡ଼ିଆରେ ସଭା ଅନୁଷ୍ଠିତ ହୋଇଥିଲା। କାଁପଡ଼ାରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଦୋଲସାହିରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସୋର ବିଧାୟକ ପର୍ଶୁରାମ ଧଡ଼ା, ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ବିଜୟ କୁମାର ନାୟକ, ଭଦ୍ରକ ଯୁବନେତା ଅସିତ କୁମାର ପଟ୍ଟନାୟକ, ଛାତ୍ରନେତା କାଳନ୍ଦୀ ସାହୁ, ବିଜେଡି ମହିଳା ରାଜ୍ୟ ସମ୍ପାଦିକା ରଶ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଭାସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ପୂର୍ବରୁ ବାସୁଦେବପୁର ବିଧାୟକ ଶ୍ରୀଜଗନ୍ନାଥଙ୍କ ଭଜନ ଗାଇଥିଲେ।

### ସ୍ୱାଭିମାନୀ ଧାମନଗରବାସୀଙ୍କୁ ପ୍ରଭାବିତ କରିବ ନାହିଁ: ଜୟନାରାୟଣ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦେଇଥିବା ଭିଡିଓ ବାର୍ତ୍ତା ସ୍ୱାଭିମାନୀ ଧାମନଗରବାସୀଙ୍କୁ ପ୍ରଭାବିତ କରିବ ନାହିଁ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଟୁଇଟ୍ କରି କହିଛନ୍ତି । ଜୟନାରାୟଣ ତାଙ୍କ ଟୁଇଟ୍‌ରେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ରେକର୍ଡିଂ ଭିଡିଓ ବାର୍ତ୍ତାରେ ଯେଉଁ କଥାକୁ ଉଠାଇଛନ୍ତି ଏହା କିଛି ନୂଆନୁହେଁ। ଏହା ଧାମନଗରବାସୀଙ୍କ ସହ ଛଳନା ଭଳି ମନେ ହେଉଛି। ମୁଖ୍ୟମନ୍ତ୍ରୀ ଭିଡ଼ିଓ ବାର୍ତ୍ତାରୁ ଲାଗୁଛି, କୌଣସି ବିଧାୟକଙ୍କ ଦେହାବସାନ ହେଲେ ହିଁ ବିଜେଡି ନେତାମାନେ ଦାୟିତ୍ୱ ନେବା ପାଇଁ ଆଗଭର ହୁଅନ୍ତି। କିନ୍ତୁ ବାସ୍ତବରେ ମୁଖ୍ୟମନ୍ତ୍ରୀ କ’ଣ ଦାୟିତ୍ୱ ନିଅନ୍ତି ଓଡ଼ିଶାବାସୀ ସେକଥା ଭଲରେ ଜାଣିଲେଣି ବୋଲି ସେ କହିଛନ୍ତି।

# ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ କଲା କଂଗ୍ରେସ

- ୧୦୦ ଦିନରେ ୨୨୫୦ କି.ମି. ଅତିକ୍ରମ କରିବାକୁ ଲକ୍ଷ୍ୟ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** କଂଗ୍ରେସ ପକ୍ଷରୁ ସୋମବାରଠାରୁ ଭାରତ ଯୋଡ଼ୋ ଓଡ଼ିଶା ପରିବର୍ତ୍ତନ ଯାତ୍ରା ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଇନ୍ଦିରା ପାର୍କଠାରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସର୍ବଧର୍ମ ପ୍ରାର୍ଥନା ପରେ ଓଡ଼ିଶା ପ୍ରଭାରୀ ଏ ଚେଲ୍ଲା କୁମାର ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଭାରତ ଯୋଡ଼ୋ ଓଡ଼ିଶା ପରିବର୍ତ୍ତନ ଯାତ୍ରା ଓଡ଼ିଶାର ୨୭ଟି ଜିଲା, ୧୯ଟି ଲୋକ ସଭା କ୍ଷେତ୍ର ଦେଇ ୨୨୫୦ କି.ମି. ଅତିକ୍ରମ କରିବ। ଏହି କାର୍ଯ୍ୟକ୍ରମ ଓଡିଶାରେ ପାଖାପାଖି ୧୦୦ ଦିନରୁ ଅଧିକ ଧରି ଏହି ଯାତ୍ରା ଚାଲୁ ରହିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ରାମ ମନ୍ଦିରରେ କଂଗ୍ରେସ ନେତୃବୃନ୍ଦ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରଛନ୍ତି। ରସୁଲଗଡ଼ ଛକଠାରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। କଂଗ୍ରେସ ଭବନଠାରେ ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଶହଶହ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଏକାଠି ହୋଇ ପଦଯାତ୍ରାରେ ବାହାରିଥିଲେ। ଏହି ଯାତ୍ରା ଫୁଲନଖରା ନିକଟସ୍ଥ ଲକ୍ଷେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ୩ ତାରିଖ ସକାଳେ ପୁଣି ପଦଯାତ୍ରା ଏଠାରୁ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।


**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL),
UPPER KOLAB H. E. PROJECT, AT/P.O.:BARINIPUT; DIST.: KORAPUT(ODISHA) -764006
Telephone: 06854 - 242 001, Fax: 06854 - 242092, Email ID: sgmel.ukhep@gmail.com
CIN : U40101OR1995SGC003963

**TENDER CALL NOTICE NO:UKHEP: 34/2022-23 Dated:28.10.2022**

**No.CAD-2353:** The C&P Head, Upper Kolab Hydro Electric Project, Bariniput, Dist: Koraput invites percentage rate bids in single cover system from the "C" & "D" class govt. registered contractors for the work as detailed in the table below. The tender documents, Terms & conditions, Eligibility criteria and downloading, please refer our website **www.ohpcltd.com.**

| Sl. No. | Description of Work | Estimated Cost in (Rs.) | Cost of Tender Paper (Rs.) | EMD in shape of Bid Security Declaration | Date for Sale of Tender Paper | Last date & time of receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | R/M to TCM Club, UKHEP, Bariniput | 4,72,330/- | 2360/- (Rs.2000+ 18% GST) | Bid Security declaration form to be submitted duly filled in & signed | From 10.00 Hrs. of 07.11.2022 to 11.00 Hrs. of 21.11.2022 | Upto 12.00 Hrs. of 21.11.2022 | At: 12.30 Hours of 21.11.2022 |

OIPR-04002/11/0064/2223 — **Sd./- C&P Head, Upper Kolab HEP, OHPC Limited, Bariniput**



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID:cebuildings_orissa@yahoo.co.in
cebuildings@rediffmail.com, Tel.-(0674)-2391523

**INVITATIONS FOR BIDS (IFB)**

File No.B-IV-H-(H&D)-58/2020, Lr.No.40907 Bhubaneswar, the 31st Oct.2022
No.B-767: **Invitation for Bids**
**Bid Identification No. C.E. (B) - 28 / 2022-23**

| | | |
|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | |
| 2. | Nature of work | : Building works |
| 3. | No. of work | : 1No. |
| 4. | Bid Cost | : Rs.10,000/- (each) |
| 5. | Class of Contractor | : 'A' / Special Class |
| 6. | Availability of Bid Documents in the website | : From dt.11.11.2022 to 17.00 Hours of dt.28.11.2022. |
| 7. | Date of Opening of Bid | : Dt.29.11.2022 at 11:30AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

**Sd./- Chief Engineer, (Buildings), Odisha**
**OIPR-34117/11/0064/2223**


# ଭାଜପାର ନବୀନ ନିବାସ ଘେରାଉ ଉଦ୍ୟମ



ଭାଜପା କର୍ମୀମାନେ ରାସ୍ତାରେ ଶୋଇ ପ୍ରତିବାଦ ଜଣାଉଛନ୍ତି।

## ଅର୍ଚ୍ଚନା ନାଗ ବ୍ଲାକମେଲିଂ, ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣା

- ଶିଶୁଭବନ ଛକରେ ପୋଲିସ-ଭାଜପା କର୍ମୀ ମୁହାଁମୁହିଁ
- ଛୋଟ ଛୁଆଙ୍କୁ ନେଇ ରାଲି କରିଛି ଭାଜପା: ବିଜେଡି

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ପୁରୀ ଜିଲା ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ମାମଲାରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ସମ୍ପୃକ୍ତି ରହିଛି। ହେଲେ ମୁଖ୍ୟମନ୍ତ୍ରୀ ସବୁ ଜାଣି ଚୁପ୍ ବସିଛନ୍ତି। ଏଭଳି ଅଭିଯୋଗ କରିବା ସହ ସୋମବାର ଢୋଲ, ଘଣ୍ଟ ଓ ଝାଞ୍ଜ ବଜାଇ ନବୀନ ନିବାସ ଆଡକୁ ଶତାଧିକ ଭାଜପା ନେତା, କର୍ମୀ ଯାଉଥିବାବେଳେ ପୋଲିସ କର୍ମଚାରୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟରୁ ବିଭିନ୍ନ ସ୍ଲୋଗାନ, ଢୋଲ, ଘଣ୍ଟ ଓ ଝାଞ୍ଜ ବଜାଇ ନେତା ଓ କର୍ମୀ ନବୀନ ନିବାସମୁହାଁ ହେଉଥିବା ବେଳେ ଶିଶୁଭବନ ଛକରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏହାକୁ ନେଇ ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ କେତେଜଣ ଭାଜପା କର୍ମୀ ଆହତ ହୋଇଛନ୍ତି। ଦୀର୍ଘ ସମୟ ଧରି ପୋଲିସ ଓ ଭାଜପା କର୍ମୀ ମୁହାଁମୁହିଁ ହେବା ପରେ ରାସ୍ତା ଉପରେ ଭାଜପା କର୍ମୀମାନେ ଶୋଇପଡ଼ିଥିଲେ। କିଛି ନେତା ଓ କର୍ମୀଙ୍କୁ ପୋଲିସ ଗିରଫ କରି ଅଟକ ମଧ ରଖି ପରବର୍ତ୍ତୀ ସମୟରେ ଛାଡି ଦେଇଥିବା ଜଣାପଡ଼ିଛି। ଏହାସହ ପଥପ୍ରାନ୍ତ ନାଟକ ଜରିଆରେ ଶାସକ ଦଳର ମନ୍ତ୍ରୀ, ନେତାଙ୍କୁ ଟାର୍ଗେଟ କରିଛନ୍ତି।

ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥା ଧ୍ୱଂସ ହୋଇଗଲାଣି। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ବିଜେଡିର ବଡ଼ ବଡ଼ ନେତାଙ୍କ ସମ୍ପୃକ୍ତି ରହିଛି। ସେଥିରେ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ମଧ୍ୟ ରହିଛି। ପୋଲିସ ସେଥିପାଇଁ ଏହି ଘଟଣାକୁ ଘଣ୍ଟ ଘୋଡ଼ାଉଛି ବୋଲି ସେ କହିଛନ୍ତି।

ଅନ୍ୟପଟେ ବିଜେଡି ମଧ୍ୟ ଭାଜପା କାର୍ଯ୍ୟକ୍ରମକୁ ସମାଲୋଚନା କରିଛି। ବିଜେଡି ନେତା ଲେନିନ ମହାନ୍ତି କହିଛନ୍ତି, ବହୁ ସମ୍ବେଦନଶୀଳ ଘଟଣାରେ ଭାଜପା ବହୁ ଦିନରୁ ରାଜନୀତି କରିଆସୁଛି। ସେଥିଲାଗି ଓଡ଼ିଶା ଲୋକ ସେମାନଙ୍କୁ ପ୍ରତ୍ୟାଖାନ କରୁଛନ୍ତି। ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ତାଙ୍କ ସ୍ତ୍ରୀ ଏହାକୁ ନେଇ ରାଜନୀତି କରିବାକୁ ମନା କରୁଛନ୍ତି। ହେଲେ ଭାଜପା ସେହି ପ୍ରସଙ୍ଗରେ ରାଜନୀତି ଚଳାଇଛି। ଭାଜପା ତା’ର ରାଲିରେ ସଂଖ୍ୟା ବଢାଇବାକୁ ବହୁ ଛୋଟ ପିଲାଙ୍କ ହାତରେ ପତାକା ଧରାଇ ନେଇଥିଲା। ବିଜେଡି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଅନୁରୋଧ କରୁଛି ଏହି ଘଟଣାର ତଦନ୍ତ କରାଯାଉ ବୋଲି ଲେନିନ କହିଛନ୍ତି।

# ଶାସକ ଦଳକୁ ସାହାଯ୍ୟ କରୁଥିବା ପୋଲିସଙ୍କୁ କାଢ଼

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ଧାମନଗର ଉପନିର୍ବାଚନ ଯେତେ ପାଖେଇ ଆସୁଛି ଶାସକ ଦଳର ଦୌରାତ୍ମ୍ୟ ସେତିକି ବଢ଼ିଚାଲିଛି। ପୋଲିସ ପ୍ରଶାସନ ଓ ସରକାରୀ କଳକୁ ବ୍ୟବହାର କରି ଭୋଟରଙ୍କୁ ଟଙ୍କା ବାଣ୍ଟିବାରେ ବାରମ୍ବାର ଏସ୍‌ଏଚ୍‌ଜି ମହିଳାଙ୍କୁ ବିଜେଡି ଅସ୍ତ୍ର କରିଛି। ଉପନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ ଏବଂ କଡା ସୁରକ୍ଷା ବଳୟ ମଧ୍ୟରେ କରାଯାଉ। ଏଥିପାଇଁ ପ୍ରଥମେ ଦାୟିତ୍ୱରେ ଅବହେଳା କରି ଶାସକ ଦଳକୁ ପକ୍ଷପାତିତା ଦେଖାଉଥିବା ପୋଲିସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସିଇଓଙ୍କଠାରେ ସୋମବାର ଭାଜପା ଦାବି କରିଛି।


**P.G. CENTRAL OFFICE**
**FAKIR MOHAN UNIVERSITY**
VYASA VIHAR, NUAPADHI, BALASORE,ODISHA-756089

**ADMISSION NOTICE 2022-2023**

**No: FMU/PGC-I -01/2022/2051** — **Date: 31.10.2022**

Fakir Mohan University, Balasore is inviting CPET-2022 appeared students interested for admission in following Post Graduate Programmes for the session 2022-23 against the vacant seats in the subject mentioned below, following the guidelines of Department of Higher Education, Govt. of Odisha vide its letter no. 45064/HE, dated 29.10.2022.

**New Campus (Nuapadhi)**
**Biotechnology/Botany/Chemistry/ Environmental Science/Geography/Geology/ Zoology/ Applied Microbiology/ Anthropology/English/ History & Archaeology/ Political Science/Economics/ Sociology/ Population Studies/ Odia/ Urdu/ Sanskrit/ Applied Psychology/ MSW/ Journalism & Mass Communication/ Master of Library & Information Sci.**
**A. Old Campus (Januganj)**
**Physics/ Mathematics/ M.Com/ Education/LLM/ PMIR.**

The CPET- 2022 appeared students are required to report to the Head of the concerned P.G. Departments with following documents for admission on 05.11.2022 from 10.00 A.M. to 2.00 P.M.

10. Print out of the Common Application Form (CAF)
11. All originals & Xerox copy of Certificates from H.S.C to qualifying Examination.
12. All originals & Xerox copy of Marksheets from H.S.C to qualifying Examination
13. College Leaving Certificate in Original.
14. Original Certificate relating to Reserve Category.
15. Eight copies of recent passport size Photograph.
16. Aadhaar Card & Blood Group Report (Xerox copy)
17. Migration Certificate in Original.
18. Course Fee as uploaded on the F.M. University website: www.fmuniversity.nic.in in the form of Bank Draft/ Bank Challan/through Online to be deposited on the same day of report i.e. 05.11.2022 on Selection. Further, applications are invited from students to take admission into 5 years Integrated BA-LLB & BBA-LLB Programme under F.M. University by 15.11.2022.

**By the Order of Vice Chancellor**
**Chairman, P.G. Council**
**Fakir Mohan University, Balasore-756089, Odisha**



**OFFICE OF THE EXECUTIVE ENGINEER, RWS&S DIVISION, BALASORE**
Tel.: 06782-262249, Fax: 262931
email: eerwss_bls@nic.in, eerwssbls@gmail.com

**NATIONAL COMPETITIVE BIDDING THROUGH e-Tendering**
**Identification No. 31/2022-23 Dt.28.10.2022**

No. O-1186: The Executive Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade/Class registered with Central Government/MES/Railways for the works detailed in the table below to be eventualy drawn up in P1 contract with design and execution of the following Piped Water Supply Projects.

1. Nos. of Work : 15 Nos. RPWS Schemes in Balasore District
2. Estimated Cost : Rs.219.55 lakhs to Rs.368.32 lakhs
3. Period of Completion : 330 days
4. Availability of bid document in portal : Dt.04.11.2022 at 16.00 hours to 18.11.2022 upto 17.00 hrs. through online
5. Seeking of Clarification : Dt.07.11.2022 at 10.00 hours to Dt.14.11.2022 upto 15.00 hours
6. Date of opening of Bid : Dt.19.11.2022 at 11.00 hours in the O/o. EE, RWSS Division, Balsore
7. Name and address of the Officer Inviting Tender : Executive Engineer, RWS&S Division, Balaosre

Bid cost will be receipt through electronic payment by NEFT/RTGS.
Further details can be seen from the e-Procurement portal: **http://tendersodisha.gov.in**.

**Sd./- Executive Engineer**
**RWS&S Division, Balasore**
**OIPR-25013/11/0026/2223**



**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO. III, BHUBANESWAR**
No.B-768: **bbsrrandb03@yahoo.com**
**60Estg. No - 7251** — **Date - 27/10/2022**
**Government of Odisha "e"-Procurement Notice No [28] of 2022-23**
**Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road & Building work |
| 2 | Total No of works | 3 nos work |
| 3 | Estimated Cost | 1) Rs. 54,46,500.00, 2) Rs.57,66,000.00, 3) Rs. 78,42,500.00 |
| 4 | Class of Contractor (i) | 'B' Class |
| 5 | Period of Completion | 3 (Three ) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **04/11/2022 at 10.00 Hours to 15/11/2022 at 17.30 Hours** |
| 8 | Last Date & Time for Receipt of bids in the Portal | **15/11/2022, upto 17.30 hrs** |
| 9 | Name & Address of the Officer inviting Bid | Er.Gayatri Patel,Executive Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
**N.B: Subsequent corrigendum/addendum if required shall be available in the website as indicated above**

**Executive Engineer**
**Bhubaneswar (R&B) Division No III, BBSR**
**OIPR-34089/11/0010/2223**



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
No. O-1183 **e-Procurement Notice**

| | | |
|---|---|---|
| 1. | Name of Work | : Special Repair to the road **"Tangarkarley to Chandili"** road from 0/000 Km. to 3/700 Km. such as widening of BT carriageway 3.00 Mt. to 5.50 Mt. under Annual Maintenance Plan for the year 2022-23. |
| 2. | Total No. of work | : 1 (One) Road Work |
| 3. | Time for Completion | : 3 (Three) Calendar months |
| 4. | Approximate estimated cost varies from | : Rs.210.00 lakhs |
| 5. | Mode of Submission of Tender | : Tender should be submitted online in **www.tendersodisha.gov.in**. |
| 6. | Other details are as follow | : |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online - 13/2022-23 | 11.11.2022 at 11.00 A.M. | 25.11.2022 upto 5.00 P.M. | 24.11.2022 upto 1.00 P.M. | 28.11.2022 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e-tender website only.

**OIPR-25118/11/0015/2223** — **Sd./- D.K. Seth, Chief Construction Engineer, R.W. Circle, Bolangir**



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-2395391, Fax No.: 0674-2395291, Website : www.oscsc.in

**Tender No. 15698/P-II/76/2021/PDS** — **Dt.31.10.2022**

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | **From dt.01.11.2022** |
| 3 | Last Date / Time for receipt of bids in the portal | **dt. 08.11.2022 up to 5.00 PM.** |
| 4 | Date / Time of opening of Technical Bid | **dt.09.11.2022 at 11.00 AM.** |
| 5 | Name and address of the officer Inviting Tender | **Managing Director, OSCSC Ltd., C/2 Nayapalli, Bhubaneswar.** |

Tender Documents and other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in.** Amendments / corrigendum / cancellation / retenders etc. if any shall be published only in above websites.

**By Order of Managing Director**
**Sd/- General Manager (PDS)**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER JHARSUGUDA (R&B) DIVISION, JHARSUGUDA**
E-mail ID: eepwdjsg2014@gmail.com, Telephone: 06645-271242
No. B-762 Kalimandir Road, Jharsuguda - 768202

**"e" - Procurement Notice**
**Bid Identification No. EE-R&B-JSG-16 of 2022-23**

| | | |
|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single Cover** system on ONLINE mode from eligible contractors for construction of **Buildings (Civil + El + PH)/Electrical Work/Road Work** as detailed in DTCN. | |
| 2. | Nature of Work | : Buildings (Civil + El + PH)/Electrical Work/Road Works |
| 3. | Estimated Cost | : Rs.10.01 lakhs to Rs.49.70 lakhs |
| 4. | No. of work | : 04 (Four) Nos. |
| 5. | Tender Cost | : Rs.6000/- (As per DTCN) |
| 6. | Class of Contractor | : "D", "C", "B" and Electrical "HT" |
| 7. | Availability of Bid document in the website | : 10.00 A.M. of Dt. 02.11.2022 to 5.00 P.M. of Dt. 09.11.2022 |
| 8. | Date of Opening of Technical Bid (Cover-I) | : 11.30 A.M. on Dt.10.11.2022 |
| 9. | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | |

**Sd./- Superintending Engineer**
**Jharsuguda (R&B) Division**
**OIPR-34094/11/0015/2223**

# ସାଧୁତା ଅବଲମ୍ବନକୁ ଗୁରୁତ୍ୱ ଦେବା ଆବଶ୍ୟକ

ଭୁବନେଶ୍ୱର,୩୧।୧୦

ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) ପକ୍ଷରୁ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨'ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱର ସ୍ଥିତ ଇଡକୋ ମୁଖ୍ୟ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଇଡକୋ ମୁଖ୍ୟ ସତର୍କତା ଅଧିକାରୀ ତଥା ମୁଖ୍ୟ ସାଧାରଣ ପରିଚାଳକ (ପ୍ରଶାସନ), ସରୋଜକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଧ୍ୟ ଏକ ଶପଥ ପାଠ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ଶପଥ ପାଠ କାର୍ଯ୍ୟକ୍ରମ ପୂର୍ବରୁ ଇଡକୋର ସମସ୍ତ କର୍ମଚାରୀଙ୍କୁ ସରୋଜକାନ୍ତ ସେମାନଙ୍କର କାର୍ଯ୍ୟ, ଦାୟିତ୍ୱ ତଥା କାର୍ଯ୍ୟାଳୟରେ ସର୍ବୋପରି କିଭଳି ସାଧୁତା ଅବଲମ୍ବନ କରିବାକୁ ହେବ ସେ ସମ୍ବନ୍ଧରେ ମଧ୍ୟ ପରାମର୍ଶ ଦେଇଥିଲେ। ବିଶେଷ କରି ଆଇନ ଅନୁସାରେ ଉଭୟ ଲାଞ୍ଚ ନେବା ଓ ଅନ୍ୟ କାହାକୁ ଯାଚିବା ମଧ୍ୟ ଏକ ଦଣ୍ଡନୀୟ ଅପରାଧ ବୋଲି ସେ ସମସ୍ତ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ତା'ସହ ନିଜର ବ୍ୟକ୍ତିଗତ ତଥା ସାଧାରଣ ଜୀବନରେ ମଧ୍ୟ ନିଜକୁ ଦୁର୍ନୀତି ମୁକ୍ତ କରିବା ଲାଗି ସେ ଉପସ୍ଥିତ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଡକୋ ମୁଖ୍ୟ ସାଧାରଣ ପରିଚାଳକ (ଭୂମି) ବିଜୟ କୁମାର ଦାଶ, ମୁଖ୍ୟ ସାଧାରଣ ପରିଚାଳକ (ଏମ୍‌ଏସ୍‌ଏମ୍‌ଇ) ସୁଭାଷ ଚନ୍ଦ୍ର ନାଥଶର୍ମା, ମୁଖ୍ୟ ସାଧାରଣ ପରିଚାଳକ (ଅର୍ଥ) ସୁକାନ୍ତ ପ୍ରସାଦ ଦାଶ, ମୁଖ୍ୟ ସାଧାରଣ ପରିଚାଳକ (ପରିବେଶ) ଅଶୋକ କୁମାର ମିଶ୍ର, ମୁଖ୍ୟ ସାଧାରଣ ପରିଚାଳକ (ଯୋଜନା ଏବଂ ସମନ୍ୱୟ) ବିଜୟ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟ ସାଧାରଣ ପରିଚାଳକ (ସିଭିଲ) ଅଶ୍ୱିନୀ କୁମାର ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଆଜିଠାରୁ ଡିଜିଟାଲ କରେନ୍ସି

ନୂଆଦିଲ୍ଲୀ,୩୧।୧୦




ଚଳିତ ବର୍ଷ ନଭେମ୍ବର ୧ ତାରିଖ(ମଙ୍ଗଳବାର)ଠାରୁ ସାରା ଦେଶରେ ଡିଜିଟାଲ କରେନ୍ସିର ପ୍ରଚଳନ ହେବାକୁ ଯାଉଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ମଙ୍ଗଳବାରଠାରୁ ଭାରତରେ ଡିଜିଟାଲ କରେନ୍ସି 'ଇ-ରୁପୀ'ର ପାଇଲଟ ପ୍ରୋଜେକ୍ଟ ମଧ୍ୟ ଆରମ୍ଭ ହେଉଛି। ବିଶେଷ କରି ପ୍ରଥମ ପର୍ଯ୍ୟାୟରେ କେବଳ ଡିଜିଟାଲ ଟଙ୍କାକୁ ହୋଲସେଲ ଜରିଆରେ ପ୍ରଚଳନ କରାଯିବ। ଏପରିକି ପରୀକ୍ଷାମୂଳକ ଭାବେ ଏହାର ପ୍ରଚଳନ କେତେକ ସୀମିତ କ୍ଷେତ୍ରରେ କରାଯିବ ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି। ଏହି ପାଇଲଟ ପ୍ରକଳ୍ପରେ ଦେଶର ପ୍ରମୁଖ ୯ ବ୍ୟାଙ୍କ ଯଥା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ୟୁନିୟନ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ୟେସ ବ୍ୟାଙ୍କ, ଆଇଡିଏଫସି ବ୍ୟାଙ୍କ ଓ ଏଚଏସବିସିକୁ ସାମିଲ କରାଯାଇଛି। ସେହିଭଳି ଆଗକୁ ମଧ୍ୟ ଏହି ପରୀକ୍ଷାମୂଳକ ପ୍ରୟୋଗର ପରିସର ବଢାଯାଇ ଅନ୍ତର୍ଜାତୀୟ ନେଣଦେଣ, ହୋଲସେଲ କାରବାର ପାଇଁ ଏହାର ବ୍ୟବହାର କରାଯିବ। ସେହିପରି ମାସକ ମଧ୍ୟରେ ଡିଜିଟାଲ ଟଙ୍କା (ଖୁଚୁରା)ର ପାଇଲଟ ପ୍ରକଳ୍ପ ଆରମ୍ଭ ହେବ। ଅପରପକ୍ଷରେ କିଛି ସୀମିତ ଗ୍ରାହକ ଓ ସ୍ଥାନରେ ଏହାର ପରୀକ୍ଷାମୂଳକ ପ୍ରଚଳନ କରାଯିବ ବୋଲି ଆରବିଆଇ ଯୋଜନା କରିଛି। ଦେଶରେ ଡିଜିଟାଲ ଟଙ୍କାର ପ୍ରଚଳନ ସଂପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗତ ବଜେଟ ଅଭିଭାଷଣ ବେଳେ ଘୋଷଣା କରିଥିଲେ। ସେ କହିଥିଲେ ଯେ,ବ୍ଲକଚେନ ଓ ଅନ୍ୟ ପ୍ରକାରର ଟେକ୍ନୋଲୋଜି ବ୍ୟବହାର କରି ଡିଜିଟାଲ ଟଙ୍କାର ପ୍ରସ୍ତୁତ କରାଯିବ। ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ବୃଦ୍ଧି କରିବାରେ ବେଶ ସହାୟକ ହେବ ବୋଲି ନିର୍ମଳା ମତପ୍ରକାଶ କରିଥିଲେ। ଏ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ ଯେ ଦେଶରେ ଧୀରେ ଧୀରେ ଏବଂ ପର୍ଯ୍ୟାୟକ୍ରମେ ଡିଜିଟାଲ ଟଙ୍କାର ପ୍ରଚଳନ କରାଯିବ। ଯେପରିକି ତା'ର ବିଶେଷ କୁପ୍ରଭାବ ଆର୍ଥିକ ବ୍ୟବସ୍ଥା ଓ ବ୍ୟାଙ୍କ ବ୍ୟବସ୍ଥା ଉପରେ ପଡ଼ିବ ନାହିଁ। ବିଶେଷ କରି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ହୋଲସେଲ ସେଗମେଣ୍ଟରେ ଡିଜିଟାଲ କରେନ୍ସିର ବ୍ୟବହାର କରାଯିବ। ଅପରପକ୍ଷରେ ଉପରୋକ୍ତ ବ୍ୟାଙ୍କ ଜରିଆରେ କାରବାର ସହ ଏହାର ଫଳାଫଳ ଅନୁଯାୟୀ ଅନ୍ୟସବୁ କ୍ଷେତ୍ରରେ ହୋଲସେଲ୍ ଟ୍ରାଞ୍ଜାକ୍ସନ ଏବଂ କ୍ରସ୍ ବୋର୍ଡର ପେମେଣ୍ଟ ବି ମୂଳ ଲକ୍ଷ୍ୟ ରହିବ ବୋଲି ଆରବିଆଇ ପକ୍ଷରୁ ମତ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ ଆରବିଆଇ ଅକ୍ଟୋବର ୭ରେ ଡିଜିଟାଲ ମୁଦ୍ରା ପ୍ରଚଳନ ନେଇ ସୂଚନା ଦେଇଥିଲା। ଆରବିଆଇ ଇ-ରୁପୀରେ ସ୍ୱତନ୍ତ୍ର ଫିଚର ଓ ଲାଭ ବିଷୟରେ ଉପଭୋକ୍ତାଙ୍କୁ ସୂଚନା ଦେବ।

ଜନ୍ମ ଦିନର ଶୁଭେଚ୍ଛା



(ବାପୁନି)
ଶାଶ୍ୱତ ଚନ୍ଦ୍ର ନାଥ
ଅଁଳୋ, କଟକ
ଆଜି ତୋର ୧୬ତମ ଜନ୍ମବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ ଉଜ୍ଜ୍ୱଳମୟ ଓ କୁସୁମିତ ହେଉ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଆଈ, ପିଉସା, ପିଉସୀ, ବାବା, ମାମା, ମାମୁ, ମାଇଁ, ଝୁଲିଦିଦି, ଦୀପାଦିଦି, ଗୁଡୁଭାଇ ଏବଂ ସମସ୍ତ ନାଥ ପରିବାରବର୍ଗ।
ଧ-୧୮୯୯

# ଜେଏସ୍‌ଡବ୍ଲ୍ୟୁର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୩୧।୧୦

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଜେଏସଡବ୍ଲ୍ୟୁ ଗ୍ରୁପର ସହଯୋଗୀ କମ୍ପାନୀ ଜେଏସଡବ୍ଲ୍ୟୁ ପେଣ୍ଟସର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି କମ୍ପାନୀ ପକ୍ଷରୁ ଭଗ୍ ରେଞ୍ଜର ଫିନିସକୁ ମଧ୍ୟ ଉପସ୍ଥାପନ କରାଯାଇଛି। ଯାହାକି ଉପଭୋକ୍ତାଙ୍କୁ ଆକର୍ଷଣୀୟ ୱାଲ୍ ଇଫେକ୍ଟ ପ୍ରଦାନ କରିବା ସହ ଘରର ସୌନ୍ଦର୍ଯ୍ୟକୁ ମଧ୍ୟ ବୃଦ୍ଧି କରିଥାଏ। ବିଶେଷ କରି କମ୍ପାନୀ ତା'ର 'ଥିଙ୍କ୍ ବ୍ୟୁଟିଫୁଲ୍' ପ୍ରତିଶ୍ରୁତିକୁ ଭଗ୍ ଜରିଆରେ ସଂପ୍ରସାରିତ ଏବଂ ଲକ୍ସୁରିୟସ ଇଫେକ୍ଟସ ପ୍ରଦାନ କରୁଛି। ଯାହାଦ୍ୱାରା ଆଧୁନିକ କସ୍‌ମୋପଲିଟାନ୍ ଭାରତୀୟ ଗ୍ରାହକମାନଙ୍କ ପାଇଁ ଏକ ଫେସନେବଲ୍ ୱାଲ ପ୍ରସ୍ତୁତ କରାଯାଇପାରିବ। ଭଗ୍ ଉଭୟ କଳ୍ପନା ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିଥାଏ। ଏହି ପରିକଳ୍ପନାକୁ ଆରମ୍ଭ କରିବା ପାଇଁ ଭଗ୍ ୮ ଟି ଏକ୍ସକ୍ଲୁସିଭ୍ ୱାଲ୍ ଇଫେକ୍ଟର ଉପସ୍ଥାପନ କରିଛି। ଏଗୁଡ଼ିକ ପ୍ରକୃତି ଓ ସଂସ୍କୃତିର ଉପାଦାନ ଦ୍ୱାରା ଅନୁପ୍ରେରିତ। ଏ ସମ୍ପର୍କରେ ଜେଏସଡବ୍ଲ୍ୟୁ ପେଣ୍ଟସର ଜଏଣ୍ଟ ଏମଡି ଓ ସିଇଓ ଏ. ଏସ୍. ସୁନ୍ଦରେସନ୍ କହିଛନ୍ତି, ଭଗ୍ ହେଉଛି କାନ୍ଥ ପାଇଁ ଏକ ଲକ୍ଜ୍ୟୁରିୟସ୍ ଭିଜୁଆଲ୍ ଇଫେକ୍ଟସ ଏବଂ ଏକ ଡିଜାଇନର କଲେକ୍‌ସନ।

# 'ସତ୍ୟନିଷ୍ଠ ଓ ସ୍ୱଚ୍ଛତା ଆଣିବାକୁ ଶପଥ ପାଠ'




ଭୁବନେଶ୍ୱର,୩୧।୧୦

ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ରେଳ ମୁଖ୍ୟାଳୟ 'ରେଳସଦନ'ଠାରେ ସତର୍କତା ସଚେତନତା ସପ୍ତାହ-୨୦୨୨ ପାଳିତ ହୋଇଯାଇଛି। ଏପରିକି ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରେଳବାଇ କର୍ମଚାରୀ ଓ ଅଧିକାରୀମାନଙ୍କୁ ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପାଇଁ ଶ୍ରୀବାସ୍ତବ ସମସ୍ତ କ୍ଷେତ୍ରରେ ସତ୍ୟନିଷ୍ଠ ଓ ସ୍ୱଚ୍ଛତା ଆଣିବାକୁ ଶପଥ ପାଠ କରାଇଛନ୍ତି। ଉକ୍ତ ଶପଥ ଗ୍ରହଣ ସମାରୋହରେ ରେଳପଥର ସମସ୍ତ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ମଧ୍ୟ ଅଖଣ୍ଡତା ପାଇଁ ଶପଥ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଅକ୍ଟୋବର ୩୧ରୁ ଆରମ୍ଭ ହୋଇଥିବା ସତର୍କତା ସଚେତନତା ସପ୍ତାହ ନଭେମ୍ବର ୬ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟ ମଧ୍ୟରେ ସାଧାରଣ ଜନତା ତଥା ରେଳ ବ୍ୟବହାରକାରୀଙ୍କୁ ସଚେତନ କରାଇବା ପାଇଁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହାକୁ ସ୍ମରଣୀୟ କରିବା ପାଇଁ ସେମିନାର ଆୟୋଜନ କରାଯିବା ସହ ରେଳ କର୍ମଚାରୀ ତଥା ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବ୍ୟାନର,ପୋଷ୍ଟର ଇତ୍ୟାଦି ପ୍ରଦର୍ଶିତ କରାଯାଉଛି। ରେଳପଥର ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପମହାପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ର ଉକ୍ତ ସମାରୋହକୁ ସଂଯୋଜନା କରିଥିଲେ।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୩୧।୧୦

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ସତ୍ତ୍ୱେ ଷ୍ଟକ ବଜାରର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୮୭ (୭୮୬.୭୪) ପଏଣ୍ଟ ବଢ଼ି ୬୦,୭୪୭ (୬୦,୭୪୬.୫୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୨୫(୨୨୫.୪୦) ପଏଣ୍ଟ ବୃଦ୍ଧି ଘଟି ୧୮,୦୧୨ (୧୮,୦୧୨.୨୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଉଭୟ ସେନସେକ୍ସ ଓ ନିଫ୍ଟରେ ପ୍ରାୟ ୧%ରୁ ଅଧିକ ଶେୟାର ବୃଦ୍ଧି ପାଇଥିଲା। ଏପରିକି ସୋମବାର ଦଲାଲ ଷ୍ଟ୍ରିଟ୍‌ରେ ବ୍ୟାଙ୍କ, ଆଇଟି, ଅଟୋଶିଳ୍ପ ଏବଂ ଅଗ୍ରଣୀ ଶିଳ୍ପ ସଂସ୍ଥା ନିବେଶକଙ୍କ ପାଇଁ ବଜାର ଫଳାଫଳ ଭଲ ରହିଥିଲା।

# ଏସ୍‌ବିଆଇର ବିଶାଳ ସିଏସ୍‌ପି ସମାବେଶ

ଭୁବନେଶ୍ୱର,୩୧।୧୦




ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ଅଧୀନ ଗ୍ରାହକ ସେବା କେନ୍ଦ୍ରର ପରିଚାଳକମାନଙ୍କର ଏକ ବିଶାଳ ସମାବେଶ ନିକଟରେ ସ୍ଥାନୀୟ ରେଳ କୁଞ୍ଜ ଅଡିଟୋରିୟମଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏସବିଆଇର ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ଉକ୍ତ ସମାବେଶକୁ ଉଦ୍‌ଘାଟନ କରିବା ସହ ବ୍ୟାଙ୍କର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରଣାଳୀରେ ଗ୍ରାହକ ସେବା କେନ୍ଦ୍ର ଓ ବ୍ୟବସାୟ ପ୍ରତିନିଧିମାନଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ରାଜ୍ୟର ପ୍ରତି କୋଣ ଅନୁକୋଣରେ ବ୍ୟାଙ୍କିଙ୍ଗ ସେବା, ସାମାଜିକ ସୁରକ୍ଷା ଓ ଆର୍ଥିକ ସଚେତନତାର ପ୍ରଗତି ପାଇଁ ଶର୍ମା ସମସ୍ତ ଗ୍ରାହକ ସେବା ପରିଚାଳକଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ। ସେହିପରି ଗତ ଅଗଷ୍ଟରେ ଚାଲିଥିବା ସାମାଜିକ ସୁରକ୍ଷା ଅଭିଯାନରେ ଭଲ ପ୍ରଦର୍ଶନ କରିଥିବା ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ଓ ବ୍ୟବସାୟ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଉପ-ମହା ପ୍ରବନ୍ଧକ (ଆର୍ଥିକ ଅନ୍ତର୍ଭୁକ୍ତୀକରଣ) ମନମୋହନ ସ୍ୱାଇଁ ଗ୍ରାହକ ସେବା କେନ୍ଦ୍ର ପରିଚାଳକମାନଙ୍କ ବିଭିନ୍ନ ସମସ୍ୟାର ସମ୍ପର୍କରେ ଉତ୍ତର ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପମହାପ୍ରବନ୍ଧକ (କୃଷି) ଧ୍ରୁବଚରଣ ବଳଙ୍କ ସମେତ ଷ୍ଟେଟ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉକ୍ତ ସମାବେଶର ପରିଚାଳନାରେ ସହାୟତା କରିଥିଲେ। ଉକ୍ତ ସଭାରେ ରାଜ୍ୟର ସମସ୍ତ ଜିଲାରୁ ୧୨୮୦ ଗ୍ରାହକ ସେବା ପଏଣ୍ଟ (ସିଏସପି) ଓ ୨୯ ଜଣ ସର୍ବଭାରତୀୟସ୍ତରର ବ୍ୟବସାୟ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ।

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF
GST 5%
for Booking Contact 0674-2580385, 8637280816, 7894447167, 9338226625

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

# ନଭେମ୍ବର ୬ରେ 'ପାରି କରିବେ ଭୋଳାଶଙ୍କର'



ଜୀ ସାର୍ଥକର ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପାରି କରିବେ ଭୋଳାଶଙ୍କର'ର ଅଡିଓ ରିଲିଜ ଅବସରରେ ଉପସ୍ଥିତ କଳାକାର ଓ ଚ୍ୟାନେଲ କର୍ତ୍ତୃପକ୍ଷ।

ଭୁବନେଶ୍ୱର,୩୧।୧୦

ରାଜ୍ୟର ପ୍ରମୁଖ ମନୋରଞ୍ଜନ ଭିତ୍ତିକ ଘରୋଇ ଚ୍ୟାନେଲ ଜୀ ସାର୍ଥକ ଆଉ ଏକ ଓଡ଼ିଆ ସିନେମା ପ୍ରସାରିତ କରିବାକୁ ଯାଉଛି। ଏପରିକି ଆସନ୍ତା ନଭେମ୍ବର ୬ ତାରିଖ (ସୋମବାର) ସନ୍ଧ୍ୟା ୬ଟା ୩୦ରେ 'ପାରି କରିବେ ଭୋଳା ଶଙ୍କର'ର ସର୍ବଭାରତୀୟସ୍ତରରେ ମୁକ୍ତିଲାଭ କରିବାକୁ ଯାଉଛି। ଏହା ପୂର୍ବରୁ ସୋମବାର ଭୁବନେଶ୍ୱରର ଏକ ତାରକା ହୋଟେଲରେ ଉକ୍ତ ସିନେମାର ଅଡିଓ ରିଲିଜ ହୋଇଯାଇଛି। ସେହିଭଳି ଉକ୍ତ ସିନେମାରେ ୩ଟି ପ୍ରମୁଖ ଗୀତ ରହିଛି ଏବଂ ବରିଷ୍ଠ କଳାକାର ଡ. ନିର୍ମଳ ନାୟକ ସେ ସବୁ ଗୀତ ରଚନା କରିଥିବା ବେଳେ ପ୍ରଶାନ୍ତ ପାଢୀଙ୍କ ବଳିଷ୍ଠ ସଙ୍ଗୀତ ନିର୍ଦ୍ଦେଶନାରେ ବିଷ୍ଣୁ ମୋହନ କବି, ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ, ସୋହିନୀ ମିଶ୍ର, ତାରିକ ଅଜିଜ ଓ ସ୍ୱସ୍ତିକ ପ୍ରମୁଖ କଣ୍ଠଦାନ କରିଛନ୍ତି। ଅପରପକ୍ଷରେ ଉକ୍ତ ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ପାରିବାରିକ ଏବଂ ଗାଁର କାହାଣୀକୁ ନେଇ ଆଗେଇଛି। ଉଲ୍ଲେଖଯୋଗ୍ୟ ଯେ ଉକ୍ତ ସିନେମାର ନାୟକ ଶଙ୍କର ଉପରେ ମହାଦେବଙ୍କ ଆଶୀର୍ବାଦ ରହିଛି। ଏପରିକି ପ୍ରତ୍ୟେକ ସୋମବାର ନାୟକ ଶଙ୍କର ଦେହରେ ଅଦ୍ଭୁତ ଐଶ୍ୱରୀୟ ଶକ୍ତି ପ୍ରାପ୍ତ ହୋଇଥାଏ, ଯାହା ସାଧାରଣ ମଣିଷ କେବେ ବି ଭାବି ପାରେନି। ତାହା ସେ କରିପାରେ। ତେଣୁ ଶଙ୍କର ଗାଁର ଛୋଟ ଠୁ ବଡ ସମସ୍ତଙ୍କର ଅତି ଆପଣାର ହୋଇଥାଏ ତେବେ ଶଙ୍କରର ଲୋକପ୍ରିୟତାକୁ ସହି ପାରନ୍ତିନି ସେହି ଗାଁର ଜମିଦାର ଅବିନାଶ ବାବୁ। ଶଙ୍କରର ବିନାଶ ପାଇଁ ଜମିଦାର ନାନା ଉପାୟ ଚିନ୍ତା କରନ୍ତି, ଜମିଦାରଙ୍କ ଝିଅ ପ୍ରତ୍ନତତ୍ତ୍ୱ ଗବେଷଣାରତ ଥିବା ବେଳେ ସେଇ ଆଳରେ ଜମିଦାର ଗାଁ ମନ୍ଦିର ଜମି ହଡପ କରିବାକୁ ଅବିନାଶ ବାବୁ ଚେଷ୍ଟା କରନ୍ତି। ଯେଉଁଥିରେ ବାଧକ ସାଜେ ଶଙ୍କର। ତେବେ ରୋମାଞ୍ଚକର କାହାଣୀକୁ ନେଇ ଆଗକୁ ସିନେମା ଗତିଶୀଳ ହେଉଛି। ଅନ୍ୟାୟର ଆୟୁଷ କେତେ ଓ ଅବିନାଶ-ଶଙ୍କରର ଛକାପଞ୍ଝାର ପରିଣତି କ'ଣ ହେବ ତାହା ସିନେମା ଦେଖିଲେ ଜାଣିହେବ। କାହାଣୀକାର ଅଛନ୍ତି ଚିନ୍ମୟ ଦାସ ପଟ୍ଟନାୟକଙ୍କ 'ପାରି କରିବେ ଭୋଳା ଶଙ୍କର'ଫିଲ୍ମର ନିର୍ଦ୍ଦେଶନା ମୃତ୍ୟୁଞ୍ଜୟ ସାହୁ ଦେଇଥିବା ବେଳେ ଅଜୟ ରାଉତ ପ୍ରଯୋଜନା ଭାର ହାତକୁ ନେଇଛନ୍ତି।

University of California Davis ରୁ Ph.D ଲାଭ



ଡ. ସମ୍ବିତ କୁମାର ଶୁକ୍ଳ, ବ୍ରହ୍ମପୁର ନିବାସୀ ଶ୍ରୀ ଜ୍ଞାନଚାନ୍ଦ ଶୁକ୍ଳ ଓ ସୁମନା ପତିଙ୍କ ସୁପୁତ୍ର ଏବଂ ଶ୍ରୀ ଚନ୍ଦ୍ର ଶେଖର ସାହୁ (Berhampur M.P) ଓ ଲୀଳା ସାହୁଙ୍କ ଜାମାତା UC Davis ରୁ Computer Science with a concentration in Cloud System Architecture ରେ (June 2022 Session) Ph.D ଲାଭ କରିଛନ୍ତି। ସେ Prof. Dipak Ghosal ଓ Prof. Mathew Farrens ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ଗବେଷଣା ସନ୍ଦର୍ଭ "Achieving service level objectives for Latency - Critical cloud services by exploiting various forms of Heterogeneity in server clusters". ସେ ଅନୁସନ୍ଧାନ ଓ ପରୀକ୍ଷାକରି ଆବିଷ୍କାର କରିଛନ୍ତି ଯେ କିପରି Cloud Warehouse ରେ ନ୍ୟୁନରୁ ନ୍ୟୁନତମ ଶକ୍ତି ବିନିଯୋଗ କରି growing diversity of servers ରେ ସଫଳ ଭାବରେ କାର୍ଯ୍ୟକାରୀ ହୋଇ ପାରିବ। ଏଥିନିମନ୍ତେ ବିଭିନ୍ନ ନୂତନ ମାର୍ଗ ଦର୍ଶାଇଛନ୍ତି। ସେ Time-Sensitive Cloud based services ସକାଶେ ଏକ high user experience quality ର ନୂତନ ମାର୍ଗ ପ୍ରସ୍ତାବ ଓ ପ୍ରଦର୍ଶନ ଦୃଢ଼ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କର ଗବେଷଣା ବହୁବିଧି Computer Science ର ବିଭିନ୍ନ ପରିସର ଯଥା Computer Architecture, Operating System, Computer Networking, Distributed Computing and Machine Learning ର ଶିଳ୍ପ କୌଶଳକୁ ଆକର୍ଷଣ କରେ। ତାଙ୍କର ଗବେଷଣା ଲବ୍ଧଜ୍ଞାନ କୌଶଳ ପ୍ରୟୋଗକରି ଭବିଷ୍ୟତରେ Tele-robotics, Autonomous Vehicular Traffic Management, Personalized Search, Virtual Reality ଓ Online Gaming Platforms ରେ ସଫଳ ଭାବରେ ଉପଯୋଗ ହୋଇପାରିବ। ଏହା ପୂର୍ବରୁ ସେ ୩ ବର୍ଷ Samsung Research America ରେ କାର୍ଯ୍ୟରତ ଥିଲେ। Master Degree in Computer Science, University of California at Riverside ରୁ କରିଥିଲେ। National Institute of Technology (NIT), Rourkela 2008 Batch ର University Gold Medalist ଛାତ୍ର ଥିଲେ ଓ B.Tech Degree in Computer Science and Engineering ଲାଭ କରିଥିଲେ। ବ୍ରହ୍ମପୁରର St.Vincent's School ର ଛାତ୍ର ଥିଲେ ଓ Khallikote Junior College ରୁ Higher Secondary Education ପାଶ କରିଥିଲେ। ଏହି ଉପାଧିର ସଫଳତା ପଛରେ ତାଙ୍କର ଶ୍ରେୟ ସହଧର୍ମିଣୀ ମେରୀ ସାହୁ, ପିତା ମାତା, ଶାଶୁ ଶ୍ୱଶୁର, ଭଉଣୀ ନୁରୀ ସାହୁ ଓ ସୁଶ୍ରୀ ସାହୁ ଏବଂ ସମସ୍ତ ପରିବାରଙ୍କୁ ଦେଇଛନ୍ତି। ଡ଼. ଶୁକ୍ଳ ଭବିଷ୍ୟତରେ ନିଜର ଜନ୍ମମାଟି ଓଡିଶାକୁ ଫେରିଆସି ନିଜର ଅର୍ଜିତ ଜ୍ଞାନ କୌଶଳ ଦ୍ୱାରା ବୈଷୟିକ ଜ୍ଞାନ ଆହରଣ ଓ ସାମାଜିକ ଉନ୍ନତି ସାଧନ କରିବା ନିମନ୍ତେ ଉଚ୍ଚ ଅଭିଳାଷ ରଖିଛନ୍ତି।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଏମ୍‌ସି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




ଭୁବନେଶ୍ୱର,୩୧।୧୦

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଏମସିର ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ ଦେବେନ୍ଦ୍ର କୁମାର ନନ୍ଦଙ୍କ ସଂଯୋଜନାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଏମସିର ବିତ୍ତ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ କମ୍ପାନୀର ମାନବ ସମ୍ବଳ ନିର୍ଦ୍ଦେଶକ ଆଲୋକ କୁମାର ପାଳ, ପ୍ରକଳ୍ପ ଓ ଯୋଜନା ନିର୍ଦ୍ଦେଶକ କ୍ଷୀରୋଦ ଚନ୍ଦ୍ର ବ୍ରହ୍ମ, କାର୍ମିକ ଓ ପ୍ରଶାସନ ମହାପ୍ରବନ୍ଧକ ଅଶୋକ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଅନ୍ୟ ପ୍ରମୁଖ ଅଧିକାରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ନୀତି ନିବାରଣ ନିମିତ୍ତ ଶପଥ ପାଠ କରିଥିଲେ।

ଏ ସମ୍ପର୍କରେ ଓଏମସିର ବିତ୍ତ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ଦୁର୍ନୀତିକୁ ଏକ ସାମାଜିକ ବ୍ୟାଧି ବୋଲି ବର୍ଣ୍ଣନା କରିବା ସହ ଏହାର ନିରାକରଣ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ସେହିଭଳି ମାନବ ସମ୍ବଳ ନିର୍ଦ୍ଦେଶକ ଆଲୋକ କୁମାର ପାଳ କହିଥିଲେ ଯେ ଦୁର୍ନୀତିକୁ ପ୍ରଶମିତ କରିବା ଅନିବାର୍ଯ୍ୟ ଅଟେ। ସେହିପରି ପ୍ରକଳ୍ପ ଓ ଯୋଜନା ନିର୍ଦ୍ଦେଶକ କ୍ଷୀରୋଦ ଚନ୍ଦ୍ର ବ୍ରହ୍ମ କହିଥିଲେ ଯେ ଲୋଭ ପରିହାର କରି ସଚ୍ଚୋଟପଣିଆକୁ ଆଦରି ନେଲେ ସମାଜରେ ପରିବର୍ତ୍ତନ ଆସିପାରିବ। ଅପରପକ୍ଷରେ ଓଏମସିର କାର୍ମିକ ଓ ପ୍ରଶାସନ ମହାପ୍ରବନ୍ଧକ ଅଶୋକ କୁମାର ବେହେରା ଚଳିତ ବର୍ଷର ବାର୍ତ୍ତା ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ଖଣି ନିଗମର ମୁଖ୍ୟ କାର୍ଯ୍ୟାଳୟ ସମେତ ବିଭିନ୍ନ କ୍ଷେତ୍ରୀୟ କାର୍ଯ୍ୟାଳୟରେ ମଧ୍ୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ସୂଚନାଯୋଗ୍ୟ ଯେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଭାରତରତ୍ନ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ତିଥି ପାଳନ ଅବସରରେ ସମଗ୍ର ଦେଶରେ କେନ୍ଦ୍ର ଭିଜିଲାନ୍ସ କମିଶନଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ 'ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ବିଶ୍ୱନାଥ ଗାରଡ଼ିଆ
(ଅବସରପ୍ରାପ୍ତ ଶିକ୍ଷକ)
ଦୁର୍ଗାପୁର, ବାରବାଟୀ, ରସୁଲପୁର ବ୍ଲକ୍, ଜି- ଯାଜପୁର
ଆବିର୍ଭାବ-୧୪।୧୧।୧୯୪୬
ତିରୋଧାନ- ୨୨।୧୦।୨୦୨୨
ଆପଣଙ୍କ ପରଲୋକରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ଆଶିଷ ଏକାନ୍ତ କାମ୍ୟ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଭକ୍ତିପୂତ ପ୍ରାର୍ଥନା। **ଶୋକସନ୍ତପ୍ତ:** ସ୍ତ୍ରୀ: କନକଲତା, ପୁଅ: କାର୍ତ୍ତିକ, ବୋହୂ: ଲକ୍ଷ୍ମୀ, ଝିଅ: ମାନସୀ, ଅନ୍ନପୂର୍ଣ୍ଣା, ସୋନୁ, ଜ୍ୱାଇଁ: ଅଜୟ, ଜୟ ପ୍ରକାଶ, ଭାଇ: କୁଶମଣି, କେଶବ, ଋଷିମଣି, ରାମଚନ୍ଦ୍ର, ପୁତୁରା: ମନୁଆ, ପବିତ୍ର, ମଧୁ, ପାଗା, ପାଉ, ଚାନ୍ଦ, ବାଟୁ, ନାଲୁ, ମିଟୁ, ନାତିନାତୁଣୀ: ବିସ୍ମୟ, ବୁନୁ, ମୁନୁ, ଇତିଶ୍ରୀ, ଶୁଭଶ୍ରୀ, ଋତୁପର୍ଣ୍ଣା, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୮୯୮

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି
ସ୍ୱାମୀ– ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ।
ଧ-୧୮୯୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରବୀନ୍ଦ୍ରନାଥ ମହାପାତ୍ର
ଯଯାତିକେଶରୀ କ୍ଲବ, ଲେବର୍ ଟେନାମେଣ୍ଟ, ଚାରିବାଟିଆ, ଚୌଦ୍ୱାର
ଆବିର୍ଭାବ: ୦୮।୦୪।୧୯୪୧
ତିରୋଧାନ: ୨୨।୧୦।୨୦୨୨
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଇତି: ହତଭାଗ୍ୟ ପୁତ୍ର: ଅନନ୍ତ କିଶୋର ମହାପାତ୍ର ଏବଂ ପରିବାର ଓ ବନ୍ଧୁବର୍ଗ।
ଧ-୧୮୬୨

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଆଦିତ୍ୟ ତ୍ରିପାଠୀ
ବିନାୟକ ନଗର , କଟକ
ଆବିର୍ଭାବ : ୧୦.୦୮.୧୯୪୯
ତିରୋଧାନ : ୨୨.୧୦.୨୦୨୨
ଆପଣଙ୍କ ଆଦର୍ଶ , ତ୍ୟାଗ , ନିଷ୍ଠା , ଶ୍ରଦ୍ଧା ଓ ସମୟାନୁବର୍ତ୍ତିତା ଆମ ମାନଙ୍କ ପାଇଁ ଚିରଦିନ ଉଦାହରଣ ହୋଇ ରହିବ । ଆପଣଙ୍କ ଅମର ଆତ୍ମା ର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ ।
- ଶୋକସନ୍ତପ୍ତ -
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୮୬୯

# ସ୍ମରଣ ଶକ୍ତି ବଢ଼ାଏ

**ସ୍ମୃତିଶକ୍ତି ବୃଦ୍ଧି ପାଇଁ ଅନେକେ ବିଭିନ୍ନ ପ୍ରକାର ଔଷଧ ଖାଇଥା'ନ୍ତି। କିନ୍ତୁ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇ ପ୍ରାକୃତିକ ଉପାୟରେ ବି ନିଜ ସ୍ମରଣଶକ୍ତିକୁ ବୃଦ୍ଧି କରିହେବ। ତେଣୁ ଜାଣି ରଖନ୍ତୁ କେଉଁସବୁ ଖାଦ୍ୟ ଖାଇଲେ ସ୍ମୃତିଶକ୍ତି ବୃଦ୍ଧିପାଇବ...**



**ପେସ୍ତାବାଦାମ (ଆଲମଣ୍ଡ):** ପେସ୍ତାବାଦାମରେ ଭିଟାମିନ୍ ବି-୬, ଭିଟାମିନ୍-ଇ ଭଳି ବିଭିନ୍ନ ପୋଷକ ତତ୍ତ୍ୱ ରହିଛି ଯାହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏଥିରେ ଫାଇବର ଓ ପ୍ରୋଟିନ ଥାଏ ଯାହା ଭୋକ ନିୟନ୍ତ୍ରଣ କରେ ଓ ହଜମ ପ୍ରକ୍ରିୟାକୁ ଠିକ୍ କରେ। ତେବେ ସବୁବେଳେ ଭିଜା ହୋଇଥିବା ପେସ୍ତାବାଦାମ ଖାଆନ୍ତୁ।

**ଆଖରୋଟ:** ମସ୍ତିଷ୍କ ପାଇଁ ଅଖରୋଟକୁ ସୁପରଫୁଡ କୁହାଯାଏ।



ଆଖରୋଟରେ ଓମେଗା-୩ ଏସିଡ ରହିଛି ଯାହା ମସ୍ତିଷ୍କ ନିମନ୍ତେ ବହୁତ ଫାଇଦା ଆଣିଥାଏ।

**ଅଳସୀ ଓ କଖାରୁ ମଞ୍ଜି:** ଅଳସୀ ଓ କଖାରୁ ମଞ୍ଜିରେ ଭିଟାମିନ୍ କେ, ଏ, ସି, ବି୬, ଆଇରନ୍, ଜିଙ୍କ ଆଦି ରହିଛି। ତେଣୁ ଏହା ସ୍ମରଣଶକ୍ତି ବୃଦ୍ଧି କରିବାରେ ବହୁତ ସାହାଯ୍ୟ କରିଥାଏ।

**କାଜୁ:** କାଜୁ ମଧ୍ୟ ସ୍ମରଣ ଶକ୍ତି ବୃଦ୍ଧି କରାଇବାରେ ସାହାଯ୍ୟ କରିଥାଏ। କାଜୁରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଓ ଭିଟାମିନ୍ ସି' ରହିଛି। ତେଣୁ ପ୍ରତିଦିନ କାଜୁ ଖାଇବା ଫଳରେ ମନେରଖିବା କ୍ଷମତା ବଢ଼ିଥାଏ।

# ଅଫିସ ଯିବା ପୂର୍ବରୁ...



**ଡ୍ରେସିଂ ସେନ୍ସ ହିଁ ଜଣଙ୍କର ପର୍ସନାଲିଟିକୁ ଦର୍ଶାଇ ଥାଏ। ତେଣୁ ଅଫିସରେ ସ୍ମାର୍ଟ ପର୍ସନାଲିଟି ସଫଳତା ପାଇବାରେ ସାହାଯ୍ୟ କରିଥାଏ। ତେଣୁ ଏଭଳି ଲୁକ୍ ପାଇଁ ଅଫିସ ଯିବା ସମୟରେ କିଛି ଦିଗପ୍ରତି ଧ୍ୟାନ ଦିଅନ୍ତୁ...**

➤ଅଫିସ ଯିବାବେଳେ କାଜୁଆଲ୍ ଲୁକ୍ ଦେଉଥିବା ପୋଷାକ ପିନ୍ଧନ୍ତୁ ନାହିଁ। ବରଂ ପ୍ରଫେଶନାଲ୍ ଲୁକ୍ ଦେଉଥିବା ପୋଷାକ ପିନ୍ଧନ୍ତୁ। ଅବଶ୍ୟ ସପ୍ତାହକୁ ଥରେ କିମ୍ବା ଦୁଇଥର କାଜୁଆଲ୍ ଲୁକ୍‌ରେ ଗଲେ ଚଳିବ।

➤ଅଫିସ ଯିବାବେଳେ ଆପଣ ନିଜକୁ ଠିକ୍ ଫିଟିଂ ହେଉଥିବା ଆରାମଦାୟକ ପୋଷାକ ପିନ୍ଧନ୍ତୁ। ପୋଷାକ ଭଲ ଫିଟିଂ ହୋଇଥିଲେ ଆପଣଙ୍କୁ ପ୍ରେଜେଣ୍ଟେବୁଲ୍ ଲାଗିଥାଏ। ତେଣୁ ବଡି ଟାଇପ୍‌ର ପୋଷାକ ପିନ୍ଧିଲେ ଆରାମଦାୟକ ହେବା ସହିତ ଆତ୍ମବିଶ୍ୱାସ ବଢ଼ାଇଥାଏ। ଅନ୍ୟକୁ ଦେଖି କୌଣସି ପ୍ରକାରର ଟ୍ରେଣ୍ଡ ଅନୁସରଣ କରନ୍ତୁ ନାହିଁ। ହୁଏତ ଏହା ଆପଣଙ୍କୁ ଭଲ ଲାଗିବ ନାହିଁ।

➤ଅଫିସରେ ପିନ୍ଧିବା ପାଇଁ ଏଭଳି କପଡ଼ା ବାଛନ୍ତୁ ଯାହା ଆପଣଙ୍କ ଆତ୍ମବିଶ୍ୱାସକୁ ବଢାଉଥିବ। ତେଣୁ ଜିନ୍ସ ହେଉ ବା ଶାଢ଼ି ଅବା ସୁଟ୍ ନିଜ ପସନ୍ଦ ଅନୁସାରେ ପିନ୍ଧନ୍ତୁ।

➤କେବଳ ପୋଷାକ ନୁହେଁ ଆପଣଙ୍କୁ ଜୋତା ପିନ୍ଧିବା ଉପରେ ମଧ୍ୟ ଧ୍ୟାନ ଦେବାକୁ ହେବ। ତେଣୁ ଭଲ କ୍ୱାଲିଟି ଓ ପିନ୍ଧିବାକୁ ଆରାମ ଲାଗୁଥିବା ଜୋତା ହିଁ ପିନ୍ଧନ୍ତୁ। ପୋଷାକକୁ ମ୍ୟାଚ କରି ଜୋତା ପିନ୍ଧିଲେ ମଧ୍ୟ ଭଲ ଲାଗିବ।

ଖାଦ୍ୟରୁଚି

# ଜିଲାପି



**ଆବଶ୍ୟକ ସାମଗ୍ରୀ-**
ମଇଦା- ୧ କପ୍, ବେକିଂ ପାଉଡର- ଅଧା ଚାମଚ, କର୍ନଫ୍ଲୋର- ୧ ଚାମଚ, ହଳଦିଆ ରଙ୍ଗ- ଅଳ୍ପ, ଛାଣିବା ପାଇଁ ତେଲ କିମ୍ବା ଘିଅ, ଆବଶ୍ୟକ ଅନୁସାରେ ପାଣି।
ସିରା ନିମନ୍ତେ- ଚିନି- ୩ କପ୍, ପାଣି- ୩ କପ୍

**ପ୍ରସ୍ତୁତି ପ୍ରଣାଳୀ-**
ପ୍ରଥମେ ଏକ ବଡ଼ ପାତ୍ରରେ ମଇଦା ନେଇ ସେଥିରେ ବେକିଂ ପାଉଡର, କର୍ନଫ୍ଲୋର ଓ ପାଣି ମିଶାଇ ଏକ ଘୋଳ ତିଆରି କରନ୍ତୁ। ଘୋଳକୁ ଅଧିକ ପତଳା କରନ୍ତୁ ନାହିଁ। ଏହି ଘୋଳରେ ୨ ବଡ଼ ଚାମଚ ଦହି ମିଶାନ୍ତୁ। ଏଥିରେ ହଳଦିଆ ରଙ୍ଗ ମିଶାଇ ଭଲଭାବେ ଗୋଳାଇ କିଛି ସମୟ ଘୋଡ଼ାଇ ରଖିଦିଅନ୍ତୁ। ଏହି ସମୟରେ ପାଣି ଗରମ କରି ସେଥିରେ ଚିନି ପକାଇ ସିରା ପ୍ରସ୍ତୁତ କରି ରଖନ୍ତୁ। ସିରାକୁ ମଧ୍ୟ ଅଧିକ ପତଳା କରନ୍ତୁ ନାହିଁ କିମ୍ବା ଅଧିକ ବହଳିଆ କରନ୍ତୁ ନାହିଁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ଜିଲାପି ପାଇଁ ପ୍ରସ୍ତୁତ ଥିବା ଘୋଳରେ ଏକ ସଫା ସୂତା କପଡ଼ା ପକାନ୍ତୁ। ତେଲ ଗରମ ହେବା ପରେ ଘୋଳରେ ଥିବା ସୂତା କପଡ଼ାକୁ ଆଣି ଜିଲାପି ଆକାରରେ ପକାନ୍ତୁ। ଏହା ପରେ ଜିଲାପିକୁ ଓଲଟାଇ ବାହାର କରି ସିରାରେ ପକାଇ କାଢି ଦିଅନ୍ତୁ। ଏବେ ପ୍ରସ୍ତୁତ ଜିଲାପିକୁ ଗରମ ଗରମ ପରଷି ଦିଅନ୍ତୁ।

ସୌନ୍ଦର୍ଯ୍ୟ

# ଟମାଟୋ ଫେସିଆଲ୍

**ଘରେ ପ୍ରାକୃତିକ ଫେସିଆଲ ଲଗାଇ ଆପଣ ସଙ୍ଗେ ସଙ୍ଗେ ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇପାରିବେ। ତେବେ ଇନଷ୍ଟାଣ୍ଟ ଗ୍ଲୋ ପାଇଁ ଘରେ କରନ୍ତୁ ଟମାଟୋ ଫେସିଆଲ୍...**







■ଯେକୌଣସି ପ୍ରକାର ଫେସିଆଲ୍ କରିବା ପୂର୍ବରୁ ମୁହଁକୁ ପ୍ରଥମେ ଭଲଭାବେ ସଫା କରନ୍ତୁ। ତ୍ୱଚାକୁ ସଫା କରିବା ପାଇଁ ମଧ ଟମାଟୋ ବ୍ୟବହାର କରିହେବ। ପାଚିଲା ଟମାଟୋକୁ ମୁହଁରେ ଭଲଭାବେ ଘଷନ୍ତୁ ଓ ଶୁଖିବା ପରେ ଧୋଇ ଦିଅନ୍ତୁ। ଏହାପରେ ଫେସିଆଲ୍ କରନ୍ତୁ।

■ଟମାଟୋ ଫେସିଆଲ୍ ତିଆରି କରିବା ପାଇଁ ପ୍ରଥମେ ଟମାଟୋ ପେଷ୍ଟ ତିଆରି କରନ୍ତୁ। ଏହାପରେ ୨ ଚାମଚ ଟମାଟୋ ପେଷ୍ଟ ସହିତ ଅଧା ଚାମଚ ଲେମ୍ବୁ ରସ, ୨ ଚାମଚ ଦହି ଓ ୧ ଚାମଚ ବେସନକୁ ଭଲଭାବେ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁ ଏବଂ ବେକରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରଖି ଧୋଇ ଦିଅନ୍ତୁ। ଏହି ଫେସିଆଲ୍ କରି ସାରିବା ପରେ ମୁହଁରେ ମଶ୍ଚରାଇଜର କିମ୍ବା ଲୋସନ ନିଶ୍ଚୟ ଲଗାନ୍ତୁ। ଆଲୋଭେରା ଜେଲ୍‌କୁ ମଧ୍ୟ ମଶ୍ଚରାଇଜର ଭଳି ଲଗାଇ ପାରିବେ।

■ଟମାଟୋ ଫେସିଆଲ୍ କରିବା ଫଳରେ ମୁହଁରେ ଟାନିଂ, ବ୍ରଣ କିମ୍ବା ତ୍ୱଚାର କୁଞ୍ଚନ ଭଳି ସମସ୍ୟା ଧୀରେ ଧୀରେ କମ୍ ହୋଇଯିବ। ତେଣୁ ତ୍ୱଚା ଅଧିକ ଗ୍ଲୋ କରିବ। ସପ୍ତାହରେ ଏହି ଫେସିଆଲ୍‌କୁ ୨ରୁ ୩ ଥର କରିପାରିବେ।

# ସ୍ୱୟଂସମ୍ପୂର୍ଣ୍ଣା







**ମାଟି ସହ ମାଟି ହୋଇପାରେ ବୋଲି ସେ ମା'। ପରିବାର ପ୍ରତିପୋଷଣ ପାଇଁ ସେ ଆପଣେଇ ନେଇଛି ମୃତ୍ତିକା କଳାକୁ। ଗୋଟିଏପଟେ ପରିବାର ଆଉ ଅନ୍ୟପଟେ ବ୍ୟବସାୟ କରି ନିଜକୁ ସ୍ୱୟଂସମ୍ପୂର୍ଣ୍ଣ କରିପାରିଛି। ମାଟିରେ ପାରମ୍ପରିକ ଆଉ ଆଧୁନିକ ଡିଜାଇନ୍‌ର ବିଭିନ୍ନ ସାମଗ୍ରୀ ତିଆରି କରି ବ୍ୟବସାୟ କରିବା ସହିତ ସୃଷ୍ଟି କରିପାରିଛି ନିଜର ସ୍ୱତନ୍ତ୍ର ପରିଚୟ...**

ପରିବାର ଲୋକଙ୍କୁ ଖୁସିରେ ରଖିବା ପାଇଁ ସଳିତା ହୋଇ ଜଳିବାକୁ ନିଜ ସୌଭାଗ୍ୟ ମନେକରେ ନାରୀଟିଏ। ସେଥିପାଇଁ ତ ଅନେକେ ଏବେ ପେଟପାଟଣା ପାଇଁ ଘରୁ ଗୋଡ଼ କାଢ଼ିଛନ୍ତି। ମୃତ୍ତିକା କଳା ମାଧ୍ୟମରେ ନିଜ ସାମର୍ଥ୍ୟକୁ ପ୍ରମାଣ କରିଛନ୍ତି ଏମିତି ଅନେକ।

**ବିବାହ ପରେ ବୃତ୍ତି:** ତାଙ୍କ ହାତର ସ୍ପର୍ଶରେ ମାଟି ବି କଥାକହେ। କେବେ ସୁନ୍ଦର ଖେଳନାଟିଏ ହୋଇ ତ କେବେ ପୁଣି ରୋଷେଇ ଘରର ବିଭିନ୍ନ ଆସବାବପତ୍ର ଆଉ କେବେ ପୂଜାଘରର ବିଭିନ୍ନ ଜିନିଷ ବି ସେ ବେଶ୍ ସୁନ୍ଦରଭାବେ ତିଆରି କରିପାରନ୍ତି। ଏମିତି ଏକ ବୃତ୍ତିକୁ ଆପଣାଇ ଏବେ ବେଶ୍ ଭଲ ରୋଜଗାର କରି ପାରୁଛନ୍ତି ବଲାଙ୍ଗୀରର ପୁଷ୍ପା ରଣା। ପାଟଣାଗଡ଼ ବ୍ଲକର ଗେର୍‌ଡା ଗାଁରେ ରହନ୍ତି ପୁଷ୍ପା। କିନ୍ତୁ ରାଜ୍ୟର ବିଭିନ୍ନ ଜିଲାରେ ଆୟୋଜିତ ହେଉଥିବା ପ୍ରଦର୍ଶନୀରେ ନିଜ ହସ୍ତଶିଳ୍ପ ସାମଗ୍ରୀକୁ ବିକ୍ରି କରିଥାନ୍ତି। ବିଭିନ୍ନ ଡିଜାଇନ୍ ମାଟିଦୀପ ସହିତ ମାଟି ହାଣ୍ଡି, ମାଟିର କପ୍, ପ୍ଲେଟ୍ ଓ ଘରସଜ୍ଜା ସାମଗ୍ରୀ ଏମିତି କେତେ କ'ଣ ଅତି ସୁନ୍ଦର ଡିଜାଇନ୍‌ରେ ସେ ତିଆରି କରିଥା'ନ୍ତି। ସେଥିପାଇଁ ତ ତାଙ୍କ ହସ୍ତଶିଳ୍ପର ବେଶ୍ ଆଦର ରହିଛି। ଆଉ ଏସବୁ ମାଧ୍ୟମରେ ସେ ଭଲ ରୋଜଗାର କରି ଆତ୍ମସନ୍ତୋଷ ପାଇ ପାରୁଛନ୍ତି।

ବିବାହ ପରେ ପୁଷ୍ପା ଏଇ କାମ ଆରମ୍ଭ କରିଥିଲେ। ପ୍ରଥମେ କେବଳ ମାଟିଦୀପ ଓ ହାଣ୍ଡି ତିଆରି କରୁଥିଲେ। କିନ୍ତୁ ମାଟିର ବିଭିନ୍ନ ହସ୍ତଶିଳ୍ପ ପାଇଁ ଗାଁରେ ତାଲିମ ଦିଆଯାଉଛି ଜାଣିବା ପରେ ସେ ତାଲିମ ନେଇଥିଲେ। ଏହାପରେ ତାଲିମ ନେଇ ଏବେ ମାଟିରେ ସବୁ କିଛି ଗଢି ପାରୁଛନ୍ତି। ଏହି ପେସାକୁ ଏବେ ସେ ଲାଭଜନକ ମାଧ୍ୟମ କରି ପାରିଛନ୍ତି। ଏବେ ତାଙ୍କ ପରିବାରର ସମସ୍ତେ ଏହି ବୃତ୍ତିକୁ ଆପଣାଇ ନେଇଛନ୍ତି। ପିଲାମାନେ ପାଠ ପଢୁଛନ୍ତି, ସେମାନେ ବି ଫୁରସତରେ କେବେ କେବେ ଖୁସିରେ ଏହି କାମ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଏମିତି ଏକ ବୃତ୍ତିକୁ ଆପଣାଇ ପୁଷ୍ପା ଏବେ ତାଙ୍କ ପରିବାର ପାଇଁ ପାଲଟିଛନ୍ତି ଆଲୋକବର୍ତ୍ତିକା।

*-ପୁଷ୍ପା ରଣା, ବଲାଙ୍ଗୀର*

**ସବୁବେଳେ ତିଆରି କରନ୍ତି:** ମାଟିକୁ ନୂଆ ନୂଆ ରୂପ ଦେଇ ସଜେଇବାରେ ସେ ଯେମିତି ମଗ୍ନ ହେଇଯାନ୍ତି। ସେଥିପାଇଁ ତ ମାଟିରେ ବି ସେ ଭରି ଦିଅନ୍ତି ପ୍ରାଣ। ମାଟିରେ ଏମିତି ଜୀବନ୍ତ କଳାକୁ ରୂପ ଦେଇ ରୋଜଗାରକ୍ଷମ ହୋଇ ପାରିଛନ୍ତି କେନ୍ଦ୍ରାପଡ଼ାର ନିରୁପମା ବେହେରା। ପଟ୍ଟାମୁଣ୍ଡାଇ ବ୍ଲକର ଓଉପଦାରେ ତାଙ୍କ ଘର। କୌଳିକ ବୃତ୍ତିକୁ ଆପଣାଇ ସେ ମାଟିରେ ହାଣ୍ଡି ମାଠିଆ ଗଢିବା କାମ ଶିଖି ପାରିଥିଲେ। କିନ୍ତୁ ମାଟିରେ ବି ସୁନ୍ଦର କଳା ରୂପ ନେଇପାରେ ଏକଥା ସେ ଜାଣିପାରିଲେ ଯେତେବେଳେ ସେ ଟ୍ରେନିଂ ନେଇଥିଲେ। ଆଉ ଟ୍ରେନିଂ ସରିବାପରେ ୨୦୦୬ ମସିହାରୁ ସେ ଏହି କାମ କରି ରୋଜଗାରକ୍ଷମ ହୋଇପାରିଛନ୍ତି।

ଏବେ ଦୀପାବଳି ସମୟରେ ସୁନ୍ଦର ଡିଜାଇନ୍ ଦୀପ ସାଙ୍ଗକୁ ଫୁଲଦାନି, ଖେଳନା ଆଉ ଆକର୍ଷଣୀୟ ଘରସଜ୍ଜା ସାମଗ୍ରୀ ସବୁ ତିଆରି କରୁଛନ୍ତି। ତାଙ୍କ ହାତତିଆରି ଏସବୁ ମାଟି ଜିନିଷର ଚାହିଦା ଏବେ ଢେର୍ ବୃଦ୍ଧି ପାଇଛି। ସେଥିପାଇଁ ତ ସ୍ୱାମୀଙ୍କ ସହ ମିଶି ସେ ଏହି କଳାକୁ ଆପଣାଇ ନେଇଛନ୍ତି। ବର୍ଷତମାମ ତ ସେ ମାଟିର ବିଭିନ୍ନ ଜିନିଷ ତିଆରି କରିଥାନ୍ତି। ଆଉ କେବେ ରାଜ୍ୟର ବିଭିନ୍ନ ପ୍ରଦର୍ଶନୀରେ ନିଜ ସାମଗ୍ରୀ ବିକ୍ରି କରନ୍ତି ତ କେବେ ପାଖ ଗାଁରେ ମଧ୍ୟ ବିକ୍ରି କରିବାର ସୁଯୋଗ ପାଇଥାନ୍ତି। ଅନେକ ସମୟରେ ବ୍ୟବସାୟୀମାନେ ବରାଦ ଦେଇ ତାଙ୍କ ଘରକୁ ଆସି ବିଭିନ୍ନ ସାମଗ୍ରୀ କିଣି ନେଇଥାନ୍ତି। ନିରୁପମାଙ୍କ କହିବା ଅନୁସାରେ ବିକ୍ରି କରିବା ପାଇଁ ସେ କେବେ ଚିନ୍ତା କରନ୍ତି ନାହିଁ କିନ୍ତୁ ବର୍ଷର ସବୁ ସମୟରେ ସେ ମାଟିର ବିଭିନ୍ନ ଜିନିଷ ତିଆରି କରୁଥାନ୍ତି। ସମୟ ଆସିଲେ ସବୁ ବିକ୍ରି ହୋଇଯାଏ।

*-ନିରୁପମା ବେହେରା, କେନ୍ଦ୍ରାପଡ଼ା*

**ରୋଜଗାରକ୍ଷମ ହୋଇଛି ବୋଲି ଖୁସି ଲାଗୁଛି:** ନିଜେ ରୋଜଗାର କରି ପରିବାରକୁ ସାହାଯ୍ୟ କରିପାରିଲେ ପ୍ରତ୍ୟେକ ନାରୀ ବହୁତ ଖୁସି ହୋଇଥାନ୍ତି। ଠିକ୍ ଏମିତି ଅନୁଭବ କରି ଏବେ ବେଶ୍ ଆତ୍ମସନ୍ତୋଷ ପାଇଛନ୍ତି ଯାଜପୁର ଧର୍ମଶାଳା ବ୍ଲକ ମଙ୍ଗରାଜପୁର ଗାଁର ପାର୍ବତୀ ବେହେରା। ସୁଦୂର ମଫସଲ ଗାଁର ଏହି ମହିଳା ଏବେ ଜଣେ ସଫଳ ବ୍ୟବସାୟୀ। ମୃତ୍ତିକା କଳାକୁ ଆପଣାଇ ସ୍ଥାନୀୟ ଅଞ୍ଚଳରେ ସେ ସୃଷ୍ଟି କରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ।

ମାଟିରେ ଭଳିକି ଭଳି ସାମଗ୍ରୀ ତିଆରି କରି ସେ ଏବେ ଗାଁ ବାହାରେ ବି ବିକ୍ରି କରି ପାରୁଛନ୍ତି। ଦୀପାବଳି ଆସିଲେ ସୁନ୍ଦର ଡିଜାଇନ୍‌ରେ ସେ ତିଆରି କରନ୍ତି ମାଟି ଦୀପ। ଆଉ ତା' ସାଙ୍ଗକୁ ଘର ସଜ୍ଜା ପାଇଁ ଫୁଲଦାନିଠାରୁ ଆରମ୍ଭ କରି ବିଭିନ୍ନ ଡିଜାଇନରେ ରଙ୍ଗିନ ଆସବାବପତ୍ର ବି ତିଆରି କରୁଛନ୍ତି। ଲୋକଙ୍କ ଚାହିଦା ମୁତାବକ ସବୁ ପ୍ରକାରର ଜିନିଷ ସେ ମାଟିରେ ତିଆରି କରିପାରୁଛନ୍ତି। ତାଙ୍କ କହିବା ଅନୁସାରେ ଏବେ ଲୋକେ ଧୀରେ ଧୀରେ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବାରୁ ମାଟିର ହାଣ୍ଡି, ମାଠିଆ, କପ୍ ପ୍ଲେଟ ଆଦି ବିଭିନ୍ନ ଜିନିଷ ଅଧିକ କିଣିବାକୁ ପସନ୍ଦ କରୁଛନ୍ତି। ତେଣୁ ଏହି ବୃତ୍ତିକୁ ଆପଣାଇ ଏବେ ସେ ପରିବାର ଚଳାଇବାରେ ପ୍ରମୁଖ ଭୂମିକା ନେଇ ପାରିଛନ୍ତି।

*ପାର୍ବତୀ ବେହେରା, ଯାଜପୁର*

**ତାଲିମ ନେବା ପରେ ଭଲ ବ୍ୟବସାୟ:** କୌଳିକ ବୃତ୍ତିରୁ କିଛି କାମ ଶିଖିଥିଲେ ଆଉ କିଛି ଶିଖିଲେ ତାଲିମ ନେବାପରେ। ଏବେ ସେ ମୃତ୍ତିକା କଳାର ଜଣେ ସ୍ୱତନ୍ତ୍ର କାରିଗର। ଏମିତି ଏକ ପରିଚୟ ସୃଷ୍ଟି କରିପାରିଛନ୍ତି ନୟାଗଡ଼ର ପଦ୍ମାବତୀ ମୁଦୁଲି। ନୟାଗଡ଼ ରଣପୁରର ଗଉଡିଆପଡ଼ାରେ ତାଙ୍କ ଘର।

ପ୍ରଥମେ ସେ କେବଳ ହାଣ୍ଡି, ମାଠିଆ ଓ ଦୀପ ତିଆରି କରୁଥିଲେ। କିନ୍ତୁ ଗାଁରେ ଟ୍ରେନିଂ ନେବାପରେ ସେ ମାଟିରୁ ବିଭିନ୍ନ ଡିଜାଇନ୍ ଆସବାବପତ୍ର ତିଆରି ଶିଖିଥିଲେ। ବିବାହ ପରେ ବି ସେ ଏସବୁ କାମ କରି ବେଶ୍ ଭଲ ରୋଜଗାର କରି ପାରୁଛନ୍ତି। ପଦ୍ମାବତୀ କୁହନ୍ତି, ଏବେ ସେ ଗାଁରେ ବି ମାଟିର ସୁନ୍ଦର ଡିଜାଇନ୍ ଜିନିଷ ସବୁ ତିଆରି କରି ବିକ୍ରି କରିବାର ସୁଯୋଗ ପାଉଛନ୍ତି। ଅନେକ ସମୟରେ ବ୍ୟବସାୟୀମାନେ ତାଙ୍କ ପାଖରୁ ବରାଦ କରି ବିଭିନ୍ନ ସାମଗ୍ରୀ କିଣି ନେଇଥାନ୍ତି। କେବେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ତ କେବେ ନିଜସ୍ୱ ଉଦ୍ୟମରେ ବିଭିନ୍ନ ପ୍ରଦର୍ଶନୀ ଓ ମେଳାରେ ନିଜ ସାମଗ୍ରୀକୁ ବିକ୍ରି କରିପାରୁଛନ୍ତି।

*-ପଦ୍ମାବତୀ ମୁଦୁଲି, ନୟାଗଡ଼*


ନିରୁପମା


ପଦ୍ମାବତୀ


ପାର୍ବତୀ


ପୁଷ୍ପା



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧/୨୦୨୨ Bhubaneswar, Tuesday, November 1/ 2022

# ୪ ସିରିଜ୍ ପାଇଁ ୩ ଅଧିନାୟକ

**ଆଡିଲେଡ୍, ୩୧।୧୦ (ପି.ଟି.)**

ନ୍ୟୁଜିଲାଣ୍ଡ ଟୁର୍ ପାଇଁ ସୋମବାର ଭାରତୀୟ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ସେଠାରେ ନଭେମ୍ବର ୧୮ରୁ ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ଭାବେ ମନୋନୀତ କରାଯାଇଛି। 'ୱାର୍କଲୋଡ୍ ମ୍ୟାନେଜ୍‌ମେଣ୍ଟ ଅଫ୍ ପ୍ଲେୟର୍ସ'ର ଅଂଶବିଶେଷ ସ୍ୱରୂପ ଓପ୍‌ନର କେ.ଏଲ୍. ରାହୁଲ ଓ ଦୀନେଶ କାର୍ତ୍ତିକଙ୍କୁ ବିଶ୍ରାମ ଦିଆଯାଇଛି। ନିୟମିତ ଅଧିନାୟକ ରୋହିତ ଶର୍ମା, ଷ୍ଟାର ବ୍ୟାଟର ବିରାଟ କୋହଲି ଓ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ମଧ୍ୟ ନ୍ୟୁଜିଲାଣ୍ଡ ଟୁର୍‌ରୁ ବିଶ୍ରାମ ଦିଆଯାଇଛି। ଅନ୍ୟପକ୍ଷରେ ଖେଳାଯିବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଲାଗି ଭେଟେରାନ ଶିଖର ଧାୱନଙ୍କୁ ଅଧିନାୟକ କରାଯାଇଛି। ୱେଲିଂଟନ୍‌ରେ ଟି୨୦ ବିଶ୍ୱକପ୍ ଶେଷହେବାର ୪ ଦିନ ପରେ ଅର୍ଥାତ୍ ନଭେମ୍ବର ୧୮ରେ ଟି୨୦ ସିରିଜ ଆରମ୍ଭ ହେବ। ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୨୦ରେ ମାଉଣ୍ଟ ମଙ୍ଗାନୁଇଠାରେ ଏବଂ ତୃତୀୟ ମ୍ୟାଚ୍ ନଭେମ୍ବର ୨୨ରେ ନାପିଏର୍‌ଠାରେ ଖେଳାଯିବ। ଦିନିକିଆ ସିରିଜ୍ ନଭେମ୍ବର ୨୫ (ଅକ୍‌ଲାଣ୍ଡ)ରୁ ଆରମ୍ଭ ହେବ। ଅନ୍ୟ ଦୁଇଟି ମ୍ୟାଚ୍ ନଭେମ୍ବର ୨୭ (ହାମିଲଟନ୍) ଓ ନଭେମ୍ବର ୩୦ (ଖ୍ରୀଷ୍ଟଚର୍ଚ୍ଚ)ରେ ଖେଳାଯିବ। ଚୟନ କମିଟି ଚେୟାରମ୍ୟାନ ଚେତନ ଶର୍ମା ଆହୁରି ମଧ୍ୟ ବାଂଲାଦେଶ ଟୁର୍ ପାଇଁ ଦଳ ଘୋଷଣା କରିଛନ୍ତି। ସେଠାରେ ଦଳ ୩ ଅନ୍ତର୍ଜାତୀୟ ଦିନିକିଆ ଓ ଦୁଇ ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଥମଥର ଏକକାଳୀନ ୪ଟି ଦଳ ଘୋଷଣା କରିଛି। ବାଂଲାଦେଶରେ ରୋହିତ ଶର୍ମା ଦଳର ନେତୃତ୍ୱ ନେବେ। କୋହଲି ଓ ଅଶ୍ୱିନ ମଧ୍ୟ ଖେଳିବେ। କାହାରିକୁ ବିଶ୍ରାମ ନେବା ପାଇଁ କୁହାଯାଇନାହିଁ। ୱାର୍କଲୋଡ୍ ମ୍ୟାନେଜ୍‌ମେଣ୍ଟ ଅଫ୍ ପ୍ଲେୟର୍ସର ଅଂଶବିଶେଷ ସ୍ୱରୂପ ସମସ୍ତ ନିଷ୍ପତ୍ତି ନିଆଯାଇଛି। ଏକ ଭର୍ଚୁଆଲ ମିଡିଆ ବାର୍ତ୍ତାଳାପରେ ଶର୍ମା କହିଛନ୍ତି, ମେଡିକାଲ ଟିମ୍ ରିପୋର୍ଟ ଅନୁସାରେ କାହାକୁ ବିଶ୍ରାମ ଦିଆଯିବ ଓ ସେମାନଙ୍କୁ କିପରି ପରିଚାଳନା କରିବାକୁ ହେବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି।


ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିଖର ଧାୱନ।

**ନ୍ୟୁଜିଲାଣ୍ଡରେ ପାଣ୍ଡ୍ୟା ଓ ଧାୱନ, ବାଂଲାଦେଶରେ ରୋହିତ ଶର୍ମା**

**ନ୍ୟୁଜିଲାଣ୍ଡ ଟି୨୦ ସିରିଜ ପାଇଁ ଦଳ**
ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ରିଷଭ ପନ୍ତ (ଉପଅଧିନାୟକ ଓ ଉଇକେଟ୍‌କିପର), ଶୁବମନ ଗିଲ୍, ଇଶନ କିଶନ, ଦୀପକ ହୁଡା, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ସଞ୍ଜୁ ସାମ୍‌ସନ (ଉଇକେଟ୍‌କିପର), ୱାଶି. ସୁନ୍ଦର, ଯୁଜବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଅର୍ଶଦୀପ ସିଂ, ହର୍ଶଲ ପଟେଲ, ମହମ୍ମଦ ସିରାଜ, ଭୁବନେଶ୍ୱର କୁମାର, ଉମ୍‌ରାନ ମଲିକ।

**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳ**
ଶିଖର ଧାୱନ (ଅଧିନାୟକ), ରିଷଭ ପନ୍ତ (ଉପଅଧିନାୟକ ଓ ଉଇକେଟ୍‌କିପର), ଶୁବମନ ଗିଲ୍, ଦୀପ ହୁଡା, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର, ସଞ୍ଜୁ ସାମ୍‌ସନ (ଉଇକେଟ୍‌କିପର) ୱାଶି. ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ଶାହାବାଜ ଅହମଦ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଦୀପ ଚହର, କୁଲଦୀପ ସେନ ଓ ଉମରାନ ମଲିକ।

**ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳ**
ରୋହିତ ଶର୍ମା (ଅଧିନାୟକ), କେ.ଏଲ୍. ରାହୁଲ (ଉପଅଧିନାୟକ), ଶିଖର ଧାୱନ, ବିରାଟ କୋହଲି, ରଜତ ପଟିଦାର, ଶ୍ରେୟଶ ଆୟାର, ରାହୁଲ ତ୍ରିପାଠୀ, ରିଷଭ ପନ୍ତ (ଉଇକେଟ୍‌କିପର) ଇଶାନ କିଶନ (ଉଇକେଟ୍‌କିପର), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶି ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଦୀପକ ଚହର, ଯଶ ଦୟାଲ।

**ବାଂଲାଦେଶ ଟେଷ୍ଟ ସିରିଜ ପାଇଁ ଦଳ**
ରୋହିତ ଶର୍ମା (ଅଧିନାୟକ), କେ.ଏଲ୍. ରାହୁଲ (ଉପଅଧିନାୟକ), ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଶ୍ରେୟସ ଆୟାର, ରିଷଭ ପନ୍ତ (ଉଇକେଟ୍‌କିପର), କେ.ଏସ୍. ଭରତ (ଉଇକେଟ୍‌କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲ୍‌ଦୀପ ଯାଦବ, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ ଓ ଉମେଶ ଯାଦବ।



ମାକ୍ସ ଭର୍ଷ୍ଟାପେନ୍

# ରେକର୍ଡ ଭାଙ୍ଗିଲେ ଭର୍ଷ୍ଟାପେନ୍

**ମେକ୍ସିକୋ ସିଟି, ୩୧।୧୦**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ମେକ୍ସିକାନ ସିଟି ଫର୍ମୁଲା ୱାନ୍ ରେସ୍ ଜିତିଛନ୍ତି। ଏଥିସହିତ ଗୋଟିଏ ସିଜନରେ ସର୍ବାଧିକ ୧୪ ଟାଇଟଲ ଜିତି ଏକ ନୂଆ ରେକର୍ଡ କରିଛନ୍ତି। ବର୍ତ୍ତମାନ ତାଙ୍କ ପଛକୁ ନେଦରଲାଣ୍ଡ୍ସର ମାଇକେଲ ସୁମାକର ଓ ସେବାଷ୍ଟିଆନ ଭେଟେଲ ଯଥାକ୍ରମେ ୨୦୦୪ ଓ ୨୦୧୩ ସିଜନରେ ୧୩ଟି ଲେଖାଏ ଟାଇଟଲ ଜିତି ମିଳିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରବିବାର ଚାମ୍ପିୟନ ହେବାପୂର୍ବରୁ ରେସ୍‌ର ପ୍ରଥମ ଭାଗରେ ବିଶ୍ୱ ଚାମ୍ପିୟନ ଭର୍ଷ୍ଟାପେନ୍ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ୍‌ଙ୍କଠାରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ପରେ ସେ ସହଜରେ ବିଜୟ ହାସଲ କରିଥିଲେ। ମର୍ସିଡିଜ୍‌ର ଜର୍ଜ ରସେଲଙ୍କୁ ପଛରେ ପକାଇ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭର୍ଷ୍ଟାପେନ୍ କହିଛନ୍ତି, ସେ ଶ୍ରେଷ୍ଠ ପ୍ରଦର୍ଶନ ସହ ପ୍ରତ୍ୟେକ ରେସ୍ ଜିତିବାକୁ ଚେଷ୍ଟା କରିଥାନ୍ତି। ଭର୍ଷ୍ଟାପେନ୍ ସିଜନର ୪ଟି ରେସ୍ ବାକିଥାଇ ତାଙ୍କ ଫର୍ମୁଲା ୱାନ୍ ବିଶ୍ୱ ଚାମ୍ପିୟନଶିପ୍ ବଜାୟ ରଖିଥିଲେ। ରବିବାର ସିଜନରେ ୩ଟି ରେସ୍ ବାକିଥାଇ ସେ ରେଡ୍‌ବୁଲ୍ ପାଇଁ କନଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍ ଜିତିଛନ୍ତି। ସିଜନର ଆଉ ଦୁଇଟି ରେସ୍ ବାକି ରହିଥିବାବେଳେ ନିଜ ରେକର୍ଡ ଭଙ୍ଗିବା ଲାଗି ଭର୍ଷ୍ଟାପେନ୍‌ଙ୍କ ପାଇଁ ସୁଯୋଗ ରହିଛି। ରେଡ୍‌ବୁଲ୍ କ୍ରମାଗତ ୯ଟି ରେସ୍ ଜିତି ଟିମ୍ ୨୦୧୩ରେ କରିଥିବା ରେକର୍ଡର ସମକକ୍ଷ ହୋଇପାରିଛି। ଏହାଛଡ଼ା ଟିମ୍ ଭର୍ଷ୍ଟାପେନ୍ ଓ ସର୍ଗିଓ ପେରେଜଙ୍କୁ ନେଇ ଏହି ସିଜନର ୨୧ଟି ରେସ୍ ମଧ୍ୟରୁ ୧୬ଟିରେ ବିଜୟ ହାସଲ କରିସାରିଛି। ପେରେଜ ମୋନାକୋ ଓ ସିଙ୍ଗାପୁର ରେସ୍ ଜିତିଛନ୍ତି।

# ମଗନ୍ତିଙ୍କୁ ଖେଲୋ ଇଣ୍ଡିଆ ବ୍ରୋଞ୍ଜ

**ଭୁବନେଶ୍ୱର,୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**


ମଗନ୍ତି କୀର୍ତ୍ତି

ଉତ୍ତର ପ୍ରଦେଶର ମୋଦିନଗରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ନ୍ୟଶନାଲ ର୍‍ୟାଙ୍କିଙ୍ଗ ମହିଳା ଭାରୋତ୍ତୋଳନ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି ମଗନ୍ତି କୀର୍ତ୍ତି। ୨୯ ଅକ୍ଟୋବରରୁ ୨ ନଭେମ୍ବର ଯାଏଁ ୟୁଥ୍, ଜୁନିୟର ଓ ସିନିୟର ବର୍ଗରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ସିନିୟର ୭୬ କିଗ୍ରା ବର୍ଗରେ ମଗନ୍ତି ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ସୋମବାର ୧୭୪ କିଗ୍ରାର ଭାରୋତ୍ତୋଳନ ସହିତ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚରେ ୭୯ କିଗ୍ରା ଓ କ୍ଲିନ୍ ଆଣ୍ଡ ଜର୍କରେ ୯୫ କିଗ୍ରା ଭାରୋତ୍ତୋଳନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ମଗନ୍ତି ବାଣିଜ୍ୟ ଯୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ରୀ। ଏହି ସଫଳତା ପାଇଁ ମଗନ୍ତି କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି କିଟ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ମଧ୍ୟ ମଗନ୍ତିଙ୍କୁ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଛତିଶଗଡ଼ର ବିଳାସପୁରରେ ଆୟୋଜିତ ୨୩ ବର୍ଷରୁ କମ୍ ଜାତୀୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିନରେ ଓଡ଼ିଶା ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ୪୦୦ ମିଟର ବାଧା ଦୌଡ଼ରେ ୧.୦୦.୨୮ ସେକେଣ୍ଡର ସମୟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ପ୍ରଜ୍ଞା ପ୍ରଶାନ୍ତି ସାହୁ। ଏହି ବର୍ଗରେ ତାମିଲନାଡୁର ଓଲିମ୍ପିଆ ଷ୍ଟେଫି ୧.୦୧.୧୭ ମିନିଟ୍‌ର ସମୟ ସହିତ ରୌପ୍ୟ ଓ କେରଳର ଡେଲନା ଫିଲିପ୍ ୧.୦୧.୬୧ ମିନିଟ୍‌ର ସମୟ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୁରୁଷ ହାଇଜମ୍ପ୍ ବର୍ଗରେ ସ୍ୱାଧୀନ କୁମାର ମାଝି ରୌପ୍ୟ ପଦକ ହାସଲ କରିଥିଲେ। ମାଝି ୨.୧୦ ମିଟର ଉଚ୍ଚ ଡେଇଁଥିଲେ। ସେହିପରି ମହିଳା ଲଙ୍ଗଜମ୍ପ୍‌ରେ ମନୀଷ ମେରେଲ ୫.୯୪ ମିଟର ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# କୋହଲିଙ୍କ ହୋଟେଲ ରୁମ୍‌ର ଭିଡିଓ ଭାଇରାଲ

**ବ୍ରିସ୍‌ବେନ୍, ୩୧।୧୦:** ଟି୨୦ ବିଶ୍ୱକପ୍ ପାଇଁ ବର୍ତ୍ତମାନ ଭାରତୀୟ ଦଳ ପର୍ଥରେ ଅବସ୍ଥାନ କରୁଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ଅବସ୍ଥାନ କରୁଥିବା କ୍ରାଉନ୍ ପର୍ଥ ହୋଟେଲର ଏକ ଭିଡିଓ ଭାଇରାଲ ହୋଇଥିଲା। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ହୋଟେଲ ରୁମ୍‌ର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କୋହଲିଙ୍କ ବିଭିନ୍ନ ସାମଗ୍ରୀକୁ ଭିଡିଓରେ ଦେଖାଇଥିଲେ ଜଣେ ଫ୍ୟାନ୍। ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ବିରାଟ ଓ ଅନୁଷ୍କାଙ୍କ ସମେତ ଏକାଧିକ ସେଲିବ୍ରିଟି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୋମବାର ଇନ୍‌ଷ୍ଟାଗ୍ରାମ୍‌ରେ ଭାଇରାଲ ହୋଇଥିବା ଭିଡିଓରେ ହୋଟେଲର ଜନୈକ କର୍ମଚାରୀ କୋହଲିଙ୍କ ସମସ୍ତ ସାମଗ୍ରୀ ଦେଖାଇଥିଲେ। ଏହାକୁ ନେଇ କୋହଲି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ଶେୟାର କରିବା ସହିତ କୋହଲି ଲେଖିଥିଲେ ବ୍ୟକ୍ତିଗତ ଗୋପନୀୟତା ଉପରେ ଏହା ଆକ୍ରମଣ। ନିଜର ପ୍ରିୟ ଖେଳାଳିଙ୍କୁ ଦେଖି ଫ୍ୟାନ୍‌ମାନେ ଭାବବିହ୍ୱଳ ହୁଅନ୍ତି ଯାହା ସ୍ୱାଭାବିକ, ଯାହାକୁ ମୁଁ ମଧ୍ୟ ସମର୍ଥନ କରେ। ମାତ୍ର ଏଭଳି ଆଚରଣ ଦ୍ୱାରା ବ୍ୟକ୍ତିଗତ ଗୋପନୀୟତା କ୍ଷୁଣ୍ଣ ହୋଇଛି। ତେଣୁ ସମସ୍ତଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ଫ୍ୟାନ୍‌ମାନେ ସମ୍ମାନ ଦେବା ଉଚିତ ବୋଲି କୋହଲି କ୍ୟାପ୍‌ଶନରେ ଲେଖିଥିଲେ। ଏହାସହିତ ବିରାଟ କୋହଲିଙ୍କ ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ଘଟଣାକୁ ନିନ୍ଦା କରିଥିଲେ। ଏହି ଘଟଣାରେ ସଂଶ୍ଳିଷ୍ଟ ଫ୍ୟାନ୍‌ଙ୍କୁ ଅନୁଷ୍କା ସମାଲୋଚନା କରିବା ସହିତ ହୋଟେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଦାୟୀ କରିଥିଲେ। ଏହି ଘଟଣାକୁ ନେଇ କ୍ରିକେଟରଙ୍କ ମଧ୍ୟରେ ଅଷ୍ଟ୍ରେଲିଆନ ଓପ୍‌ନର ଡେଭିଡ୍ ୱାର୍ନର ପ୍ରତିକ୍ରିୟା ରଖିଥିଲେ। ଏଭଳି ଘଟଣା ନିନ୍ଦନୀୟ ଏବଂ ଆଗକୁ ନ ଘଟିବା ଦରକାର ବୋଲି ସେ ଲେଖିଥିଲେ। କେବଳ ୱାର୍ନର ନୁହନ୍ତି, ଉର୍ବଶୀ ରୌଟେଲା, ଅଭିଷେକ ବଚ୍ଚନ, କାଜଲ ଅଗ୍ରୱାଲ, ବରୁଣ ଧାୱନ ଓ ଅର୍ଜୁନ କପୁରଙ୍କ ଭଳି ଏକାଧିକ ବଲିଉଡ୍ ସେଲିବ୍ରିଟି ମଧ୍ୟ ଏହାକୁ ନିନ୍ଦା କରିଥିଲେ।

# ଓଡ଼ିଶାରୁ ସୁଦର୍ଶନ, ଚନ୍ଦନ ମନୋନୀତ

**ଭୁବନେଶ୍ୱର,୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

**ମୁମ୍ବାଇ ଓପନ ହ୍ୱିଲଚେୟାର ଟେନିସ**

ଓଡ଼ିଶାର ଦୁଇ ହ୍ୱିଲଚେୟାର ଟେନିସ୍ ଆଥଲେଟ୍ ଚନ୍ଦନ ନାୟକ ଓ ସୁଦର୍ଶନ ନାଗ ମୁମ୍ବାଇ ଓପନରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ପ୍ରଥମ ଥର ପାଇଁ ଉଭୟ ଖେଳାଳି ରାଜ୍ୟର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। କୋରାପୁଟର ସୁଦର୍ଶନ ଓ ଖୋର୍ଦ୍ଧାର ଚନ୍ଦନ ମେଣ୍ଢାଶାଳ ସ୍ଥିତ ମିଶନ୍ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ(ଏମ୍‌ଓଏସ୍‌ଏଫ୍)ରେ ବିଗତ ଦୁଇ ବର୍ଷ ହେବ ପ୍ରଶିକ୍ଷଣ ନେଉଛନ୍ତି। ଏହି ସ୍ତରର ସଫଳତା ପାଇଁକ ଉଭୟ ଖେଳାଳି ବେଶ ପରିଶ୍ରମ କରିଛନ୍ତି। ଏହା ସହିତ ନିଜ ରାଜ୍ୟର ପ୍ରତିନିଧିତ୍ୱର ସୁଯୋଗ ପାଇ ଉଭୟ ଖେଳାଳି ବେଶ ଖୁସି ବୋଲି ଏମ୍‌ଓଏସ୍‌ଏଫ୍‌ର ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ଟେନିସ୍ କୋଚ୍ ସନ୍ତୋଷ କୁମାର ମଲିକ୍ ପ୍ରକାଶ କରିଛନ୍ତି। ଉଭୟ ଖେଳାଳି ସଫଳତା ପାଇବା ସହିତ ରାଜ୍ୟର ଅନ୍ୟ ହ୍ୱିଲ ଚେୟାର ଆଥଲେଟଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବେ ବୋଲି ସେ କହିଛନ୍ତି। ପୂର୍ବତନ ଏଟିପି ଖେଳାଳି ତଥା ଏମ୍‌ଓଏସ୍‌ଏଫ୍ ସିଇଓ ଚିନ୍ମୟ ପ୍ରଧାନ ମଧ୍ୟ ଉଭୟ ଖେଳାଳିଙ୍କ ପ୍ରଶଂସା କରିଛନ୍ତି। ହ୍ୱିଲଚେୟାର ଟେନିସ୍ ଅତ୍ୟନ୍ତ ମହଙ୍ଗା କ୍ରୀଡ଼ା ହୋଇଥିବାରୁ ଏହି ଏକାଡେମୀର ଆରମ୍ଭ ବେଶ କଷ୍ଟସାଧ୍ୟ ରହିଥିଲା। ତେବେ ମୁମ୍ବାଇ ଓପନ ୨୦୨୨ ପାଇଁ ଦୁଇ ଆଥଲେଟ ମନୋନୀତ ହେବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ସେ କହିଛନ୍ତି। ନଭେମ୍ବ୧-୪ ତାରିଖ ଯାଏ ମୁମ୍ବାଇ ଓପନ ଆୟୋଜିତ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣର ସୁଯୋଗ ମିଳିଥିବାରୁ ଉଭୟ ଖେଳାଳି ଖୁସି ଜାହିର କରିଛନ୍ତି।


ଚନ୍ଦନ ନାୟକ ଓ ସୁଦର୍ଶନ ନାଗ।

# ଆୟର୍ଲାଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

**ବ୍ରିସ୍‌ବେନ୍,୩୧।୧୦**

**ଟି୨୦ ବିଶ୍ୱକପ୍ ସୁପର ୧୨**

ଟି୨୦ ବିଶ୍ୱକପ୍-୨୦୨୨ରେ ଘରୋଇ ଅଷ୍ଟ୍ରେଲିଆ ଦଳ ଗ୍ରୁପ୍ ଏ'ରେ ନିଜର ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଆୟର୍ଲାଣ୍ଡକୁ ୪୨ ରନ୍‌ରେ ହରାଇବା ସହିତ ସେମିଫାଇନାଲ ଦୌଡ଼ ପାଇଁ ଦାବିଦାରି ସ୍ଥାପନ କରିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫ ଉଇକେଟରେ ୧୭୯ ରନ୍ କରିଥିବା ବେଳେ ଆୟର୍ଲାଣ୍ଡ ୧୮.୧ ଓଭର ଖେଳି ୧୩୭ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ସୋମବାର ବିଜୟ ପରେ ଅଷ୍ଟ୍ରେଲିଆ ୪ ମ୍ୟାଚ୍‌ରୁ ୨ ବିଜୟ ସହିତ ୫ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୩ ମ୍ୟାଚ୍ ଖେଳି ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନ ପାଇଛି। ଆୟର୍ଲାଣ୍ଡ ଟସ୍ ଜିତି ବୋଲିଂ କରିଥିଲା। ଆରମ୍ଭରୁ ଜୋସୁଆ ଲିଟିଲଙ୍କ ଘାତକ ବୋଲିଂ ଫଳରେ ଅଷ୍ଟ୍ରେଲିଆର ରନ୍ ହାର କମ୍ ରହିଥିଲା। ତେବେ ପରେ ଅଧିନାୟକ ଆରୋନ୍ ଫିଞ୍ଚଙ୍କ ୬୩ ରନ୍ ବଳରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ୪୪ ବଲ୍‌ର ଇନିଂସରେ ୫ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ଷ୍ଟୋଇନିସ୍ ୩୫ ଓ ମିଚେଲ୍ ମାର୍ଶ ୨୮ ରନ୍‌ର ଇନିଂସ ଖେଳିଥିଲ। ଶେଷଆଡ଼କୁ ଟିମ୍ ଡେଭିଡ୍ ୧୫* ଓ ମାଥ୍ୟୁ ୱେଡ୍ ୭* ରନ୍ କରି ଦଳ ସ୍କୋରକୁ ୧୭୯ରେ ପହଞ୍ଚାଇଥିଲେ। ଆୟର୍ଲାଣ୍ଡ ପକ୍ଷରୁ ବ୍ୟାରୀ ମ୍ୟାକାର୍ଥି ୩ ଓ ଜୋସୁଆ ଲିଟିଲ ଦୁଇଟି ଉଇକେଟ ନେଇଥିଲେ।


ଆରୋନ୍ ଫିଞ୍ଚ୍

୧୮୦ ରନ୍ ଲକ୍ଷ୍ୟରେ ବ୍ୟାଟିଂ ଆରମ୍ଭ କରିଥିବା ଆୟର୍ଲାଣ୍ଡକୁ ଗାବାର ପେସ୍ ବୋଲିଂ ସହାୟକ ପିଚ୍‌ରେ ଅସୁବିଧାରେ ପକାଇଥିଲେ ଅଷ୍ଟ୍ରେଲୀୟ ବୋଲର। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହିତ ଦଳ ମାତ୍ର ୨୫ ରନ୍‌ରେ ୫ ଉଇକେଟ ହରାଇଥିଲା। ତେବେ ଲୋର୍କାନ ଟକର (୭୧*) ଏକାକୀ ଲଢ଼େଇ ଜାରି ରଖିଥିଲେ। ୪୮ ବଲ୍‌ର ଏହି ଇନିଂସ୍‌ରେ ୯ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଗ୍ୟାରେଥ୍ ଡେଲାନୀ ୧୪ ଓ ପଲ୍ ଷ୍ଟର୍ଲିଂ ୧୧ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ୍ ମ୍ୟାକ୍ସୱେଲ, ଆଡାମ୍ ଜମ୍ପା, ପ୍ୟାଟ କୁମିନ୍ସ ଓ ମିଚେଲ ଷ୍ଟାର୍କ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଆରୋନ ଫିଞ୍ଚଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**
ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୯/୫ ( ଆରୋନ୍ ଫିଞ୍ଚ-୬୩, ମାର୍କସ ଷ୍ଟୋଇନିସ୍-୩୫, ମିଚେଲ୍ ମାର୍ଶ-୨୮, ବ୍ୟାରି ମ୍ୟାକାର୍ଥି-୩/୨୯, ଜୋସୁଆ ଲିଟିଲ-୨/୨୧)। ଆୟର୍ଲାଣ୍ଡ ୧୮.୧ ଓଭରରେ ୧୩୭/୧୦(ଲୋର୍କାନ୍ ଟକର-୭୧*, ଗ୍ୟାରେଥ୍ ଡେଲାନୀ-୧୪, ପଲ୍‌ଷ୍ଟର୍ଲିଂ-୧୧, ଗ୍ଲେନ୍‌ମ୍ୟାକ୍ସୱେଲ-୨/୧୪, ଆଡାମ୍ ଜମ୍ପା୨/୧୯, ପ୍ୟାଟ କୁମିନ୍ସ-୨/୨୮।

# କିଟ୍‌ର କ୍ରୀଡ଼ା ଭିତ୍ତିଭୂମି ଦେଖିଲେ ସ୍ପେନ୍‌ର ହକି ଖେଳାଳି


କିଟ୍ ଓ କିସ୍ ପରିଦର୍ଶନ ଅବସରରେ ସ୍ପେନ୍ ହକି ଖେଳାଳି।

**ଭୁବନେଶ୍ୱର, ୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଏଫ୍‌ଆଇଏଚ୍ ପ୍ରୋ-ହକି ଲିଗ୍ ଖେଳିବାକୁ ଭୁବନେଶ୍ୱର ଆସିଥିବା ସ୍ପେନ୍ ହକି ଦଳ ସୋମବାର କିଟ୍ ଓ କିସ୍ ପରିଦର୍ଶନ କରିବା ସହ ସେଠାର କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଛି। କିଟ୍ ଓ କିସ୍‌ର ହକି ପଡ଼ିଆକୁ ସ୍ପେନ୍ ହକି ଖେଳାଳି ପସନ୍ଦ କରିଛନ୍ତି। ଏହି ଅବସରରେ ସେମାନେ କିସ୍‌ର ମେକାନାଇଜ୍‌ଡ କିଚେନ୍, ଅତ୍ୟାଧୁନିକ କ୍ଲାସ୍‌ରୁମ୍, ବ୍ରେଡ୍ ଫ୍ୟାକ୍ଟ୍ରି ବୁଲି ଦେଖିଥିଲେ। ୩୦ ହଜାର ପିଲାଙ୍କ ପାଇଁ କିପରି ବାଷ୍ପ ଦ୍ୱାର ରୋଷେଇ ହେଉଛି ତାହା ଦେଖି ସେମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ପେନ୍ ହକି ଦଳ କିସ୍ ପରିସରରେ କିସ୍‌ର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲା। ଆଗକୁ ସୁଯୋଗ ମିଳିଲେ ପୁଣିଥରେ କିସ୍ ଆସିବେ ବୋଲି ହକି ଖେଳାଳିମାନେ କହିଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବଟି ମାଗି ୨ ଗିରଫ

ପୁରୀ ଅଫିସ, ୩୧।୧୦: ବଟି ମାଗିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ସିଦ୍ଧମହାବୀର ଅଞ୍ଚଳର ଶିବ ବେହେରା। ପୋଲିସ ଏ ନେଇ ଏକ କେସ୍ (ନଂ. ୧୪୪/୨୨) ରୁଜୁ କରିଛି। ରବିବାର ସ୍ମୃତିରଞ୍ଜନ ବିଷ୍ଣୁପ୍ରସାଦ ଚୌଧୁରୀ ଅଭିଯୋଗ କରିଥିଲେ ଯେ, ଶିବ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇ ଏକ ଲକ୍ଷ ଟଙ୍କା ବଟି ମାଗିଥିଲେ। ସେହିପରି ଦୋକାନୀଙ୍କ ଠାରୁ ବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ବଡ଼ଶଙ୍ଖ ନିର୍ବାଣୀ ଲେନ୍‌ର ଶକ୍ତି ପ୍ରସନ୍ନ ପଣ୍ଡା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୨୦୦ ଟଙ୍କା ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୨୮୪/୨୨) ରୁଜୁ ହୋଇଛି। ରବିବାର ସନ୍ଧ୍ୟାରେ ବଡ଼ଶଙ୍ଖରେ ଦୋକାନୀମାନଙ୍କୁ ଜଣେ ବ୍ୟକ୍ତି ଧମକାଇ ତାଙ୍କ ଠାରୁ ବଟି ଆଦାୟ କରୁଥିବା ପୋଲିସ ପାଟ୍ରୋଲିଂ ବେଳେ ଖବର ପାଇଥିଲା। ପରେ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।

### ଆଉଟ୍ ସୋର୍ସିଂ କର୍ମଚାରୀଙ୍କୁ ନିୟମିତ ନିଯୁକ୍ତି ଦାବି

ପୁରୀ ଅଫିସ,୩୧।୧୦: ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ପୁରୀ ଜିଲା ପକ୍ଷରୁ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଆଉଟ ସୋର୍ସିଂ କର୍ମଚାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଡ୍‌ଭୋକେଟ ଶରତ କୁମାର ରାୟଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାର ସମସ୍ତ ବିଭାଗ ଓ ଅଫିସ ଦପ୍ତରରେ କାମ କରୁଥିବା ଆଉଟ ସୋର୍ସିଂ କର୍ମଚାରୀ ଯୋଗଦେଇଥିଲେ। ଠିକା ପ୍ରଥା ଲୋପ, ସମାନ କାମକୁ ସମାନ ଦରମା, କର୍ମଚାରୀଙ୍କୁ ନିୟମିତ ନିଯୁକ୍ତି ଦେବା ଦାବିରେ ନଭେମ୍ବର ୧୮ ତାରିଖ ଦିନ ଜିଲାପାଳଙ୍କ ଅଫିସରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମରେ ଅନିଲ ସୁବୁଦ୍ଧି, ତ୍ରିନାଥ ଭୋଇ, ପ୍ରତାପ ପ୍ରଧାନ,କିରଣ ନାୟକ, ସୁଦାମ ସାହୁ, ମନୋଜ ବାରିକ, ଅମରେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀ ଅର୍ବାନ୍ ବ୍ୟାଙ୍କରେ ଦୁର୍ନୀତି ଅଭିଯୋଗ

ପୁରୀ ଅଫିସ,୩୧।୧୦: ପୁରୀ ଅର୍ବାନ୍ କୋ ଅପରେଟିଭ୍ ବ୍ୟାଙ୍କରେ ଦୁର୍ନୀତି, ସମ୍ପାଦକଙ୍କ ନିଯୁକ୍ତିରେ ଅନିୟମିତତା, ବ୍ୟାଙ୍କ ରିଜୋଲେସନ୍ ଖାତାରେ ନିର୍ଦ୍ଦେଶକଙ୍କର ଗୋଟିଏ ଦସ୍ତଖତ ସଭା ଆରମ୍ଭରୁ ନେଇ ବେଆଇନ୍ ଭାବେ ଦୃଢ଼ୀକରଣ କରିବା, ସଭାପତି ସଭା ପରିଚାଳନା ସମୟରେ ନିର୍ଦ୍ଦେଶକଙ୍କୁ ଦୁର୍ବ୍ୟବହାର ଏବଂ ପୂର୍ବତନ କର୍ମଚାରୀଙ୍କୁ ବେଆଇନ୍ ଭାବେ ନିଯୁକ୍ତ ଦେଇ ବ୍ୟାଙ୍କର ଅର୍ଥ ତୋଷରପାତ ଆଦି ବିଭିନ୍ନ ଆପତି ଅଭିଯୋଗ ନେଇ ପୁରୀ ଅର୍ବାନ୍ କୋ - ଅପରେଟିଭ୍ ବ୍ୟାଙ୍କର ନିର୍ବାଚିତ ଉପ - ସଭାପତି ଓ କିଛି ନିର୍ଦ୍ଦେଶକମାନେ ସୋମବାର ପୁରୀ ବିଭାଜନ ସମବାୟ ସମିତି ଉପନିବନ୍ଧକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରୀ ମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ସୋମବାର ବ୍ୟାଙ୍କର ବୋର୍ଡ ଅଫ୍ ଡିରେକ୍ଟର ବୈଠକ ବସିଥିଲା। ତେବେ କାର୍ଯ୍ୟସୂଚୀରେ ଗତ ବୋର୍ଡ ମିଟିଙ୍ଗ୍‌ରେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡିକୁ ଉଦ୍ଦେଶ୍ୟମୂଳକ ଭାବେ ସ୍ଥାନିତ କରାଯାଇନାହିଁ । ଯାହା ବ୍ୟାଙ୍କ ପରିଚାଳନାରେ ଅନିମିୟତା , ମନମୁଖି , ଅଗଣତାନ୍ତ୍ରିକ ଓ ବ୍ୟାଙ୍କର କ୍ଷତି ସାଧନା ପାଇଁ ଉଦ୍ଦିଷ୍ଟ ଅଟେ । ସୂଚନା ଯୋଗ୍ୟ , ଗତ ମାସ ୨୨ ତାରିଖରେ ଅନୁଷ୍ଠିତ ବୋର୍ଡ ମିଟିଙ୍ଗ୍‌ରେ ବର୍ତ୍ତମାନ ଦାୟିତ୍ୱରେ ଥିବା ସଂପାଦକ ରାମକୃଷ୍ଣ ପୂଜାପଣ୍ଡା ଓ ଅବସର ନେଇଥିବା ପୂର୍ବତନ ସଂପାଦକ ନିରଞ୍ଜନ ମହାପାତ୍ର ଉଭୟଙ୍କ ବେଆଇନ୍ ନିଯୁକ୍ତି ନିମନ୍ତେ ରିଜୋଲେସନ୍ ଖାତାରେ ଲିପିବଦ୍ଧ କରିଥିବା କଥାକୁ ଦୃଢ଼ ହସ୍ତରେ ବିରୋଧ କରାଯାଇଥିଲା। ସେହିପରି ପୂର୍ବତନ କର୍ମଚାରି ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କୁ ସମବାୟ ଆଇନ୍ , ଉଲଘଂନ କରି ତାଙ୍କୁ ବ୍ୟାଙ୍କ କାର୍ଯ୍ୟରେ ନିୟୋଜିତ କରି ବ୍ୟାଙ୍କ ତହବିଲରୁ ଅର୍ଥ ପ୍ରଦାନ କରିବା ଯୋଗୁଁ ବ୍ୟାଙ୍କର କ୍ଷତି ସାଧନ ହେଉଛି । ସୁନା ନିଲାମ ସମନ୍ଧୀୟ ସମସ୍ତ ତଥ୍ୟ ତଦନ୍ତ କରାଯାଉ । ବ୍ୟାଙ୍କରେ ସୂଚନା ଅଧିକାର ଆଇନ୍ ପ୍ରଣୟନ କରାଯାଉ । ବିଭିନ୍ନ ଅନିୟମିତାତାର ତଦନ୍ତ ବୋଲି ଅଭିଯୋଗକାରୀମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉପ ସଭାନେତ୍ରୀ ମମତା ରାଣୀ ସାହୁ , ନିର୍ଦ୍ଦେଶକ ପ୍ରତାପ କୁମାର ମହାନ୍ତି , ଡ଼ଃ ପ୍ରଧାନ ଧୀରେନ୍ଦ୍ର ରାୟ ,ଅନୀଲ କୁମାର ସାହୁ , ବୃନ୍ଦାବନ ବେହେରା , ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭଙ୍ଗାଗଲା ୪୦ ବଖରା ଗୃହ

ନିମାପଡ଼ା,୩୧।୧୦(ଡି.ଏନ୍.ଏ.)


ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

**ରାସ୍ତା ସଂପ୍ରସାରଣ, ଡ୍ରେନ ପାଇଁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ**

ନିମାପଡ଼ା ଏନ୍‌ଏସି ଜଳସମ୍ପଦ ବିଭାଗ ପ୍ରଶାସନ ପକ୍ଷରୁ ମିଳିତ ଭାବେ ସୋମବାର କେନାଲବନ୍ଧ ରାସ୍ତାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ନିମାପଡ଼ା ବ୍ରାଞ୍ଚ କେନାଲର ଅଣ୍ଡିଆ ସାହି ବେନୁସାଗର ଭୋଇ ସାହିଠାରୁ ଡେଲ୍‌ଟା ଛକ କେନାଲ ବ୍ରିଜ୍ ପର୍ଯ୍ୟନ୍ତ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ହୋଇଛି। ପ୍ରାୟ ୩୦ଟି ଦୋକାନ ଗୃହ ସମେତ ଅନ୍ୟ ଗୃହ, ପ୍ରାଚୀର, ଗୃହର ପାହାଚ ସମେତ ପ୍ରାୟ ୪୦ ବଖରା ଗୃହକୁ ପ୍ରଶାସନ ପକ୍ଷରୁ ଡ୍ରୋଜର ଲଗାଇ ଭାଙ୍ଗିଦିଆଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। କେନାଲ ବନ୍ଧ ରାସ୍ତା ସଂପ୍ରସାରଣ, ଡ୍ରେନ ନିର୍ମାଣ ନିମନ୍ତେ ସରକାରୀ ଜାଗାରୁ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ପୂର୍ବରୁ ନୋଟିସ ଦିଆ ନ ଯାଇ କେବଳ ରବିବାର ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ବଳପୂର୍ବକ ଜୋର ଜବରଦସ୍ତ ଡ୍ରୋଜର ଲଗାଇ ୪୦ ବଖରା ଗୃହକୁ ଭାଙ୍ଗି ଦିଆଯାଇଥିବା ବ୍ୟବସାୟୀ ହେମନ୍ତ ଭୋଇ, ଶ୍ରୀକାନ୍ତ ଭୋଇ, କହ୍ନେଇ ରାଓ, ରବୀନ୍ଦ୍ରନାଥ ବାହିନୀପତି, ସୁବ୍ରତ ଓଝା, ପ୍ରକାଶ ବସ୍ତିଆ, ସଞ୍ଜୟ ସେଠୀ, ପ୍ରଫୁଲ୍ଲ ଦାସ ପ୍ରମୁଖ କହିଛନ୍ତି। ପ୍ରଶାସନର ବଳପୂର୍ବକ ଏହି ଉଚ୍ଛେଦକୁ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଅଜୟ ଭୋଇ, କାଉନସିଲର ଟିଙ୍କିନା ପଣ୍ଡା ପ୍ରମୁଖ ତୀବ୍ର ନିନ୍ଦା କରିଛନ୍ତି। ହଠାତ୍ ଏଭଳି ଉଚ୍ଛେଦ ଯୋଗୁ ଗରିବ, ନିରୀହ ବ୍ୟବସାୟୀଙ୍କ ଲକ୍ଷ ଲକ୍ଷ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମ୍ୟୁନିସିପାଲିଟି ଆକ୍ଟ ଅନୁସାରେ ୨୪ ଘଣ୍ଟା ପୂର୍ବରୁ ପ୍ରଚାର କରାଯାଇ ଜବରଦଖଲ ଉଚ୍ଛେଦ କରାଯାଇଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ କହିଛନ୍ତି। ସ୍ଥାନୀୟ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ଜଳସମ୍ପଦ ବିଭାଗ ଏସ୍‌ଡିଓ ପ୍ରଭାତ ଦାଶ, ସହକାରୀ ଯନ୍ତ୍ରୀ ଲମ୍ବୋଦର ପାଢୀ, ହେମାମାଳିନ୍ ପତି, ଉମାକାନ୍ତ ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ପରିମଳ ଅଧିକାରୀ ବିଜୟ ଗ୍ରାହାଚାର୍ଯ୍ୟ, ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ ଅଭିଯାନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ଫନି ସହାୟତା ରାଶି ପାଇଁ ଅନଶନ

ନିମାପଡ଼ା,୩୧।୧୦(ଡି.ଏନ୍.ଏ.)

ଫନି ବାତ୍ୟାର ସହାୟତା ରାଶି ପ୍ରଦାନ ନିମନ୍ତେ କ୍ଷତିଗ୍ରସ୍ତ ହିତାଧିକାରୀମାନେ ସୋମବାର ନିମାପଡ଼ା ତହସିଲ ଅଫିସ ସମ୍ମୁଖରେ ଅନଶନ ଚଳାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ଏବଂ ଆଗାମୀ ଦିନରେ ଏହା ଆହୁରି ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି।

ସୂଚନା ମୁତାବକ, ବାତ୍ୟା ସମୟରେ ନିମାପଡ଼ା ବ୍ଲକର ହଜାର ହଜାର ବାତ୍ୟା କ୍ଷତିଗ୍ରସ୍ତ ହିତାଧିକାରୀ ଘରଭଙ୍ଗା ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିନିମନ୍ତେ ବ୍ଲକ ଅନ୍ତର୍ଗତ ବଳଙ୍ଗା, ଉଛୁପୁର, ନୂଆସନ୍ଥ, ଗୋପୀନାଥପୁର, କୋଟକୋସାଙ୍ଗ ପ୍ରଭୃତି ୫ଟି ପଞ୍ଚାୟତର ଶହଶହ ବାତ୍ୟା କ୍ଷତିଗ୍ରସ୍ତ ହିତାଧିକାରୀ ଆନ୍ଦୋଳନ ଓ ରାଜରାସ୍ତାକୁ ଓହ୍ଲାଇଛନ୍ତି। ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଘରଭଙ୍ଗା ସହାୟତା ୯୫ ହଜାର ଟଙ୍କା ପ୍ରଦାନ ଦାବିରେ ୫ଟି ପଞ୍ଚାୟତର ପ୍ରାୟ ୫୦ଜଣ ହିତାଧିକାରୀ ଆମରଣ ଅନଶନରେ ବସିଛନ୍ତି। ହିତାଧିକାରୀ ମମତା ମହାପାତ୍ର, ଟି. ଉର୍ମିଳା ଦାସ, ଜୟକୃଷ୍ଣ ବେହେରା, ଜନାର୍ଦ୍ଦନ ଦାସ, ମଙ୍ଗୁଳି କାଣ୍ଡି, ବାବାଜୀ ମୁଦୁଲି, ବ୍ରଜକିଶୋର ରାଉତରାୟ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ଦାବି ସମ୍ପର୍କରେ ପୂର୍ବରୁ କ୍ଷତିଗ୍ରସ୍ତ ତଥା ଘରଭଙ୍ଗା ସହାୟତା ପାଇବାକୁ ବଞ୍ଚିତ ହିତାଧିକାରୀମାନେ ୫-ଟି ସଚିବ, ପୁରୀ ଜିଲାପାଳ, ଏସ୍‌ପି, ନିମାପଡ଼ା ତହସିଲଦାର, ବିଡିଓଙ୍କୁ ବାରମ୍ବାର ଅବଗତ କରିଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ସରକାରଙ୍କ ଅବହେଳା, ଚରମ ଉଦାସୀନତା, ହେୟ ମନୋଭାବ, କାଳକ୍ଷେପଣ ନୀତି ଯୋଗୁ କ୍ଷତିଗ୍ରସ୍ତ ହିତାଧିକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

# ବିକାଶର ମୁଖ୍ୟ ବାଧକ ଦୁର୍ନୀତି

ପୁରୀ ଅଫିସ, ୩୧।୧୦

**ଦୁର୍ନୀତି ନିବାରଣ ସଚେତନତା, ଶପଥ ପାଠ**

ଚଳିତ ବର୍ଷ ଅକ୍ଟୋବର ୩୧ରୁ ନଭେମ୍ବର ୬ତାରିଖ ପର୍ଯ୍ୟନ୍ତ ଦେଶରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ସମସ୍ତଙ୍କୁ ଶଥପ ପାଠ କରାଇଛନ୍ତି। ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ତେଣୁ ଏହାକୁ ସବୁ ସ୍ତରରେ ପ୍ରତିହତ କରି ଏକ ସୁଦୃଢ଼ ତଥା ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ କରିବାରେ ପ୍ରତ୍ୟେକ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଓସ୍ୱାନ କନ୍‌ଫରେନ୍ସ ହଲରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ଜିତେନ୍ଦ୍ର କୁମାର ପାତ୍ର, ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଶପଥ ପାଠ କରିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ସମସ୍ତ ବ୍ଲକ ଅଫିସ ଓ ତହସିଲ କାର୍ଯ୍ୟାଳୟରେ ଶପଥ ପାଠ କରାଯାଇଥିଲା। ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମିଳିତ ଭାବେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୁର୍ନୀତି ସମାଜର ବ୍ୟାଧି ସଦୃଶ। ବିକାଶରେ ଏହା ବାଧକ ସାଜିଥାଏ। ତେଣୁ ପ୍ରତି ସ୍ତରରେ ଦୁର୍ନୀତିର ବିଲୋପ ଘଟିବା ଆବଶ୍ୟକ ବୋଲି ଶୋଭାଯାତ୍ରରେ ମତ ପ୍ରକାଶ ପାଇଥିଲା। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶ୍ରୀମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା।



ଏକତା ଦିବସ ଅବସରରେ ସୋମବାର ପୁରୀ ସହରରେ ବାହାରିଥିବା ଏକତା ଦୌଡ଼।

# ଶୋଭାଯାତ୍ରାରେ ସବୁଜ ପୃଥିବୀ, ରାଷ୍ଟ୍ରୀୟ ଏକତା ବାର୍ତ୍ତା

ପୁରୀ ଅଫିସ, ୩୧।୧୦ (ଡି.ଏନ୍.ଏ)

ପୁରୀ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍'ର ୟୁଥ୍ ଫୋରମ୍, ଆର୍ଟ ଅଫ୍ ଲିଭିଂ, ସେବା ଓ ସଂସ୍କାର ଅନୁଷ୍ଠାନ ତରଫରୁ ସବୁଜ ପୃଥିବୀ ଏବଂ ରାଷ୍ଟ୍ରୀୟ ଏକତା ବାର୍ତ୍ତା ନେଇ ସୋମବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସାଇକେଲ ଯାତ୍ରା ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ଯାଇଥିଲା। ପୁରୀ ଭିଆଇପି ରୋଡ୍ ସୁଭାଷ ଛକଠାରେ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବେଲ୍ ଆବାହକ ସିଦ୍ଧାର୍ଥ ରାୟ ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନାଗପାଟଣାଠାରେ ଶୋଭାଯାତ୍ରୀଙ୍କୁ ସାଇ ସ୍ମାର୍ଟ ସ୍କୁଲର ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧନା ଦେଇଥିଲେ। ଶୋଭାଯାତ୍ରା କୋଣାର୍କରେ ପହଞ୍ଚିବା ପରେ ଜନମଙ୍ଗଳ ଯୁବ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଅପରାହ୍ନରେ କୋଣାର୍କ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ଶୋଭାଯାତ୍ରା ଉଦ୍‌ଯାପିତ ହୋଇଥିଲା। ଏଥିରେ କୋଣାର୍କ ଥାନା ଅଧିକରୀ ରଞ୍ଜନ କୁମାର ମଲ୍ଲିକ ଏବଂ ବ୍ୟାଙ୍କ ଅଧିକାରୀ ପ୍ରଦୋଷ ରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ଏକତା ଓ ସବୁଜ ପୃଥିବୀ ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ରାମକୃଷ୍ଣ ମହାନ୍ତି, ନିରଞ୍ଜନ ତ୍ରିପାଠୀ, ବ୍ରଜକିଶୋର ସାହୁ, ରାଜକିଶୋର ପାତ୍ର, ସତ୍ୟ ନାରାୟଣ ସାହୁ ଏବଂ ଓମ୍ ପ୍ରସାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ୧୩ରୁ ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ୍

ପୁରୀ ଅଫିସ, ୩୧।୧୦

- ଭାଗନେବେ ୨୫ଟି ଲେଖାଏ ମହିଳା ଓ ପୁରୁଷ ଦଳ
- ବୃନ୍ଦାବତୀ ନିବାସରେ ରହିବେ ଖେଳାଳି, କୋଚ୍
- ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ପୁରୀରେ ସିନିୟର ବର୍ଗର ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ୍ ନଭେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲା ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ପୁରୀ ଜିଲା ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଆୟୋଜନ କରୁଥିବାରୁ ଏହାକୁ ସଫଳ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲାପାଳ ସମର୍ଥ ବର୍ମା ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଆୟୋଜନ ନେଇ ସୋମବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବର୍ମା ଅଧକ୍ଷତା କରି ପ୍ରତିଯୋଗୀମାନେ ବିଭିନ୍ନ ଜିଲାରୁ ଆସୁଥିବାରୁ ସେମାନଙ୍କୁ ସମସ୍ତ ସୁବିଧା ପ୍ରଦାନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହ ଖେଳ ଆୟୋଜନର ରୂପରେଖ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

ଏହି ପ୍ରତିଯୋଗିତା ନଭେମ୍ବର ୧୩ରେ ଉଦଘାଟିତ ହେବ ଓ ୧୫ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଥିରେ ୨୫ଟି ପୁରୁଷ ଓ ୨୫ଟି ମହିଳା ଦଳ ପ୍ରତିନିଧିତ୍ୱ କରିବେ। ଖେଳାଳି ଓ କୋଚଙ୍କୁ ବୃନ୍ଦାବତୀ ନିବାସରେ ରଖାଯିବ ବୋଲି ସେ ସୂଚନା ଦେଇଥିଲେ। ବିଭିନ୍ନ ବିଭାଗକୁ ଦିଆଯାଇଥିବା ଦାୟିତ୍ୱକୁ ନିଷ୍ଠାର ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୁର୍ନୀତି ରୋକିବାକୁ ସଚେତନତା ଲୋଡ଼ା

ଗୋପ,୩୧।୧୦(ଡି.ଏନ୍.ଏ.)

ରାଜ୍ୟରେ ଦୁର୍ନୀତି ଦିନକୁଦିନ ବଢ଼ିବାରେ ଲାଗିଛି। ଏବେଠାରୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବାର ସମୟ ଆସିଛି। ସଚେତନ ନ ହେଲେ ଆଗକୁ ସାଧାରଣ ଲୋକମାନେ ଅଧିକ ମାତ୍ରାରେ ଏହାର ଶିକାର ହୋଇପାରନ୍ତି ବୋଲି ସୋମବାର ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୁଷ୍ଟି ଉପସ୍ଥିତ ଥିବା ବିଭିନ୍ନ ଗୋଷ୍ଠୀର ମହିଳାମାନଙ୍କୁ ସୂଚନା ଦେଇଥିଲେ। ପରେ ଶତାଧିକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହିତ ଗୋପ ବଜାରରେ ଏକ ସଚେତନତା ଶୋଭାଯାତ୍ରାରେ ଯାଇଥିଲେ। ପ୍ରକାଶ ଯେ, ଦିନକୁ ଦିନ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବିନା ହାତଗୁଞ୍ଜା ନ ଦେଲେ କୌଣସି କାର୍ଯ୍ୟ ହେଉନାହିଁ। ଫଳରେ ଦୁର୍ନୀତି ବଢ଼ି ଚାଲିଛି। ଏପରି ଅଭିଯୋଗକୁ ନେଇ ରାଜ୍ୟ ମିଶନ ଶକ୍ତିର ନିର୍ଦ୍ଦେଶ ଅନୁଯାୟୀ ଗୋପ ଅଞ୍ଚଳରେ ଦୁର୍ନୀତି ନିବାରଣ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋପ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୁଷ୍ଟିଙ୍କ ନେତୃତ୍ୱରେ ଶତାଧିକ ମହିଳା ଏହି ଶୋଭାଯାତ୍ରାରେ ସାମିଲ ହୋଇ ବିଭିନ୍ନ ପ୍ଲାକାର୍ଡ ମାଧ୍ୟମରେ ସଚେତନତା ସ୍ଲୋଗାନ ଦେଇଥିଲେ।

# ଟୁଇଟର ଜରିଆରେ ସମସ୍ୟା ସମାଧାନ

କାକଟପୁର୩୧।୧୦ (ଡି.ଏନ୍.ଏ.)

**୨୦ହଜାରରୁ ଊର୍ଦ୍ଧ୍ୱ ସମସ୍ୟା ବିଷୟରେ ଜଣାଇଛନ୍ତି ଅମିୟ**



ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ କୌଣସି ପ୍ରଶାସନିକ କ୍ଷମତା କି ରାଜନୈତିକ ଚାପର ଆବଶ୍ୟକତା ନାହିଁ। ସେବା କରିବାର ମନୋଭାବ ଥିଲେ ଲୋକଙ୍କ ସମସ୍ୟାକୁ ଠିକ୍ ଢଙ୍ଗରେ ଉପସ୍ଥାପନ କରି ତା'ର ସମାଧାନ ରାସ୍ତା ବାହାର କରାଯାଇପାରିବ। ଏଭଳି ସେବା କରୁଛନ୍ତି ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ସାମାଜିକ କର୍ମୀ ଅମିୟ ରଞ୍ଜନ ବାରିକ। ଅମିୟ ସୋସିଆଲ ମିଡିଆ ଓ ସରକାରଙ୍କ ଅଭିଯୋଗ ଶୁଣାଣିକୁ ସାଧାରଣ ଜନତାଙ୍କ ପାଇଁ ବ୍ୟବହାର କରି ହଜାର ହଜାର ସମସ୍ୟା ଲୋକଲୋଚନକୁ ଆଣି ସମାଧାନର ରାସ୍ତା ଫିଟାଇଛନ୍ତି। ବଡ଼ ଚାକିରି କରିବା ଲକ୍ଷ୍ୟ ରଖି ନିଜକୁ ପ୍ରସ୍ତୁତ କରିଥିଲେ ଅମିୟ, ହେଲେ ସଫଳତା ମିଳି ନ ଥିଲା। ଏଥିରେ ସେ ଭାଙ୍ଗି ନ ପଡି ସରକାରଙ୍କ ନିକଟକୁ ଲୋକଙ୍କ ସମସ୍ୟା ପହଞ୍ଚାଇବାକୁ ମନସ୍ଥ କରିଥିଲେ। ଏଥିପାଇଁ ଅମିୟ ବିଭିନ୍ନ ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କୁ ଟୁଇଟ୍ କରି ତା'ର ସମାଧାନ ପାଇଁ ଉଦ୍ୟମ ଜାରି ରଖୁଛନ୍ତି। ୨୦୨୦ ମସିହାରୁ ଏପର୍ଯ୍ୟନ୍ତ ୨୦ହଜାରରୁ ଅଧିକ ସମସ୍ୟା ସମାଧାନ ପାଇଁ ପ୍ରାୟ ୩୨ ହଜାରରୁ ଅଧିକ ସରକାରଙ୍କୁ ଟୁଇଟ୍ କରି ଜଣାଇଥିବା କହିଛନ୍ତି। ସେହିପରି ୧ ହଜାରରୁ ଅଧିକ ମେଲ ଓ ଚିଠି କରି ସାରିଛନ୍ତି। ସୋସିଆଲ ମିଡିଆ ଏବଂ ଗଣମାଧ୍ୟମକୁ ଲୋକେ ମନୋରଞ୍ଜନ ପାଇଁ ବ୍ୟବହାର କରିଥାନ୍ତି। କିନ୍ତୁ ସାମାଜିକ କର୍ମୀ ଅମିୟ ଏହି ୨ଟି ମାଧ୍ୟମ ଜରିଆରେ ଜନତାଙ୍କ କଲ୍ୟାଣ ଏବଂ ସମାଜର ସ୍ଥାୟୀ ବିକାଶ ପ୍ରତିଷ୍ଠା ଦିଗରେ ସଦାସର୍ବଦା ଉଦ୍ୟମ ଜାରି ରଖୁଛନ୍ତି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସେ ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରାଳୟ, ବିଭାଗୀୟ ଅଧିକାରୀ ଓ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅମିୟ କୁହନ୍ତି, ମୋ ସରକାର କାର୍ଯ୍ୟକ୍ରମ ଅନ୍ତର୍ଗତ ୫-ଟି ବ୍ୟବସ୍ଥାରେ ନୂତନ ଓଡ଼ିଶାର ସପ୍ନକୁ ପୂରଣ କରିବା ହେଉଛି ମୋର ଲକ୍ଷ୍ୟ।

# ଦୁର୍ନୀତିମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ

ନିମାପଡ଼ା,୩୧।୧୦(ଡି.ଏନ୍.ଏ.)

ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ସୋମବାର ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ କାର୍ଯ୍ୟକ୍ରମ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ସଂକଳ୍ପ ଓ ଶପଥପାଠ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ବିଡିଓ ବସନ୍ତ ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ଓଡିଶା ଜୀବିକା ମିଶନ ବ୍ଲକ ବିପିଏମ୍ ମଧୁଛନ୍ଦା ପ୍ରଧାନ, ବ୍ଲକ ସୁରକ୍ଷା ପ୍ରକଳ୍ପସ୍ତରୀୟ ମହିଳା ମହାସଂଘର ସମ୍ପାଦିକା ମମତାରାଣୀ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ସହ ବ୍ଲକ କନିଷ୍ଠ ଯନ୍ତ୍ରୀ, ପିଇଓ, କର୍ମଚାରୀମାନେ ଯୋଗଦେଇ ଦୁର୍ନୀତିମୁକ୍ତ ଭାରତ ଗଠନ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନେବ ନାହିଁ କି ଦେବ ନାହିଁ, ସମସ୍ତ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା, ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବୁ ବୋଲି ସାମୂହିକ ଶପଥ ନେଇଥିଲେ। ସେହିପରି ନିମାପଡ଼ା ସୁରକ୍ଷା ପ୍ରକଳ୍ପସ୍ତରୀୟ ମହିଳା ସହାସଂଘ ପକ୍ଷରୁ ସ୍ଥାନୀୟ ଟାଉନହଲ୍‌ଠାରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ହୋଇଥିଲା। ସମାରୋହରେ ମହିଳା ମହାସଂଘ ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟ, କୋଷାଧ୍ୟକ୍ଷ ବିଜୟଲକ୍ଷ୍ମୀ ସାମନ୍ତଙ୍କ ନେତୃତ୍ୱରେ ବ୍ଲକର ୩୨ଟି ଗ୍ରାମପଞ୍ଚାୟତର ୬୪ଜଣ ସଦସ୍ୟ, ୨୫ଜଣ ଏମ୍‌ବିକେଙ୍କ ସମେତ ଶତାଧିକ ମହିଳା ଯୋଗଦେଇ ଦୁର୍ନୀତିମୁକ୍ତ ଭାରତ ଗଠନ ପାଇଁ ଓ ୬ଟି ସନ୍ଦେଶ ସମ୍ପର୍କରେ ସାମୂହିକ ଭାବେ ଶପଥପାଠ କରି ସଂକଳ୍ପ ନେଇଥିଲେ। ଏହି ସନ୍ଦେଶ ଓ ବାର୍ତ୍ତାକୁ ଉଜ୍ଜୀବିତ କରି ରଖିବାକୁ ପ୍ରୟାସ କରିବାକୁ କହିଥିଲେ।


ଦୁର୍ନୀତିମୁକ୍ତ ଭାରତ ଗଠନ ପାଇଁ ମହିଳାମାନେ ସଂକଳ୍ପ ନେଉଛନ୍ତି।